# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୧୬/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, July 16/2023 Page 14 ₹ 7.00 | SAMBALPUR

୪୯ଶ ଭାଗ ୨୩୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 231 ମୂଲ୍ୟ₹୭/-





**ନୂଆ ଦଳ ଗଢ଼ିପାରନ୍ତି ଇମ୍ରାନ୍**

ପୂର୍ବତନ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ତେହରିକ୍-ଇ -ଇନ୍‌ସାଫ୍ (ପିଟିଆଇ)କୁ ନିଷିଦ୍ଧ ଘୋଷଣା କରାଗଲେ ସେ ନୂଆ ଦଳ ଗଠନ କରି ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ଦୁର୍ନୀତି ମାମଲାରେ ଇମ୍ରାନ୍‌ଙ୍କୁ ଗିରଫ କରାଯିବା ପରେ ମେ' ୯ରେ ଦେଶବ୍ୟାପୀ ଆନ୍ଦୋଳନ ଦେଖିବାକୁ ମିଳିଥିଲା। ପୋଲିସ ଓ ପିଟିଆଇ ସମର୍ଥକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ହିଂସକାଣ୍ଡ ଘଟିବା ନେଇ ଅନେକ ସରକାରୀ ସଙ୍ଗଠନ ପିଟିଆଇ ବ୍ୟାନ୍ ପାଇଁ ପରାମର୍ଶ ଦେଇଥିଲେ।

## ସଂକ୍ଷେପରେ

### ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ହସ୍ପିଟାଲରେ

**ଜେରୁଜେଲମ, ୧୫।୭:** ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଶନିବାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା କୁହାଯାଉଛି। ନେତାନ୍ୟାହୁ ତେଲ୍ ଆବିଭ୍ ସ୍ଥିତ ଶେଷବା ହସ୍ପିଟାଲରେ ଚିକିତ୍ସିତ ଅଛନ୍ତି। ଘରେ ଥିବାବେଳେ ନେତାନ୍ୟାହୁ ହଠାତ୍ ଅଚେତ ହୋଇପଡ଼ିବା ଯୋଗୁ ତାଙ୍କୁ ଡାକ୍ତରଖାନା ନେବାକୁ ପଡ଼ିଥିଲା।

### ବିମାନରେ ଏୟାର ଇଣ୍ଡିଆ ଅଫିସରଙ୍କୁ ଯାତ୍ରୀଙ୍କ ମାଡ଼

**ନୂଆଦିଲ୍ଲୀ, ୧୫।୭:** ସିଡ୍‌ନୀରୁ ନୂଆଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନରେ ଜଣେ ବିଶୃଙ୍ଖଳିତ ଯାତ୍ରୀ ଏୟାରଲାଇନ୍ସର ଜଣେ ବରିଷ୍ଠ ଅଧିକାରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗତ ୯ ତାରିଖର ଏହି ଘଟଣା ସମ୍ପର୍କରେ ବିମାନ ଚଳାଚଳ ନିୟନ୍ତ୍ରକ (ଡିଜିସିଏ)ଙ୍କୁ ଅବଗତ କରାଯାଇଥିଲେ ମଧ ସମ୍ପୃକ୍ତ ଯାତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଏୟାର ଇଣ୍ଡିଆ ମୁଖପାତ୍ର କହିଛନ୍ତି। ଏୟାର ଇଣ୍ଡିଆର ଇନ୍‌ଫ୍ଲାଇଟ୍ ସର୍ଭିସ ବିଭାଗ ମୁଖ୍ୟ ସନ୍ଦିପ୍ ବର୍ମା ଏଆଇ ୩୦୧ ବିମାନରେ ସିଡ୍‌ନୀରୁ ଦିଲ୍ଲୀ ଫେରୁଥିବାବେଳେ ଦିଲ୍ଲୀର ଜଣେ ଯାତ୍ରୀ ତାଙ୍କୁ ମାଡ଼ ମାରିଥିଲେ। ବିମାନ ଦିଲ୍ଲୀରେ ଅବତରଣ କରିବା ପରେ ଯାତ୍ରୀଙ୍କୁ ସୁରକ୍ଷା ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା। ସେ ଲିଖିତ କ୍ଷମା ମାଗିବା ପରେ ତାଙ୍କୁ ଛାଡ଼ିଦିଆଯାଇଥିଲା। ବିଶୃଙ୍ଖଳିତ ଯାତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଏୟାର ଇଣ୍ଡିଆ କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଏହାର ମୁଖପାତ୍ର କହିଛନ୍ତି।

### ଇଣ୍ଡିଗୋ ବିମାନ ଏମର୍ଜେନ୍ସି ଡୋର୍ ଖୋଲିଦେଲେ ଯାତ୍ରୀ

**ନୂଆଦିଲ୍ଲୀ, ୧୫।୭:** ଉଡ଼ନ୍ତା ବିମାନରେ ବିଶୃଙ୍ଖଳିତ ଯାତ୍ରୀମାନଙ୍କ ବ୍ୟବହାର ଅନ୍ୟ ଯାତ୍ରୀ, ବିମାନ କର୍ମଚାରୀ ଓ ପାଇଲଟ୍‌ଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ଗତ ୮ ତାରିଖରେ ହାଇଦ୍ରାବାଦରୁ ନୂଆଦିଲ୍ଲୀ ଯାଉଥିବା ଇଣ୍ଡିଗୋ ବିମାନର ଜଣେ ଯାତ୍ରୀ ଉଡ଼ାଣ ବେଳେ ଏହାର ଜରୁରୀ ପ୍ରସ୍ଥାନ ଦ୍ୱାରର କଭର ଖୋଲିଦେଇଥିଲେ। ଦିଲ୍ଲୀ ବିମାନବନ୍ଦରରେ ୬ଇ୫୬୦୫ ବିମାନ ଅବତରଣ ପରେ ଅଭିଯୁକ୍ତ ଯାତ୍ରୀ ଫାରୁକୋନ୍ ହୁସେନ୍ (୪୦)ଙ୍କୁ ସୁରକ୍ଷା କର୍ମୀଙ୍କୁ ହସ୍ତାନ୍ତର କରାଯାଇଥିଲା। ତାଙ୍କ ବିରୋଧରେ ଏତଲା ରୁଜୁ ହୋଇଛି।

### ଚିତା ମୃତ୍ୟୁର କାରଣ ରେଡିଓ କଲାର



**ଶେଓପୁର, ୧୫।୭:** ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ସପ୍ତାହେ ମଧ୍ୟରେ ୨ ଚିତାଙ୍କ ମୃତ୍ୟୁ ସେପ୍ଟିସେମିଆ (ବ୍ୟାକ୍ଟେରିଆ ଯୋଗୁ ରକ୍ତ ବିଷାକ୍ତ ହେବା) କାରଣରୁ ହୋଇଛି। ସେମାନଙ୍କ ବେକରେ ଲଗାଯାଇଥିବା ରେଡିଓ କଲାର ଯୋଗୁ ବର୍ଷାଦିନେ ସେପ୍ଟିସେମିଆ ହୋଇଥିବା ଜଣେ ବିଶେଷଜ୍ଞ କହିଛନ୍ତି। ଗତ ମଙ୍ଗଳବାର ତେଜସ୍ ନାମକ ଅଣ୍ଡିରା ଚିତାର ମୃତ୍ୟୁ ହୋଇଥିବାବେଳେ ଶୁକ୍ରବାର ସୂରଯ ପ୍ରାଣ ହରାଇଥିଲା। ଗତ ୪ ମାସ ମଧ୍ୟରେ କୁନୋ ଜଙ୍ଗଲରେ ଆଫ୍ରିକୀୟ ଚିତା ମୃତ୍ୟୁ ସଂଖ୍ୟା ୮ରେ ପହଞ୍ଚିଛି। ଫଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଦେଶରୁ ଚିତା ଆଣିବା କାର୍ଯ୍ୟକ୍ରମକୁ ଶକ୍ତ ଧକ୍କା ଲାଗିଛି।




ଖଲିସ୍ତାନୀ ସମର୍ଥକମାନେ ଭାରତୀୟ ଦୂତାବାସରେ ନିଆଁ ଲଗାଇବା ଓ ଭଙ୍ଗାରୁଜା କରିବା ପ୍ରତିବାଦରେ ସାନ୍‌ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ କନ୍‌ସୁଲେଟ୍ ଆଗରେ ବହୁସଂଖ୍ୟାରେ ଭାରତୀୟ-ଆମେରିକୀୟ ରାଲି କରୁଛନ୍ତି।

# ମୋଦିଙ୍କ ଆନିମେଶନ୍ ଫିଲ୍ମରେ ଭାରତର ଖଣ୍ଡିତ ମାନଚିତ୍ର

**ନୂଆଦିଲ୍ଲୀ,୧୫।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ତିଆରି କରାଯାଇଥିବା ଆନିମେଶନ୍ ଫିଲ୍ମ ପାଇଁ ଭାଜପା ଅଡୁଆରେ ପଡ଼ିଯାଇଛି। ଭାରତୀୟ ଜନତା ପାର୍ଟି ପକ୍ଷରୁ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ଅପ୍‌ଲୋଡ୍ କରାଯାଇଥିଲା। ଉକ୍ତ ଭିଡିଓରେ ଭାରତର ଖଣ୍ଡିତ ମାନଚିତ୍ରକୁ ଦେଖାଯିଇଥିଲା, ଯେଉଁଥିରେ ଲଦାଖ, ଜମ୍ମୁ-କଶ୍ମୀର ନ ଥିଲା। ତ୍ରୁଟି ଜାଣିପାରି ବିଳମ୍ବିତ ରାତିରେ ଭାଜପା ଆଇଟି ମୁଖ୍ୟ ଅମିତ ମାଲବ୍ୟ ଏବଂ ଅନ୍ୟମାନେ ଶେୟାର କରିଥିବା ଭିଡିଓକୁ ଡିଲିଟ୍ କରିଥିଲେ। ଆନିମେଶନ୍ ଫିଲ୍ମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ବିଶ୍ୱଗୁରୁ' ଭାବେ ଦର୍ଶାଯାଇଛି। ଖଣ୍ଡିତ ଭାରତ ମାନଚିତ୍ର ଲାଗି ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା

**କ୍ଷମା ମାଗନ୍ତୁ ପ୍ରଧାନମନ୍ତ୍ରୀ: କଂଗ୍ରେସ**



ସୁପ୍ରିୟା ଶ୍ରୀନାଟେ

କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦାବି କରିଛି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦେଶଭକ୍ତିର ପ୍ରମାଣପତ୍ର ବାଣ୍ଟୁଥିବା ଭାଜପା ପ୍ରକୃତରେ ଦେଶଦ୍ରୋହୀ ବୋଲି କଂଗ୍ରେସ୍ ସୋସିଆଲ ମିଡିଆ ମୁଖ୍ୟ ସୁପ୍ରିୟା ଶ୍ରୀନାଟେ କହିଛନ୍ତି। ଏହା କୌଣସି ତ୍ରୁଟି ନୁହେଁ। ଭାଜପା ପ୍ରକୃତରେ ଭାରତର ମାନଚିତ୍ରରୁ ଲଦାଖ, ଜମ୍ମୁ-କଶ୍ମୀରକୁ ହଟାଇବାକୁ ଚାହୁଁଥିବା ସେ ଭାଜପାକୁ କଡ଼ା ନିନ୍ଦା କରି କହିଛନ୍ତି।

# ଭାରତ-ୟୁଏଇ ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ହେବ ବାଣିଜ୍ୟ



ଆବୁଧାବିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନଙ୍କ ସହ ଆଲୋଚନା କରୁଛନ୍ତି।

**ଆବୁଧାବି, ୧୫।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆବୁଧାବି ଗସ୍ତରେ ଯାଇ ଶନିବାର ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦୁଇ ଦେଶ ସେମାନଙ୍କ ମୁଦ୍ରାରେ ପରସ୍ପର ସହ ବାଣିଜ୍ୟ କରିବା ପାଇଁ ରାଜି ହୋଇଛନ୍ତି। ଏଥିପାଇଁ ଇଣ୍ଡିଆନ

**ଆର୍‌ବିଆଇ, ୟୁଏଇ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ଏମ୍‌ଓୟୁ**

ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍‌କୁ ଉପସାଗରୀୟ ଦେଶର ଇନ୍‌ଷ୍ଟାଣ୍ଟ ପେମେଣ୍ଟ ପ୍ଲାଟ୍‌ଫର୍ମରେ ଯୋଡ଼ାଯାଇଛି। ଗତବର୍ଷ ଦୁଇଦେଶ ମଧ୍ୟରେ ବିସ୍ତୃତ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା ସ୍ୱାକ୍ଷର ପରେ ଭାରତ-ୟୁଏଇ ବାଣିଜ୍ୟ ୨୦ ପ୍ରତିଶତ ବୃଦ୍ଧି ପାଇଥିବା ମୋଦି କହିଛନ୍ତି। ଦୁଇ ଦେଶର ମୁଦ୍ରାରେ ବାଣିଜ୍ୟ କାରବାର ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବଂ ୟୁଏଇର କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ମୋଦି ଏବଂ ଜାୟେଦଙ୍କ ଉପସ୍ଥିତିରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଏବଂ ୟୁଏଇ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ଖାଲେଦ ମହମ୍ମଦ ବଲମା ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ଏହା ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶ ବୃଦ୍ଧିରେ ସହାୟକ ହେବ। ଶେଖ ମହମ୍ମଦ ବିନ୍ ଜାୟେଦଙ୍କଠାରୁ ସବୁବେଳେ ଭ୍ରାତୃତ୍ୱର ଭଲପାଇବା ପାଇଥିବା ମୋଦି କହିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ୟୁଏଇ ଅଧ୍ୟକ୍ଷତାରେ କପ୍-୨୮ ଆୟୋଜନ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଉକ୍ତ ସମ୍ମିଳନୀରେ ମୋଦି ଯୋଗଦେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

### ତ୍ରିରଙ୍ଗାରେ ଝଲସିଲା ବୁର୍ଜ ଖଲିଫା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ ପାଇଁ ଦୁବାଇର ବୁର୍ଜ ଖଲିଫାକୁ ଭାରତୀୟ ଜାତୀୟ ପତାକା ତ୍ରିରଙ୍ଗା ରଙ୍ଗରେ ରଙ୍ଗାୟିତ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସରକାରୀ ଗସ୍ତ ପାଇଁ ବୁର୍ଜ ଖଲିଫାରେ ଆଲୋକ ଓ ଶବ୍ଦର ଏକ ମଞ୍ଚ ସ୍ଥାପନ କରାଯାଇଥିଲା। ବିମାନବନ୍ଦରରେ ମୋଦିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପରେ ସେ ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ ବିନ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନଙ୍କୁ ଭେଟିଥିଲେ। ଭବ୍ୟ ସ୍ୱାଗତ ପାଇଁ ମୋଦି ଟୁଇଟ୍ କରି କୃତଜ୍ଞତା ଜଣାଇଛନ୍ତି।

### ଆବୁଧାବିରେ ଖୋଲିବ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ

ୟୁଏଇର ଆବୁଧାବିରେ ଆଇଆଇଟି ଦିଲ୍ଲୀର ଏକ କ୍ୟାମ୍ପସ୍ ଖୋଲିବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ଅବସରରେ ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ଆବୁଧାବିର ଶିକ୍ଷା ଓ ଜ୍ଞାନ ବିଭାଗ (ଏଡିଇକେ) ମଧ୍ୟରେ ଶନିବାର ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଦେଶ ବାହାରେ ଏହା ହେବ ଦ୍ୱିତୀୟ ଆଇଆଇଟି କ୍ୟାମ୍ପସ୍। ଗତ ସପ୍ତାହରେ ଆଇଆଇଟି ମାଡ୍ରାସ୍ ତାଞ୍ଜାନିଆର ଜାଞ୍ଜିବରଠାରେ କ୍ୟାମ୍ପସ୍ ଖୋଲିବା ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ଭାରତୀୟ ଶିକ୍ଷାର ଅନ୍ତର୍ଜାତୀୟକରଣରେ ଏହା ନୂଆ ଅଧ୍ୟାୟ ଖୋଲିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରିଛନ୍ତି।

# ମଣିପୁର, ରାଫାଲକୁ ନେଇ ମୋଦିଙ୍କୁ ରାହୁଲଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୧୫।୭**

ଫ୍ରାନ୍ସ ସହ ରାଫାଲ ଡିଲ୍ ଏବଂ ମଣିପୁର ହିଂସାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଫାଲ ଡିଲ୍ ମୋଦିଙ୍କୁ ବାଷ୍ଟିଲ୍ ଡେ' ପ୍ୟାରେଡ୍‌ରେ ଭାଗନେବା ପାଇଁ ଏକ ଟିକେଟ ଥିଲା ବୋଲି ରାହୁଲ କହିଥିବାବେଳେ ଭାଜପା ଏହାର ଜବାବ ରଖିଛି। ନିରାଶ କଂଗ୍ରେସ ନେତା ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନକୁ କଳଙ୍କିତ କରୁଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଅଭିଯୋଗ କରିଛନ୍ତି। ମଣିପୁର ଜଳୁଥିବାବେଳେ ୟୁରୋପୀୟ ୟୁନିୟନ ପାର୍ଲାମେଣ୍ଟରେ ଭାରତର ଏହି ଆଭ୍ୟନ୍ତରୀଣ ପ୍ରସଙ୍ଗ ଉପରେ ଆଲୋଚନା ହେଉଛି। ଅଥଚ ପ୍ରଧାନମନ୍ତ୍ରୀ ମଣିପୁର ହିଂସାକୁ ନେଇ ତୁଣ୍ଡ ଖୋଲୁନାହାନ୍ତି ବୋଲି ରାହୁଲ ଟୁଇଟ୍ କରିଥିଲେ। ନିଜ ଦେଶର ରାଜନୀତିକୁ ନିୟନ୍ତ୍ରଣ କରିବା ଲାଗି ରାହୁଲ ଆମେରିକାରୁ ୟୁରୋପ ବିଦେଶୀ ଶକ୍ତି ନିକଟରେ ମୁଣ୍ଡ ନୁଆଁଇଛନ୍ତି। ଭାରତର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ଦିଗରେ କାର୍ଯ୍ୟ କରୁଥିବା ବିଶ୍ୱ ସିଣ୍ଡିକେଟ ସହ ରାହୁଲ ହାତ ମିଳାଇଥିବା ଭାଜପା ଅଭିଯୋଗ କରିଛି।

# ଆଜମ ଖାନ୍‌ଙ୍କୁ ୨ ବର୍ଷ ଜେଲ

**ବରେଲି, ୧୫।୭**

**ଘୃଣା ମନ୍ତବ୍ୟ ମାମଲା**



୨୦୧୯ର ଘୃଣା ଭାଷଣ ମାମଲାରେ ବରିଷ୍ଠ ସମାଜବାଦୀ ପାର୍ଟି ନେତା ଆଜମ ଖାନ୍‌ଙ୍କୁ ଶନିବାର ଉତ୍ତରପ୍ରଦେଶ ରାମପୁରର ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଅତିରିକ୍ତ ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଶୋଭିତ୍ ବଂଶଲଙ୍କ ଅଦାଲତ ତାଙ୍କୁ ୧,୦୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି।

୨୦୧୯ ଲୋକ ସଭା ନିର୍ବାଚନ ପାଇଁ ପ୍ରଚାର ବେଳେ ସମାଜବାଦୀ ପାର୍ଟିର ଉତ୍ତରପ୍ରଦେଶର ଏକ ରାଲିରେ ଆଜମ ଖାନ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଘୃଣିତ ମନ୍ତବ୍ୟ ଦେଇଥିଲେ। ଏଥିସହ ସେ ନିର୍ବାଚନ କମିଶନ ଏବଂ ତତ୍କାଳୀନ ରାମପୁର ଜିଲାପାଳଙ୍କ ବିରୋଧରେ ମଧ୍ୟ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ନିର୍ବାଚନକୁ ନେଇ ମିଥ୍ୟା ମନ୍ତବ୍ୟ ଦେବା, ସର୍ବସାଧାରଣରେ କୁତ୍ସା ରଟନା କରିବା ନେଇ ଆଜମଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରା ଏବଂ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୫ରେ ମାମଲା ରୁଜୁ ହୋଇଥିଲା। ଶାହଜାଦନଗରର ଧାମୋରାରେ ରାଲିକୁ ସମ୍ବୋଧିତ କଲାବେଳେ ୟୁପି ମୁଖ୍ୟମନ୍ତ୍ରୀ ଜଣେ ହତ୍ୟାକାରୀ ଏବଂ ଅଫିସରମାନେ ତାଙ୍କୁ ମାରିଦେବାକୁ ଚାହାନ୍ତି ବୋଲି ଆଜମ କହିଥିଲେ। ନିର୍ବାଚନ କମିଶନଙ୍କ ବିରୋଧରେ ସେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ।

# କମୁଛି ଯମୁନା ଜଳସ୍ତର, ଦିଲ୍ଲୀରେ ପୁଣି ବର୍ଷା

**ନୂଆଦିଲ୍ଲୀ/ଗାଜିଆବାଦ,୧୫।୭**

- ଯମୁନା ବ୍ୟାରେଜ୍‌ର ୫ ଫାଟକ ଖୋଲାଯିବ
- ୬୦୦୦ରୁ ଊର୍ଦ୍ଧ୍ୱ ପ୍ରାଣୀ ଉଦ୍ଧାର
- ୧,୩୯୦ ହେକ୍ଟର ଜମି ଜଳାର୍ଣ୍ଣବ
- ଦିଲ୍ଲୀବାସୀଙ୍କ ବିରୋଧରେ ଷଡ଼ଯନ୍ତ୍ର ହୋଇଛି: ଏଏପି

ଯମୁନା ନଦୀ ଜଳସ୍ତର କ୍ରମଶଃ ହ୍ରାସ ପାଉଥିବାବେଳେ ରାଜଧାନୀ ଦିଲ୍ଲୀରେ ଶନିବାର ପୁଣି ପ୍ରବଳ ବର୍ଷା ହୋଇଛି। ପାଣିପାଗ ବିଭାଗ ସୂଚନା ମୁତାବକ ଆଗାମୀ ଦିନରେ ସହରରେ ବର୍ଷା ଲାଗିରହିବ। ଯମୁନା ଉଚ୍ଛୁଳିବା ଯୋଗୁ ଦିଲ୍ଲୀର ପ୍ରମୁଖ ସ୍ଥାନରେ ପ୍ରବେଶ କରିଥିବା ବନ୍ୟାଜଳ ନିଷ୍କାସନ ଲାଗି ବହୁତ ଦିନ ଲାଗିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଯମୁନା ଜଳସ୍ତର ୨୦୮.୬୬ ମିଟର ଛୁଇଁଥିବାବେଳେ ଏବେ ତାହା ୨୦୬.୯୭ ମିଟରକୁ କମିଛି। ସହର ମଧ୍ୟରେ ବନ୍ୟାଜଳ ପଶିବା ଯୋଗୁ ରାସ୍ତାଘାଟ କ୍ଷୁଦ୍ର ନଦୀରେ ପରିଣତ ହୋଇଥିବାବେଳେ ପ୍ରଭାବିତ ଅଞ୍ଚଳର ଲୋକଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିଛି ଏନ୍‌ଡିଆର୍‌ଏଫ୍ ଟିମ୍। କେବଳ ଲୋକଙ୍କୁ ନୁହେଁ ଗୋରୁ, କୁକୁର ଆଦି ପ୍ରାଣୀଙ୍କୁ ଉଦ୍ଧାର କରାଯାଇଛି। ୪ ଦିନ ମଧ୍ୟରେ ପାଖାପାଖି ୬ ହଜାର ପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜଳ ନିଷ୍କସନ ଲାଗି ଆଇଟିଓ ବ୍ୟାରେଜର ଫାଟକ ଖୋଲାଯାଇଥିବାବେଳେ ଆଗାମୀ ଦିନରେ ଯମୁନା ବ୍ୟାରେଜ୍‌ର ୫ଟି ଗେଟ୍ ଖୋଲିବାର ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ୧,୩୯୦ ହେକ୍ଟର ଜମି ଜଳାର୍ଣ୍ଣବ ହୋଇଛି। ହରିୟାଣାର ହାଥନିକୁଣ୍ଡ ବ୍ୟାରେଜ ଫାଟକ ରବିବାରଠୁ ଗୁରୁବାର ପର୍ଯ୍ୟନ୍ତ ଖୋଲା ରହିବା ଯୋଗୁ ଦିଲ୍ଲୀ, ଗାଜିଆବାଦ ନୋଏଡାରେ ବନ୍ୟା ସୃଷ୍ଟି ହୋଇଛି। ନାଗଲି ୱାଜିଦ୍‌ପୁର ଗ୍ରାମରେ ବେଆଇନ ଭାବେ ନିର୍ମିତ ଏକ ଫାର୍ମ ହାଉସ୍‌ରେ ବନ୍ୟା ଯୋଗୁ ଫସିରହିଥିବା ମହିଳାଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ରାଜଧାନୀ ଦିଲ୍ଲୀରେ ବନ୍ୟାସ୍ଥିତିର କାରଣକୁ ନେଇ ଭାରତୀୟ ଜନତା ପାର୍ଟି ଏବଂ ଏଏପି ମଧ୍ୟରେ ଆରୋପ, ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଦିଲ୍ଲୀବାସୀଙ୍କ ବିରୋଧରେ ଭାଜପା ଶାସିତ ହରିୟାଣା ଓ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରିଥିବା ଏଏପି ଅଭିଯୋଗ ଆଣିଛି।



ସନ୍ଥ ପରମାନନ୍ଦ ହସ୍ପିଟାଲ ନିକଟରେ ବନ୍ୟାପାଣିରୁ ଏନ୍‌ଡିଆର୍‌ଏଫ୍ ଟିମ୍ ଏକ ଗାଈକୁ ଉଦ୍ଧାର କରୁଛନ୍ତି।




ପ୍ରୟାଣର ୮ମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି
ସପ୍ରେମ ସ୍ମୃତିରେ...
ପଦ୍ମିନୀ ରଥ
ଆବିର୍ଭାବ : ତା ୨୬.୧୦.୧୯୬୨
ତିରୋଧାନ : ତା ୧୩.୦୮.୨୦୧୫
'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ତା ୧୬.୦୭.୨୦୨୩ (ରବିବାର)
ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ପୂର୍ବାହ୍ନ ୧୧.୦୦ ଘଟିକା
ସ୍ଥାନ: ପଦ୍ମିନୀ ଅଡିଟୋରିୟମ୍, ଡ୍ରିମ୍ସ ପରିସର, ଟାଙ୍ଗୀ, କଟକ
ସ୍ମୃତିଚାରଣ କାର୍ଯ୍ୟକ୍ରମ, ସଂଧ୍ୟା ୭.୦୦ ଘଟିକା
ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ରାଜେନ୍ଦ୍ର ନଗର, କଟକ
PADMINI care
PRAMOD HOTELS & RESORTS
ଆପଣଙ୍କ ପ୍ରତୀକ୍ଷାରେ
ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୧୬/୨୦୨୩ | Bhubaneswar, Sunday, July 16/2023 | ପୃଷ୍ଠା-୧




**ଭୋନ୍ଦ୍ରୋସୋଭାଙ୍କୁ ୱିମ୍ବଲେଡନ ଓପନ ଟାଇଟଲ**

ଚେକ୍ ରିପବ୍ଲିକର ମାର୍କେଟା ଭୋନ୍ଦ୍ରୋସୋଭା ୱିମ୍ବଲେଡନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।

୧୨

୧୦

**୪୦ ବର୍ଷରେ କ୍ୟାଟ୍ରିନା**

ଅଭିନେତ୍ରୀ କ୍ୟାଟ୍ରିନା କୈଫ ସ୍ୱାମୀ ଭିକ୍କି କୌଶଲଙ୍କ ସହ ଶନିବାର ୪୦ତମ ଜନ୍ମଦିନ ପାଳିବା ଅବସରରେ ମୁମ୍ବାଇରୁ ବାହାରକୁ ଯାଉଥିବା ଦେଖିବାକୁ ମିଳିଛି।





**ଖୁସିର ମୁହୂର୍ତ୍ତ:** ଢେଙ୍କାନାଳ ଜିଲା କପିଳାସ ପ୍ରାଣୀଉଦ୍ୟାନ ପରିସରରେ ଶନିବାର ଝିପିଝିପି ବର୍ଷାରେ ୨ ଛୁଆ ହାତୀ ଶ୍ୟାମା ଏବଂ ଶିବା କାଦୁଅରେ ଖେଳିବାରେ ବ୍ୟସ୍ତ। (ଫଟୋ-ରତନ)

# ଜେଲରୁ ପ୍ରେମ: ବିବାହ ପାଇଁ ଉଭୟଙ୍କୁ ପାରୋଲ

**ପୃଥକ୍ ହତ୍ୟା ମାମଲାରେ କାରାଦଣ୍ଡ ଭୋଗୁଛନ୍ତି**

**କୋଲକାତା,୧୫।୭**

ଜେଲର ଚାରିକାନ୍ଥରୁ ପ୍ରେମ। ପଶ୍ଚିମବଙ୍ଗ ପୂର୍ବ ବର୍ଦ୍ଧମାନ ଜିଲା ଜେଲରୁ ଅବଦୁଲ ହାସିମ ଏବଂ ଶାହନାରା ଖାତୁନଙ୍କ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଅବଦୁଲ ଆସାମର ଏବଂ ଶାହନାରାଙ୍କ ଘର ପଶ୍ଚିମ ବଙ୍ଗରେ। ଦୁଇଜଣଯାକ ଦୁଇଟି ହତ୍ୟାକାଣ୍ଡରେ ଦୋଷୀ ପ୍ରମାଣିତ ହୋଇଛନ୍ତି। କୋର୍ଟ ଅବଦୁଲଙ୍କୁ ୮ ବର୍ଷର କାରାଦଣ୍ଡ ଶୁଣାଇଥିବାବେଳେ ଶାହନାରାଙ୍କୁ ୬ ବର୍ଷର ଜେଲ ଦଣ୍ଡାଦେଶ ହୋଇଛି। ଅବଦୁଲ ଓ ଶାହନାରା ଏବେ ବର୍ଦ୍ଧମାନ ଜିଲା କେନ୍ଦ୍ରୀୟ ସୁଧାର ସଂସ୍ଥାନରେ ସଜା କାଟୁଛନ୍ତି। ସେଠାରେ ରହିବା ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରଥମେ ବନ୍ଧୁତା ଗଢ଼ି ଉଠିଥିଲା। ସମୟ ବିତିବା ସହ ସେମାନଙ୍କ ବନ୍ଧୁତା ପ୍ରେମର ରୂପ ନେଇଥିଲା। ସେମାନଙ୍କୁ ଭେଟିବାକୁ ଆସୁଥିବା ପରିବାର ଲୋକେ ମଧ୍ୟ ପରବର୍ତ୍ତୀ ସମୟରେ ଦୁହିଁଙ୍କ ସମ୍ପର୍କ ବିଷୟରେ ଅବଗତ ହେଲେ। ଅବଦୁଲ ଶାହନାରାଙ୍କ ସହ ସଂସାର କରିବାକୁ ଚାହୁଁଥିବାରୁ ପ୍ରେମ ସମ୍ପର୍କକୁ ଏକ ନୂଆ ପରିଚୟ ଦେବା ଲାଗି ବିବାହ ନିଷ୍ପତ୍ତି ନେଲେ। ଏ ନେଇ ଉଭୟେ ନିଜ ପରିବାରର ମତ ମଧ୍ୟ ଲୋଡ଼ିଲେ। ଜେଲରେ ବିବାହ କାର୍ଯ୍ୟ ଏକ ପ୍ରକାର ଅସମ୍ଭବ ହୋଇଥିବାବେଳେ ଏ ନେଇ ଅବଦୁଲ ଓ ଶାହନାରାଙ୍କୁ କୋର୍ଟରେ ପାରୋଲ ପାଇଁ ଆବେଦନ ☞ପୃଷ୍ଠା-୨

# ମାଲବାହୀ ଟ୍ରେନ୍‌ରୁ ବଗି ଛିଡ଼ିଗଲା

## ବାଣୀବିହାର ଷ୍ଟେଶନରେ ଅଘଟଣ, ପଛରେ ଆସୁଥିଲା ୩ ଟ୍ରେନ୍

**ଭୁବନେଶ୍ୱର,୧୫।୭(ଅଭିଜିତ ଦାସ)**

ବାହାନଗା ଟ୍ରେନ୍ ଦୁର୍ଘଟଣାର ଲୋମଟାଙ୍କୁରା ଦୃଶ୍ୟ ମନରୁ ଲିଭୁ ନ ଥିବାବେଳେ ଗୋଟିକ ପରେ ଗୋଟିଏ ଦୁର୍ଘଟଣା ଘଟିଚାଲିଛି। କେଉଁଠି ଟ୍ରେନ୍‌ରେ ନିଆଁ ଲାଗିଲାଣି ତ ଆଉ କେଉଁଠି ଲାଇନ୍‌ଚ୍ୟୁତ ହେଲାଣି। ବିଭିନ୍ନ ସ୍ଥାନରେ ଏଭଳି ଦୁର୍ଘଟଣା ଘଟୁଥିବାବେଳେ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରର ବାଣୀବିହାର ଷ୍ଟେଶନ ନିକଟରେ ଏକ ମାଲ୍‌ବାହୀ ଟ୍ରେନ୍ ନଂ.୪୩୨/୨୮ରୁ ୨୪ ବଗି ଅଲଗା ହୋଇଯାଇଥିଲା। ଫଳରେ ଉକ୍ତ ଲାଇନ୍‌ରେ ଆସୁଥିବା ବିଶାଖା ଏକ୍ସପ୍ରେସ୍ ସମେତ ଅନ୍ୟ ଦୁଇ ଯାତ୍ରୀବାହୀ ଟ୍ରେନ୍ ଅଟକି ରହିଥିଲା। ଏହା ଜଣାପଡିବା ପରେ ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା।

ଡୋଲମାଇଟ୍ ପଥର ବୋଝେଇ ଉକ୍ତ ମାଲବାହୀ ଟ୍ରେନ୍‌ଟି ମେରାମଣ୍ଡଳୀ ଅଭିମୁଖେ ଯାତ୍ରା କରୁଥିଲା। ଏଥିରେ ୬୦ଟି ବଗି ରହିଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ଡାଉନ୍ ଲାଇନ୍‌ରେ ଭୁବନେଶ୍ୱର ଷ୍ଟେଶନ ଅତିକ୍ରମ କରି ବାଣୀବିହାର ଷ୍ଟେଶନ ଦେଇ ଯାଉଥିବାବେଳେ ୨୪ଟି ବଗି ଅଲଗା ହୋଇଯାଇଥିବା ବେଳେ ଅବଶିଷ୍ଟ ୩୬ଟି ବଗି ଇଞ୍ଜିନ ସହ ଆଗକୁ ପଳାଇଥିଲା। ଅଲଗା ହୋଇଯାଇଥିବା ବଗିର ପଛରେ ଥିବା କର୍ମଚାରୀଙ୍କଠାରୁ ଜାଣିବା ପରେ ଲୋକୋ ପାଇଲଟ୍ ଟ୍ରେନ୍‌ଟିକୁ ଅଟକାଇଥିଲେ। ସେତେବେଳକୁ ଇଞ୍ଜିନ ୨ଶହ ମିଟର ଆଗକୁ ପଳାଇଥିଲା। ତେବେ ଟ୍ରେନ୍‌ଟି ବ୍ରେକ୍ ହେବା ସମୟରେ ପଛରେ ଗଡୁଥିବା ଅଲଗା ଅଂଶ ସଂଯୋଗ ବଗି ସହ ଧକ୍କା ହୋଇଥିଲା। ଏହି ସମୟରେ ଜୋର୍‌ରେ ଶବ୍ଦ ହୋଇଥିବା ଷ୍ଟେଶନ ଓ ଆଖପାଖ ଅଞ୍ଚଳରେ ଥିବା ଲୋକେ ଶୁଣିବାକୁ ପାଇ ଟ୍ରେନ୍ ପାଖକୁ ଦୌଡ଼ିଥିଲେ। ପରେ ଘଟଣା ସମ୍ପର୍କରେ ଭୁବନେଶ୍ୱର ଷ୍ଟେଶନକୁ ଅବଗତ କରାଯାଇଥିଲା। ଉକ୍ତ ଲାଇନ୍‌ରେ ଚଳାଚଳ କରୁଥିବା ୩ ଯାତ୍ରୀବାହୀ ଟ୍ରେନ୍‌କୁ ଅଟକାଯାଇଥିଲା। ବିଶାଖା ଏକ୍ସପ୍ରେସ୍ ମାଲବାହୀ ଟ୍ରେନ୍‌ର ଠିକ୍ ୫୦ ମିଟର ଦୂରରେ ଅଟକି ରହିଥିଲା। ତା' ପଛକୁ ପଛ ପୁରୀ-ତାଳଚେର ଓ ନୟାଗଡ-ଭଦ୍ରକ ଟ୍ରେନ୍ ମଧ୍ୟ ଉକ୍ତ ଡାଉନ୍ ଲାଇନ୍‌ରେ ଛିଡା ହୋଇଥିଲା। ପରେ ରେଳ ବିଭାଗର ବୈଷୟିକ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ତୁରନ୍ତ ଲାଇନ୍‌କୁ ସ୍ୱାଭାବିକ କରିବାକୁ ଚେଷ୍ଟା କରାଯାଇଥିଲା। ଇଞ୍ଜିନ ସହ ଥିବା ବଗିଗୁଡିକୁ ମଞ୍ଚେଶ୍ୱର ଷ୍ଟେଶନକୁ ନିଆଯାଇଥିଲା ଓ ଅଲଗା ହୋଇଥିବା ବଗିଗୁଡିକୁ ଭୁବନେଶ୍ୱର ☞ପୃଷ୍ଠା-୨




ଶନିବାର ସନ୍ଧ୍ୟାରେ ବାଣୀବିହାର ଷ୍ଟେଶନଠାରେ ମାଲବାହୀ ଟ୍ରେନ୍‌ରୁ ଅଲଗା ହୋଇଥିବା ବଗି । (ଫଟୋ: ବିକାଶ)

# କଂଗ୍ରେସରୁ ମୋକିମ, ଚିରଞ୍ଜୀବୀ ନିଲମ୍ବିତ

**ଦଳ ବିରୋଧୀ କାର୍ଯ୍ୟ ପାଇଁ ପଦକ୍ଷେପ**

**ଭୁବନେଶ୍ୱର,୧୫।୭(ଅନିଲ ଦାସ)**

କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ଏବଂ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଚିରଞ୍ଜୀବୀ ବିଶ୍ୱାଳଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ କଂଗ୍ରେସରୁ ନିଲମ୍ବନ କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି(ଡିଏସି) ମେମ୍ବର ସେକ୍ରେଟାରି ତାରିକ୍ ଅନୱାର ଶନିବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି। ଏହି ଦୁଇ ପ୍ରଭାବଶାଳୀ ନେତାଙ୍କ ନିଲମ୍ବନ ରାଜ୍ୟ କଂଗ୍ରେସରେ ଚର୍ଚ୍ଚା ଓ ଆଲୋଡ଼ନର ବିଷୟ ହୋଇଛି। ଏଆଇସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ସଦସ୍ୟ ସଚିବ ତାରିକ୍ ଅନୱାର କହିଛନ୍ତି, ଚିରଞ୍ଜୀବୀ ଓ ମୋକିମ ଦଳ ବିରୋଧୀ ଗତିବିଧିରେ ଲିପ୍ତ ଥିବା ନେଇ ପ୍ରଦେଶ କଂଗ୍ରେସ ☞ପୃଷ୍ଠା-୨



ମହମ୍ମଦ ମୋକିମ



ଚିରଞ୍ଜୀବୀ ବିଶ୍ୱାଳ


**BIRLA INSTITUTE OF TECHNOLOGY (BIT)**
Deemed to be University u/s 3 of UGC Act 1956
Mesra, Ranchi- 835215
Since 1955
ADMISSION NOTIFICATION 2023 (SPECIAL ROUND)
A pioneer in entrepreneurship promotion (STEP) and Space Engg & Rocketry with outstanding record of academic leadership, engineering innovation.

**M.Tech (Mesra Campus)**
- Aerospace Engg.
- Biotechnology
- Structural Engg.
- Computer Sci. & Engg.
- Electrical Engg.
- Electronics and Communication Engg.
- Environmental Sci. & Engg.
- Mechanical Engg.
- Production and Industrial Engg.
- Remote Sensing

**M.Sc. (Mesra Campus)**
- Chemistry
- Physics
- Biotechnology

**M.Tech (Patna Campus)**
- ECE (Wireless Communication)
- Computer Sci. & Engg.

**Master of Urban Planning (Mesra Campus)**

**Master of Business Administration [MBA]** (Mesra, Noida, Patna and Lalpur Campus)
**Bachelor of Business Administration [BBA]** (Noida, Patna, Deoghar, Jaipur and Lalpur Campus)
**Bachelor of Computer Application [BCA]** (Noida, Patna, Deoghar, Jaipur and Lalpur Campus)
**Master of Science (Animation Design) [M.Sc]** (Jaipur Campus)
**Bachelor of Science (Animation and Multimedia) [B.Sc.]** - (Jaipur and Noida Campus)
**Bachelor of Pharmacy - Lateral Entry [B.Pharm.]** (Mesra Campus)
**Bachelor of Hotel Management and Catering Technology [BHMCT]** - (Mesra Campus)
**Bachelor of Science (Chemistry) [B.Sc.]** (Mesra Campus)
**B. Tech. / B. Arch. / IMSC. - BC - I / BC - II Category** (Mesra, Deoghar and Patna Campus)
**Master of Science (Bioinformatics and Computational Biology) [M.Sc]** (Jaipur Campus)

LAST DATE FOR ONLINE APPLICATION FOR ABOVE PROGRAMS 31st July, 2023

Apply Online
For details please visit the Admission Page at our Website
www.bitmesra.ac.in
0651-2275868 | 95080 50840 | Toll Free No: 18003457057, 18003457058
admissions@bitmesra.ac.in, coa@bitmesra.ac.in, daac@bitmesra.ac.in
Registrar


# ମାନହାନି ମାମଲାରେ ସୁପ୍ରିମକୋର୍ଟ ଗଲେ ରାହୁଲ

**ନୂଆଦିଲ୍ଲୀ, ୧୫।୭**

୨୦୧୯ରେ କର୍ଣାଟକର କୋଲାରଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କଲାବେଳେ ସବୁ ଚୋରଙ୍କ ସାଙ୍ଗିଆ ମୋଦି କାହିଁକି ବୋଲି ପ୍ରଶ୍ନ କରି ଆପରାଧିକ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ତଳକୋର୍ଟ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଫଳରେ ଗତ ମାର୍ଚ୍ଚ ୨୪ରେ ତାଙ୍କର ଲୋକ ସଭା ସଭ୍ୟପଦ ରଦ୍ଦ ହୋଇଯାଇଥିଲା। ଦୋଷୀସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ ପାଇଁ ରାହୁଲ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେବା ପରେ ସେ ଶନିବାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସୁରଟ କୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଲଗାଯାଇଥିଲେ ରାହୁଲଙ୍କ ଲୋକ ସଭା ସଭ୍ୟପଦ ପୁନଃ କାଏମ ରହିପାରିଥାନ୍ତା। ତେବେ ତାଙ୍କୁ ସେସନ୍ସ କୋର୍ଟ କିମ୍ବା ଗୁଜରାଟ ହାଇକୋର୍ଟରୁ ସେ କୌଣସି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ମହାକାଶ ଦୌଡ଼**

# ୪୪% ବିଧାୟକଙ୍କ ନାଁରେ ଆପରାଧିକ ମାମଲା

**ଏଡିଆର୍ ରିପୋର୍ଟ**

**୧,୧୩୬ ବିଧାୟକଙ୍କ ନାଁରେ ରହିଛି ଗମ୍ଭୀର ମାମଲା**

**ନୂଆଦିଲ୍ଲୀ,୧୫।୭ (ପି.ଟି.)**

ଭାରତର ରାଜ୍ୟ ବିଧାନସଭାଗୁଡ଼ିକରେ ୪୪ ପ୍ରତିଶତ ବିଧାୟକଙ୍କ ନାଁରେ ଆପରାଧିକ ମାମଲା ରହିଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ନିକଟରେ କରାଯାଇଥିବା ଏକ ରିପୋର୍ଟରେର ଏହା ପ୍ରକାଶ କରାଯାଇଛି। ଦେଶବ୍ୟାପୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିଧାୟକମାନେ ନିର୍ବାଚନ ପୂର୍ବରୁ ଦାଖଲ କରିଥିବା ସତ୍ୟପାଠରେ ଘୋଷଣା କରିଥିବା ଆପରାଧିକ ତଥ୍ୟକୁ ଏଡିଆର୍ ଏବଂ ନ୍ୟାଶନାଲ ଇଲେକ୍ସନ ୱାଚ୍ (ଏନ୍‌ଇଡବ୍ଲ୍ୟୁ) ଅନୁଶୀଳନ କରିବା ପରେ ଉପରୋକ୍ତ ତଥ୍ୟ ପଦାକୁ ଆସିଛି।

୨୮ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୪,୦୩୩ ବିଧାୟକଙ୍କ ମଧ୍ୟରୁ ୪,୦୦୧ ଜଣଙ୍କ ସତ୍ୟପାଠକୁ ଅନୁଧ୍ୟାନ କରାଯାଇଥିଲା। ୧,୧୩୬ ବିଧାୟକ (୨୮ ପ୍ରତିଶତ) ସେମାନଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ, ମହିଳାଙ୍କ ପ୍ରତି ଅପରାଧ ଆଦି ଗମ୍ଭୀର ଆପରାଧିକ ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି। କେରଳରେ ୧୩୫ ବିଧାୟକଙ୍କ ମଧ୍ୟରୁ ୯୫ ଜଣ (୭୦%)ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେହିପରି ବିହାରରେ ୨୪୨ରୁ ୧୬୧ ବିଧାୟକ (୬୭ ପ୍ରତିଶତ)ଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବାବେଳେ ଦିଲ୍ଲୀରେ ୭୦ରୁ ୪୪ (୬୩%), ମହାରାଷ୍ଟ୍ରରେ ୨୮୪ରୁ ୧୭୫(୬୨%), ତେଲଙ୍ଗାନାରେ ୧୧୮ରୁ ୭୨ (୬୧%) ଏବଂ ତାମିଲନାଡୁରେ ୨୨୪ରୁ ୧୩୪ (୬୦%) ବିଧାୟକଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ସେମାନଙ୍କ ସତ୍ୟପାଠରୁ ଜଣାପଡ଼ିଛି।

ଏଡିଆର୍ ରିପୋର୍ଟ ଅନୁଯାୟୀ ଦିଲ୍ଲୀର ୭୦ ବିଧାୟକଙ୍କ ମଧ୍ୟରୁ ୩୭ ଜଣ (୫୩ ପ୍ରତିଶତ), ବିହାରର ୨୪୨ ଜଣଙ୍କ ମଧ୍ୟରୁ ୧୨୨ (୫୦%), ମହାରାଷ୍ଟ୍ରର ୨୮୪ ବିଧାୟକଙ୍କ ମଧ୍ୟରୁ ୧୧୪ (୪୦%), ଝାଡ଼ଖଣ୍ଡର ୭୯ ବିଧାୟକଙ୍କ ମଧ୍ୟରୁ ୩୧(୩୯%), ତେଲଙ୍ଗାନାର ୧୧୮ରୁ ୪୬ (୩୯%), ଉତ୍ତରପ୍ରଦେଶର ୪୦୩ ଜଣଙ୍କ ମଧ୍ୟରୁ ୧୫୫(୩୮%)ଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ମୋଟ ୧୧୪ ବିଧାୟକଙ୍କ ନାଁରେ ମହିଳା ବିରୋଧୀ ଅପରାଧ ରହିଥିବାବେଳେ ୧୪ ଜଣଙ୍କ ନାଁରେ ବଳାତ୍କାର ମାମଲା ଥିବା ସେମାନେ ଘୋଷଣା କରିଛନ୍ତି।

ବିଧାୟକମାନଙ୍କ ଆପରାଧିକ ରେକର୍ଡ ବ୍ୟତୀତ ସେମାନଙ୍କ ସମ୍ପତ୍ତି ତାଲିକାର ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ୧୩.୬୩ କୋଟି ଟଙ୍କା ବୋଲି ଉକ୍ତ ଅନୁଧ୍ୟାନରୁ ଜଣାପଡ଼ିଛି। ତେବେ ଆପରାଧିକ ମାମଲା ଥିବା ବିଧାୟକମାନଙ୍କ ହାରାହାରି ସମ୍ପତ୍ତିପରିମାଣ ୧୬.୩୬ କୋଟିଟଙ୍କା ହୋଇଥିବାବେଳେ ଆପରାଧିକ ମାମଲା ନ ଥିବା ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ୧୧.୪୫ କୋଟି ଟଙ୍କା ବୋଲି ରିପୋର୍ଟରେ କୁହାଯାଇଛି। ହାରାହାରି ସମ୍ପତ୍ତିରେ କର୍ଣାଟକ ବିଧାୟକମାନେ ☞ପୃଷ୍ଠା-୨

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋଟୀ ଗାଈକି ଛୋଟୀ ଦୁହେଁ**
**ଦୁହିଁ ନ ପାରିଲେ ବାଛୁରୀ ପିଏ ।**

ଗାଈର ଦୁଗ୍ଧ ଉଭୟ ମଣିଷ ଓ ବାଛୁରୀ ପାଇଁ ସମାନ ଭାବେ ଆବଶ୍ୟକ ହେଉଥିବାବେଳେ ମଣିଷଟି ଗାଈଠାରୁ ଦୁଗ୍ଧ ଦୁହିଁ ନେବା ଫଳରେ ବାଛୁରୀଟି ଦୁଗ୍ଧପାନରୁ ବଞ୍ଚିତ ହୋଇଥାଏ । ତେବେ ଶାରୀରିକ ରୂପେ ଅକ୍ଷମ ଥିବା ବ୍ୟକ୍ତି ଦୁଗ୍ଧ ଦୁହିଁବାରେ କୌଣସି ଅକ୍ଷମତା ବା ହେଳା ଦେଖାଇଲେ ବାଛୁରୀଟି ଅଚିରେ ଦୁଗ୍ଧପାନ କରି ନିଏ ବୋଲି ଦେଖିବାକୁ ମିଳିଥାଏ । ତେଣୁ କୌଣସି ଅଯୋଗ୍ୟ ବା ଅପାରଗ ବ୍ୟକ୍ତିଟିର କାର୍ଯ୍ୟ ଯଦି ତା'ଦ୍ୱାରା ସମ୍ପନ୍ନ ହୋଇ ନ ପାରେ, ତେବେ ତାକୁ ଅନ୍ୟ କେହି କରି ତାହାର ଫାଇଦା ଉଠାଇନିଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି ।

**ଛଳେ ବଳେ କଉଶଳେ**
**ଶତ୍ରୁକୁ ସାଧିବ ହେଳେ ।**

ଶତ୍ରୁ ବଳଶାଳୀ ହୋଇଥିଲେ ତାକୁ ପରାସ୍ତ କରିବା ନେଇ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥାଏ । ସମୟ ସୁଯୋଗ ଦେଖି ବା କଳ କୌଶଳ ଖଞ୍ଜି ଶତ୍ରୁକୁ ସାଧିବା ପାଇଁ ଏଠାରେ ପରାମର୍ଶ ଦିଆଯାଇଛି ।

ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ - ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା :ଲିଃ

# ଫେବୃଆରୀ ୧୫ରୁ ସିବିଏସ୍‌ଇ ଦଶମ, ୧୭ରୁ ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର,୧୫।୭(ଅନୁରାଧା ମହାରଣା) - ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀର ବାର୍ଷିକ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୩-୨୪ ଶିକ୍ଷାବର୍ଷର ଦଶମ ପରୀକ୍ଷା ୨୦୨୪ ଫେବୃଆରୀ ୧୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୧ ସରିବ। ସେହିପରି ଫେବୃଆରୀ ୧୭ରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହେବ। ତେବେ ଜାନୁଆରୀ ୨ରୁ ଫେବୃଆରୀ ୧୪ ମଧ୍ୟରେ ଉଭୟ ଶ୍ରେଣୀର ପ୍ରାକ୍ଟିକାଲ ପରୀକ୍ଷା ସରିବ ବୋଲି ସୂଚନା ଦିଆଯାଇଛି।

# ଚନ୍ଦ୍ରୟାନ-୩ ପ୍ରୋଜେକ୍ଟରେ ଡେରାବିଶର ଶୁଭାଶିଷ


ନିଜ ସହଯୋଗୀଙ୍କ ସହ ଶୁଭାଶିଷ (ବାମ)।

**ଡେରାବିଶ,୧୫।୭(ବେବର୍ତ୍ତା ଅଜୟ ଦାସ)**

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଶୁକ୍ରବାର ଭାରତର ତୃତୀୟ ମୁନ୍ ମିଶନ୍ 'ଚନ୍ଦ୍ରୟାନ୍-୩'ର ସଫଳ ଉତ୍କ୍ଷେପଣ କରାଯାଇଛି । ଆସନ୍ତା ଅଗଷ୍ଟ ୨୩ରେ ଚନ୍ଦ୍ରୟାନ୍-୩ ଚନ୍ଦ୍ରପୃଷ୍ଠରେ ପହଞ୍ଚିବ ବୋଲି ଆଶା ରହିଛି। ଏହି ପ୍ରୋଜେକ୍ଟରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ମୁକୁନ୍ଦପୁର ଗ୍ରାମର ଶୁଭାଶିଷ ନାୟକ (୨୮) ସାମିଲ ଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

ମୁକୁନ୍ଦପୁର ଗ୍ରାମର ଏକ ଅଭାବୀ ପରିବାରରେ ଶୁଭାଶିଷଙ୍କ ଜନ୍ମ । ସେ ସ୍ଥାନୀୟ ଦାନପୁର ପଞ୍ଚାୟତ ଦୋହଳିସ୍ଥିତ ବନମାଳୀ ବ୍ରହ୍ମଚାରୀ ମଡେଲ ହାଇସ୍କୁଲରୁ ୨୦୦୯ ମସିହାରେ ମାଟ୍ରିକ ପାସ୍ କରିବା ପରେ କଟକ ଜଗତପୁରସ୍ଥିତ ଏକ ଘରୋଇ ଆଇଟିଆଇରେ ଅଧ୍ୟୟନ କରିଥିଲେ । ଏହାପରେ ସେ ଭୁବନେଶ୍ୱରସ୍ଥିତ ସିଟିଟିସିରେ ୩ ବର୍ଷ ଅଧ୍ୟୟନ କରିଥିଲେ। ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ହାସଲ ପରେ ସେ ୨୦୧୮ରେ ଇସ୍ରୋରେ ଜଣେ ଟେକ୍ନିସିଆନ୍ ଭାବେ ନିଯୁକ୍ତି ପାଇଥିଲେ । ନିଯୁକ୍ତି ପାଇବାର ୪ ବର୍ଷ ପରେ ସେ ଚନ୍ଦ୍ରୟାନ-୩ ପ୍ରୋଜେକ୍ଟରେ ସାମିଲ ହୋଇଥିଲେ । ବାପା ମଳୟ ନାୟକ ଓ ବଡ଼ବାପା ଅଭୟ ନାୟକ ସ୍ଥାନୀୟ ଚାନ୍ଦୋଳ ବଜାରରେ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି । ଶୁଭାଶିଷ ଜଣେ ମେକାନିକାଲ୍ ଇଞ୍ଜିନିୟର ଭାବେ ଚନ୍ଦ୍ରୟାନ-୩ ପ୍ରୋଜେକ୍ଟରେ କାମ କରିବା ରାଜ୍ୟ ପାଇଁ ଗୌରବର ବିଷୟ ବୋଲି ଉଭୟ କହିଛନ୍ତି । ଶୁଭାଶିଷଙ୍କ ମା ନିର୍ମଳା ନାୟକ ଜଣେ ଗୃହିଣୀ । ପୁଅର ଏତେବଡ଼ ସଫଳତା ଖବର ଶୁଣି ସେ ଖୁସିବ୍ୟକ୍ତ କରିବା ସହିତ ତାଙ୍କୁ ଶୁଭକାମନା ଜଣାଇଛନ୍ତି।

# ସମଲେଇ ଯୋଜନା ଡିସେମ୍ବର ସୁଦ୍ଧା ଲୋକାର୍ପଣ


ଲୋକଙ୍କୁ ଭେଟୁଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ।

## ୫-ଟି ସଚିବଙ୍କ ସମ୍ବଲପୁର ଗସ୍ତ

- **ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ବିକାଶ ପାଇଁ ସାଢେ ୬ କୋଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**
- **ସ୍ୱଚ୍ଛତା, ସମୟସୀମାରେ କାମକଲେ ଦ୍ୱିତୀୟ କିସ୍ତି ମିଳିବ**

**ସମ୍ବଲପୁର,୧୫।୭ (ଶୁଭାଶିଷ ପାଢ଼ୀ)**

୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ୨ଦିନିଆ ସମ୍ବଲପୁର ଗସ୍ତର ଶନିବାର ପ୍ରଥମ ଦିନରେ କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁରର ଏକାଧିକ ସ୍ଥାନରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଗସ୍ତ ସମୟରେ ସଚିବ ଲୋକଙ୍କଠାରୁ ସିଧାସଳଖ ଅଭିଯୋଗ ଶୁଣିଥିଲେ। ସେ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ଅଭିଯୋଗ ଶୁଣିବାକୁ ପଠାଇଛନ୍ତି। ଆପଣଙ୍କ ସମସ୍ତ ଦାବି ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପ ଏକ ସପ୍ତାହ ଭିତରେ ମଞ୍ଜୁର ହୋଇ ଅନୁଦାନ ଆସିବ। ହେଲେ ସ୍ୱଚ୍ଛତା ଓ ସମୟସୀମା ଭିତରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ଠିକ୍ ଭାବେ କାମ ହେଲେ ପୁଣି ଦ୍ୱିତୀୟ କିସ୍ତି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିବେ ବୋଲି ସେ କହିଥିଲେ। ସେହିପରି ସମଲେଇ ଯୋଜନାରେ ଚାଲିଥିବା ପ୍ରକଳ୍ପ କାମ ଡିସେମ୍ବର ସୁଦ୍ଧା ଲୋକାର୍ପଣ ହେବ ବୋଲି ସେ ସୂଚନା ଦେଇଥିଲେ।

ସମ୍ବଲପୁର ମଣ୍ଡଳିଆ ଖେଳପଡ଼ିଆଠାରେ ଆୟୋଜିତ ସମାବେଶରେ ଯୋଗଦେଇ ସଚିବ ପାଣ୍ଡିଆନ୍ କହିଥିଲେ, କୃଷିକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ କରାଯାଇଥିବା ଯୋଜନା ଉପରେ ଗୁରୁତ୍ୱ ଦିଆଯାଉଛି। ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାରା ଭଳି ଧାର୍ମିକ ଅନୁଷ୍ଠାନ, କ୍ଲବ, କମ୍ୟୁନିଟି ସେଣ୍ଟର, ପାର୍କ ଭଳି ପ୍ରକଳ୍ପ କାମ ଶୀଘ୍ର ହୋଇଯିବ। ସହରାଞ୍ଚଳରେ ମୁକ୍ତା ଯୋଜନା ଓ ଗ୍ରାମାଞ୍ଚଳରେ ବିକାଶ ନେଇ ବଡ଼ ଯୋଜନା ରହିଛି। ମହିଳାମାନଙ୍କୁ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଯୋଜନା କରିଛନ୍ତି। ଏହି ଯୋଜନାରେ ତାଲିମ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ପ୍ରତିବର୍ଷ ୧୨ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଚାଷ, ବ୍ୟବସାୟ, ଉଦ୍ୟୋଗ, ଏପରିକି ଉନ୍ନୟନ କାମରେ ମଧ୍ୟ ନିଯୁକ୍ତି ଦିଆଯାଉଛି। ମହିଳାଙ୍କ ଆର୍ଥିକ, ସାମାଜିକ କ୍ଷେତ୍ରରେ ଉନ୍ନତି ଆସିଲେ ରାଜ୍ୟ ଆଗକୁ ବଢିବ, ଆହୁରି ଶସକ୍ତ ହେବ। କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀମାନେ ବିଭିନ୍ନ ଦାବି କରିଆସୁଛନ୍ତି। ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଅନେକ ଯୋଜନା କରିଛନ୍ତି। ଖୁବ୍‌ଶୀଘ୍ର ଏକ ବଡ଼ ପ୍ୟାକେଜ ଘୋଷଣା କରିବେ। ସମ୍ବଲପୁରକୁ ଗୋଟିଏ ବର୍ଷରେ ୬୬ କୋଟି ଟଙ୍କା ଅନୁଦାନ ଦିଆଯାଇଛି। ରେଙ୍ଗାଲିରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ଖିଣ୍ଡାକୁ ଯାଇଥିଲେ। ସେଠାରେ ଲୋକମାନଙ୍କ ସହ ଆଲୋଚନାକରି ମୁଖ୍ୟମନ୍ତ୍ରୀଙ୍କ ସହ ଫୋନରେ କଥା ହୋଇଥିଲେ। ପର୍ଯ୍ୟଟନସ୍ଥଳ ଭାବେ ଗଢିତୋଳିବା ପାଇଁ ଦାବି ହେଉଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। କିଛି ସମୟ ପରେ ମୁଖ୍ୟମନ୍ତ୍ରୀ ଏଥିପାଇଁ ୬ କୋଟି ୪୧ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଘୋଷଣା କରିଥିଲେ। ଏହି ଅର୍ଥରେ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠର ବିକାଶ ହେବ। ୧.୯୪୫ ଏକର ଜମିରେ ସଂଗ୍ରହାଳୟ ଓ ପାଠାଗାରର ପୁନରୁଦ୍ଧାର କରାଯିବ। ସେହିପରି ସମଲେଇ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଚାଲିଥିବା କାମ ଡିସେମ୍ବର ସୁଦ୍ଧା ଶେଷ ହୋଇଯିବ। ଏକ ସମୟରେ ଲକ୍ଷାଧିକ ଭକ୍ତ ଦର୍ଶନ କରିବାର ସୁବିଧା କରାଯାଇଛି। ପୁରୀ ଜଗନ୍ନାଥ ପ୍ରକଳ୍ପ ପରେ ସମଲେଇ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଗୁରୁତର ସହ ନେଇଛନ୍ତି ବୋଲି କହିଥିଲେ। ପରେ ଧନକଉଡ଼ା ସ୍କୁଲ ପଡ଼ିଆରେ ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କ ସହ କଥା ହୋଇଥିଲେ। ସେମାନଙ୍କୁ ଶାରୀରିକ, ମାନସିକ ସ୍ତରରେ ନିଜକୁ ତିଆରି କରିବାକୁ କହିଥିଲେ। ଆତ୍ମବିଶ୍ୱାସ, ପରିଶ୍ରମ ଲକ୍ଷ୍ୟ ପୂରା କରିଥାଏ। ଗୁରୁଜନ, ସାଙ୍ଗ, ପରିବାର ଲୋକଙ୍କ ପରାମର୍ଶ ନେଇ ଜଣେ ଉତ୍ତମ ନାଗରିକ ହେବାକୁ କହିଥିଲେ। ଏହି ଗସ୍ତ ସମୟରେ ତାଙ୍କ ସହ ପ୍ରଶାସନ ଓ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ୪ ମୃତ

**ରାଇରଙ୍ଗପୁର(ମାନସ ମହାନ୍ତି/ ମନୋରଞ୍ଜନ ତିରିଆ)/ ଆରଡ଼ି (ଦୀପ୍ତିରଞ୍ଜନ ନାୟକ)/ ସୋର(ଜନ୍ମେଜୟ ମିଶ୍ର), ୧୫।୭**

ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ସାପ କାମୁଡାରେ ୪ଜଣଙ୍କ ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଭଦ୍ରକରେ ଜଣେ ଓ ବାଲେଶ୍ୱର ଜିଲାରେ ଜଣଙ୍କର ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ ଯାମଦା ଥାନା ଅଧୀନ ଟେଣ୍ଡରା ପଞ୍ଚାୟତ ସାକଯୋଡି ଗ୍ରାମର ଶିବାଜୀ ବାଗେ (୨୨) ନାମକ ଯୁବକ ଶୁକ୍ରବାର ରାତିରେ ଚଟାଣରେ ଶୋଇଥିବା ଏକ ବିଷଧର ସାପ କାମୁଡ଼ିବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ରାଇରଙ୍ଗପୁର ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ରାଇହରି ପଞ୍ଚାୟତ ଭୋଦୁଗୋଡା ଗ୍ରାମର ଚୈତନ୍ୟ ମୁଣ୍ଡା ( ୭୦ ) ନାମକ ବୃଦ୍ଧ ଶନିବାର ସକାଳେ ଘର ନିକଟସ୍ଥ ଛଣ ଗଦାରୁ ଛଣ କାଢୁଥିବା ବେଳେ ଏକ ସାପ କାମୁଡ଼ି ଦେବାରୁ ସେ ଗୁରୁତର ହୋଇପଡିଥିଲେ। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଧୀନ ଭୂଇଁପୁର ଗ୍ରାମର ଚାଷୀ ଦିବାକର ବିଶ୍ୱାଳ(୬୪) ଶନିବାର ସକାଳେ ବିଲରେ ହିଡ଼ ଦେବାକୁ ଯାଉଥିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମୃତ୍ୟୁ ଖବରପାଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସ୍ୱଦେଶ ପଣ୍ଡା, ରଜନୀକାନ୍ତ ବିଶ୍ୱାଳ, ଲଲାଟ ପାଢ଼ୀ, ଅମର ବିଶ୍ୱାଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସେହିପରି ବାଲେଶ୍ୱର ଜିଲା ସୋର ଥାନା ବାଲଙ୍ଗ ପଞ୍ଚାୟତ ମୁକ୍ତେଶ୍ୱରପୁର ଗ୍ରାମର ପଦ୍ମିନୀ ଦାସ ନାମ୍ନୀ ମହିଳା ଶୁକ୍ରବାର ରାତିରେ ଖାଇପିଇ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ହେଲେ ପଦ୍ମିନୀଙ୍କର ମୃତ୍ୟୁ ହୋଇଯାଇଥିଲା। ଟାଉନ ଥାନା ପୋଲିସ ମେଡ଼ିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପ୍ରଥମ ପୃଷ୍ଠାରୁ...

### କଂଗ୍ରେସରୁ ମୋକିମ, ...

କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଥିଲେ। ତାଙ୍କର ଏହି ଅଭିଯୋଗ ଉପରେ ଶୃଙ୍ଖଳାଗତ କମିଟିରେ ଆଲୋଚନା ହୋଇଥିଲା ଓ ଉଭୟ ନେତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଉଭୟ ନେତାଙ୍କଠୁ ଯେଉଁ ଉତ୍ତର ମିଳିଥିଲା ତାହା ସନ୍ତୋଷଜନକ ନ ଥିଲା। ଉଭୟଙ୍କୁ ଦଳ ବିରୋଧୀ କାର୍ଯ୍ୟକ୍ରମରେ ଲିପ୍ତ ରହିବା କାରଣରୁ ତତ୍କାଳ ପ୍ରଭାବରୁ କଂଗ୍ରେସ ଦଳରୁ ନିଲମ୍ବନ କରାଯାଇଛି ବୋଲି ଅନୱାର ସୂଚନା ଦେଇଛନ୍ତି।

ରାଷ୍ଟ୍ରପତି ନିର୍ବାଚନ ସମୟରେ ଦଳୀୟ ହୁଇପ୍‌କୁ ଅମାନ୍ୟ କରି ବିଧାୟକ ମୋକିମ ସେତେବେଳେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେଇଥିଲେ। ସଙ୍ଗଠନର ପରିଚାଳନାକୁ ନେଇ ସେ ଗଣମାଧ୍ୟମ ଆଗରେ ନିଜର କ୍ଷୋଭ ମଧ୍ୟ ବ୍ୟକ୍ତ କରିଥିଲେ। ୨୦୨୩ ମେ' ୮ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ 'ଜାନକୀ-ବସନ୍ତ ଯୋଡ଼ି, ଓଡ଼ିଶାରେ ସୁବର୍ଣ୍ଣ ଯୁଗ' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟରେ ଚିରଞ୍ଜୀବୀ ଗଣମାଧ୍ୟମକୁ କହିଥିଲେ, କଂଗ୍ରେସରେ ୯ ଜଣ ବିଧାୟକ ଥିଲେ ମଧ୍ୟ ୨୦ ଜଣ ମୁଖ୍ୟମନ୍ତ୍ରୀ ଆଶାୟୀ ରହିଛନ୍ତି। ଏହି ସଭାରେ ଉଭୟ ଦଳ ବିରୋଧୀ ମନ୍ତବ୍ୟ ଦେଇଥିବା ପିସିସି ସଭାପତି ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ।

ଅନ୍ୟପକ୍ଷରେ ଦୁଇ ଟାଣୁଆ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏଆଇସିସି ଦଳ ବିରୋଧରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଏକ ବାର୍ତ୍ତା ଦେଇଛି।

ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, କଂଗ୍ରେସ ଏକ ଜାତୀୟ ଦଳ। ଦଳର ଶୃଙ୍ଖଳାଗତ କମିଟି ଯାହା ନିଷ୍ପତ୍ତି ନେଇଛି ତାହାକୁ ଆମେ ଗ୍ରହଣ କରିବୁ। ଦଳୀୟ ବିଶୃଙ୍ଖଳା ନେଇ ମୁଁ ଦଳର ହାଇକମାଣ୍ଡଙ୍କୁ ଜଣାଇଥିଲି। ସେମାନେ ଯାହା ନିଷ୍ପତ୍ତି ନେବା କଥା ନେଇଛନ୍ତି।

ନିଲମ୍ବନ ପରେ ମୋକିମ କହିଛନ୍ତି, ସାମାଜିକ ଗଣମାଧ୍ୟମରୁ ଏହା ଜାଣିବାକୁ ପାଇଲି। ଆମେ ଯେଉଁ ଉତ୍ତର ଦେଇଥିଲୁ ସେଥିରେ ଡିସିପ୍ଲିନାରି କମିଟି ସନ୍ତୁଷ୍ଟ ହୋଇ ନ ଥିବାରୁ ଏହି ନିଷ୍ପତ୍ତି ନେଇଛି। କଂଗ୍ରେସ ହାଇକମାଣ୍ଡଙ୍କ ନିଷ୍ପତ୍ତି ଆମେ ଗ୍ରହଣ କରୁଛୁ। ପରବର୍ତ୍ତୀ ସମୟରେ କ'ଣ ପଦକ୍ଷେପ ନିଆଯିବ ସେ ବିଷୟରେ ପରେ ଚିନ୍ତା କରାଯିବ। ତେବେ ସେ ଦଳକୁ ଛାଡ଼ିବେ ନାହିଁ। ଆଗାମୀ ସାଧାରଣ ନିର୍ବାଚନରେ ଦଳ ଯଦି ତାଙ୍କୁ ପ୍ରାର୍ଥୀ ନ କରିବ ସେ ସ୍ୱାଧୀନ ଭାବେ ଲଢ଼ିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚିରଞ୍ଜୀବୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଆଉ କେଇଟା ମାସ ପରେ ୨୦୨୪ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଦୁଇ ବରିଷ୍ଠ ଓ ପ୍ରଭାବଶାଳୀ ନେତାଙ୍କୁ ଦଳରୁ ନିଲମ୍ବନ କରିବା କଂଗ୍ରେସ ଉପରେ କି ପ୍ରଭାବ ପକାଇବ ଏବଂ ଉଭୟଙ୍କ ରଣନୀତି କ'ଣ ରହିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ମାନହାନି ମାମଲାରେ...

ସହାୟତା ପାଇଲେ ନାହିଁ। ଯଦି ରାହୁଲ ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରନ୍ତି, ତେବେ ତାଙ୍କୁ ପକ୍ଷ ରଖିବା ଲାଗି ସୁଯୋଗ ଦେବାକୁ ଅଭିଯୋଗକାରୀ ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦି ପୂର୍ବରୁ ସର୍ବୋଚ୍ଚ ଅଦାଲତରେ କ୍ୟାଭିଟ୍ ଦାଏର କରିଥିଲେ।

### ଜେଲରୁ ପ୍ରେମ: ବିବାହ ...

କରିବାକୁ ପଡ଼ିଥିଲା। ବାହାଘର ପାଇଁ କୋର୍ଟ ଦୟା ଦେଖାଇ ୫ ଦିନିଆ ପାରୋଲ ମଞ୍ଜୁର କଲେ। ବର୍ଦ୍ଧମାନର କୁସୁମଗ୍ରାମସ୍ଥିତ ମୋଣ୍ଟେଶ୍ୱର ବ୍ଲକ୍‌ରେ ଦୁହେଁ ମୁସଲିମ୍ ଲ' ଅନୁସାରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ପାରୋଲ ଅବଧି ଶେଷ ହେବା ପରେ ଦୁହେଁ ପୁଣିଥରେ ବର୍ଦ୍ଧମାନସ୍ଥିତ କେନ୍ଦ୍ରୀୟ ସୁଧାର ସଂସ୍ଥାନକୁ ଫେରିଛନ୍ତି। ପ୍ରତ୍ୟେକ ଦମ୍ପତି ଯେଉଁଭଳି ଭାବେ ସଂସାର ଗଢୁଛନ୍ତି, ଦଣ୍ଡାଦେଶ ଶେଷ ହେଲେ ଜେଲରୁ ବାହାରି ଅବଦୁଲଙ୍କ ସହିତ ସେମିତି ଜୀବନ କାଟିବେ ବୋଲି ଶାହନାରା ପ୍ରତିକ୍ରିୟା ରଖିଛନ୍ତି।

### ୪୪% ବିଧାୟକଙ୍କ ନାଁରେ ...

ଶୀର୍ଷରେ ରହିଛନ୍ତି। ସେଠାର ୨୨୩ ବିଧାୟକଙ୍କ ହାରାହାରି ସମ୍ପତ୍ତି ୬୪.୩୯ କୋଟି ଟଙ୍କା ହୋଇଥିବାବେଳେ ଆନ୍ଧ୍ରପ୍ରଦେଶର ୧୭୪ ବିଧାୟକଙ୍କ ହାରାହାରି ସମ୍ପତ୍ତି ୨୮.୨୪ କୋଟି ଏବଂ ମହାରାଷ୍ଟ୍ରର ୨୮୪ ବିଧାୟକଙ୍କ ହାରାହାରି ସମ୍ପତ୍ତି ୨୩.୫୧ କୋଟି ଟଙ୍କା। ଅନ୍ୟପକ୍ଷରେ ତ୍ରିପୁରାର ୫୯ ବିଧାୟକଙ୍କ ହାରାହାରି ସମ୍ପତ୍ତି ସର୍ବନିମ୍ନ ୧.୫୪ କୋଟି ଟଙ୍କା ହୋଇଥିବାବେଳେ ପଶ୍ଚିମବଙ୍ଗର ୨୯୩ ବିଧାୟକଙ୍କ ହାରାହାରି ସମ୍ପତ୍ତି ୨.୮୦ କୋଟି ଏବଂ କେରଳରେ ୧୩୫ ବିଧାୟକଙ୍କ ହାରାହାରି ସମ୍ପତ୍ତି ୩.୧୫ କୋଟି ଟଙ୍କା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନୁଶୀଳନ କରାଯାଇଥିବା ୪,୦୦୧ ବିଧାୟକଙ୍କ ମଧ୍ୟରୁ ୮୮ ଜଣ (୨%) ବିଲିୟନେୟାର। ସେମାନଙ୍କ ସମ୍ପତ୍ତି ପରିମାଣ ୧୦୦ କୋଟି ଟଙ୍କାରୁ ଅଧିକ। କର୍ଣ୍ଣାଟକରେ ୨୨୩ରୁ ସର୍ବାଧିକ ୩୨ ବିଧାୟକ (୧୪%) ବିଲିୟନେୟାର ହୋଇଥିବାବେଳେ ଅରୁଣାଚଳପ୍ରଦେଶର ୫୯ରୁ ୪ ବିଧାୟକ (୭%) ଏବଂ ଆନ୍ଧ୍ରପ୍ରଦେଶର ୧୭୪ରୁ ୧୦ (୬ ପ୍ରତିଶତ) ବିଧାୟକ ବିଲିୟନେୟାର। ମହାରାଷ୍ଟ୍ର, ହିମାଚଳପ୍ରଦେଶ, ଗୁଜରାଟ ଓ ମଧ୍ୟପ୍ରଦେଶରେ ମଧ୍ୟ ବିଧାୟକଙ୍କ ସମ୍ପତ୍ତି ପରିମାଣ ୧୦୦ କୋଟି ଟଙ୍କାରୁ ଅଧିକ ରହିଥିବା ସେମାନଙ୍କ ସମ୍ପତ୍ତି ଘୋଷଣାନାମାରୁ ଜଣାପଡ଼ିଛି।

### ମାଲବାହୀ ଟ୍ରେନ୍‌ରୁ ...

ଷ୍ଟେଶନକୁ ନିଆଯିବା ପରେ ରାତି ପ୍ରାୟ ୯ଟା ପରେ ଅଟକିଥିବା ସମସ୍ତ ଟ୍ରେନ୍ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା। ଘଟଣା ସମ୍ପର୍କରେ ମାଲବାହୀ ଟ୍ରେନ୍‌ର ଗୁଡସ୍ ମ୍ୟାନେଜର ଜି.ରଘୁନାଥ କହିଛନ୍ତି. ଙ୍କ ମାଲବାହୀ ଟ୍ରେନ୍‌ରେ ଲକିଂ ସିଷ୍ଟମର କପ୍ଲିଂରେ ଯାନ୍ତ୍ରିକ ତ୍ରୁଟି ଥିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ମାଲବାହୀ ଟ୍ରେନ୍‌ର ବଗିଗୁଡିକ ଚାପ ଦ୍ୱାରା ସଂଯୋଗ କରାଯାଇଥାଏ। ବଗି ନଂ.SWR 28696ରେ ଏଭଳି ତ୍ରୁଟି କାରଣରୁ ବଗିରେ ଥିବା ଇଣ୍ଟରଲକିଂ ସିଷ୍ଟମ୍‌ଟି ଭାଙ୍ଗି ଯାଇଥିଲା। ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ଯେ, ଡାଉନ୍ ଲାଇନ୍‌ରେ ଅଟୋମେଟିକ୍ ବ୍ଲକ୍ ସିଷ୍ଟମ ସିଗ୍‌ନାଲ ରହିଛି। ଫଳରେ ଗୋଟିଏ ଟ୍ରାକ୍‌ରେ ୩ରୁ ୪ଟି ଟ୍ରେନ୍ ପରସ୍ପରଠାରୁ ୧୦ରୁ ୨୦୦ ମିଟର ମଧ୍ୟରେ ଯାତ୍ରା କରିପାରିବେ। ତେଣୁ ମାଲ୍‌ବାହୀ ଟ୍ରେନ୍ ବଗି ଅଲଗା ହେବା ସୂଚନା ମିଳିବା ପରେ ଉକ୍ତ ଲାଇନ୍‌ରେ ଥିବା ଅନ୍ୟ ଟ୍ରେନ୍‌ଗୁଡିକୁ ଆବଶ୍ୟକତା ଅନୁସାରେ ପଛକୁ ପଛ ରଖାଯାଇଥିଲା।

ସୂଚନା ମୁତାବକ, ଜୁନ୍ ୨ରେ ବାଲେଶ୍ୱର ବାହନଗାଠାରେ ଭୟଙ୍କର ରେଳ ଦୁର୍ଘଟଣାରେ ଏବେସୁଦ୍ଧା ୨୯୩ଜଣଙ୍କ ମୃତ୍ୟୁ ଘଟିଛି। ଏହାର କିଛିଦିନ ବ୍ୟବଧାନ ପରେ ଜୁନ୍ ୭ରେ ଯାଜପୁର ରୋଡ୍ ଷ୍ଟେଶନରେ ଟ୍ରାକ୍‌ରେ ରହିଥିବା ମାଲବାହୀ ଟ୍ରେନ୍ ବଗିଗୁଡିକ ପବନବର୍ଷାରେ ଗଡିବାରୁ ଏହା ତଳେ ଆଶ୍ରୟ ନେଇଥିବା ୭ଜଣଙ୍କ ଜୀବନ ଯାଇଥିଲା। ସେହିପରି ୯ ଜୁନ୍‌ରେ ନୂଆପଡାଠାରେ ଦୁର୍ଗ-ପୁରୀ ଏକ୍ସପ୍ରେସର ଏସି ବଗିରେ ନିଆଁ ଲାଗିଯାଇଥିଲା। ୭ ଜୁଲାଇରେ ହାଓଡାରୁ ହାଇଦ୍ରାବାଦ୍ ଅଭିମୁଖେ ଯାତ୍ରା କରୁଥିବା ଫଲକନାମା ଏକ୍ସପ୍ରେସ୍‌ର ୪ଟି ଏସି ବଗିରେ ନିଆଁ ଲାଗିଥିଲା। ୧୦ ଜୁଲାଇରେ ବ୍ରହ୍ମପୁର ନିକଟରେ ବିବେକ୍ ଏକ୍ସପ୍ରେସରେ ନିଆଁ ଲାଗିଥିବାବେଳେ ୧୪ ଜୁଲାଇରେ ଜଳେଶ୍ୱର ନିକଟରେ ଥିବା ଲକ୍ଷ୍ମଣନାଥ ଷ୍ଟେଶନରେ ଏକ ମେମୁ ଟ୍ରେନ୍ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ରେଳ ଯାତ୍ରା ଦିନିକୁ ଦିନ ଅସୁରକ୍ଷିତ ହୋଇପଡୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ରବି ଓ ଚନ୍ଦ୍ର ତୃତୀୟସ୍ଥ ହେତୁ ଭାଇ, ବନ୍ଧୁ, କୁଟୁମ୍ବ ଓ ପରିବାର ପାଇଁ ଅନୁକୂଳ ଫଳ ମିଳିବ ନାହିଁ। ଧର୍ମସ୍ଥାନକୁ ଦୃଷ୍ଟି ହେତୁ ଧାର୍ମିକ କାର୍ଯ୍ୟ ସମ୍ପାଦନ, ଦେବଦର୍ଶନ ପାଇଁ ଇଚ୍ଛା ଜାଗ୍ରତ ହେବ। ପ୍ରତ୍ୟେକ କ୍ଷେତ୍ରରେ ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ବୃଷ** – ଶୁକ୍ର ସହ ମଙ୍ଗଳଜନିତ ଯେତେ ଭଲ କରିବା ଓ କହିବା ପାଇଁ ଚାହିଁଲେ ମଧ୍ୟ ପରିସ୍ଥିତି ତାହା କରାଇ ଦେଇ ନପାରେ। ଉଚ୍ଚସ୍ତରର ବନ୍ଧୁଙ୍କ ଦେଖାମିଳିବ, କିନ୍ତୁ ଦି'ପଦ କଥା ମଧ୍ୟ ହୋଇପାରିବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପୁରୁଣା ରୋଗ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ** – ମନ ରାଇଜକୁ ବହୁତ କଥା ପଶି ଆସିବ, କିନ୍ତୁ ବିଚାର ବିଗିଡ଼ିଯିବ। ବାହାର ଜାଗାରେ ଆପଣଙ୍କର କୌଣସି କାମ ଅଟକି ରହିବ ନାହିଁ। ଶତ୍ରୁତା କରୁଥିବା ବ୍ୟକ୍ତି ଦୂରେଇ ରହିବେ ଓ ବନ୍ଧୁତା ରହିଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରତ୍ୟେକ କାମ କରାଇନେବେ। ଆକସ୍ମିକ ଭାବରେ ଯୋଜନା ନ ଥାଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ** – ଶନି ଦୃଷ୍ଟିରୁ ବିଳମ୍ବିତ ସମୟକୁ ନେଇ ଉଦ୍ୟମକୁ ଭଣ୍ଡୁର କରିବାର ଯୋଜନା କରିବେ। ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ପାଇବା ସାଙ୍ଗକୁ ମାନସିକ ସନ୍ତୁଳନ ମଧ୍ୟ ହରାଇବେ। କୌଣସି ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ତୀବ୍ରତର ହୋଇପାରେ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ସିଂହ** – ଆପଣଙ୍କ ଚିନ୍ତାଧାରା ଭଲ ହେଲେ ମଧ୍ୟ ପାରିପାର୍ଶ୍ୱିକ ପରିସ୍ଥିତି ଓଲଟା ରହିବ। ଆପଣଙ୍କ ହିତ କଥାକୁ କିଏ ଶୁଣିବେ ନାହିଁ। ବାହାନା ଦେଖାଇ ଯିବା ପାଇଁ ବାଟ ଖୋଜିବେ। ଧାର କରଜ କରି କାମକୁ ଚଳାଇ ନେଇପାରନ୍ତି। ବ୍ୟବସାୟିକ କ୍ଷେତ୍ର, ଆଲୋଚନା ସଭା, ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ।

**କନ୍ୟା** – ଅସ୍ଥିରତା ଅନୁଭବ କଲେ ମଧ୍ୟ କାମଗୁଡ଼ିକ ସାମାନ୍ୟ ବ୍ୟତିକ୍ରମ ଭିତରେ ସମ୍ପନ୍ନ ହେବ। କୌଣସି ଖୋଜୁଥିବା ଅତ୍ୟାବଶ୍ୟକ କାଗଜପତ୍ର ନପାଇ ବ୍ୟସ୍ତ ହୋଇ ପାରନ୍ତି। ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଯାତ୍ରା କାଳରେ ସମଧର୍ମୀୟ ବ୍ୟକ୍ତି ସହ ସମ୍ପର୍କ ସ୍ଥାପନ ହିତକର ହେବ।

**ତୁଳା** – ସାମାନ୍ୟ ବ୍ୟତିକ୍ରମ ଦେଖାଦେଲେ ମଧ୍ୟ ଆଜି ଆପଣଙ୍କର କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସୁବିଧା, ସୁଯୋଗ ବିଭିନ୍ନ ଦିଗରୁ ଆସି ଜୁଟିବ। ଆବଶ୍ୟକତା ମଧ୍ୟ ପୂରଣ ହୋଇପାରିବ। ବାଣିଜ୍ୟାରମ୍ଭ, ସତ୍‌ସଙ୍ଗ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରାଇବ।

**ବିଛା** – କର୍ମକ୍ଷେତ୍ରରେ ବିଚାରଧାରା ଭିନ୍ନ ହେବା କାରଣରୁ କାର୍ଯ୍ୟପଦ୍ଧତି ବିଶୃଙ୍ଖଳିତ ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ, କିନ୍ତୁ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣାଦି କାର୍ଯ୍ୟ ଠିକଠାକ୍ ଚାଲିବ। ପରୋକ୍ଷ ଶତ୍ରୁତା ହେତୁ କୌଣସି ଦୀର୍ଘମିଆଦୀ କାମ ସକାଶେ ଚିନ୍ତିତ ରହିପାରନ୍ତି।

**ଧନୁ** – ଗୁରୁ ଦୃଷ୍ଟିରୁ ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ନୂତନ ଯୋଜନାକୁ ସାକାର କରିବାକୁ ଚେଷ୍ଟା କରିବେ। ପ୍ରବଳ ବିରୋଧାତ୍ମକ ପରିବେଶରେ ମଧ୍ୟ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିପାରନ୍ତି। ରାଜନୀତି, ସାହିତ୍ୟ, ଗବେଷଣା, କଳା-ସଂସ୍କୃତି, ବିଦେଶ ଯାତ୍ରା, ମାଙ୍ଗଳିକ କାର୍ଯ୍ୟ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ମକର** – ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହି ପାରିବେ ନାହିଁ। ବନ୍ଧୁଙ୍କ ଭିଡ଼ରେ ନିଜ ଲୋକଟିର କଥା ଶୁଣିବାକୁ ବେଳ ପାଇବେ ନାହିଁ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, କିନ୍ତୁ ମନର ରାଗ ଭିତରେ ଭିତରେ କୁହୁଳି ଉଠିବ। ଆତ୍ମୀୟଙ୍କ ଅଶ୍ରଦ୍ଧା, ବନ୍ଧୁଙ୍କ ରାଗରୁଷା, ସ୍ତ୍ରୀଙ୍କ ମୁହଁଫୁଲା, ଯାତ୍ରା ଓ ବାଣିଜ୍ୟ ସମସ୍ୟାରେ ବ୍ୟସ୍ତ ରହିପାରନ୍ତି।

**କୁମ୍ଭ** – ଅନ୍ୟମନସ୍କତା ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମ୍ପର୍କୀୟଙ୍କ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। କଳକାରଖାନା, ହୋଟେଲ ଶିଳ୍ପ, ମନୋରଞ୍ଜନ, ଯାତ୍ରା ଓ ଭ୍ରମଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ନିଜ ପରିସରରେ ପାରିବେଶିକ ଅଶାନ୍ତି ସକାଶେ ଚିନ୍ତିତ ରହିବେ।

**ମୀନ** – କର୍ମ ପରିସର ବ୍ୟାପକ ହେବା କାରଣରୁ ଶାନ୍ତିରେ ନିଃଶ୍ୱାସ ନେଇପାରିବେ ନାହିଁ। ଲୋକ ସମର୍ଥନ ଥିବା କାରଣରୁ ଆପଣଙ୍କୁ ସମସ୍ୟା ମୁକ୍ତ କରାଇବାରେ ସହାୟକ ହେବେ। ଆକସ୍ମିକ ଭାବରେ ଜଣେ ନୀଚଜାତିର ବ୍ୟକ୍ତିଙ୍କ ଅବଦାନ ଭୁଲିପାରିବେ ନାହିଁ। ନିଜର ଆତ୍ମୀୟ ତଥା ସମଶ୍ରେଣୀୟ ବ୍ୟକ୍ତିଙ୍କ ଈର୍ଷା ଓ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

ଆଜି ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ମାସାନ୍ତ, ଜୁଲାଇ ୧୬ ତାରିଖ, ବିଶ୍ୱ ସର୍ପଦିବସ, ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୦ ଗତେ ୦୯।୪୧ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୭ ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ ।




# ୨ବର୍ଷ ଧରି ନିଖୋଜ ଥିବା ମହିଳାଙ୍କ ମୃତଦେହ ଗାଁ ମୁଣ୍ଡରୁ ଜବତ

ଦଶମନ୍ତପୁର,୧୫।୭ (ଅରବିନ୍ଦ ନାୟକ)

୨ ବର୍ଷ ୩ ମାସ ହେଲା ନିଖୋଜ ଥିବା ଜଣେ ମହିଳାଙ୍କ ମୃତଦେହକୁ ପୋଲିସ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚଣାବାଡ ପଞ୍ଚାୟତର କତ୍ରାଆମ୍ଭ ଗ୍ରାମ ନିକଟରୁ ଜବତ କରିଛି। ମୃତକ ହେଲେ କଡ୍ଡୁ ମୁଦୁଲିଙ୍କ ଝିଅ କୁନି (୨୩)।

ଖବରରୁ ଜଣାପଡିଛି, ୨୦୨୧ରେ କୁନିଙ୍କର ଉକ୍ତ ପଞ୍ଚାୟତର ଜଣେ ଯୁବକଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯୁବକ ଜଣକ ଅନ୍ୟ ସମ୍ପ୍ରଦାୟର ଓ ପୂର୍ବରୁ ବିବାହିତ ହୋଇଥିବାରୁ ଏନେଇ ପରିବାର ଲୋକେ ପ୍ରତିବାଦ କରି ଦଶମନ୍ତପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ସେତେବେଳେ ଉଭୟଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଯୁବକ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଝିଅକୁ ନେବାକୁ ପରିବାର ଲୋକେ ରାଜି ନ ହେବାରୁ ତତ୍କାଳୀନ ଥାନା ଅଧିକାରୀ ତାଙ୍କୁ ଜିଲା ମହିଳା ସୁରକ୍ଷା କେନ୍ଦ୍ରକୁ ପଠାଇଥିଲେ। କିଛି ଦିନ ପରେ କୁନି ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଦଶମନ୍ତପୁର ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଏହାପରଠାରୁ କୁନି କେଉଁଠି କାହା ସହ ରହୁଥିଲେ ତାହା ଜଣାପଡି ନ ଥିଲା। ତେବେ ଗାଁ ଆମ୍ବଗଛ ରାସ୍ତା ଦେଇ କେତେଜଣ ଚାଷୀ ଶନିବାର ସକାଳୁ ଚାଷ କରିବାକୁ ଯାଉଥିବା ବେଳେ ଏକ ପଥର ଉପରେ ଜଣେ ମହିଳା ପାଟିରୁ ଫେଣ ବାହାରୁଥିବା ଅବସ୍ଥାରେ ପଡିଥିବା ଦେଖିବାକୁ ପାଇ ଏ ସମ୍ପର୍କରେ ସେମାନେ ଚଣାବାଡ ସରପଞ୍ଚ ରାଜଲକ୍ଷ୍ମୀ ମାଝି ଏବଂ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କଡ୍ଡୁଙ୍କ ଝିଅ କୁନି ବୋଲି ଚିହ୍ନଟ କରିଥିଲେ। ମୃତଦେହ ପଡିଥିବା ଖବର ପାଇ ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି, ସେକେଣ୍ଡ ଅଫିସର ନିର୍ମଳା ଲିମା ଗ୍ରାମରେ ପହଞ୍ଚିଥିଲେ। କୁନିଙ୍କ ମୃତଦେହ ନିକଟରୁ ଗୋଟିଏ ହାତ ବ୍ୟାଗ୍, ଗୋଟିଏ ଝୁଲା ବ୍ୟାଗ୍ ଏବଂ ଫ୍ଲିପ୍‌କାର୍ଟ ଦ୍ୱାରା ଅର୍ଡର କରାଯାଇଥିବା ମହିଳାଙ୍କ ବ୍ୟବହାରଯୋଗ୍ୟ କିଛି ସାମଗ୍ରୀ ମିଳିଥିଲା। ମୃତଦେହ ଜବତ ପରେ ଏହାକୁ ବ୍ୟବଚ୍ଛେଦ ଲାଗି କୋରାପୁଟ ପଠାଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ କୁନିଙ୍କ ବାପା କଡ୍ଡୁ କହିଛନ୍ତି, ତାଙ୍କ ଝିଅ ଦୀର୍ଘ ୨ ବର୍ଷ ୩ ମାସ ହେଲା ନିଖୋଜ ହୋଇଯାଇଥିଲା। ତେବେ ଗ୍ରାମ ମୁଣ୍ଡକୁ ତା'ମୃତଦେହ କିପରି ଆସିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେସ୍ ନଂ. ୧୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ମହାନ୍ତି କହିଛନ୍ତି। ଏପରି ରହସ୍ୟଜନକ ଘଟଣାର ଉଚିତ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବ୍ୟବଚ୍ଛେଦ ନ କରି ଜିଆର୍‌ପି ପୋତିଥିଲା, ପୋଲିସ କାଢ଼ିଲା

ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର)/କଣ୍ଟାବାଞ୍ଜି, (ଗୁରୁଦୟାଲ ହଂସ), ୧୫।୭


ପୋତା ଯାଇଥିବା ସ୍ଥାନକୁ ଖୋଳି ମୃତଦେହ ବାହାର କରୁଛନ୍ତି।

**ନାବାଳକଙ୍କ ମୃତ୍ୟୁକୁ ନେଇ ବଢୁଛି ସସ୍‌ପେନ୍ସ**

- କଣ୍ଟାବାଞ୍ଜି ପୋଲିସ ବି ବିନା ବ୍ୟବଚ୍ଛେଦରେ ପରିବାରକୁ ହସ୍ତାନ୍ତର କଲା
- ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହେଲାନାହିଁ

ଜଣେ ନାବାଳକଙ୍କ ମୃତ୍ୟୁକୁ କଣ୍ଟାବାଞ୍ଜି ରେଲୱେ ପୋଲିସ(ଜିଆର୍‌ପି) ଏବଂ କଣ୍ଟାବାଞ୍ଜି ଥାନା ପୋଲିସର ମନମୁଖି କାର୍ଯ୍ୟ ଏବଂ ଆଇନ ଉଲ୍ଲଂଘନ ଚର୍ଚ୍ଚାର ବିଷୟ ହୋଇଛି। ରେଲଲାଇନ୍ ଉପରୁ ଜବତ ହୋଇଥିବା ଜଣେ ନାବାଳକଙ୍କ ମୃତଦେହକୁ ବିନା ବ୍ୟବଚ୍ଛେଦରେ ଜିଆର୍‌ପି ପୋତି ଦେଇଥିଲା। ଅଭିଯୋଗ ପରେ ମାଟି ଖୋଳି ବାହାର କରି କଣ୍ଟାବାଞ୍ଜି ଥାନା ପୋଲିସ ପୁଣି ବିନା ବ୍ୟବଚ୍ଛେଦରେ ମୃତକଙ୍କ ପରିବାରବର୍ଗଙ୍କୁ ସଂସ୍କାର ପାଇଁ ମୃତଦେହ ହସ୍ତାନ୍ତର କରିଦେବା ଘଟଣା ଆଲୋଡ଼ନ ଖେଳାଇଛି।

ମିଳିଥିବା ସୂଚନା ମୁତାବକ, ଗତ ୧୩ତାରିଖ ଅପରାହ୍ଣରେ କଣ୍ଟାବାଞ୍ଜି କୁକୁଡାହାଡ ନିକଟ ରେଲଲାଇନ୍ ଉପରୁ ଜଣେ ନାବାଳକଙ୍କ ମୃତଦେହକୁ କଣ୍ଟାବାଞ୍ଜି ଜିଆର୍‌ପି ଜବତ କରିଥିଲା। ମୃତକଙ୍କ ପରିଚୟ ପାଇଁ ନିୟମତଃ ଅପେକ୍ଷା ନ କରି ସେହିଦିନ ନାବାଳକଙ୍କ ମୃତଦେହକୁ ମାଟି ଖୋଳି ପୋତି ଦେଇଥିଲା। ସେହିଦିନ କଣ୍ଟାବାଞ୍ଜିର ପ୍ରମୋଦ ଜୈନଙ୍କ ପୁତ୍ର ଲଳିତ(୧୫) ଘରୁ ନିଖୋଜ ହୋଇଯାଇଥିଲେ। ଖୋଜି ନ ପାଇବାରୁ ପରିବାର ଲୋକେ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ତଦନ୍ତ ଆରମ୍ଭ କରାଯିବା ପରେ ଜିଆରପିକୁ ପଚରାଉଚରା କରାଯାଇଥିଲା। ଜିଆର୍‌ପି ଗତ ୧୩ ତାରିଖ ଜବତ କରିଥିବା ନାବାଳକଙ୍କ ମୃତଦେହ ପୋତି ଦେଇଥିବା ଖବର ପାଇବା ପରେ କଣ୍ଟାବାଞ୍ଜି ଥାନା ପୋଲିସ ଅଚିହ୍ନା ମୃତଦେହ ଚିହ୍ନଟ ହୋଇ ନ ଥିବାବେଳେ କିଭଳି ବିନା ବ୍ୟବଚ୍ଛେଦରେ ପୋତି ଦିଆଗଲା ବୋଲି ଜିଆର୍‌ପିକୁ ପ୍ରଶ୍ନ କରିଥିଲା। ଏଭଳି ସୂଚନା ପାଇବା ପରେ ଶନିବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜିଆର୍‌ପି ଏବଂ କଣ୍ଟାବାଞ୍ଜି ପୋଲିସ ପୋତା ଯାଇଥିବା ସ୍ଥାନରୁ ମୃତଦେହ ବାହାର କରିବା ପରେ ଉକ୍ତ ମୃତଦେହ ଲଳିତଙ୍କର ବୋଲି ଚିହ୍ନଟ କରାଯାଇଥିଲା। ତେବେ ମୃତଦେହ ଚିହ୍ନଟ ପରେ କଣ୍ଟାବାଞ୍ଜି ଥାନା ପୋଲିସ ବିନା ବ୍ୟବଚ୍ଛେଦରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଦେବା ଏବଂ ପରିବାର ଲୋକେ ଅନ୍ତିମ ସତ୍କାର କରିଦେଇଥିବା ଜଣାପଡିଛି। ଏନେଇ କଣ୍ଟାବାଞ୍ଜି ଜିଆର୍‌ପି ଏଏସ୍‌ଆଇ ସୀତାରାମ ସୁନାନୀଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରୁ କଣ୍ଟାବାଞ୍ଜି ହସ୍ପିଟାଲରେ ଫ୍ରିଜର ବ୍ୟବସ୍ଥା ନ ଥିବାରୁ ରେଲଲାଇନ୍‌ରୁ ଜବତ ହୋଇଥିବା ମୃତଦେହକୁ ପୋତି ଦିଆଯାଇଥିଲା ବୋଲି କହିଛନ୍ତି। ଅଚିହ୍ନା ମୃତଦେହକୁ ଚିହ୍ନଟ ପାଇଁ ୭୨ ଘଣ୍ଟା ରଖାଯିବା ଏବଂ ବ୍ୟବଚ୍ଛେଦ କରି ପୋତାଯିବା ନିୟମ ରହିଥିଲେ ମଧ୍ୟ ଜିଆର୍‌ପି କାହିଁକି ଏହାର ଉଲ୍ଲଂଘନ କଲା ବୋଲି ପ୍ରଶ୍ନ କରିବାରୁ ଏଏସଆଇ ସୁନାନୀ କିଛି ବି ଉତ୍ତର ଦେଇ ନ ଥିଲେ। ଅନ୍ୟପଟେ କଣ୍ଟାବାଞ୍ଜି ପୋଲିସ ଶନିବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋତା ସ୍ଥାନରୁ ନାବାଳକଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲେ ମଧ୍ୟ ଏହାର ସାଇଣ୍ଟିଫିକ୍ ଚିହ୍ନଟ ବା ବ୍ୟବଚ୍ଛେଦ ନ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଦେଇଥିଲା। କଣ୍ଟାବାଞ୍ଜି ଜିଆର୍‌ପିର ଭୁଲକୁ ପୁଣି ଥରେ କଣ୍ଟାବାଞ୍ଜି ଥାନା ପୋଲିସ ଦୋହରାଇ ଥିବାରୁ ନାବାଳକଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଅମୃତଲାଲ ବେହେରା, କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରା, ଜିଆର୍‌ପି ଅଧିକାରୀ ସୀତାରାମ ସୁନାନୀ ମୃତଦେହ ପୋତାଯାଇଥିବା ସ୍ଥାନରେ ଉପସ୍ଥିତ ଥିଲେ। ଲଳିତଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚିତ ହୋଇ ନ ଥିବାବେଳେ ଏହା ବାସ୍ତବରେ ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। କେଉଁ କାରଣରୁ ବିନା ବ୍ୟବଚ୍ଛେଦରେ ମୃତଦେହ ପୋତାଯିବା ପରେ ପୁଣି ଥରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଗଲା ସେନେଇ ପୋଲିସ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି। ତରବରିଆ ଭାବେ ଜିଆର୍‌ପି ମୃତଦେହ ପୋତିଦେବା, ପୋତା ମୃତଦେହ ଖୋଳିବା ପରେ ମଧ୍ୟ ବିନା ବ୍ୟବଚ୍ଛେଦରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ଘଟଣାକୁ ନେଇ ନାନା ଆଲୋଚନା ଶୁଣିବାକୁ ମିଳୁଛି।

# ଆହୁରି ୫ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର,୧୫।୭ (ଅନୁରାଧା ମହାରଣା)

**ଭଦ୍ରକରେ ସର୍ବାଧିକ ୧୬୫ ମିମି ବର୍ଷିଲା**

**ଆଜି ପାଇଁ ୧୧ ଜିଲାକୁ ଅରେଞ୍ଜ ୱାର୍ନିଂ**

ଏବେ ମୌସୁମୀ ସ୍ୱାଭାବିକ ସ୍ଥିତିରେ ପହଞ୍ଚିଛି। ଓଡ଼ିଶା ସଲଂଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଉପକୂଳବର୍ତ୍ତୀ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହୋଇଥିବାବେଳେ କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ଶନିବାର ଅପରାହ୍ନ ୫ଟା ୩୦ ସୁଦ୍ଧା ମିଳିଥିବା ସୂଚନାନୁସାରେ, ଭଦ୍ରକ ସହରରେ ସର୍ବାଧିକ ୧୬୫ ମିମି ବର୍ଷା ହୋଇଛି। ସେହିପରି ଜଗତ୍‌ସିଂହପୁରରେ ୧୩୨.୬ ମିମି, ଝାରସୁଗୁଡା ୧୨୧ମିମି, ଚାନ୍ଦବାଲି ୮୦.୬ ମିମି, ଭୁବନେଶ୍ୱର ୪୬.୪ ମିମି, ବାଲେଶ୍ୱର ୨୩.୩ ମିମି, ପାରାଦୀପ ୧୫.୬ ମିମି, ଗୋପାଳପୁର ୫.୪ ମିମି, କେନ୍ଦୁଝର ୮.୬ ମିମି, ପୁରୀ ୧୫.୮ ମିମି ଓ ସମ୍ବଲପୁରରେ୧୫.୪ ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୫ ଦିନ ଆହୁରି ବର୍ଷିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ରାଜ୍ୟର ପ୍ରାୟ ୧୧ଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନି ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ, ଝାରସୁଗୁଡ଼ା ଓ ସମ୍ବଲପୁର ଆଦି ଜିଲାଗୁଡ଼କରେ ଜଳବନ୍ଦୀ ଓ କଚ୍ଚାଘର ପ୍ରତି ବିପଦ ଥିବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଧାନ ଆଦି ବିହନ ବୁଣା ଯାଇଥିବା ଜମିରେ ପାଣି ଜମିବା ଆଶଙ୍କା ରହିଥିବାରୁ ଏ ଦିଗରେ ସତର୍କ ରହିବା ପାଇଁ ସୂଚନା ଦିଆଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ନୟାଗଡ଼, ବୌଦ୍ଧ, କନ୍ଧମାଳ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ଓ ନବରଙ୍ଗପୁର ଆଦି ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୭ ତାରିଖ ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଆଦି ଜିଲାରେ ଘଡଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଉକ୍ତ ଜିଲାଗୁଡ଼ିକୁ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ମାଲକାନଗିରି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଆଦି ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୮ରୁ ୨୦ ତାରିଖରେ ମଧ୍ୟ ସାରା ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ


ତନରଡ଼ାଠାରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ।

ଭଞ୍ଜନଗର,୧୫।୭(ବାବୁଲା ପ୍ରଧାନ)

- ପୋଲିସ ପିଟି ପିଟି ମାରିଦେବା ଅଭିଯୋଗ
- ମୃତଦେହ ରଖି ଲୋକଙ୍କ ରାସ୍ତା ଅବରୋଧ

ଗଞ୍ଜାମ ଜିଲା ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆତନରଡ଼ା ଗ୍ରାମର ଚରଣ ବେହେରା (୪୦)ଙ୍କ ଶନିବାର ସକାଳେ ମୃତ୍ୟୁ ହୋଇଛି। ତାଙ୍କ ଶରୀରରେ ଏକାଧିକ ଆଘାତ ଚିହ୍ନ ରହିଛି। ତେଣୁ ତାଙ୍କୁ ପୋଲିସ ପିଟି ପିଟି ମାରିଦେଇଛି ବୋଲି ଚରଣଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଉତ୍ତ୍ୟକ୍ତ ଗ୍ରାମବାସୀ ସନ୍ଧ୍ୟାରେ ତନରଡ଼ାଠାରେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି। ମୃତ ଚରଣଙ୍କ ପରିବାର ସଦସ୍ୟଙ୍କୁ ଥଇଥାନ ସହ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି। ଏଥିସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, କିଛିଦିନ ପୂର୍ବେ ତନରଡ଼ା ଅଞ୍ଚଳର ଏକ ଦୋକାନରୁ ବିସ୍କୁଟ, ମିକ୍ସଚର ଓ ବିଭିନ୍ନ ଗୁଟ୍‌ଖା ଚୋରି ହୋଇଥିଲା। ଗତ ୧୦ ତାରିଖରେ ବେଲଗୁଣ୍ଠା ପୋଲିସ ଚରଣଙ୍କ ଘରେ ପଶି ତାଙ୍କୁ ଉଠାଇ ନେଇଥିଲା। ୧୧ ତାରିଖରେ ଚୋରି ଜିନିଷ ରଖିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ୱତନ୍ତ୍ର ଉପକାରାଗାରକୁ ପଠାଇ ଦିଆଯାଇଥିଲା। ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ଜେଲ କର୍ମଚାରୀ ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚରଣଙ୍କ ହାତ, ଗୋଡ଼, ପିଠିରେ ଏକାଧିକ ସ୍ଥାନରେ ଚିହ୍ନ ଥିବାରୁ ତାଙ୍କୁ ପୋଲିସ ପିଟି ପିଟି ମାରିଦେଇଛି ବୋଲି ଚରଣଙ୍କ ସ୍ତ୍ରୀ ଏବଂ ବାପା ଅଭିଯୋଗ କରିଛନ୍ତି। ଭଞ୍ଜନଗର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଜେଲ ଅଧୀକ୍ଷକ ଦଣ୍ଡପାଣି ପାତ୍ର କହିଛନ୍ତି, ଶୁକ୍ରବାର ଚରଣ ଅସୁସ୍ଥ ଅନୁଭବ କରିଥିଲେ। ତେଣୁ ଜେଲ ମେଡିକାଲରେ ତାଙ୍କର ଚିକିତ୍ସା କରାଯାଇଥିଲା। ଶନିବାର ସକାଳେ ପୁଣି ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜେଲ ଭିତରେ ଚରଣଙ୍କୁ କେହି ଆକ୍ରମଣ କରିନାହାନ୍ତି। ଚରଣଙ୍କ ଶରୀରରେ ଥିବା କ୍ଷତ ଚିହ୍ନଗୁଡ଼ିକ କେଉଁଠି ପଡ଼ିଯିବା ଯୋଗୁ ହୋଇଥାଇପାରେ ବୋଲି ଅଧୀକ୍ଷକ ପାତ୍ର କହିଛନ୍ତି।

# କମ୍ପ୍ୟୁଟରଜନିତ ତ୍ରୁଟି ଯୋଗୁ ଭିନ୍ନକ୍ଷମ ପରୀକ୍ଷାର୍ଥୀ ହଟହଟା

କଟକ,୧୫।୭ (କାର୍ତ୍ତିକ ସାହୁ)

- ମେଡିକାଲ ନାମଲେଖା ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ
- ୧୭୪ ପରିବର୍ତ୍ତେ ୫୧ଟି ଠିକ୍ ଉତ୍ତର ମିଳିଛି
- ଜବାବ ଦାଖଲ ପାଇଁ ଏନ୍‌ଟିଏ ଚେୟାର ପର୍ସନଙ୍କୁ ନିର୍ଦ୍ଦେଶ

ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍)ରେ ଜଣେ ଭିନ୍ନକ୍ଷମ ଛାତ୍ରଙ୍କୁ କମ୍ ମାର୍କ ମିଳିଛି। ସେ ଓଏମ୍‌ଆର୍ ସିଟ୍‌ରେ ଯେତିକି ଠିକ୍ ଉତ୍ତର ଦେଇଛନ୍ତି ତାଙ୍କୁ ସେତିକି ମାର୍କ ମିଳିନାହିଁ। କମ୍ପ୍ୟୁଟରରେ ମୂଲ୍ୟାୟନଜନିତ ତ୍ରୁଟି ପାଇଁ ତାଙ୍କର ନମ୍ବର କମ୍ ହୋଇଛି। ଯାହାଦ୍ୱାରା ସେ ମେଡିକାଲ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ହେବାକୁ ଥିବା କାଉନ୍‌ସେଲିଂ ପ୍ରକ୍ରିୟାରେ ଭାଗ ନେବାରୁ ବଞ୍ଚିତ ହେବେ। ଏହାକୁ ନେଇ ଆବେଦନକାରୀ ରିଶିରାଜ ଦାଶଙ୍କ ପକ୍ଷରୁ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ପରୀକ୍ଷା ପରିଚାଳନା କରୁଥିବା ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଚେୟାରପର୍ସନ୍‌ଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ରିଶିରାଜ ଜଣେ ଭିନ୍ନକ୍ଷମ ପରୀକ୍ଷାର୍ଥୀ। ୨୦୨୩ ମେ' ୭ରେ ନିଟ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜୁନ୍ ୧୩ରେ ଫଳ ପ୍ରକାଶନ ପରେ ରିଶିରାଜଙ୍କୁ ୭୬ ମାର୍କ ମିଳିଥିବା ସେ ଜାଣିବାକୁ ପାଇଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ତାଙ୍କୁ ଓଏମ୍‌ଆର୍ ସିଟ୍‌ର ନକଲ ସହିତ ରିଚେକିଂ କରି ତଥ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କୁ ଏନ୍‌ଟିଏ ପକ୍ଷରୁ ଓଏମ୍‌ଆର୍ ସିଟ୍‌ର ନକଲ ଇ-ମେଲ ଜରିଆରେ ଯୋଗାଇ ଦିଆଯାଇଥିଲା। ଏନ୍‌ଟିଏ ପକ୍ଷରୁ ତାଙ୍କୁ ସୂଚିତ କରାଯାଇଥିଲା ଯେ, ସେ ୧୭୯ଟି ପ୍ରଶ୍ନର ଉତ୍ତର ଦେଇଛନ୍ତି। ତନ୍ମଧ୍ୟରୁ ୫୧ଟି ଉତ୍ତର ଠିକ୍ ହୋଇଥିବାବେଳେ ୧୨୮ଟି ଉତ୍ତର ଭୁଲ୍ ରହିଛି ଏବଂ ସେ ମୋଟ ୭୬ ନମ୍ବର ପାଇଛନ୍ତି। ହେଲେ ଏନ୍‌ଟିଏ ୱେବ୍‌ସାଇଟ୍‌ରେ ଉପଲବ୍ଧ ଆନ୍ସର କି' ସହିତ ଇ-ମେଲ୍ ଯୋଗେ ପାଇଥିବା ଓଏମ୍‌ଆର୍ ସିଟ୍‌ରେ ଦେଇଥିବା ଉତ୍ତରଗୁଡ଼ିକୁ ରିଶିରାଜ ମିଳାଇଥିଲେ। ଏଥିରେ ସେ ୧୭୪ଟି ଉତ୍ତର ଠିକ୍ ଦେଇଥିବା ଅବଗତ ହୋଇଥିଲେ। କମ୍ପ୍ୟୁଟରରେ ଓଏମ୍‌ଆର୍ ସିଟ୍‌ଗୁଡ଼ିକୁ ମୂଲ୍ୟାୟନବେଳେ ତ୍ରୁଟି ପାଇଁ ରିଶିରାଜ ଏଭଳି ପରିସ୍ଥିତିରେ ପଡ଼ିଥିବା ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଛନ୍ତି।

**GIFT AUTONOMOUS**
Bhubaneswar | Approved by UGC, AICTE, BPUT
Ideal destination for
GUARANTEED CAMPUS PLACEMENT
to MBA, MCA & M.Sc. Students
(WHO ATTEND 85% OF THE CLASSES)
Where learning is a pleasure
by an Array of Extra and Co-Curricular activities like Hobby Clubs, Industry Internships, Musical Nights, Study Tours, Mock GD & PI, etc.
Scholarships up to 100% to Meritorious Students
Accredited by
NBA in CSE, MECH, ECE, EEE | NAAC A++




Only College In Eastern India Awarded A++ By NAAC
MCA : 2 Year regular program
M.Sc. :- 2Year Regular Program
• Applied Physics • Applied Chemistry • Applied Mathematics
MBA (Dual Specialisation):
• Avation & Airport Management
• Hospital & Health Care Management
• Logistics & Supply Chain Management
• Rural Management
• Marketing Management
• Finance Management
• HR Management
www.gift.edu.in 789-490-9999
Gangapada, Bhubaneswar, Odisha

# ପ୍ରକାଶ ପାଇଲା ସିୟୁଇଟି(ୟୁଜି) ରେଜଲ୍ଟ

ଭୁବନେଶ୍ୱର,୧୫।୭ (ଅନୁରାଧା ମହାରଣା)

ସର୍ବଭାରତୀୟ ସ୍ତରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡିକରେ ୨୦୨୩-୨୪ ଶିକ୍ଷାବର୍ଷରେ ନାମଲେଖା ଲାଗି ହୋଇଥିବା କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ସିୟୁଇଟି)ୟୁଜି ରେଜଲ୍ଟ ଶନିବାର ପ୍ରକାଶ ପାଇଛି। ଦେଶରେ ଥିବା ୨୫୦ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ମାଧ୍ୟମରେ କରାଯାଇଥିଲା। ଓଡ଼ିଆ ଭାଷା ସମେତ ୧୩ଟି ଆଞ୍ଚଳିକ ଭାଷାରେ ପରୀକ୍ଷା ହୋଇଥିଲା। ଦେଶରେ ୨୮୫ଟି ସହରରେ ଓ ଦେଶ ବାହାରେ ୨୩ଟି ସହରରେ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ହୋଇଥିଲା। ଚଳିତବର୍ଷ ପରୀକ୍ଷା ଲାଗି ୫୦ଲକ୍ଷ ୪୬ହଜାର ୪୬୯ଜଣ ନାମ ପଞ୍ଜିକରଣ କରିଥିବାବେଳେ ସେଥିରୁ ୩୬ଲକ୍ଷ ୪୩ହଜାର ୧୭ଜଣ ପରୀକ୍ଷା ଦେଇଥିଲେ। ଓଡ଼ିଆ ଭାଷାରେ ୨୩୬ଜଣ ପରୀକ୍ଷା ଦେଇଥିଲେ। ଏଥି ମଧ୍ୟରୁ ୩ଜଣ ୧୦୦ ପର୍ସେଣ୍ଟାଇଲ୍ ରଖିଥିବାବେଳେ ୨୭ଜଣ ୯୫ ପର୍ସେଣ୍ଟାଇଲରୁ ଅଧିକ ରଖିଛନ୍ତି।

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR
DISTRICT PROGRAMME MANAGEMENT UNIT (DPMU)
NATIONAL HEALTH MISSION (NHM)
No.E-263:-
**WALK-IN-INTERVIEW**
Advt. No. 2276 Date 14.7.2023
Walk-in-interview will be conducted as scheduled below for filling of the following posts under National Health Mission of Jagatsinghpur district.

| Sl. No. | Name of the Programme/Activities as per NHM PIP | Name of the post | Vacancy | Monthly remuneration (In Rupees) + PI | Date of registration / interview |
|---|---|---|---|---|---|
| 1 | Special Newborn Care Unit (SNCU) | Medical Officer | 3 | Rs.64,324/- +PI | 03.08.2023 |
| 2 | District Early Intervention Centre (DEIC) | MO MBBS | 1 | Rs.64,324/- +PI | 03.08.2023 |
| 3 | Urban PHC, Paradeep | Medical Officer | 1 | Rs.64,324/- +PI | 03.08.2023 |

**Venue: Office of the CDM & PHO-cum-DMD, Jagatsinghpur**
The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of qualification, experience of post along with application form can be downloaded from the district website: www.jagatsinghpur.nic.in. The interested candidates may attend the walk-in-interview from 10.00 A.M. to 11.00 A.M. on the scheduled date for registration. The candidates are requested to visit the district website on regular interval till completion of recruitment / empanelment process. The undersigned reserves the right to cancel any or all the application without assigning any reason or communication thereof.
OIPR-10043/11/0002/2324
Sd./- CDM & PHO-cum-DMD, Jagatsinghpur

> ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢିବାକୁ ଏବଂ ବିଜୟ ଲାଭକରିବାକୁ। – **ଶ୍ରୀମା**



# ମହାକାଶ ଦୌଡ଼



ଆକାର ପଟେଲ

୧୯୫୭ରୁ ୧୯୬୯ ଏହି ୧୨ ବର୍ଷ ମଧ୍ୟରେ ଆମେରିକୀୟ ଓ ରୁଷୀୟମାନେ ସ୍ପେସ ରେସ୍ ବା ମହାକାଶ ଦୌଡ଼ର ଅନେକ ପର୍ଯ୍ୟାୟରେ ଅବତୀର୍ଣ୍ଣ ହୋଇଥିଲେ। ରୁଷୀୟମାନେ ପ୍ରଥମେ ପ୍ରାୟ ସବୁଥିରେ ବିଜୟୀ ହୋଇଥିଲେ। ସେମାନେ ୧୯୫୭ରେ ମହାକାଶ କକ୍ଷକୁ ପ୍ରଥମେ ସ୍ପୁଟନିକ ସାଟେଲାଇଟ ପଠାଇଥିଲେ। ସେହି ସମାନ ବର୍ଷ ପ୍ରଥମ ଜୀବ ଅର୍ଥାତ୍ ଲୟିକା ନାମକ କୁକୁରକୁ ମଧ୍ୟ ମହାକାଶକୁ ପଠାଇବାରେ ସଫଳ ହୋଇଥିଲେ। ବଡ଼ କଥା ହେଲା, ୧୯୬୧ରେ ରୁଷୀୟମାନେ ପ୍ରଥମେ ଜଣେ ମାନବ (ୟୁରିଗାଗାରିନ)ଙ୍କୁ ମହାକାଶ କକ୍ଷକୁ ପଠାଇଥିଲେ। ୧୯୬୫ରେ କକ୍ଷରେ ସ୍ଥାପିତ ମହାକାଶଯାନକୁ ଛାଡ଼ି ଆଲେକ୍ସେ ଲିଓନୋଭ ପ୍ରଥମେ ମହାକାଶରେ ଚାଲିଥିଲେ। ରୁଷିଆର ଏହିସବୁ ସଫଳତା ପରେ ଆମେରିକା ୧୯୬୯ରେ ଚନ୍ଦ୍ରରେ ପ୍ରଥମେ ମଣିଷ ଓହ୍ଲାଇ ମହାକାଶ ଦୌଡ଼ରେ ବିଜୟୀ ହୋଇଥିଲା। ଏଭଳି କରିବାରେ କେବଳ ଆମେରିକା ହିଁ ସକ୍ଷମ ହୋଇଛି ଓ ପରେ ୧୯୭୨ରେ ଶେଷ ଥର ପାଇଁ ଏହା କରିଥିଲା। ସୋଭିଏଟ୍ ଏକ ବୃହତ୍ ରକେଟ ବିକାଶ କରିବାରେ ବିଫଳ ହେବା ପରେ ୧୯୭୦ ଦଶକରେ ମହାକାଶ ଦୌଡ଼କୁ ବନ୍ଦ କରିଦେଲା। ଅତ୍ୟଧିକ ଖର୍ଚ୍ଚ ଯୋଗୁ ସେବେଠାରୁ ୫୦ ବର୍ଷ ହେଲା ଚନ୍ଦ୍ରକୁ ମଣିଷ ପଠାଇବାର ତା'ର ଆଉ ଆଗ୍ରହ ଦେଖାଯାଇନାହିଁ। ଆମେରିକା ମଧ୍ୟ ଏଥିପ୍ରତି ମନବଳାଇ ନ ଥିଲା, କିନ୍ତୁ ପରେ ମହାକାଶଯାତ୍ରୀଙ୍କୁ କକ୍ଷ ଓ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ପଠାଇବାକୁ କମ୍ ଖର୍ଚ୍ଚରେ ପୁନଃ ବ୍ୟବହାରଯୋଗ୍ୟ ମହାକାଶଯାନ କାର୍ଯ୍ୟକ୍ରମ ଆରମ୍ଭ କଲା। ହେଲେ ଏହି କାର୍ଯ୍ୟକ୍ରମରେ ଦୁଇଟି ବିପର୍ଯ୍ୟୟ ୧୯୮୦ ଓ ୨୦୦୦ ଦଶକରେ(କଳ୍ପନା ଚାୱଲାଙ୍କ ମୃତ୍ୟୁ) ଘଟିଥିଲା ଏବଂ ଅତ୍ୟଧିକ ବ୍ୟୟ ଓ କ୍ଷତି ଯୋଗୁ ଏହାକୁ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲା ବନ୍ଦ କରିଦିଆଯାଇଛି। ଏହା ପରଠାରୁ ଆମେରିକା ଆଉ କକ୍ଷକୁ କୌଣସି ମଣିଷ ପଠାଇ ନ ଥିଲା। କିନ୍ତୁ ୨୦୨୦ରେ ଏକ ଘରୋଇ କମ୍ପାନୀ ଏହା ଉପରେ କାର୍ଯ୍ୟକ୍ରମ ଆରମ୍ଭ କରିବା ପରେ ପରିବର୍ତ୍ତନ ଲକ୍ଷ୍ୟ କରାଗଲା। ରୁଷୀୟମାନେ ମଧ୍ୟ ୧୯୬୦ ଦଶନ୍ଧିରେ ବ୍ୟବହାର କରୁଥିବା ଟେକ୍ନୋଲୋଜିରେ କିଛି ବିକାଶ କରି ତା' ଆଧାରରେ ଏଯାବତ୍ ରକେଟ ଉଡ଼ାଉଛନ୍ତି।

ମହାକାଶ ନୂତନତ୍ୱ ଅନେକ ଦଶନ୍ଧି ହେଲା ମାନ୍ଦା ଥିଲା। କାରଣ ଏଥିପାଇଁ ସରକାରଗୁଡ଼ିକ ଯୋଗାଉଥିବା ପାଣ୍ଠିର ସିଂହଭାଗ ଅନେକ ଜାତୀୟ କାର୍ଯ୍ୟକ୍ରମରେ ଖର୍ଚ୍ଚ କରିଦିଆଯାଉଥିଲା। ଏବେ ଆମେରିକାର ମହାକାଶ ସଂସ୍ଥା ନାସା ପାଇଁ ବଜେଟ ରହିଛି ମାତ୍ର ୨୫ ବିଲିୟନ ଡଲାର। ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ପାଇଁ ବଜେଟ ୧.୫ ବିଲିୟନ ଡଲାର ରଖାଯାଇଛି ; ଯେଉଁଥିପାଇଁ ବିଗତ ଦଶନ୍ଧିରେ ଏହା ଉଲ୍ଲେଖନୀୟ ସଫଳତା ପାଇପାରିଛି। ପ୍ରାୟ ୧୫ ବର୍ଷ ପୂର୍ବେ ଯେତେବେଳେ ସାଟେଲାଇଟ କମ୍ୟୁନିକେଶନ, ଜିପିଏସ୍ ଏବଂ ଇଣ୍ଟରନେଟ ଅର୍ଥ ବ୍ୟବସ୍ଥାକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ନେଇଥିଲେ ସେତେବେଳେ ମହାକାଶ ବିଜ୍ଞାନରେ ପ୍ରଥମ ପରିବର୍ତ୍ତନ ଆସିଥିଲା। ଘରୋଇ କମ୍ପାନୀଗୁଡ଼ିକ ସେତେବେଳେ ପ୍ରଥମେ ସାଟେଲାଇଟ ଓ ପରେ ରକେଟ ନିର୍ମାଣ ପାଇଁ ଟେକ୍ନୋଲୋଜି ବିକାଶ କରିବା ଆରମ୍ଭ କରିଥିଲେ। ଦ୍ୱିତୀୟରେ, ଆମେରିକା ସରକାର ମହାକାଶ ଷ୍ଟାର୍ଟଅପ୍‌ଗୁଡ଼ିକୁ ପାଣ୍ଠି ଯୋଗାଇବା ସହ ସର୍ତ୍ତ ରଖି ସେମାନଙ୍କୁ ରକେଟ ଟେକ୍ନୋଲୋଜି ବିକାଶ କରିବାକୁ ଅନୁମତି ଦେବା ଦ୍ୱାରା ଏକ ପରିବର୍ତ୍ତନ ଘଟିଛି। କଟକଣା ମଧ୍ୟରେ ବି ଘରୋଇ ସେକ୍ଟର ମହାକାଶ କ୍ଷେତ୍ରରେ ନୂଆ ଜୀବନ ପାଇଛି। ଏହା ବ୍ୟତୀତ ପ୍ରାଇଭେଟ ରକେଟ ଦ୍ୱାରା କକ୍ଷରେ ମଣିଷ ପହଞ୍ଚାଇବା ଲାଗି ଆମେରିକା ସରକାର ଦୁଇଟି କମ୍ପାନୀକୁ ପାଣ୍ଠି ଯୋଗାଇବା ପରେ ଆଉ ଏକ ଛୋଟ ମହାକାଶ ଦୌଡ଼ ଆରମ୍ଭ ହୋଇଯାଇଛି। ଏହି ଦୌଡ଼ରେ ବୃହତ୍ କମ୍ପାନୀ ବୋଇଂ ତା'ଠାରୁ କ୍ଷୁଦ୍ର ସ୍ପେସ-ଏକ୍ସ ଆଗରେ ହାରମାନିଛି। ଏବେ ଏହି ଦୁଇଟି କମ୍ପାନୀ ଅନ୍ତତଃ ୫୦ ବର୍ଷ ପୂର୍ବର ଆକାରର ପୁନଃ ବ୍ୟବହାରଯୋଗ୍ୟ ରକେଟ ନିର୍ମାଣ କରୁଛନ୍ତି। ଏଥିରେ ଦୁଇଟି ଲକ୍ଷ୍ୟ ରଖାଯାଇଛି। ପ୍ରଥମରେ ମହାକାଶ କାର୍ଯ୍ୟକ୍ରମର ଖର୍ଚ୍ଚ କମ୍ କରିବା ଏବଂ କକ୍ଷରେ ରଖାଯାଉଥିବା ଜିନିଷର କିଲୋଗ୍ରାମ ପିଛା ଖର୍ଚ୍ଚ କମ୍ ରଖିବା। ଦ୍ୱିତୀୟ ଲକ୍ଷ୍ୟ ହେଉଛି ମାନବବାହୀ ମହାକାଶ ଯାନ ଓ ମଙ୍ଗଳରେ ବସତି ସ୍ଥାପନ। ଯଦି ଅନ୍ୟ ଗ୍ରହରେ ମଣିଷ ଘର କରି ରହେ ତେବେ ଚିନ୍ତା କରନ୍ତୁ ଏହା ପୃଥିବୀରେ କେଉଁଭଳି ପରିବର୍ତ୍ତନ ଆଣିବ। ଅବଶ୍ୟ ଏହା କରିବା କଠିନ।

ଏବେ ମହାକାଶ ଦୌଡ଼ର ବିଜୟୀମାନେ ଟଙ୍କା ରୋଜଗାର (ଘରୋଇ କମ୍ପାନୀ ସ୍ପେସ-ଏକ୍ସର ମୂଲ୍ୟ ଏବେ ୧୦୦ ବିଲିୟନ ଡଲାରରୁ ଅଧିକ) ଏବଂ ମହାକାଶରେ ଏକଚାଟିଆ ପ୍ରଭାବ ବିସ୍ତାର କରିବାକୁ ଟେକ୍ନୋଲୋଜିର ଅଧିକାରୀ ହେବାକୁ ପ୍ରସ୍ତୁତ ହେଉଛନ୍ତି। ଦେଖିବାକୁ ଗଲେ ଗୋଟିଏ ସାଟେଲାଇଟ ଉତ୍କ୍ଷେପଣରେ ଅନେକ ଶହ କୋଟି ଖର୍ଚ୍ଚ ହେଉଛି। ମହାକାଶରେ ମନମୁଖି କାର୍ଯ୍ୟ ବିଶେଷକରି ବ୍ୟବସାୟିକ ଦିଗରେ ଯଥା ସାଟେଲାଇଟ ଲଞ୍ଚିଂ କମ୍ପାନୀ କିମ୍ବା ଦେଶଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହେବା ଦରକାର, ଯେମିତି ଅନ୍ୟମାନଙ୍କ ପାଇଁ ଏହାର କୌଣସି ବିକଳ୍ପ ନ ଥିବ। ବ୍ରିଟେନ୍ ଏବଂ ଜର୍ମାନୀର ଏବେ ମଧ୍ୟ ସାଟେଲାଇଟ ଉତ୍କ୍ଷେପଣ କ୍ଷମତା ନାହିଁ ଏବଂ ସେମାନେ ଆମେରିକାର ଘରୋଇ କମ୍ପାନୀଗୁଡ଼ିକ ଉପରେ ନିର୍ଭରଶୀଳ। ଫ୍ରାନ୍ସର ଆରିଏନ ପ୍ରୋଗ୍ରାମ ଏବେ ନୂଆ ରକେଟ ବିକାଶ କରୁଛି। ଏହି ସବୁ ଘଟଣା ବିଶ୍ୱରେ ମହାକାଶ ଦୌଡ଼କୁ ରୋମାଞ୍ଚକର କରିବାରେ ଲାଗିଛି। ଉକ୍ତ ପୃଷ୍ଠଭୂମି ଆଧାରରେ ଭାରତ ଚନ୍ଦ୍ରରେ ସହଜରେ ରୋଭର ଅବତରଣ କରିବାକୁ ପ୍ରୟାସ କରୁଛି। ଏହି ଚେଷ୍ଟା କରିଚାଲିବ ଏବଂ ଆସନ୍ତା ବର୍ଷ କୌଣସି ଏକ ସମୟରେ କକ୍ଷକୁ ମାନବ ପ୍ରେରଣ କରିବ ବୋଲି ଆଶା କରାଯାଏ। ତେବେ ଚଳିତ ଦଶନ୍ଧି ଶେଷସୁଦ୍ଧା ବିଶ୍ୱରେ କେଉଁ ଦେଶ ଓ କମ୍ପାନୀଗୁଡ଼ିକ ମହାକାଶ ଦୌଡ଼ରେ ବିଜୟୀ ହେଉଛନ୍ତି ସେ ସମ୍ପର୍କରେ ଆମେ ଭଲ ଭାବେ ଅବଗତ ହୋଇପାରିବା। ତେବେ ଭବିଷ୍ୟତରେ କେବଳ ବିଜ୍ଞାନ ଓ ଟେକ୍ନୋଲୋଜି ନୁହେଁ, ବରଂ ସମଗ୍ର ମାନବଜାତି ପାଇଁ ଏହାର ଅର୍ଥ କ'ଣ ରହିବ?

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | 5 | | | | | | |
| 4 | | | | | | | | |
| | | | 6 | 9 | 1 | | | 5 |
| | 6 | | | 8 | | 9 | | 2 |
| 8 | 3 | | | | | | | 7 |
| | | 4 | | | | | | |
| | | | | 2 | 3 | | | 1 |
| 5 | | | | | | | | |
| 9 | | 3 | 4 | | 1 | | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 2 | 6 | 3 | 9 | 8 | 7 | 5 |
| 9 | 6 | 8 | 7 | 5 | 2 | 3 | 4 | 1 |
| 5 | 3 | 7 | 1 | 8 | 4 | 6 | 9 | 2 |
| 3 | 9 | 5 | 2 | 7 | 8 | 1 | 6 | 4 |
| 2 | 8 | 6 | 3 | 4 | 1 | 7 | 5 | 9 |
| 7 | 1 | 4 | 9 | 6 | 5 | 2 | 3 | 8 |
| 8 | 7 | 9 | 5 | 2 | 3 | 4 | 1 | 6 |
| 4 | 5 | 3 | 8 | 1 | 6 | 9 | 2 | 7 |
| 6 | 2 | 1 | 4 | 9 | 7 | 5 | 8 | 3 |

ଗତ କାଲିର ଉତ୍ତର

# ନାସ୍ତିକ କିଏ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସାଧାରଣତଃ ଯିଏ ଭଗବାନ୍‌ଙ୍କଠାରେ ବିଶ୍ୱାସ ରଖେ ତାକୁ ଆସ୍ତିକ ଓ ଯିଏ ବିଶ୍ୱାସକରେ ନାହିଁ ତାକୁ ନାସ୍ତିକ କୁହାଯାଏ। ମାତ୍ର ଭଗବାନ୍ ଜଣେ ବ୍ୟକ୍ତିବିଶେଷ ନୁହନ୍ତି କି ସେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହନ୍ତି ନାହିଁ। ତାଙ୍କୁ ସର୍ବଶକ୍ତିମାନ, ସର୍ବବ୍ୟାପୀ ଓ ସର୍ବଜ୍ଞ ଭାବରେ ବିଶ୍ୱାସ କରାଯାଏ। ଯଦି ଆସ୍ତିକମାନଙ୍କ ଧାରଣା ଠିକ୍ ତା'ହେଲେ ଈଶ୍ୱର ସର୍ବବ୍ୟାପୀ ହୋଇଥିବାରୁ ନାସ୍ତିକମାନଙ୍କ ହୃଦୟରେ ମଧ୍ୟ ଥିବା ସ୍ୱାଭାବିକ। ଏଣୁ ଯୋଗୀ ଶ୍ରୀଅରବିନ୍ଦ କହିଥିଲେ, ''ନାସ୍ତିକ ଆଉ କେହି ନୁହେଁ, ନିଜ ସହ ଲୁଚକାଳି ଖେଳରତ ଥିବା ଭଗବାନ୍।'' ତେବେ ନାସ୍ତିକ ଭଗବାନ୍‌ଙ୍କ ଅସ୍ତିତ୍ୱ ଅସ୍ୱୀକାର କଲାବେଳେ ଭଗବାନ୍ ନିଜେ ହିଁ ତାହା କରୁଛନ୍ତି ଓ ଲୁଚକାଳି ଖେଳ ଖେଳୁଛନ୍ତି। ଯିଏ ଭଗବାନ୍‌ଙ୍କୁ ବାହାରେ କି ନିଜ ଭିତରେ କେଉଁଠି ହେଲେ ଅନୁଭବ କରିନାହିଁ, କେବଳ ଭୟ ଦ୍ୱାରା ପ୍ରଣୋଦିତ ହୋଇ ବା ସଂସ୍କାରବଶତଃ ଭଗବାନ୍ ଅଛନ୍ତି ବୋଲି କହେ ସେ ଅନ୍ୟକୁ ନାସ୍ତିକ ବିଚାର କରେ ଓ ନିଜେ ଖୁସି ଅନୁଭବ କରେ। ଶ୍ରୀମା କହିଛନ୍ତି, ''ଆସ୍ତିକ ନିଜକୁ ନାସ୍ତିକ ତୁଳନାରେ ବଡ଼ ମନେକରେ। କିନ୍ତୁ ସେ ଯାହା ପାଇଛି ତାହା ଭଗବାନ୍‌ଙ୍କ ଏକ ଛାୟାମାତ୍ର। ସେହି ଛାୟାକୁ ଜାବୁଡ଼ି ଧରି ମନେକରେ ସେ ଭଗବାନ୍‌ଙ୍କୁ ଜାଣିପାରିଛି। ସେ ଯଦି ସତରେ ଭଗବାନ୍‌ଙ୍କୁ ଜାଣିଥାନ୍ତା ତେବେ ଏ କଥା ବି ଜାଣନ୍ତା ଯେ ଭଗବାନ୍ ସବୁରି ଭିତରେ ଅଛନ୍ତି। ସେତେବେଳେ ସେ ନିଜକୁ ଅନ୍ୟ ତୁଳନାରେ ବଡ଼ ବୋଲି ଭାବନ୍ତା ନାହିଁ।'' (ଭାଷାନ୍ତର ମନୋଜ ଦାସ)। ପୁନଶ୍ଚ ଭଗବାନ୍‌ଙ୍କୁ ବିଶ୍ୱାସ କରିବା ନାମରେ ମଣିଷମାନେ ଭିନ୍ନ ଭିନ୍ନ ଦେବତାଙ୍କୁ ପୂଜା କରନ୍ତି। ଧର୍ମ ନାମରେ ଅଟ୍ଟାଳିକାମାନ ଗଢ଼ି ଦିଅନ୍ତି। ଦେବତା ଦେବତା ମଧ୍ୟରେ ଅମେଳ ହେଲେ ଗୋଟିଏ ପଟ ଅପର ପଟକୁ ନାସ୍ତିକ ବୋଲି କହନ୍ତି। ଅର୍ଥାତ୍ ଯିଏ ମୋ ଠାକୁରଙ୍କୁ ପୂଜା ନ କରୁଛି ସେ ନାସ୍ତିକ। ୟୁରୋପୀୟ ମଧ୍ୟଯୁଗରେ ମାର୍ଟିନ୍ ଲୁଥର ମହାମାନ୍ୟ ପୋପ୍‌ଙ୍କୁ ନାସ୍ତିକ ବୋଲି କହୁଥିଲେ ଓ ମହାମାନ୍ୟ ପୋପ୍ ଲୁଥରଙ୍କୁ ନାସ୍ତିକ ବୋଲି କହୁଥିଲେ। ଯୁଗେ

ଯୁଗେ ଏହିଭଳି ଧାରଣା ମଣିଷକୁ କବଳିତ କରୁଛି।

ଶ୍ରୀଅରବିନ୍ଦଙ୍କ ମତରେ, ସଂଶୟୀ ଜିଜ୍ଞାସୁ ଓ ସ୍ୱୟଂ ନିଶ୍ଚିତ ନାସ୍ତିକ ମଧ୍ୟ ଆଧ୍ୟାତ୍ମିକ ଅନୁଭୂତିସମ୍ପନ୍ନ ବ୍ୟକ୍ତି। ନାସ୍ତିକମାନେ ପ୍ରଶ୍ନ କରନ୍ତି, ଯଦି ଭଗବାନ୍ ଅଛନ୍ତି ତେବେ ପୃଥିବୀରେ ଏତେ ଦୁଃଖ, କଷ୍ଟ, ଅନ୍ୟାୟ ରହିଛି କାହିଁକି ? ଜୀବନ ସଂଗ୍ରାମରେ ଜଣେ ସତ୍ୟବାଦୀ ପରାଜିତ ହେବାବେଳେ ମିଥ୍ୟାଚାରୀର ବିଜୟ ଓ ସମୃଦ୍ଧି ଘଟୁଛି କାହିଁକି ? ପୁନଶ୍ଚ ଭଗବାନ୍‌ଙ୍କୁ ଯେହେତୁ ଦେଖି ହେଉନାହିଁ କି ତାଙ୍କ କଣ୍ଠସ୍ୱର ଶୁଣି ହେଉନାହିଁ ତାଙ୍କ ଅସ୍ତିତ୍ୱ ସ୍ୱୀକାର କରାଯିବ କିପରି ?



ଏହିଭଳି ସନ୍ଦେହୀ ବ୍ୟକ୍ତି ଯଦି ପ୍ରଶ୍ନସର୍ବସ୍ୱ ନ ରହି ନିଜ ପ୍ରଶ୍ନ ଓ ଅନୁସନ୍ଧିତ୍ସାକୁ ବଜାୟ ରଖେ ତେବେ ତା'ର ଚେତନା କ୍ରମାଗତ ପ୍ରସାରିତ ହୁଏ। ଭଗବାନ୍‌ଙ୍କ ଏକ ନିର୍ଦ୍ଦିଷ୍ଟ ସଂଜ୍ଞାରେ ସେ ପହଞ୍ଚି ନ ପାରିଲେ ମଧ୍ୟ ଏହି ଚେତନାର ପ୍ରସାରଣ ହେଉଛି ଏକ ଆଧ୍ୟାତ୍ମିକ ଅନୁଭୂତି। ପ୍ରାଚୀନ ଭାରତରେ ନାସ୍ତିକତାବାଦଭିତ୍ତିକ ଅନେକ ଗୋଷ୍ଠୀ ଥିଲେ। ଚାର୍ବାକ୍ ଦର୍ଶନ ଓ ଆଜୀବିକ ଦର୍ଶନ (ମହାବୀରଙ୍କ ସମସାମୟିକ ଗୋଶାଳାଙ୍କ ଦ୍ୱାରା ପ୍ରବର୍ତ୍ତିତ) ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। ବୌଦ୍ଧ ଦର୍ଶନ, ଜୈନ ଦର୍ଶନ, ସାଂଖ୍ୟଦର୍ଶନ ମଧ୍ୟ ନିରୀଶ୍ୱରବାଦୀ। ତା'ସତ୍ତ୍ୱେ ଭାରତୀୟ ପରମ୍ପରାରେ ଏଗୁଡ଼ିକ ଦର୍ଶନ ଭାବରେ ଓ ଏହାର ପ୍ରବର୍ତ୍ତକମାନେ ଦାର୍ଶନିକ ଭାବରେ ପରିଗଣିତ ହୋଇଛନ୍ତି। ଆଧ୍ୟାତ୍ମିକତା ଦୃଷ୍ଟିରୁ ଜଣେ ଦେବଦେବୀ ପୂଜାର୍ଚ୍ଚନାରେ ବିଶ୍ୱାସ କରୁ ବା ନ କରୁ ସେ ଯଦି ଏହି ଅସୀମ ସୃଷ୍ଟି ପଶ୍ଚାତରେ ତଥା ସୃଷ୍ଟି ଭିତରେ ନିହିତ ଶକ୍ତିର ସନ୍ଧାନ କରୁଥିବ ସେ ନାସ୍ତିକ ନୁହେଁ। ନିଜ ଅନୁସନ୍ଧିତ୍ସାର ଗୋଟିଏ ପର୍ଯ୍ୟାୟରେ ସେ ହୁଏତ ସମଗ୍ର ସୃଷ୍ଟିକୁ ଏକ 'ଯୋଗାଯୋଗ' ବୋଲି ମନେକରିପାରେ। ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ସେହି 'ଯୋଗାଯୋଗ' ପଛରେ ଏକ ସଚେତନ ଯୋଜନାର ସନ୍ଧାନ ପାଇପାରେ। ଶ୍ରୀଅରବିନ୍ଦଙ୍କ ଭାଷାରେ, ''ବହୁ ସମୟରେ ଆମେ ଦେଖୁ ବ୍ୟକ୍ତିଟିଏ ଓ ସମାଜ ଭିତରେ ନାସ୍ତିକତା ଏକ ଗଭୀରତର ଧର୍ମ ଓ ଆଧ୍ୟାତ୍ମିକ ସତ୍ୟ ଅଭିମୁଖେ ମାର୍ଗର ଭୂମିକା ତୁଲାଇଛି, କେବେକେବେ ଜଣେ ଭଗବାନ୍‌ଙ୍କୁ ଅସ୍ୱୀକାର କରେ ତାଙ୍କୁ ଆବିଷ୍କାର କରିବା ନିମନ୍ତେ ସମସ୍ତ ନିଷ୍ଠାପର ସଂଶୟ ଓ ଅସ୍ୱୀକାରର ପରିଣତିରେ ସେ ଆବିଷ୍କାର ଅନିବାର୍ଯ୍ୟ।'' (ଭାଷାନ୍ତର ମନୋଜ ଦାସ)

ଏକ ଅତିଭୌତିକ ଶକ୍ତିର ଭୟରେ ଯଦି ଜଣେ ମନ୍ଦିର, ମସ୍‌ଜିଦ ବା ଗିର୍ଜା ଯାଇ ଉପାସନା କରେ ତାକୁ ଆସ୍ତିକ କୁହାଯିବ ନାହିଁ ଯେ ପର୍ଯ୍ୟନ୍ତ ସେ ଭଗବାନ୍‌ଙ୍କୁ ଅତ୍ର ତତ୍ର ସର୍ବତ୍ର ଅନୁଭବ ନ କରିଛି। ଅନେକେ ଏଭଳି ଭୟରେ ହେଉ ବା ଅନିଚ୍ଛା ସତ୍ତ୍ୱେ ପରମ୍ପରାକୁ ମାନି ହେଉ ଭଗବାନ୍‌ଙ୍କୁ ବିଶ୍ୱାସ କରନ୍ତି ଓ ଉପାସନା କରନ୍ତି। ସ୍ୱାମୀ ବିବେକାନନ୍ଦ ଏହିଭଳି ଲୋକଙ୍କୁ କପଟୀ କହିଛନ୍ତି। ତାଙ୍କ ମତରେ ଜଣେ କପଟୀ ହେବା ଅପେକ୍ଷା ସ୍ପଷ୍ଟ ନାସ୍ତିକ ହେବା ଶ୍ରେୟସ୍କର। ସେ କହିଛନ୍ତି, ''ନିଜ ଉପରେ ବିଶ୍ୱାସ କର, ତା'ପରେ ତୁମେ ଭଗବାନ୍‌ଙ୍କୁ ବିଶ୍ୱାସ କରିବ।'' ''ଆମର ଧର୍ମରେ ବିଶ୍ୱାସ ନାହିଁ କି ନିଜ ଉପରେ ବିଶ୍ୱାସ ନାହିଁ। ଆମେ ଧାର୍ମିକ ହେବାର ଛଳନା କରୁଛୁ ମାତ୍ର।'' ପୁନଶ୍ଚ ଧର୍ମ କହିଲେ, ଈଶ୍ୱର ବିଶ୍ୱାସ ଓ ଈଶ୍ୱର ଆରାଧନାକୁ ବୁଝାଏ ନାହିଁ, ଏହା ହେଉଛି ଅନୁଭବର ବିଷୟ। ''ଯେ ପର୍ଯ୍ୟନ୍ତ ଆମେ ଏହି ଅନୁଭୂତିକୁ ପ୍ରାପ୍ତ କରିନାହୁଁ ସେ ପର୍ଯ୍ୟନ୍ତ ତଥାକଥିତ ଆସ୍ତିକ ଓ ନାସ୍ତିକ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ।'' ଭଗବାନ୍ ବା ଧର୍ମକୁ ପ୍ରଶ୍ନ କରିବା ଅର୍ଥ ନାସ୍ତିକତା ନୁହେଁ। ବରଂ ଏହା ବିଶ୍ୱାସକୁ ଦୃଢ଼କରେ। କୌଣସି ନିର୍ଦ୍ଦିଷ୍ଟ ନାମଧାରୀ ଆସ୍ତିକ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ନ ହୋଇ ନାସ୍ତିକ ପରିଗଣିତ ହେଲେ ମଧ୍ୟ ଏମାନେ ସତ୍ୟର ଅନୁସନ୍ଧାନୀ। ''ମଣିଷ ସର୍ବଦା ଭ୍ରାନ୍ତିରୁ ସତ୍ୟକୁ ଗତି କରୁନାହିଁ। ସତ୍ୟରୁ ସତ୍ୟକୁ ଗତି କରୁଛି– ନିମ୍ନତର ସତ୍ୟରୁ ଉଚ୍ଚତର ସତ୍ୟ ଆଡ଼କୁ ଗତି କରୁଛି।''

ଭଗବାନ୍‌ଙ୍କ ବିଷୟରେ ଦୁଇଟି ଧାରଣା ଅଛି, ବୈୟକ୍ତିକ ଓ ନୈର୍ବ୍ୟକ୍ତିକ। ଗୋଟିଏ ଧାରଣା ଅନୁଯାୟୀ ଭଗବାନ୍ ସର୍ବଶକ୍ତିମାନ ଓ ଏହି ଜଗତର ସ୍ରଷ୍ଟା ଏବଂ ଅନ୍ୟଟି ହେଉଛି ଆମେ ସମସ୍ତେ 'ସେ'। ନାସ୍ତିକମାନେ ଭଗବାନ୍ ଧାରଣାକୁ ଭ୍ରାନ୍ତ କହୁଥିବାବେଳେ ଜଗତକୁ ସତ୍ୟ ବୋଲି କହନ୍ତି। ସ୍ୱାମୀ ବିବେକାନନ୍ଦ କହନ୍ତି, ''ଯିଏ ଉଭୟ ଜଗତ ଓ ଭଗବାନ୍‌ଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରେ କେବଳ ସେ ନାସ୍ତିକ।'' ଜଣେ ଭଗବାନ୍‌ଙ୍କ ଅସ୍ତିତ୍ୱକୁ ସ୍ୱୀକାର ନ କଲେ ମଧ୍ୟ ଯଦି ନିଜର ଓ ଜଗତର ଅସ୍ତିତ୍ୱକୁ ସ୍ୱୀକାର କରୁଛି ସିଏ ନାସ୍ତିକ ନୁହେଁ। ଯେଉଁମାନେ ନିଜକୁ ନାସ୍ତିକ ବୋଲି ପ୍ରଚାର କରନ୍ତି ସେମାନେ ଅନ୍ତରରେ କେବେ ନାସ୍ତିକ ନ ଥାନ୍ତି। ସେମାନଙ୍କ ନାସ୍ତିକତା କପଟ ମାତ୍ର। କମ୍ୟୁନିଷ୍ଟ ଶାସିତ ରୁଷିଆରେ ପ୍ରାଥମିକ ପାଠ୍ୟକ୍ରମରେ ଧର୍ମର ବ୍ୟାଖ୍ୟା 'ଜନସାଧାରଣଙ୍କ ପାଇଁ ଅଫିମ' ଓ ଭଗବାନ୍‌ଙ୍କ ବ୍ୟାଖ୍ୟା 'ମନଗଢ଼ା ଅଳିକ ଶକ୍ତି' ଭାବରେ ଲିପିବଦ୍ଧ ହୋଇଥିଲା। ଥରେ ଜଣେ ଶିକ୍ଷା ବିଭାଗୀୟ ନିରୀକ୍ଷକ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ କିଛି ପ୍ରଶ୍ନ ପଚାରୁଥାନ୍ତି। ଜଣେ ଛାତ୍ରକୁ ଧର୍ମ ଓ ଭଗବାନ୍‌ଙ୍କ ବ୍ୟାଖ୍ୟା ପଚାରନ୍ତେ ସେ ଉପଯୁକ୍ତ ଉତ୍ତର ଦୁଇଟି ଦେବାରୁ ପ୍ରଶଂସିତ ହେଲା। ନିରୀକ୍ଷକ ଚାଲିଯିବା ପରେ ସେ ତା' ସାଙ୍ଗକୁ ଖୁସିରେ ଚୁପ୍‌ଚୁପ୍ କହିଲା, ''ମୁଁ ଠିକ୍ ଉତ୍ତର ଦେଇଛି। ଭଗବାନ୍‌ଙ୍କୁ ଧନ୍ୟବାଦ।'' ଅଧିକାଂଶ ନାସ୍ତିକ ଏହି ଶ୍ରେଣୀୟ। ବିଶିଷ୍ଟ ବୈଜ୍ଞାନିକ ଆଇନଷ୍ଟାଇନ୍ ମଧ୍ୟ ନିଜକୁ କେବେ ନାସ୍ତିକ କହି ନ ଥିଲେ। ସେ କହୁଥିଲେ, ''ଭଗବାନ୍‌ଙ୍କ ଅସ୍ତିତ୍ୱ ବିଷୟ ପ୍ରଶ୍ନକୁ କେବଳ 'ହଁ ବା ନା'ରେ ଉତ୍ତର ଦେଇହେବ ନାହିଁ। ଏହା ସବୁଠୁ କଷ୍ଟ ବିଷୟ ଓ ଆମର ସୀମାବଦ୍ଧ ମନ ପାଇଁ ଏହି ବିଷୟ ବିଶାଳ ଓ ବ୍ୟାପକ।'' ଏଣୁ ଦୁନିଆରେ ସମ୍ପୂର୍ଣ୍ଣ ନାସ୍ତିକ ବିରଳ।

ମୋ: ୯୪୩୭୩୨୯୨୬୩

# ଚନ୍ଦ୍ରୟାନ-୩ କ୍ୟାପ୍‌ଟେନ୍

ଜହ୍ନମାମୁ। ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ବା ଜହ୍ନକୁ ସମସ୍ତେ ପିଲାଟି ବେଳୁ ଏଭଳି ଚିହ୍ନି ଆସିଛନ୍ତି। ମା'ମାନେ ସନ୍ଧ୍ୟାରେ ଶିଶୁଟିକୁ ତୁନି କରାଇବାକୁ ହେଉ ବା ଖାଦ୍ୟ ଖାଉ ନ ଥିଲେ ଜହ୍ନମାମୁକୁ ଦେଖାଇଥାଆନ୍ତି। ଏବେ ବହୁଦୂରରେ ଥିବା ମାମୁ ନିକଟରେ କ'ଣସବୁ ରହିଛି ତାହାକୁ ଜାଣିବା ଲାଗି ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା ରଖିବା ସ୍ୱାଭାବିକ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ୧୪ ଜୁଲାଇରେ ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୩କୁ ସଫଳତାର ସହିତ ଉତ୍କ୍ଷେପଣ କରିଛି। ଏହି ଯାନ ଭିତରେ ଲ୍ୟାଣ୍ଡର, ରୋଭର ଓ ପ୍ରପଲସନ୍ ମଡ୍ୟୁଲ ରହିଛି। ବୈଜ୍ଞାନିକଙ୍କ ସୂଚନା ଅନୁସାରେ ଆସନ୍ତା ଅଗଷ୍ଟ ୨୩ କିମ୍ବା ୨୪ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଲ୍ୟାଣ୍ଡର ଓ ରୋଭର ପହଞ୍ଚିବ ବୋଲି ଆଶା କରାଯାଉଛି। ସବୁକିଛି ଠିକ୍‌ଠାକ୍ ରହି ଏହି ବୈଜ୍ଞାନିକ ଯନ୍ତ୍ରଗୁଡ଼ିକ ଜହ୍ନପୃଷ୍ଠରେ ଧୀରେ ଓହ୍ଲାଇ ଲକ୍ଷ୍ୟ ସାଧନ ଦିଗରେ ସଫଳ ହେଲେ ମହାକାଶ ବିଜୟର ସୁପର କ୍ଲବ (ଆମେରିକା, ରୁଷିଆ ଓ ଚାଇନା)ରେ ଭାରତ ସାମିଲ ହୋଇପାରିବ। ତେବେ ଏହି ସମଗ୍ର ମିଶନକୁ ପରିଚାଳିତ କରିଥିବା ରତୁ କରିଧଲ ଶ୍ରୀବାସ୍ତବଙ୍କୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଇସ୍ରୋର ସିନିୟର ସାଇଣ୍ଟିଷ୍ଟ ତଥା ଭାରତର ମଙ୍ଗଳ ମିଶନ 'ମଙ୍ଗଳାୟାନ'ର ଡେପୁଟୀ ଅପରେଶନ ଡାଇରେକ୍ଟର ଭାବେ ଦାୟିତ୍ୱ ତୁଲାଇଥିବା ରତୁ ଚନ୍ଦ୍ରୟାନର ମୁଖ୍ୟ ଭାବେ ସଫଳତାର ସହ କାର୍ଯ୍ୟ କରିଥିବାରୁ ସେ ଭାରତର ଅନ୍ୟତମ 'ରକେଟ ଓମେନ୍' ଆଖ୍ୟା ପାଇଛନ୍ତି।

ବ୍ୟକ୍ତିତ୍ୱ



ରତୁ କରିଧଲ ଶ୍ରୀବାସ୍ତବ

୧୩ ଏପ୍ରିଲ ୧୯୭୫ରେ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ରତୁଙ୍କ ଜନ୍ମ। ଏକ ମଧ୍ୟବିତ୍ତ ପରିବାରରେ ସେ ବଢ଼ିଥିଲେ। ତାଙ୍କର ଦୁଇ ଭାଇ ଓ ଦୁଇ ଭଉଣୀ ଥିବାରୁ ପଢ଼ିବା ପାଇଁ ସବୁପ୍ରକାର ସୁବିଧା ପାଇପାରି ନ ଥିଲେ। ସମ୍ବଳର ଅଭାବ କୋଚିଂ ପାଇବାରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା। ତେଣୁ ସେ ମନସ୍ଥ କରିଥିଲେ ଯେମିତି ହେଉ ପଛେ ନିଜେ ପଢ଼ି ଉତ୍କର୍ଷ ଲଭିବେ। ରତୁ ପିଲାବେଳୁ ମହାକାଶମନସ୍କ ଥିଲେ। ସେଥିପାଇଁ ରାତିରେ ସେ ଘଣ୍ଟା ଘଣ୍ଟା ତାରାଭର୍ତ୍ତି ଆକାଶକୁ ଅନାଇ ରହୁଥିଲେ। ଚନ୍ଦ୍ରରେ କଳା ଥିବା ଅଂଶ ପଛର ରହସ୍ୟ କ'ଣ ଜାଣିବାକୁ ଚାହୁଁଥିଲେ। ସେଥିପାଇଁ ସେହି ଦିଗରେ ପ୍ରଚୁର ଅଧ୍ୟୟନ କରୁଥିଲେ। ଯୁବାବସ୍ଥା ସମୟରେ ସେ ବିଭିନ୍ନ ଖବରକାଗଜରେ ମହାକାଶ ସମ୍ବନ୍ଧୀୟ ଲେଖା ଓ ଚିତ୍ର ଦେଖିବା ମାତ୍ରେ ସେଗୁଡ଼ିକୁ ସଂଗ୍ରହ କରି ରଖୁଥିଲେ। ଭାରତର ଇସ୍ରୋ ଏବଂ ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ (ନାସା)ର କାର୍ଯ୍ୟ ଓ ଯାତ୍ରା ଉପରେ ସେ ଦୃଷ୍ଟି ନିବଦ୍ଧ କରିଥିଲେ। 'ଇଚ୍ଛା ଥିଲେ ଉପାୟ ଆପେ ମିଳିବା' ଭଳି ରତୁ ବିଜ୍ଞାନ ପାଠ ପ୍ରତି ଆକର୍ଷିତ ହୋଇଥିଲେ। ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଓ ସ୍ନାତକୋତ୍ତର କରିବା ପରେ ସେ ସେଠାକାର ପଦାର୍ଥ ବିଜ୍ଞାନ ବିଭାଗରେ ଡକ୍ଟରେଟ୍ ପାଠ୍ୟକ୍ରମରେ ନାମ ପଞ୍ଜୀକରଣ କରିଥିଲେ। ସମୟ ଏମିତି ଆସିଥିଲା ସେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ପାଠ ପଢ଼ାଇବାର ସୁଯୋଗ ପାଇଥିଲେ। ପରବର୍ତ୍ତୀ ସମୟରେ ସେ ବାଙ୍ଗାଲୋରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସରେ ଏରୋସ୍ପେସ୍ ଇଞ୍ଜିନିୟରିଂ ପଢ଼ିବାକୁ ଯାଇଥିଲେ। ବିନା କୋଚିଂରେ ଏତେ ଯାଏ ଉଚ୍ଚଶିକ୍ଷା କରିବା ନିଶ୍ଚିତ ଭାବେ ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା।

ରତୁଙ୍କ କର୍ମମୟ ଜୀବନ ଦେଖିଲେ ସେ ୧୯୯୭ରେ ଇସ୍ରୋରେ ଯୋଗ ଦେଇଥିଲେ। ତାଙ୍କ ପାଇଁ ମଙ୍ଗଳାୟାନରେ କାର୍ଯ୍ୟ କରିବା ଥିଲା ବଡ଼ ଦାୟିତ୍ୱ। ସେହି ମିଶନ୍‌ର ଡେପୁଟି ଅପରେଶନ ଡାଇରେକ୍ଟର ଭାବେ ସେ କାର୍ଯ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳାୟାନ ଇସ୍ରୋକୁ ଅନ୍ୟତମ ବୃହତ୍ ସଫଳତା ଆଣିଦେଇଥିଲା। ମଙ୍ଗଳରେ ପହଞ୍ଚିବାରେ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ର ଭାବେ ଗୌରବ ଅର୍ଜନ କରିଥିଲା। ତେବେ ୨୦୧୯ରେ ଭାରତର ଚନ୍ଦ୍ରୟାନ-୨ର ମଧ୍ୟ ରତୁ ମିଶନ ଡାଇରେକ୍ଟର ଥିଲେ। କିନ୍ତୁ ଏହି ମିଶନ୍ ସଫଳତା ପାଇପାରି ନ ଥିଲା। ଚନ୍ଦ୍ରୟାନ-୩ର ମୁଖ୍ୟ ହେବା ତାଙ୍କୁ ଅଧିକ ଦାୟିତ୍ୱ ସମ୍ପନ୍ନ କରିଦେଇଥିଲା। ତାଙ୍କ ନେତୃତ୍ୱରେ ଟିମ୍ ପ୍ରାରମ୍ଭିକ ସଫଳତା ଅର୍ଜନ କରିବା ନିଶ୍ଚିତ ଭାବେ ଗୌରବର ବିଷୟ।

ଏକ ମଧ୍ୟବିତ୍ତ ପରିବାରରୁ ଆସି କଠିନ ଅଧ୍ୟବସାୟ ବଳରେ ରତୁ ମହାକାଶ ଯାତ୍ରାରେ ଗୋଟେ ପରେ ଗୋଟେ ସୋପାନରେ ଉତ୍ତୀର୍ଣ୍ଣ ହୋଇଚାଲିଛନ୍ତି। ୨୦୦୭ରେ ତତ୍କାଳୀନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମଙ୍କ ନିକଟରୁ ସେ 'ଇସ୍ରୋ ୟଙ୍ଗ୍ ସାଇଣ୍ଟିଷ୍ଟ ଆୱାର୍ଡ' ପାଇଥିଲେ। ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରୀ ଭାବେ ସେ ସେଠାରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପାଇବା ପରେ ଆନନ୍ଦିତ ହୋଇଥିଲେ। ଚନ୍ଦ୍ରୟାନ-୩ ମିଶନ୍‌ର କ୍ୟାପ୍‌ଟେନ ଭାବେ କାର୍ଯ୍ୟ କରିଥିବା ରତୁ ଭାରତର 'ରକେଟ ଓମେନ୍' ଭାବେ ପରିଚିତି ହାସଲ କରି ସେ ବର୍ତ୍ତମାନ ଯୁବ ବୈଜ୍ଞାନିକଙ୍କ ପାଇଁ ଆଦର୍ଶ ପାଲଟି ଯାଇଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଟମାଟୋ ଏବେ ଅମୂଲମୂଲ। ଯେଉଁଠି କିଲେ କି ଦୁଇ କିଲେ କିଣିଲେ ବାଧୁ ନ ଥିଲା ଏବେ ୨୦୦ଗ୍ରାମ୍ କିଣିବାବେଳକୁ ଦୁଇ ଥର ଚିନ୍ତା କରିବାକୁ ପଡୁଛି। କିଛି ସପ୍ତାହ ପୂର୍ବରୁ କିଲୋଗ୍ରାମ ପିଛା ୨୦ରୁ ୩୦ ଟଙ୍କାରେ ବିକ୍ରି ହେଉଥିବା ଟମାଟୋ ଏବେ ଦେଶର ବିଭିନ୍ନ ରାଜ୍ୟରେ ୨୦୦ଟଙ୍କା ଅତିକ୍ରମ କରିଛି। ସମାନ ସ୍ଥିତି ଦେଖିବାକୁ ମିଳିଛି ଜମ୍ମୁ-କଶ୍ମୀରରେ। ପୁଞ୍ଚରେ ୧ କିଲୋ ଟମାଟୋ ଦାମ୍ ୨୫୦ ଟଙ୍କା ଛୁଇଁଛି। ସାମ୍ବାରେ ଟମାଟୋ କିଲୋଗ୍ରାମ ପିଛା ୨୩୦ରୁ ୨୪୦ ଟଙ୍କା, କଠୁଆରେ ୨୦୦ ଟଙ୍କା, ଉଦାମପୁର ଓ ରାଜୌରୀରେ ୧୬୦ ଟଙ୍କା, ଜମ୍ମୁ ସହରରେ ୧୬୦ ରୁ ୨୦୦ ଟଙ୍କାରେ ବିକ୍ରି ହେଉଛି। ଏହାକୁ ଲକ୍ଷ୍ୟ କରି ଜମ୍ମୁ-କଶ୍ମୀରରେ କୃଷକମାନଙ୍କୁ ଟମାଟୋ କ୍ଷେତକୁ ପ୍ରାଣୀଙ୍କ ଦାଉରୁ ରକ୍ଷା କରିବା ପାଇଁ ଜଗିବାରେ ଯେତିକି ସମୟ ଦେବାକୁ ପଡୁନାହିଁ ତାହାଠାରୁ ଅଧିକ ସମୟ ଦେଉଛନ୍ତି ଚୋର ଜଗିବାରେ। ଟମାଟୋର ଆକାଶଛୁଆଁ ଦର ଦେଖି ସେମାନଙ୍କୁ ଚୋରି ଭୟ ବେଶି ଘାରିଛି। ଜମ୍ମୁ-କଶ୍ମୀର ପରଗୱାଲର ଗରଖଲ ଗାଁରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ। କୃଷକମାନେ ଲାଠି ଧରି ଗୋରୁ ଓ ଚୋରମାନଙ୍କଠାରୁ ରକ୍ଷା କରିବା ପାଇଁ ଟମାଟୋ କ୍ଷେତକୁ ଦିନ ରାତି ଜଗି ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜୁଲାଇ ୧୯୯୮

- ଅରୁଣାଚଳ ପ୍ରଦେଶର ପଶ୍ଚିମ ସିଆଙ୍ଗ ଜିଲାର ମେରିକା ନିକଟରେ ଏକ ଯାତ୍ରୀବାହୀ ବସ୍ ୟାମ୍‌ଗୋ ନଦୀ ମଧ୍ୟକୁ ଖସିପଡ଼ିବା ଫଳରେ ୪୫ ମୃତ।
- ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ବିଧାୟକ ଯୋଗେନ୍ଦ୍ର ବେହେରା ଓ ଦୁର୍ଯ୍ୟୋଧନ ମାଝି ଜନତାଦଳରୁ ବହିଷ୍କୃତ।
- ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଝାଡ଼ାବାନ୍ତି ରୋଗ ବ୍ୟାପି ୧୮ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଚାରାରୋପଣ ବ୍ୟବସ୍ଥିତ ହେଉ

ମହାଶୟ,
ଆଜିକାଲି ଯେତିକି ପରିମାଣରେ ବୃକ୍ଷ କଟାଯାଉଛି, ଅନ୍ତତଃ ସେତିକି ବୃକ୍ଷ ରୋପଣକରି ତା'ର ରକ୍ଷଣାବେକ୍ଷଣ ପାଇଁ କେହି ଯତ୍ନବାନ୍ ହେଉନାହାନ୍ତି । ବାଡ଼ି ବଗିଚାରେ ଗଛ ଲଗାଇବା ପାଇଁ କାହାର ଉତ୍ସାହ ନାହିଁ । ଏହି କ୍ଷେତ୍ରରେ ସରକାରୀ ଯୋଜନା ସବୁ ଅନେକ ସମୟରେ ବିଫଳ ହେଉଛି । ସହର ହେଉ କି ଗ୍ରାମାଞ୍ଚଳ ସବୁଠି ଅବାଧ ବୃକ୍ଷ କଟା ଚାଲିଛି । ସରକାରୀ ଯୋଜନାରେ ଯେଉଁ ସବୁ ବୃକ୍ଷ ରୋପଣ ହେଉଛି ତାହାକୁ ବଞ୍ଚାଇ ରଖିବା ପାଇଁ କୌଣସି ଆଖିଦୃଶିଆ ଉଦ୍ୟମ ନାହିଁ । ଅବ୍ୟବସ୍ଥିତ ଭାବେ ବୃକ୍ଷରୋପଣ ହେବା ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ଏଣୁ ବର୍ଷାଦିନେ ପର୍ଯ୍ୟାପ୍ତ ପରିମାଣରେ ବ୍ୟବସ୍ଥିତ ଉପାୟରେ ବୃକ୍ଷରୋପଣ ହେଉ । ଯେମିତିକି ବୁଲାଗୋରୁଙ୍କଠାରୁ ସୁରକ୍ଷିତ ରହିପାରିବ ଏବଂ ଭବିଷ୍ୟତରେ ସେହିସବୁ ବୃକ୍ଷ ଅନ୍ୟ କୌଣସି ଜନହିତକାରୀ ଯୋଜନା ରୂପାୟନରେ ବାଧକ ସାଜି ନ ପାରିବେ,ଏଥିପାଇଁ ସରକାରଙ୍କ ସମେତ ଗ୍ରାମ୍ୟ ତଥା ସହରାଞ୍ଚଳବାସୀ ସଚେତନହୋଇ ଏ ଦିଗରେ ଯତ୍ନବାନ୍ ହେବା ବିଧେୟ।

– ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର

## ଚିରନ୍ତନୀ

ଅଚଳ ପ୍ରାଚୀର ଆକାଶେ ଟେକିଛି ଶିର
ସକଳ ଦୁଆର ରୁଦ୍ଧ ହେଲାରେ ବୀର!
ଶୂନ୍ୟ ନୋହିଛି ତୂଣୀରୁ ତୋହର ତୀର
ନିଭିନାହିଁ ଆଶା ବିଶ୍ୱ ବିଜୟ ପାଇଁ
ପଥ କାହିଁ? ପଥ କାହିଁ?
(ପଥ କାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଯୁବଶକ୍ତିଙ୍କୁ ସଶକ୍ତ କରିବା ପାଇଁ ଭଲ ପଦକ୍ଷେପ: ଧର୍ମେନ୍ଦ୍ର

## ବିଶ୍ୱ ଯୁବଦକ୍ଷତା ଦିବସରେ 'ଏଆଇ ଫର୍ ଇଣ୍ଡିଆ ୨.୦'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୫।୭(ଅନିଲ ଦାସ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ନୂଆଦିଲ୍ଲୀଠାରେ ବିଶ୍ୱ ଯୁବଦକ୍ଷତା ଦିବସ ଅବସରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଉପରେ ଏକ ମାଗଣା ଅନ୍‌ଲାଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଏଆଇ ଫର୍ ଇଣ୍ଡିଆ ୨.୦'ର ଶୁଭାରମ୍ଭ କରିଛନ୍ତି । ସେ କହିଛନ୍ତି, ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ, ସ୍ଥାନୀୟ ଭାଷାରେ ଅନ୍‌ଲାଇନ ଟେକ୍ନୋଲୋଜି ଶିକ୍ଷା ଦେଉଥିବା ବୈଷୟିକ ପ୍ଲାଟଫର୍ମ ଗୁଭି, ରାଷ୍ଟ୍ରୀୟ ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଭିଟି) ଏବଂ ଆଇଆଇଟି ମାଡ୍ରାସର ମିଳିତ ଉଦ୍ୟମରେ ପ୍ରସ୍ତୁତ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ । ଏହି ସ୍ୱୀକୃତିପ୍ରାପ୍ତ ଅନ୍‌ଲାଇନ କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁଦକ୍ଷତା କ୍ଷେତ୍ରରେସଶକ୍ତ କରିବ । ଗୁଭି ଏହି କାର୍ଯ୍ୟକ୍ରମକୁ ୯ଟି ଭାରତୀୟ ଭାଷାରେ ପ୍ରସ୍ତୁତ କରିଛି । ପ୍ରଯୁକ୍ତିବିଦ୍ୟା ଶିକ୍ଷାରେ ଭାଷା ପ୍ରତିବନ୍ଧକକୁ ଦୂର କରିବା ଏବଂ ବିଶେଷ ଭାବରେ ଗ୍ରାମାଞ୍ଚଳରେ ଥିବା ଆମ ଯୁବଶକ୍ତିଙ୍କୁ ଭବିଷ୍ୟତରେ ସଶକ୍ତ କରିବା ଦିଗରେ ଏହା ଏକ ଭଲ ପଦକ୍ଷେପ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଗୁଭିକୁ ସମସ୍ତ ଭାରତୀୟ ଭାଷାରେ ପାଠ୍ୟକ୍ରମ




ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାପାନ, ଜର୍ମାନୀ ଭଳି ପ୍ରଗତିଶୀଳ ରାଷ୍ଟ୍ର ଇଂଲିଶ ଭାଷାରେ ସେତେ ସଶକ୍ତ ନୁହନ୍ତି । କିନ୍ତୁ ସେମାନେ ଏଆଇ କ୍ଷେତ୍ରରେ ବହୁତ ସୁଦୃଢ଼ । ତେଣୁ ଇଂଲିଶ ନୁହେଁ ବରଂ ନିଜ ଭାଷାରେ ହିଁ ସବୁ ଶିକ୍ଷା ଓ ଟେକ୍ନୋଲୋଜି କ୍ଷେତ୍ରରେ ପ୍ରାଥମିକତା ଦେବା ଦରକାର । ଏଆଇ ବର୍ତ୍ତମାନ ସବୁ ସ୍ଥାନରେ । ଆଜି ଭାରତର ୟୁପିଆଇ ପେମେଣ୍ଟ ଟେକ୍ନୋଲୋଜି କ୍ଷେତ୍ରରେ ଏକ ଅଭୂତପୂର୍ବ ସଫଳତା ହାସଲ କରିଛି । ଦେଶରେ ଜିଏସ୍‌ଟି ଅଭିବୃଦ୍ଧି ଘଟୁଛି । ଏଥିଯୋଗୁଦେଶଏହିକ୍ଷେତ୍ରରେଦ୍ରୁତଗତିରେ ଆଗକୁ ବଢୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

# ପିସିସି ସଭାପତିଙ୍କୁ ଟାର୍ଗେଟ

■ଆଜି ସେ ଅଛନ୍ତି କାଲି ଆଉ କିଏ ଥିବେ: ମୋକିମ

■ଦଳ ଉର୍ଦ୍ଧ୍ୱରେ କେହି ନୁହନ୍ତି: ଶରତ

ଭୁବନେଶ୍ୱର,୧୫।୭(ଅନିଲ ଦାସ)

କଂଗ୍ରେସରୁ ନିଲମ୍ବନ ନୋଟିସ ପାଇବା ପରେ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ପରୋକ୍ଷରେ ପ୍ରଦେଶ କଂଗ୍ରେସ ସଭାପତିଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ଆମ ଉତ୍ତରରେ ଶୃଙ୍ଖଳା କମିଟି ସନ୍ତୁଷ୍ଟ ହୋଇ ନ ଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଜାଣିବାକୁ ପାଇଛି । ମୁଁ ସେମିତି କିଛି କାର୍ଯ୍ୟ କରିନି, ଯେଉଁଥିରେ ଜଣେ ବିଧାୟକଙ୍କୁ ନିଲମ୍ବନ କରାଯିବ । ମୁଁ କଂଗ୍ରେସ ସହିତ ଅଛି । ଆଜି ଶରତ ପଟ୍ଟନାୟକ ସଭାପତି ଅଛନ୍ତି, କାଲି ଆଉ କିଏ ଥିବେ । କଂଗ୍ରେସ କୌଣସି ବ୍ୟକ୍ତିଗତ ଦଳ ନୁହେଁ, ଏହା ସାମୂହିକ ଦଳ । କାହାପାଇଁ କାହିଁକି କଂଗ୍ରେସ ଛାଡ଼ିବି । ଯଦି ପିସିସି ସଭାପତି ଭାବୁଛନ୍ତି କିଛି ଲୋକଙ୍କୁ ବାହାର କରିଦେଲେ ଦଳ ସୁଦୃଢ଼ ହୋଇଯିବ ତେବେ ଏ ବିଷୟରେ କିଛି କହିବାର ନାହିଁ । ଏ ସମ୍ପର୍କରେ ଦଳ ସହିତ ଆଲୋଚନା କରାଯିବ । କଂଗ୍ରେସକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜାନକୀ–ବସନ୍ତ ଶୀର୍ଷକ ଆଲୋଚନାଚକ୍ର ଆୟୋଜନ କରିଥିଲୁ । ଉକ୍ତ କାର୍ଯ୍ୟକ୍ରମରେ ବହୁ କଂଗ୍ରେସ ନେତା, ପୂର୍ବତନ ସଭାପତି, ବହୁ କର୍ମୀ ଉପସ୍ଥିତ ରହିଥିଲେ । ନେତାଙ୍କ ଭିତରେ ମତାନ୍ତର ମନାନ୍ତର ଥିଲେ ହେଁ ସେମାନେ ୧୯୯୫ରେ କଂଗ୍ରେସକୁ କ୍ଷମତାକୁ ଆଣିଥିଲେ । ଏହା କଂଗ୍ରେସର କାର୍ଯ୍ୟକ୍ରମ ଥିଲା । ଏହି ସମୟରେ ଦଳ ବିରୋଧରେ ସେ କୌଣସି ପ୍ରତିକ୍ରିୟା ରଖି ନ ଥିଲେ ବୋଲି କହିଛନ୍ତି । ଭାଜପା ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରି ଭୋଟ ଦେଇଥିବାରୁ ପିସିସି ସଭାପତି ଦଳୀୟ କମିଟିକୁ ଅଭିଯୋଗ କରିଥିଲେ । ଏହାର କାରଣ ଦର୍ଶାଅ ନୋଟିସ୍ ପାଇ ପୂର୍ବରୁ ଉତ୍ତର ଦିଆଯାଇଥିଲା । ପରେ ଆଉ ଏକ ଅଭିଯୋଗ କରିଥିଲେ । ଏହି ନୋଟିସ୍ ପରେ କାର୍ଯ୍ୟାନୁଷ୍ଠାନ ହୋଇଛି । ଏହାକୁ ଗ୍ରହଣ କରିବା ସହ ଆଗକୁ ଦଳକୁ ସଂଗଠନ କରିବାକୁ କାମ କରିବି ବୋଲି ମୋକିମ କହିଛନ୍ତି । ଅନ୍ୟପକ୍ଷରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଦଳଠାରୁ ଉର୍ଦ୍ଧ୍ୱରେ କେହି ନୁହନ୍ତି । ଦଳ ଯାହା ନିଷ୍ପତ୍ତି ନେବ ଆମେ ଯେଉଁ ପଦବୀରେ ଥାଉନା କାହିଁକି ମାନିବାକୁ ବାଧ୍ୟ । ଏଆଇସିସି ଯାହା ନିଷ୍ପତ୍ତି ନେଇଛି, ଆମେ ତାକୁ ଗ୍ରହଣ କରୁଛୁ । କଂଗ୍ରେସ ଏକ ହୋଇ ଅଛି, ସର୍ବଦା ଏକ ହୋଇ ରହିବ । ଏକଦା ଭାଜପାର ପାର୍ଲାମେଣ୍ଟରେ ୨ ଜଣ ଏମ୍‌ପି ଥିଲେ, ଏବେ ଏହି ଦଳ ଦେଶକୁ ଶାସନ କରୁଛି । ତେଣୁ କିଛି ବି ହବନି ବୋଲି କିଏ କହୁଛି । କାଲି କ'ଣ ହେବ ତା'ର ଭବିଷ୍ୟବାଣୀ କିଏ କରିପାରିବ । ଓଡ଼ିଶାବାସୀଙ୍କ ଆଶୀର୍ବାଦରେ କଂଗ୍ରେସ ୯ରୁ ୯୦ ହେବ ବୋଲି ଆଗରୁ କହିସାରିଛି । ତେଣୁ କ'ଣ କରାଯିବ ତାହା ପରେ ଆଲୋଚନା ହେବ ବୋଲି ଶରତ କହିଛନ୍ତି ।

# ଭାଜପାରେ ବିଜେଡି ନେତା, କର୍ମୀ

**ଭୁବନେଶ୍ୱର,୧୫।୭(ଅନିଲ ଦାସ):** ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ନୀଳାଦ୍ରିପ୍ରସାଦ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ବିଜେଡି ନେତା ପ୍ରଦୀପ କୁମାର ଜାନି, ନାରାୟଣ ସାହୁ, ପୀତବାସ ନାୟକ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଫୁଲ୍ଲ ରାଉତ, ରମେଶ ବେହେରା, ପବିତ୍ର ଜାନି, ଦିଗାମ୍ବର ସାମନ୍ତରାୟ, ଶୁକଦେବ ଲେଙ୍କା ପ୍ରମୁଖ ନିଜ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ଦଳରେ ସାମିଲ କରାଯାଇଛି । ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ରାଜ୍ୟ ସଭାପତି ମନମୋହନ ଏବଂ ସମ୍ବିତ ପାତ୍ର ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ, ଗରିବ କଲ୍ୟାଣ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେହି ନେତାମାନେ ଦଳରେ ସାମିଲ ହୋଇଥିବା କହିଛନ୍ତି । ରାଜ୍ୟରେ ଗଣତନ୍ତ୍ର ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି । ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ରାଜ୍ୟର ବିକାଶରେ ବଡ଼ ବାଧକ ସାଜିଛି । ମୋଦି ସରକାରଙ୍କ ଉପରେ ସାଧାରଣ ଜନତାଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି । ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଭାରତୀୟ ଜନତା ପାର୍ଟି ନିଶ୍ଚିତ ଭାବେ ଡବଲ୍ ଇଞ୍ଜିନ ସରକାର ଗଠନ କରିବ । ଏହି ମିଶ୍ରଣ ପର୍ବ ପାର୍ଟିର ସଙ୍ଗଠନକୁ ଆହୁରି ସୁଦୃଢ଼ କରିବ ବୋଲି ରାଜ୍ୟ ସଭାପତି କହିଛନ୍ତି । ଏହି ମିଶ୍ରଣ ପର୍ବରେ ଖୋର୍ଦ୍ଧା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ବିଜୟ ବିଶ୍ୱାଳ, ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ,ବିଦ୍ୟୁତ୍ କାନ୍ତି, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା,ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଜିତେନ୍ଦ୍ର କୁମାର ଭୋଳ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଗଞ୍ଜାମ ଜିଲା ବିଜେଡି କର୍ମକର୍ତ୍ତା ନିଯୁକ୍ତ

ଭୁବନେଶ୍ୱର,୧୫।୭(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଗଞ୍ଜାମ ଜିଲାର ବିଜେଡି କର୍ମକର୍ତ୍ତା ନିଯୁକ୍ତ କରାଯାଇଛି । ବିଜେଡି ପକ୍ଷରୁ ପ୍ରକାଶିତ ପ୍ରେସ ବିଜ୍ଞପ୍ତି ଅନୁଯାୟୀ, ଗଞ୍ଜାମ ଜିଲା ହିଞ୍ଜିଳି ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ଶିବରାମ ଗୌଡଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଗଞ୍ଜାମ ଜିଲା ବିଜେଡି ସଂଗଠନର ୧୦ ଜଣ ଉପସଭାପତି, ୩ ଜଣ ସାଧାରଣ ସମ୍ପାଦକ ଏବଂ ୯ ସମ୍ପାଦକଙ୍କୁ ନିଯୁକ୍ତି ଦିଆଯାଇଛି । ଜିଲା ବିଜେଡି ମହିଳା ସଂଗଠନରେ ୨ ଜଣ ଉପସଭାନେତ୍ରୀ, ଜଣେ ସାଧାରଣ ସମ୍ପାଦକ ଓ ଜଣେ ସମ୍ପାଦକଙ୍କୁ ନିଯୁକ୍ତି ଦିଆଯାଇଛି । ଜିଲାର ଉପସଭାପତି ଭାବେ ହୃଦୟାନନ୍ଦ ମହାପାତ୍ରୋ, ବିଶ୍ୱନାଥ ମହାରଣା, ମନୋଜ ପୋଲେଇ, ଅଖିଳ ସାବତ, ଅଜିତ ପାତ୍ରୋ, ବିପିନ ପାତ୍ରୋ, ହରିହର ଦଳାଇ, ମହାଦେବ ପଣ୍ଡା, ହୃଷୀକେଶ ପାଢୀ, ଭାଣ୍ଡିରବୀନ୍ଦ୍ର ପୋଚଲିମାଙ୍କୁନିଯୁକ୍ତିଦିଆଯାଇଛି । ସେହିପରି ଜିଲାର ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ଭାବେ ପ୍ରମିଳା ବିଶୋଇ ଓ ରଶ୍ମିତା ବେହେରାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଜିଅ ମହାରଣା ଏବଂ ସମ୍ପାଦକ ଭାବେ ମନସୂରୀ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଛି ।

## ରାଜ୍ୟ ଖବର

# ୪୨ ମେଣ୍ଢାଙ୍କ କ୍ଷତାକ୍ତ ମୃତଦେହ ଠାବ

### ଆରଦାରେ ଅଜଣା ଜନ୍ତୁ ଆତଙ୍କ



ଢେଙ୍କାନାଳ, ୧୫।୭(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ସୋଗରପଶି ପଞ୍ଚାୟତ ଅନ୍ତର୍ଗତ ଆରଦା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ମେଷପାଳକ ସାଧୁଚରଣ ରାଉତଙ୍କ ଗୁହାଳରୁ ୪୨ ମେଣ୍ଢାଙ୍କ କ୍ଷତାକ୍ତ ମୃତଦେହ ଠାବ କରାଯାଇଛି । କୌଣସି ଅଜଣା ଜନ୍ତୁ ଆକ୍ରମଣରେ ମେଣ୍ଢାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି ।

ସାଧୁଙ୍କ କହିବା କଥା, ସେ ୮୦ ମେଣ୍ଢା ପାଳିଥିଲେ । ସବୁଦିନ ପରି ଶୁକ୍ରବାର ସନ୍ଧ୍ୟାରେ ମେଣ୍ଢାଙ୍କୁ ଗୁହାଳରେ ରଖି ଘରକୁ ଯାଇଥିଲେ । ଭୋର୍ ସମୟରେ ଦେଖିବା ବେଳକୁ ୪୨ ମେଣ୍ଢା ମରି ପଡ଼ିଛନ୍ତି । ସେଥିରୁ ୩୮ଟି ମାଈ, ୪ଟି ଅଣ୍ଡିରା । ସମସ୍ତଙ୍କ ପେଟ ଏବଂ ବେକରେ ଗଭୀର କ୍ଷତ ଚିହ୍ନ ରହିଛି । ଭୋର୍ ସମୟରେ ଏହି ଘଟଣା ଘଟିଛି । କୌଣସି ଅଜଣା ଜନ୍ତୁ ମେଣ୍ଢାଙ୍କୁ ଆକ୍ରମଣ କରି ରକ୍ତ ପିଇ ଯାଇଥିବା ସାଧୁଚରଣ କହିଛନ୍ତି । ଅନ୍ୟପଟେ କେତେଜଣ ଗ୍ରାମବାସୀ ଏହା ହେଟା ବାଘ ଆକ୍ରମଣ ବୋଲି ମତ ଦେଇଛନ୍ତି । ଢେଙ୍କାନାଳ ଜିଲାରେ ଏଭଳି ଘଟଣା ପ୍ରଥମ । ଏଥିପୂର୍ବରୁ କଟକ ଜିଲା ନିଆଳି, ବାଲେଶ୍ୱର, ଗଞ୍ଜାମ ଜିଲାରେ ଏଭଳି ଅଜଣାଜନ୍ତୁ ଆକ୍ରମଣ ଆତଙ୍କ ଦେଖାଦେଇଥିଲା ।

ସୂଚନା ପାଇ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଉମ୍ବରୁଧର ସାମଲ, ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଏ ସଂକ୍ରାନ୍ତରେ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ କୁହନ୍ତି, ରାତି ପ୍ରାୟ ୧ଟାରୁ ଭୋର ୪ଟା ମଧ୍ୟରେ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି । ବନ୍ୟପ୍ରାଣୀଙ୍କ ଆକ୍ରମଣରେ ଏଭଳି ଘଟଣା ଘଟିଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି । ଏହାର ତଦନ୍ତ କରି ରିପୋର୍ଟ ପଠାଇବା ପରେ ସରକାରଙ୍କ ପକ୍ଷରୁ ଯାହାକିଛି ପଦକ୍ଷେପ ନିଆଯାଇପାରିବ । ରେଞ୍ଜର କୁହନ୍ତି ମୃତ ମେଣ୍ଢାଗୁଡ଼ିକର ବ୍ୟବଚ୍ଛେଦ କରାଯାଇଛି । ରିପୋର୍ଟ ଆସିବା ପରେ ଯାହାକିଛି କହିହେବ ।


## NAYAGARH KALAPARISADA
At-Panipoila, P.O.- Balugaon,
Dist.- Nayagarh, PIN- 752070 (Odisha)
Regd.No.- 45/2458/04
E-mail: nayagarhkalaparisad@gmail.com

**ADVERTISEMENT**

Online applications are invited in Nayagarh Kalaparisad (A Govt. aided Child Care Institution) for the post of **Counsellor, PT Instructor cum Yoga Trainer, Housekeeper**.

For advertisement details & online application please go to the notification section of www.nayagarhkalaparisad.org

Sd./- Secretary
Nayagarh Kalaparisad

## ROURKELA DEVELOPMENT AUTHORITY
UDITNAGAR, ROURKELA - 769012

No. 862/RDA Dated: 13.07.2023

**PROCLAMATION**

It is hereby informed to the General Public that **Sri Subasish Banerjee, S/o. Late Bachhu Chandra Banerjee** has applied for mutation of **House No. C2L2-44 under CHP-II, Chhend, Rourkela - 15** in his favour consequent upon death of his/her Father **Late Bachhu Chandra Banerjee**. If anybody has got objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary
Rourkela Development Authority

## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/23-24/E-Tender/48, ତା.12.07.2023ରିଖ

(1) ଟେଣ୍ଡର ସଂ. e-Tender-CenKUR-138-2023, ତା.04.07.2023ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଭୁବନେଶ୍ୱରର ଅଧୀନସ୍ଥ ବିଭିନ୍ନ ପୋଲଗୁଡ଼ିକରେ ସମସ୍ତ ଫିକ୍ସଚର ଏବଂ ଫାଷ୍ଟେନିଙ୍ଗ୍ (Fixtures & Fastenings)ଗୁଡ଼ିକ ସହିତ 'H' ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର 490 ଗୋଟି ଷ୍ଟିଲ ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 136.36 ଲକ୍ଷ, EMD : ₹ 2,18,200/-

(2) ଟେଣ୍ଡର ସଂ. e-Tender-EastKUR-139-2023, ତା.04.07.2023ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ପୂର୍ବ ପରିସୀମା ଅଧୀନସ୍ଥ ରିମୋଟ୍ ଅପରେଟେଡ୍ ଭେଇକିଲ୍ (ROV)ର ବ୍ୟବହାର କରି ପୋଲଗୁଡ଼ିକର ପିଅର୍ସ (Piers) ଏବଂ ଏବୁଟମେଣ୍ଟ (Abutments)ଗୁଡ଼ିକର ଜଳମଗ୍ନ ଅଂଶର ପ୍ରସ୍ତାବିତ ପାଣି ତଳ ନିରୀକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 49.60 ଲକ୍ଷ, EMD : ₹ 99,200/-

ଶେଷ ହେବା ଅବଧି : 08 (ଆଠ) ମାସ (କ୍ରମ ସଂ. 1 ପାଇଁ) ଏବଂ 04 (ଚାରି) ମାସ (କ୍ରମ ସଂ. 2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.07.2023ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-347/O/23-24

## ZILLA SWASTHYA SAMITI, DHENKANAL
## DISTRICT PROGRAMME MANAGEMENT UNIT
## NATIONAL HEALTH MISSION

Notice No.2291 Date: 13.07.2023

**EXPRESSION OF INTEREST**

No.E-259:- Sealed EOI documents are invited from reputed agencies/ individuals for providing of vehicles in the district. The details regarding application format, terms and conditions of the EOI may be downloaded from 14.07.2023 onwards from district website i.e. www.dhenkanal.nic.in. The EOI documents shall reach the Office of the CDM & PHO, Dhenkanal latest by 29.07.2023, 03.30 P.M. through Speed Post, Registered Post or Courier only. The EOI documents will be opened on the same date at 04.00 P.M. in the office of the undersigned in the presence of the bidders / authorized representative of the bidders. The undersigned is not responsible for any kind of postal delay and reserves all right to cancel any or all the EOI at any stage of selection / finalization process without assigning any reason thereof. Any typographical error may be exempted.

Sd./- CDM & PHO-cum-District Mission Director, Dhenkanal
OIPR-10059/11/0003/2324

## OFFICE OF THE PRINCIPAL
## GOVT. WOMEN'S COLLEGE, BALANGIR - 767001
Email: womenscollegebalangir@gmail.com

No. 947/GWC Date: 12.07.2023

A Walk-in-Interview for engagement of Guest Faculties against the existing teaching vacancies of Govt. Women's (Degree) College, Balangir for the Academic Session 2023-24 will be held as per the schedule given below. Candidates having a minimum of 55% of marks in the concerned subjects at P.G. Level are eligible to appear the interview. They should produce all the testimonials in original with a set of self-attested copies of the same at the time of interview for verification and evaluation.

| Sl. No. | Date & Day | Time of Reporting | Both U.G. (Arts, Science & P.G. Level | Subjects |
|---|---|---|---|---|
| 1 | 21.07.2023 (Friday) | 10.00 A.M. to 11.00 A.M. | +3 Under Graduate (Arts) | Education, Hindi, History, Journalism & Mass Communication Odia, Philosophy, Sanskrit |
| 2 | 22.07.2023 (Saturday) | 10.00 A.M. to 11.00 A.M. | +3 Under Graduate (Science) | Chemistry, Mathematics, Zoology, Botany & Computer Science |

**N.B.:** Candidates with NET/Ph.D. will be given weightage as per Govt. guidelines.

Sd./- Principal, Govt. Women's College, Balangir

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
At: Ambapua, P.O.- Engineering School, Near Income Tax Office, Berhampur - 760011
(E-Mail: serwbpr2004@yahoo.com, Tel/Fax: 0680-2404287)

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e" - Procurement**
Bid Identification No. Online Tender / 18-2023-24/PMGSY/BPR

No. O-386: The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronics tendering system for construction of roads & bridges under Pradhan Mantri Gram Sadak Yojana in the districts of Ganjam for 03 (Three) number of packages with estimated cost totalling to Rs.6.10 Cr. (Approximate) including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of invitation for Bids through e-procurement Dtd.18.07.2023.
Availability of Bid Documents and mode of submission: The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original bid security in approved form and (c) Original affidavit regarding correctness of information furnished with bid document as per provisions of Clause 4.4 B(a) (ii) of ITB with Chief Construction Engineer, Rural Works Circle, Berhampur//Superintending Engineer/Executive Engineer of the concerned divisions on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.
Last Date/Time for receipt of bids through e-procurement: 01.08.2023 upto 3.00 P.M.
For further details and corrigendum (if any) please log on to **www.pmgsytenders.gov.in**.

OIPR-25071/11/0020/2324 Sd./- Chief Construction Engineer, R.W. Circle, Berhampur

## PRADHAN MANTRI GRAM SADAK YOJANA (PMGSY)
**e-Procurement Notice**

Letter No. 2343 Dt.11.07.2023

No. O-383: The Chief Construction Engineer, R.W. Circle, Cuttack on behalf of Odisha State Rural Road Agency invites the percentage rate bids in electronic tendering system for construction of Bridges under Pradhan Mantri Gram Sadak Yojana in the districts of Cuttack for 02 (Two) number of packages with estimated cost totaling to Rs.5.73 Cr. including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract. Date of release of invitation for Bids through e-procurement Dtd.18.07.2023.
Availability of Bid documents and mode of submission: The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original bid security in approved form and (c) Original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with C.C.E., R.W. Circle, Cuttack on a date not later than three working days after the opening of technical qualification part of the Bid, either by Registered Post or by hand, failing which the bids shall be declared non-responsive.
Summary for key dates is provided below:

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender RWC-11/23 | 18.07.2023 at 10.30 A.M. | 01.08.2023 to 5.00 P.M. | 31.07.2023 upto 5.00 P.M. | 02.08.2023 at 10.30 A.M. | Will be Intimated later on |

Date of submission of original documents such as Original Bid Security, Cost of Bid Document and Affidavit: Dt.02.08.2023 at 11.00 A.M. to 04.08.2023 at 05.00 P.M.
Further details can be seen from the website **www.pmgsytenders.gov.in**.

Sd./- Chief Construction Engineer
Rural Works Circle, Cuttack

OIPR-25097/11/0013/2324

## କାର୍ ଧକ୍କାରେ ୨ବୃଦ୍ଧା ଗୁରୁତର ଆହତ

ଗୁଡଭେଲା,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡାରେ କାର ଧକ୍କାରେ ୨ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ନୂଆଁଦେଇ ଗଡତ୍ୟା(୬୫) ଓ ତୁଳା ଗଡତ୍ୟା(୬୮)। ଶନିବାର ଅପରାହ୍ନରେ ବସନ୍ତ ସାହୁ କାରକୁ ଗାଁରେ ପଛକୁ ନେଉଥିବା ବେଳେ ପଛପଟେ ଥିବା ନୂଆଁଦେଇ ଓ ତୁଳାଙ୍କୁ ଧକ୍କା ହୋଇଥିଲା। ସେମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ନୂଆଁଦେଇଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ ବିକାଶ ହସ୍ପିଟାଲ ନିଆଯାଇଛି। ତୁସୁରା ଥାନାଧିକାରୀ ସଞ୍ଜୀବ ପ୍ରଧାନଙ୍କୁ ପଚାରିବାରୁ ଏ ସମ୍ପର୍କରେ କୌଣସି ଅଭିଯୋଗ ଆସିନାହିଁ ବୋଲି କହିଛନ୍ତି।

**ସଂକ୍ଷେପରେ**

## ବ୍ଲକ ଅଫିସ ସମ୍ମୁଖରେ ଧାରଣା

**ଖପ୍ରାଖୋଲ,୧୫।୭(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବିଡ଼ିଓଙ୍କ କାର୍ଯ୍ୟାଳରେ ସମ୍ମୁଖରେ ଗଣମାଧମ ପ୍ରତିନିଧିମାନେ ଶନିବାର ଧାରଣା ଦେଇଥିଲେ। ଶୁକ୍ରବାର ଖପ୍ରାଖୋଲ ପଞ୍ଚାୟତ ସମିତି ବୈଠକରେ କେତେକ ସାମ୍ବାଦିକ ଫଟୋ ଓ ଭିଡ଼ିଓ କରୁଥିବା ବେଳେ ବିଧାୟକ ସେଠାରୁ ବାହାରକୁ ଚାଲିଯିବାକୁ କହିଥିବା ସେମାନେ ଅଭିଯୋଗ କରିଛନ୍ତି। ବିଧାୟକଙ୍କ ଏପରି ବ୍ୟବହାରରେ କ୍ଷୁବ୍ଧ ହୋଇ ପ୍ରେସ କ୍ଲବ ପାଟଣାଗଡ ନେତୃତ୍ୱରେ ଗଣମାଧମ ପ୍ରତିନିଧି ଧାରଣାରେ ବସିଥିଲେ। ଧାରଣାରତ ଗଣମାଧମ ପ୍ରତିନିଧିଙ୍କୁ ସ୍ଥାନୀୟ ବିଡ଼ିଓ ବିଜୟ କୁମାର ହୋତା, ବ୍ଲକ ଅଧକ୍ଷା ନିରୂପମା ପଟେଲ ବୁଝାଶୁଝା ପରେ ମଧ ବିଧାୟକ କ୍ଷମା ମାଗନ୍ତୁ ବୋଲି ଆଡି ବସିଥିଲେ। ଯାହାଫଳରେ ଅଫିସ କାର୍ଯ୍ୟ ବନ୍ଦ ହେବା ଯାଏ ଧାରଣା ଚାଲିଥିଲା। ପାଟଣାଗଡ ପ୍ରେସ କ୍ଲବ ସଭାପତି ବିଜୟାନନ୍ଦ ଦାସଙ୍କ ନେତୃତ୍ୱରେ ସମ୍ପାଦକ ଆଲୋକ ପାଣିଗ୍ରାହୀ, ଅଜିତ ପୁରୋହିତ, ଦୀପକ ଖମାରୀ, ଅଜିତ ମିଶ୍ର, ଅବିନାଶ ବିଶାଳ, ରୁପେନ୍ଦ୍ର ମୁଣ୍ଡ, ହେମାସାଗର ସାହୁ ଧାରଣା ରେ ବସିଥିଲେ । ପରେ ପାଟଣାଗଡ ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର, ବଂଶୀଧର ସେଠ, ଦିଲିପ ଭୋଇ ପ୍ରମୁଖ ଯୋଗଦେଇଥିଲେ। ସୋମବାର ପୁଣି ଗଣମାଧମ ପ୍ରତିନିଧି ଧାରଣା ଦେବେ ବୋଲି ଜଣାଯାଇଛି।

## ନିରନ୍ତର କୃଷି ଅନୁଭୂତି ସଙ୍କଳନ କର୍ମଶାଳା

**ଲୋଇସିଂହା,୧୫।୭(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା କୃଷି ଓ ସୂଚନା ପରାମର୍ଶ କେନ୍ଦ୍ର ସଭାଗୃହରେ ଏଫଇଏସଓ ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନିରନ୍ତର କୃଷି କାର୍ଯ୍ୟକ୍ରମର ଅନୁଭୂତି ସଙ୍କଳନ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଫଇଏସ୍ ଜିଲା ସଂଯୋଜକ ସୁଜିତ କୁମାର ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏଡିଓ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇଥିଲେ। ମୁଖ୍ୟଅତିଥି ରାସାୟନିକ ସାର ପ୍ରୟୋଗର କୁପ୍ରଭାବ ଓ ଜୈବିକ ପଦ୍ଧତିରେ ଚାଷର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ପାଣିଗ୍ରାହୀ,ଏଫଆଇଏସିର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଖମାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଜତ କୁମାର ପଣ୍ଡା,ଏପିଓ ଜଗତଜିତା ସେଠୀ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ କୃଷକ ସାଥୀ, ସିଏଲଏଫ ସଦସ୍ୟ, ସିଆରିସିଏ ସଭ୍ୟ ନିଜସ୍ୱ ମତ ଉପସ୍ଥାପନା କରିଥିଲେ। ଦେଓଗାଁ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହେନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ୬ ପ୍ରାଥମିକ ଶିକ୍ଷକ ଲେଭଲ ୪ ପ୍ରଧାନ ଶିକ୍ଷକ ପଦକୁ ପଦୋନ୍ନତି

**ଲୋଇସିଂହା,୧୫।୭(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ କାର୍ଯ୍ୟରତ ୬ଜଣ ଲେଭଲ ୫(ବି) ବରିଷ୍ଠ ଶିକ୍ଷକ ଲେଭେଲ ୪ ପ୍ରଧାନଶିକ୍ଷକ ପଦକୁ ପଦୋନ୍ନତି ମିଳିଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ପତ୍ର ସଂଖ୍ୟା ୧୫୯୩/ ତା ୧୪।୭।୨୩ ରିଖରୁ ଜଣାଯାଇଛି। ପଦୋନ୍ନତି ମିଳିଥିବା ଶିକ୍ଷକ ହେଲେ ଲୋଇସିଂହା ବ୍ଲକ କଲୋନୀର ସ୍କୁଲର ଶିକ୍ଷୟିତ୍ରୀ ନନ୍ଦିନୀ ତାଣ୍ଡି, ବୁର୍ଡା ତଲିପଡା ସ୍କୁଲର ଶିକ୍ଷକ ମୁରାସିଂ କୁଅଁର, ବୁଦେଲବାହାଲି ସ୍କୁଲର କାଞ୍ଚନ ମଞ୍ଜରୀ ହନୁମାନ, ସୁଜିଆ ସ୍କୁଲର ମନ୍ଦାକିନି କଲେତ, କଟାଁପାଲି ସ୍କୁଲର ସ୍ନେହଲତା ପଣ୍ଡା ଓ କନ୍ଦାଜୁରୀ ସ୍କୁଲର କୁନ୍ତିଲତା ସାହୁ। ଶନିବାର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଇଓ ରୀନାକୁମାରୀ ବେହେରାଙ୍କ ଉପସ୍ଥିତିରେ କାଉନସେଲିଂ ଅନୁଷ୍ଠିତ ହୋଇଥିଲା। ପଦୋନ୍ନତି ପାଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଜକ୍ଷେତ୍ର ବାଛିଥିବା ଜଣାଯାଇଛି। ସୂଚନାଯୋଗ୍ୟ ଯେ, ଦୁଇଜଣ ଶିକ୍ଷୟିତ୍ରୀ ପଦୋନ୍ନତିକୁ ପ୍ରତ୍ୟାଖାନ କରିଥିବା ଜଣାଯାଇଛି ।


ଖବରଦାତା ସମ୍ମିଳନୀରେ ଡକାୟତମାନଙ୍କୁ ହାଜର କରାଯାଇଛି।


ଡକାୟତମାନଙ୍କଠାରୁ ଜବତ ସାମଗ୍ରୀ

# ଡକାୟତି ଯୋଜନା ପଣ୍ଡ, ଗ୍ୟାଙ୍ଗ୍ର ୫ ଗିରଫ

■ଧରାପଡିଥିବା ୬ଷ୍ଠ ଡକାୟତ ଜଣେ ନାବାଳକ
■ଅଭିଯୁକ୍ତମାନଙ୍କର ଏକାଧିକ ଡକାୟତିରେ ରହିଛି ସମ୍ପୃକ୍ତି

**ସଇଁତଲା, ୧୫।୭ (ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ସଇଁତଲା ଥାନା ପୋଲିସ ଏକ ଡ଼କାୟତି ଯୋଜନାକୁ ପଣ୍ଡ କରିଛି। ଡକାୟତି ଯୋଜନା କରୁଥିବା ୬ ଡ଼କାୟତଙ୍କୁ ଧରିଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛନ୍ତି। ଗିରଫ ଡକାୟତମାନେ ହେଲେ ସଇଁତଲା ଥାନା ଲକ୍ଷ୍ମୀପାଲି ଗ୍ରାମର ଦୁର୍ବାଦଳ ଓରଫ ଜୟସ ଭୋଇ (୨୧), ଢ଼େଙ୍ଗ କଲୋନୀର ରାଜା ଭୋଇ (୨୧), ବୁର୍ଡ଼ା ଗ୍ରାମର ଲୋକନାଥ ଓରଫ ଟିକ ଭୋଇ, ବୁଢ଼ାବାହାଲ ପଞ୍ଚାୟତ ରେମଣ୍ଡା ଗ୍ରାମର ମନୋରଞ୍ଜନ ଓରଫ ରଞ୍ଜନ ବାଗ ଏବଂ ଟିଟିଲାଗଡ଼ ଥାନା ପିଡ୍‌ବ୍ଲୁଡ଼ି କଲୋନୀର ସୁକାନ୍ତ ଓରଫ ଚିଣ୍ଟୁ ମିଶ୍ର। ପୋଲିସ ସେମାନଙ୍କ ନିକଟରୁ ୪ ଗୋଟି ମୋବାଇଲ, ଗୋଟିଏ ବନ୍ଧୁକ, ଦୁଇଟି ଷ୍ଟିଲ ରଡ଼, ଗୋଟିଏ ଲୁହା ରଡ଼, ଲଙ୍କାଗୁଣ୍ଡ, ଲାଇଟର, ଟର୍ଚ୍ଚ ଲାଇଟ, ଗୋଟିଏ ଏସି, ଗୋଟିଏ ଇନଭର୍ଟର, ଗୋଟିଏ ବ୍ୟାଟେରୀ, ନିଶାନ ଦୁଇଟି, ଗୋଟିଏ ତାସା, ଗୋଟିଏ ଢୋଲ, ଏମ୍ପ୍ଲିଫାୟାର ଗୋଟିଏ ଏବଂ ଦୁଇଟି ବାଇକ ନଂ. ଓଡ଼ି.୦୩ -ଟି - ୬୬୯୨ (ଏଚଏଫ ଡ଼ିଲକ୍ସ) ଓ ଓଡ଼ି -୦୮-ବି- ୭୬୦୯ (ଡ଼ିସକଭର) ଜବତ କରିଛି। ଦଫା ୩୯୯, ୪୦୨ ଆଇପିସି ଏବଂ ୨୫ (୧-ବି) (ଏ) ଆର୍ମସ ଧାରାରେ ଏକ ମାମଲା (୧୬୯/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଟିଟିଲାଗଡ଼ ଜେଲକୁ ପଠାଇ ଦିଆଯାଇଛି। ଜଣେ ଅଭିଯୁକ୍ତ ନାବାଳକ ହୋଇଥିବାରୁ ତାଙ୍କୁ ବଲାଙ୍ଗୀର ଜୁଭେନାଇଲ କୋର୍ଟକୁ ପଠାଇ ଦିଆଯାଇଛି। ସଇଁତଲା ଥାନ ପରିସରରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ଏସ୍‌ଡିପିଓ ଅଙ୍କିତା କୁମ୍ଭାର ।

ଏସଡ଼ିପିଓ କୁମ୍ଭାର କହିଛନ୍ତି, ଶୁକ୍ରବାର ରାତି ପ୍ରାୟ ୧ଟା୧୫ରେ ସଇଁତଲା ରେଳଷ୍ଟେଶନ ନିକଟରେ ଥିବା ଖେଳ ପଡ଼ିଆରେ କେତେକ ଯୁବକ ବସି ଡ଼କାୟତି ଯୋଜନା କରୁଥିବା ଖବର ମିଳିଥିଲା। ସଇଁତଲା ଥାନାଅଧିକାରୀ ଅବନୀ କୁମାର ସାହୁ ଏକ ଟିମ ଗଠନ କରି ସେଠାରେ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏସଆଇ ଥବିର ମହାରଣା, ଏଏସଆଇ ଏଲ. ମହାନ୍ତି, ଏ. ନାୟକ, ହାବିଲଦାର ବି. ଭୋଇ, ଶତୃଘନ, ଓଏପିଏଫ ଦିନବନ୍ଧୁ ମୁଦୁଲି, ବିନୋଦ ଗୁଡୁ ପ୍ରମୁଖଙ୍କ ନେଇ ଗଠିତ ଟିମ୍ ଚଢ଼ାଉ କରି ସେଠାରୁ ୬ଜଣଙ୍କୁ ଧରିଥିଲା। ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ଜେରା କରିବାବେଳେ ସେମାନେ ପୂର୍ବରୁ ମଧ୍ୟ ଡ଼କାୟତି କରିଥିବା ଜଣାପଡ଼ିଥିଲା । ପୂର୍ବରୁ ଘଣ୍ଟବାହାଲି କ୍ଲବ ଘରୁ ଓ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଘରୁ ଚୋରି କରିଥିବା ସ୍ୱୀକାର କରିଥିବା କୁମ୍ଭାର କହିଛନ୍ତି।



ଦୁଇ ବାଇକ।

## ଜୈବିକ ପଦ୍ଧତିରେ କୃଷି ପାଇଁ ସଚେତନତା ଜରୁରୀ

**ଗୁଡ଼ଭେଲା,୧୫।୭ (ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନିରନ୍ତର କୃଷି କାର୍ଯ୍ୟକ୍ରମର ଅନୁଭୂତି ସଂକଳନ ଉପରେ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଫଇଏସର ଜିଲା ସଂଯୋଜକ ସୁଜିତ କୁମାର ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ କର୍ମଶାଳାରେ ସ୍ଥାନୀୟ ମାଷ୍ଟର ଟ୍ରେନର ଭାଗବତ ନାହାକ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥିମାନେ ଗଛ ଲଗାଇ ପରିବେଶ ସୁରକ୍ଷାର ବାର୍ତ୍ତାଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ଦୋରା ଯୋଗଦେଇ ଜୈବିକ ପଦ୍ଧତିରେ ଚାଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଡିଓ ଗୁରେଶ୍ୱର ଭୋଇ, ବ୍ଲକ କୃଷି ଅଧିକାରୀ ପ୍ରମୋଦ କୁମାର ବଡପଣ୍ଡା, ସହକାରୀ ଉଦ୍ୟାନ ଅଧିକାରୀ ଗିତିକୃଷ୍ଣା ନାୟକ, ସହକାରୀ ମତ୍ସ୍ୟ ଅଧିକାରୀ ତୃପ୍ତିମୟୀ ନେଗୀ, ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଦୀପ୍ତିମୟୀ ବଢ଼େଇ ଯୋଗଦେଇଥିଲେ। ଉପସ୍ଥିତ କୃଷକ ସାଥି, ସିଏଲଏଫ ସଦସ୍ୟା, ଏମବିକେ, ଅଗ୍ରଣୀ ଚାଷୀ ଯୋଗଦେଇ ଜୈବିକ ପଦ୍ଧତି ଆପଣେଇବାପରେ ନିଜସ୍ୱ ଅନୁଭୂତି ପ୍ରକାଶ କରିଥିଲେ। ପରେ ୪ଟି ଗ୍ରୁପରେ ଭାଗହୋଇ ଏଫଇଏସର କାର୍ଯ୍ୟଧାରା ନେଇ ଦଳଗତ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଦେଓଗାଁ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପାଣିଗ୍ରାହୀ ଓ ସଇଁତଲା ମାଷ୍ଟରଟ୍ରେନର ସୌଦାମିନୀ ସାହୁ ସହଯୋଗ କରିଥିଲେ।


ନିରନ୍ତର କୃଷି କର୍ମଶାଳାରେ ଉପସ୍ଥିତ କର୍ମକର୍ତ୍ତା ।

## ବୃକ୍ଷରୋପଣକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରନ୍ତୁ ଛାତ୍ରୀଛାତ୍ର

**ହରିହର ନୋଡାଲ ହାଇସ୍କୁଲରେ ବନ ମହୋତ୍ସବ**

**ଲୋଇସିଂହା, ୧୫।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ହରିହର ନୋଡଲ ହାଇସ୍କୁଲରେ ବନ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ଶିକ୍ଷକ ଡୋଳାମଣୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ଯୁବନେତା ନିହାର ରଞ୍ଜନ ବେହେରା, ବନାଞ୍ଚଳ ଅଧିକାରୀ ପାଉଲ ହରପାଲ ଅତିଥିଭାବେ ଯୋଗ ଦେଇଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ବର୍ଷା ଅନିୟମିତତା, ଗ୍ରୀଷ୍ମ ବୃଦ୍ଧି ପରି ସମସ୍ୟା ଦେଖାଦେଲାଣି। ଏହାକୁ ସ୍କୁଲସ୍ତରରେ ଛାତ୍ରୀଛାତ୍ରମାନେ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ବ୍ୟାପକ ମାତ୍ରରେ ବୃକ୍ଷରୋପଣ ପାଇଁ ଲୋକଙ୍କୁ ସଚେତନ କଲେ କିଛିକାଂଶରେ ଜଳବାୟୁ ପରିବର୍ତ୍ତନରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସଭାପରେ ଅତିଥି, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରିଥିଲେ। ପରେ ସ୍କୁଲ ପରିସର ଏବଂ ଖେଳପଡିଆରେ ସମୂହ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ଦୁର୍ବାଦଳ ବାଗ, ଶିକ୍ଷକ କରୁଣା କର୍ତ୍ତ, ନରେଶ ଦ୍ୱାରି ପ୍ରମୁଖ ସାମିଲ ହୋଇଥିଲେ।


ବୃକ୍ଷରୋପଣ ଅବସରରେ ଅତିଥି ଓ ଛାତ୍ରୀଛାତ୍ର।

## ୩ ଜଳଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ


ବିଧାୟକ ନରସିଂହ ମିଶ୍ର ଚନ୍ଦନଭାଟି ଗାଁରେ ପାନୀୟ ଜଳଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ସାଲେପାଲିଠାରେ ପ୍ରହରୀ ମଣ୍ଡପ ଉଦ୍‌ଘାଟିତ**

**ବଲାଙ୍ଗୀର,୧୫।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ଚନ୍ଦନଭାଟି ଗ୍ରାମପଞ୍ଚାୟତର ଚନ୍ଦନଭାଟି, ବଘଲା ଓ ସାଲେପାଲି ଠାରେ ତିନୋଟି ପାନୀୟ ଜଳପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ନରସିଂହ ମିଶ୍ର। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ପରବର୍ତ୍ତୀ ସଭାରେ ବିଧାୟକ ମିଶ୍ର ଖୁବ୍ ଶୀଘ୍ର ଏହି ପ୍ରକଳ୍ପରୁ ଏହି ଅଞ୍ଚଳର ଲୋକେ ଘରକୁ ଘର ସ୍ୱଚ୍ଛ ପିଇବା ପାଣି ପାଇପାରିବେ ବୋଲି କହିଥିଲେ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ଏହି ଅଞ୍ଚଳର ସମସ୍ତ ପୁରୁଣା ପିଇବା ପାଣି ପାଇପ ପରିବର୍ତ୍ତନ କରାଯିବ । ଚନ୍ଦନଭାଟି ଓ ବଘଲାଠାରେ ଏହି ପ୍ରକଳ୍ପ ପାଇଁ ୨ ଲକ୍ଷ ଲିଟିର କ୍ଷମତାସମ୍ପନ୍ନ ଭୂତଳ ପାଣି ଟାଙ୍କି ନିର୍ମାଣ ହେବ ତା ସହ ସାଲେପାଲି ଠାରେ ୭୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ଓଭରହେଡ ଟ୍ୟାଙ୍କ, ବଘଲା ଠାରେ ଦେଢ଼ ଲକ୍ଷ ଲିଟିର ଓ ଚନ୍ଦନଭାଟି ଦୁଇ ଲକ୍ଷ ଲିଟିର ବିଶିଷ୍ଟ ଓଭରହେଡ ଟ୍ୟାଙ୍କ ନୂଆ କରି ନିର୍ମାଣ ହେବ । ଏ ତିନୋଟି ପ୍ରକଳ୍ପର ବ୍ୟୟ ଅଟକଳ ୫ କୋଟି ୮୬ ଲକ୍ଷ ୭୦ ହଜାର ଟଙ୍କା ବୋଲି କୁହାଯାଇଛି। ପରେ ଏହି ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ଠାରେ ନବନିର୍ମିତ ପ୍ରହରୀ ମଣ୍ଡପକୁ ବିଧାୟକ ମିଶ୍ର ଉଦ୍‌ଘାଟନ କରିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ସମବେତ ଗ୍ରାମବାସୀ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ ମିଶ୍ରଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମମାନଙ୍କରେ ସ୍ଥାନୀୟ ସମିତି ସଭ୍ୟା ସଙ୍ଗୀତା ପାଣିଗ୍ରାହୀ, ଉମାଶଙ୍କର ପଣ୍ଡା, ବ୍ଲକ୍ କଂଗ୍ରେସ ସଭାପତି ରାମ ପ୍ରସାଦ ମିଶ୍ର, ବରିଷ୍ଠ ନାଗରିକ କପିଳେଶ୍ୱର ପାଣିଗ୍ରାହୀ, ସଂକୀର୍ତ୍ତନ ମେହେର, କୁନା ପାଣିଗ୍ରାହୀ, ପ୍ରକାଶ ବରେଇ, ଦେବ ପ୍ରଧାନ ଉପସ୍ଥିତ ଥିଲେ ।

## ମାନସିକ ଅନଗ୍ରସର ମହିଳାଙ୍କୁ ଉଦ୍ଧାରକଲା ସ୍ୱେଚ୍ଛାସେବୀ ସଂଗଠନ

**ଗୁଡଭେଲା,୧୫।୭ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ହାଇସ୍କୁଲ ନିକଟ ଏକ ଗଛମୂଳେ ଅସହାୟଭାବେ ପଡି ରହିଥିବା ମାନସିକ ଅନଗ୍ରସର ମହିଳାଙ୍କୁ ଶନିବାର ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଚିକିତ୍ସା କରାଇଛି ସ୍ୱେଚ୍ଛାସେବୀ ସଂଗଠନ। ଆଜକୁ ୪ଦିନ ତଳେ ସମ୍ପୃକ୍ତ ମହିଳା ବର୍ଷା ହେଉଥିବା ସମୟରେ ଗାଇବାହାଲକୁ ଆସି ସ୍ଥାନୀୟ ଉନ୍ନିତ ହାଇସ୍କୁଲ ନିକଟ ଏକଗଛମୂଳେ ଆଶ୍ରୟ ନେଇଥିଲେ। ସ୍ଥାନୀୟ କେତେକ ମହିଳା ତାଙ୍କୁ ପଚରାଉଚୁରା କରିବା ସହ ଖାଦ୍ୟ ଦେଇଥିଲେ। ପରେ ସେମାନେ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତାଙ୍କୁ ଯୋଗାଯୋଗ କରି ମହିଳାଙ୍କ ବିଷୟରେ ଅବଗତ କରିଥିଲେ । ସଂଗଠନର ଗୋବିନ୍ଦ ଚନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ଅଜୟ କୁମାର ନାଗ, ରାଜେନ୍ଦ୍ର ପ୍ରସାଦ ସେଠ, ଏମ.ଡି ବବଲୁ ପ୍ରମୁଖ ଆସି ସେବା ରଥ ସାହାଯ୍ୟରେ ବଲାଙ୍ଗୀର ନେଇଥିଲେ।

## ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ, ଉତ୍ତେଜନା

**ଭବାନୀପାଟଣା,୧୫।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଜେଲ ଛକ ନିକଟରେ ଶନିବାର ରାତିରେ ଏକ ଘରୋଇ ବସ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିକଟସ୍ଥ ରିଷଗାଁର କାହ୍ନୁ ନାଏକ ବୋଲି ଜଣାପଡିଛି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଜଗଦଲପୁରରୁ ଗୁପ୍ତା ନାମକ ଏକ ଘରୋଇ ବସ ରାତି ୯ଟାରେ ଭବାନୀପାଟଣାକୁ ଆସୁଥିବାବେଳେ ସହର ଜେଲ ଛକଠାରେ ବାଇକ ଆରୋହୀ କାହ୍ନୁଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ବସ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନରେ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।



ଦୁର୍ଘଟଣା ସ୍ଥଳରେ ଉତ୍ତେଜିତ ଲୋକେ।

## ରାଜ୍ୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଫାଇନାଲ ଆଜି

**ବଲାଙ୍ଗୀର,୧୫।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମଠାରେ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଏବଂ ଜିଲା ବ୍ୟାଡମିଣ୍ଟନ ସଂଘ ମିଳିତ ଆୟୋଜନକ୍ରମେ ଚାଲିଥିବା ଓସବା ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତାର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହେବ। ଚୂଡାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ସମସ୍ତ ର୍‍ୟାଙ୍କିଙ୍ଗ୍ ଖେଳାଳି ଫାଇନାଲ ଖେଳିବେ। ଶନିବାର ଦ୍ୱିତୀୟ ଦିନରେ ସମସ୍ତ ବର୍ଗରେ ର୍‍ୟାଙ୍କିଙ୍ଗ୍ ଖେଳାଳିମାନେ ଚୂଡାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଫଳରେ ଫାଇନାଲ ଖେଳରେ ସମସ୍ତ ବର୍ଗରେ ଟାଇଟଲ ପାଇଁ ଜୋରଦାର ଲଢେଇ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି।

ଦ୍ୱିତୀୟ ଦିନ ଖେଳସୂଚୀ ଅନୁଯାୟୀ ସକାଳ ୯ଟାରେ ଆରମ୍ଭ ହୋଇଥିବା ପୁରୁଷ ଏକକ ବିଭାଗରେ ଆର୍ଯ୍ୟା ମାଝି, ଅମୀୟ କୁମାର, ଅମ୍ରିତ ମହାନ୍ତି, କାନୁରି ମୁରଲୀ କ୍ରିଷ୍ଣା, ଆୟୁଷ ଦାଶ, ସ୍ୱାଧୀନ ଗୌଡ, ଅଭିଜିତ ମହାରଣା ଓ ବିକ୍ରାନ୍ତ ଜାନୀ ଚମତ୍କାର ଖେଳ ପ୍ରଦର୍ଶନ କରି ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲେ। ମହିଳା ଏକକ ବିଭାଗରେ ରାଶେଶ୍ୱରୀ ଖୋର, ଇସାନୀ ସାହୁ, ସିରିନ ସାଲିକ, ମନୋଲିନା ମହାରଣା, ଅମିତା ଘୋଷ ନିଜର ମ୍ଯାଚ ଜିତି ପରବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ମିଶ୍ରିତ ଯୁଗଳ ବର୍ଗରେ ଆୟୁଷ ଦାଶ ଓ ପୂର୍ବା ପ୍ରତ୍ୟାଶା, ଅମ୍ରିତ ମହାନ୍ତି ଓ ଶ୍ରୁତି ସ୍ୱାଇଁ, ଅଭିଜିତ ମହାରଣା ଓ ହର୍ଷିତା ରାଉତ, ସିରିନ ସଲିକ ଓ ତନ୍ମୟ ସାହୁଙ୍କ ଯୋଡି ସେମିଫାଇନାଲ ଟିକଟ ଉପରେ କବଜା କରିଥିଲେ। ପୁରୁଷ ଯୁଗଳରେ ସମସ୍ତ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଅମ୍ଳାନ ଗଡନାୟକ ଓ ତନ୍ମୟ ସାହୁ, ଆଶିଷ ମିଶ୍ର ଓ ସୁମନ୍ତ ମହନ୍ତ, ଆର୍ଯ୍ୟା ମାଝି ଓ ମୁରଲୀ କ୍ରିଷ୍ଣା, ଅମୀୟ କୁମାର ଓ ଅନିର୍ବାନ ମଣ୍ଡଲ, ଡି ମନିକାନ୍ତ ଓ ସିର୍ଦ୍ଧାଥ ନାୟକ, ଅଭୟ ମହାରଣା ଓ ଶୁଭମ ଦାଶ, ଅଭିଜିତ ମହାରଣା ଓ ଅମ୍ରିତ ମହାନ୍ତି ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଚମତ୍କାର ଖେଳ ପ୍ରଦର୍ଶନ କରି ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ପ୍ରତିଯୋଗିତାରେ ବିଜୟ ବାଗ ଚିଫ ରେଫରି ଓ ମନରଞ୍ଜନ ଦାଶ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଉ ଥିବାବେଳେ ସାରା ରାଜ୍ୟରୁ ବଛା ବଛା ୧୮ ଜଣ ଓସବା ସ୍ୱୀକୃତୀପ୍ରାପ୍ତ ଅମ୍ପେୟାର ଖେଳ ପରିଚାଳନା କରୁଛନ୍ତି। ରବିବାର ଅପରାହ୍ଣ ୪ଟାରୁ ସମସ୍ତ ବିଭାଗର ଫାଇନାଲ ଖେଳ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।



ଦ୍ୱିତୀୟ ଦିନ ଚାଲିଥିବା ମ୍ୟାଚର ଏକ ଦୃଶ୍ୟ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

**ଭେଡ଼େନ, ୧୫।୭ (ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ଉପରିପଡ଼ା ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ଗୁଡ଼ିଆ ବନ୍ଧ ପୋଖରୀରେ ବୁଡି ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ଘଟିଛି । ସେ ହେଲେ ଜୟସିଂ ସା(୪୫)। ମଧ୍ୟାହ୍ନରେ ସେ ଘରୁ ଗାଧୋଇ ଯିବାକୁ କହି ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ସନ୍ଧ୍ୟାରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଭେଡ଼େନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ପ୍ରିୟମ୍ବଦା ବିଏଏମ୍‌ଏସ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଟପ୍ପର



**ପାଇକମାଲ, ୧୫।୭(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ନୃସିଂହନାଥସ୍ଥିତ ଆୟୁର୍ବେଦ ମହାବିଦ୍ୟାଳୟର ଶେଷବର୍ଷର ଛାତ୍ରୀ ପ୍ରିୟମ୍ବଦା ରଥ ବିଏଏମଏସ(ବ୍ୟାଚେଲର ଅଫ ଆୟୁର୍ବେଦିକ ମେଡିସିନ ଆଣ୍ଡ ସର୍ଜରୀ)ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ତାଙ୍କର ଏହି କୃତିତ୍ୱ ମହାବିଦ୍ୟାଳୟର ଗୌରବ ବଢାଇଛି। ସେ ସଂସ୍କୃତ ଶିକ୍ଷକ ସ୍ୱର୍ଗତ ଆଶୁତୋଷ ରଥଙ୍କ ଝିଅ। ପ୍ରିୟମ୍ବଦା ୨୦୧୮ ମସିହାରୁ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟରେ ପ୍ରଥମ ବର୍ଷଠାରୁ ୨୦୨୩ ଶେଷବର୍ଷ ପର୍ଯ୍ୟନ୍ତ ପ୍ରତି ବର୍ଷ ଟପ୍ପର ହୋଇଛନ୍ତି। ସେ ଡିଷ୍ଟିଙ୍କସନ ପାଇଛନ୍ତି। ପ୍ରିୟମ୍ବଦାଙ୍କ ଏହି ସଫଳତା ପାଇଁ ଆୟୁର୍ବେଦ ମହାବିଦ୍ୟାଳୟର ସମ୍ପାଦକ ମନୋଜ ତ୍ରିବେଦୀ, ପରିଚାଳନା କମିଟି ସଭାପତି ସତ୍ୟଭୂଷଣ ସାହୁ ଓ ଅଧାପିକାଅଧାପକମାନେ ତାଙ୍କୁ ସାଧୁବାଦ ଜଣାଇଛନ୍ତି ।

### ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ):** ରଗଡ଼ ବ୍ଲକ ଅନ୍ତର୍ଗତ ସରସରା ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ଉକ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ଅଧ୍ୟାପକ ପ୍ରମୋଦ ଭୋଇ ଏବଂ ଆକାଉଣ୍ଟାଣ୍ଟ ମିତ୍ରଭାନୁ ଗଡ଼ତିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଭାସ୍କର ସାହୁ, ସମ୍ପାଦକ କରୁଣାକର ସାହୁ, ବରିଷ୍ଠ ସଦସ୍ୟ ସୂର୍ଯ୍ୟଉଦେ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ଦମୟନ୍ତି କର, ରାଜଶ୍ରୀ ମିଶ୍ର, ଅଧ୍ୟାପକ ଡାକ୍ତର ସାହୁ, ସୁରେନ୍ଦ୍ର କୁମାର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପୁରାତନ ଛାତ୍ର ସୁବଳ ଭୋଇ, ବାବୁଲାଲ ମହାପାତ୍ରଙ୍କ ସମେତ ଗ୍ରାମବାସୀଙ୍କ ତରଫରୁ ସୁରେନ୍ଦ୍ର ପ୍ରଧାନ, ଡା. ଦିଲ୍ଲୀପ କୁମାର ଭୋଇ, ପରମାନନ୍ଦ ଭୋଇ, ଦଧିବାବନ ପ୍ରଧାନ, ଡ. ବ୍ରଜକୃଷ୍ଣ ମିଶ୍ର ପ୍ରମୁଖ ଯୋଗଦେଇ ୨କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ବହି ସଭିଙ୍କ ସୁଖଦୁଃଖର ସାଥୀ

**ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ)**



ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

**ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ**

ବହି ମଣିଷର ପ୍ରକୃତ ବନ୍ଧୁ। ବହି ମଣିଷ ସହିତ କଥା ହୁଏ। ବାଟ ବି ଦେଖାଏ ଏବଂ ସୁଖଦୁଃଖର ସାଥୀ ହୁଏ। ଯିଏ ବହି ସହିତ ବନ୍ଧୁତା ବାନ୍ଧିଛି, ସେ ଜୀବନରେ କେବେ ହାରିବା ଜାଣି ନାହିଁ। ତେଣୁ ବହି ସହିତ ବନ୍ଧୁତା ସ୍ଥାପନ କରିବାକୁ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଆନୁକୂଲ୍ୟରେ ଆୟୋଜିତ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ସ୍ଥାନୀୟ ଡାଙ୍ଗ ଛକସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେଣୁ ଦାଶ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ପୁସ୍ତକ ମନୁଷ୍ୟର ଉପଯୁକ୍ତ ବନ୍ଧୁ। ଜୀବନର ଉନ୍ନତିରେ ପୁସ୍ତକ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରେ। ଫଳରେ ପୁସ୍ତକ ସହିତ ବନ୍ଧୁତା ସ୍ଥାପନ କରିବାକୁ ସେ ଆହ୍ୱାନ କରିଥିଲେ। ସେହିପରି ଅବସରପ୍ରାପ୍ତ ଶିକ୍ଷକ ଡାକ୍ତର ଭୋଇ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପାଣିଗ୍ରାହୀ, ସାମାଜିକ କର୍ମୀ ସଂଘମିତ୍ରା ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁସ୍ତକ ପଠନର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ବ୍ରଜକୁମାରୀ ନାୟକ, ସସ୍ମିତା ମାଝୀ, ମୋନାଲିସା ଗଡ଼ତିଆ ପ୍ରମୁଖ ନିୟମିତ ପାଠାଗାର ଯାଇ ପଠନ ପ୍ରବୃତ୍ତି ଜାରି ରଖିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉଦାହରଣ ମାଧ୍ୟମରେ କହିଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ ନିଜ ଜୀବନର ଘଟଣା ବର୍ଣ୍ଣନା ପୂର୍ବକ ପୁସ୍ତକର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପୁସ୍ତକ ବିପଦ ଆପଦରେ ମଧ୍ୟ ସହାୟକ ହୁଏ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ଛାତ୍ରୀଛାତ୍ର ଆୟୋଜିତ ପୁସ୍ତକ ପଠନ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ପୁସ୍ତକ ମଧ୍ୟରୁ ପସନ୍ଦ ମୁତାବକ ପୁସ୍ତକ ପଠନ କରି ପାଠକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ଧରିତ୍ରୀ ରାଉତ, ପ୍ରାଚୀ ଭୋସାଗର, ସଞ୍ଚିତା ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିବାବେଳେ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ପାଣିରେ ବୁଡ଼ି ଚାଷୀ ମୃତ

**ବରପାଲି, ୧୫।୭ (ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଥାନା ଅନ୍ତର୍ଗତ ଝୁଲପିଆପାଲି ଗ୍ରାମର ଜଣେ ଚାଷୀ ପାଣିରେ ବୁଡି ମୃତ୍ୟୁ ଘଟିଛି। ମୃତକ ହେଲେ ଠାକୁର ପ୍ରସାଦ ସାହା(୪୨)। ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ବିଲରୁ କାମ ସାରି ଘରକୁ ଆସିବା ପରେ ଗାଁ ନିକଟ କେନାଲକୁ ଗାଧେଇବା ପାଇଁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ କେନାଲ ପାଖକୁ ଯାଇଥିଲେ। ସେତେବେଳେ ପାଣିରେ ଠାକୁରଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ବରପାଲି ସରକାରୀ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ସ୍ତ୍ରୀ କନକ ମଞ୍ଜରୀ ବରପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବରପାଲି ଥାନା ପୋଲିସ ଏକ ମାମଲା ରୁଜୁ କରି ଶନିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି।

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

**ଭେଡ଼େନ,୧୫।୭ (ସୁଦନ ମହାକୁର )**

**ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗ**

- ପ୍ରସ୍ତୁତି, ଯୋଗାଣ ଦାୟିତ୍ୱ ଜିଲାସ୍ତରୀୟ ଅଧିକାରୀ ଦେଇଛନ୍ତି:ସିଡ଼ିପିଓ
- ବଦନାମ କରିବା ଉଦ୍ଦେଶ୍ୟରେ ଅଭିଯୋଗ ହେଉଛି: ଏସ୍‌ଏଚ୍‌ଜି ସମ୍ପାଦିକା

ବରଗଡ଼ ଜିଲା ଭେଡ଼େନ ବ୍ଲକରେ ନିମ୍ନମାନର ଛତୁଆ ଯୋଗାଣ ହେଉଥିବା ଅଭିଯୋଗ ହେଉଛି। ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବ୍ଲକର ଭେଡ଼େନ, ଲୁହାଖଣ୍ଡି, ଅରେଇଗୁଡ଼ି, ରେଶମ, ଅଇଁଲାପାଲି, କୁବେଡ଼େଗା, ତାଲମେଣ୍ଡା, ଅର୍ଜୁଣ୍ଡା, ସଂକ୍ରୀଡ଼ା, ରେମଣ୍ଡା ଏବଂ ସୁନାଲରମ୍ଭା ଆଦି ୧୧ଟି ପଞ୍ଚାୟତକୁ ଏକ ସ୍ୱୟଂ ସହାୟକ ଜୟ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀ ଆଜକୁ ୧୨ ବର୍ଷ ହେଲା ଛତୁଆ ଯୋଗାଣ କରି ଆସୁଛି। ମାତ୍ର ତାହା ଅତି ନିମ୍ନମାନର ଓ କମ୍ ଓଜନ ରହୁଥିବା ଅଭିଯୋଗ ହେଉଛି । ଗତ ୨୦୧୬-୧୭ ମସିହାରେ ଛତୁଆର ମାନ ଓ ଓଜନରେ କମ୍ ହେଉଥିବା ଅଭିଯୋଗ ପରେ ତତ୍କାଳୀନ ସିଡ଼ିପିଓ ଉକ୍ତ ସଂସ୍ଥାକୁ ଛତୁଆ ଯୋଗାଣରୁ ବାଦ୍ ଦେଇଥିଲେ। ମାତ୍ର ସେମାନେ ଉତ୍ତମ ମାନର ଛତୁଆ ଯୋଗାଇବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ପୁନର୍ବାର ବଣ୍ଟନ ଦାୟିତ୍ୱ ଦିଆଯାଇଥିଲା। ହେଲେ ଛତୁଆ ପ୍ରସ୍ତୁତି ଓ ଯୋଗାଣରେ କୌଣସି ସୁଧାର ଆସି ନ ଥିଲା। ସରକାରଙ୍କ ପକ୍ଷରୁ ଛତୁଆ ପ୍ରସ୍ତୁତି ପାଇଁ ଯେଉଁମାନ ନିର୍ଦ୍ଧାରଣ କରାଯାଇଛି ତାହା ପାଳନ କରାଯାଉନାହିଁ। ଛତୁଆରେ ଚଣା, ବାଦାମ, ଚିନି ଆଦି ମିଶ୍ରଣ ହେଉନାହିଁ। କେବଳ ଗହମ ଗୁଣ୍ଡକୁ ପ୍ୟାକେଟ କରାଯାଇ ଯୋଗାଣ କରାଯାଉଛି। ଉକ୍ତ ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ଛତୁଆ ମହିଳା ଓ ଶିଶୁଙ୍କୁ ରୋଗାକ୍ରାନ୍ତ କରୁଥିବା ଭେଡ଼େନ ସରପଞ୍ଚ ଅକ୍ଷୟ ନାଏକ ଲିଖିତଭାବେ ସିଡ଼ିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ଯୋଗାଣ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ସମ୍ପାଦିକ କୌଶଲ୍ୟା ବେହେରାଙ୍କୁ ପଚାରିବାରୁ ଛତୁଆର ମାନ ଓ ଓଜନ ଠିକ୍ ରହିଛି। ମାତ୍ର କେତେକ ବଦନାମ କରିବା ଉଦ୍ଦେଶ୍ୟରେ ଏଭଳି ଅଭିଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଭେଡ଼େନ ସିଡ଼ିପିଓ ଅଲଫ୍ରାନ୍ସ ଟେଟେଙ୍କୁ ପଚାରିବାରୁ ଛତୁଆ ପ୍ରସ୍ତୁତି ଓ ଯୋଗାଣ ପାଇଁ ଉକ୍ତ ସଂସ୍ଥା ଜିଲାସ୍ତରୀୟ ଅଧିକାରୀଙ୍କଠାରୁ ଦାୟିତ୍ୱ ପାଇଛନ୍ତି । ମୁଁ ସେଥିରେ କ'ଣ କରିପାରିବି ବୋଲି ସେ କହିଛନ୍ତି।

# ସୁରକ୍ଷିତ ବ୍ୟବହାର ଗ୍ୟାସଜନିତ ଦୁର୍ଘଟଣା ରୋକିବ

**ବରପାଲି,୧୫।୭(ଚିତ୍ତରଞ୍ଜନ ସାହୁ)**

ହିନ୍ଦୁସ୍ଥାନ କର୍ପୋରେଶନର ୪୯ତମ ଫାଉଣ୍ଡେସନ ଡେ ପାଳିତ ହୋଇଛି। ଏହି ଅବସରରେ ବରପାଲି ହିନ୍ଦୁସ୍ଥାନ କର୍ପୋରେଶନର ଗ୍ୟାସ ଡିଲର ଶ୍ରୀସାଇ ଗ୍ୟାସ ଏଜେନ୍ସି ପକ୍ଷରୁ ବରପାଲି ଜେଡି ଦାଶ ମହିଳା ମହାବିଦ୍ୟାଳୟରେ ଏଲପିଜି ପଞ୍ଚାୟତ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ମହିଳା ମହବିଦ୍ୟାଳୟ ଅଧକ୍ଷା ପଦ୍ମିନୀ ଦାଶ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ। ଗ୍ୟାସର ସୁରକ୍ଷିତ ବ୍ୟବହାରରେ ଗ୍ୟାସଜନିତ ଦୁର୍ଘଟଣା ରୋକି ହେବ ବୋଲି ଗ୍ୟାସ ଡିଲର ବାଲ କିଶୋର ଖାଡଙ୍ଗା ପ୍ରକାଶ କରିଥିଲେ। ଏଲପିଜି ପଞ୍ଚାୟତ ପରେ ଛାତ୍ରୀମାନଙ୍କ ମନୋରଞ୍ଜନ ପାଇଁ ଖାଡଙ୍ଗା ମ୍ୟାଜିକ ଖେଳ ପ୍ରଦର୍ଶନ କରିଥିଲେ।

# ଭାଜପା ରାଜ୍ୟ ସଭାପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି



ବୈଠକରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

**ପାଇକମାଲ,୧୫। ୭( ବଡ ଶତପଥୀ)**

ଆସନ୍ତା ୧୮ ତାରିଖ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପଦ୍ମପୁର ଅଞ୍ଚଳ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଏକ ପ୍ରସ୍ତୁତି ବୈଠକ ପାଇକମାଲଠାରେ ଶନିବାର ଜିଲା ଉପ ସଭାପତି ସରୋଜ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୮ ତାରିଖ ପଦ୍ମପୁର ଗୋରୁ ବଜାର ପଡିଆରେ ଅନୁଷ୍ଠିତ ହେବାକୁ ଥିବା ପଦ୍ମପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ସଂଯୁକ୍ତ ମୋର୍ଚ୍ଚାର ସମାବେଶରେ ରାଜ୍ୟ ସଭାପତି ସାମଲ ଯୋଗଦେବେ। ରାତିରେ ତାଙ୍କର ନୃସିଂହନାଥଠାରେ ରହଣି କାର୍ଯ୍ୟକ୍ରମ ରହିଛି। ୧୮ ତାରିଖ ସକାଳେ ନୃସିଂହନାଥ ମନ୍ଦିର ଦର୍ଶନ ପରେ ପାଇକମାଲ ଧର୍ମଶାଳାଠାରେ ଅଞ୍ଚଳର ବିଭିନ୍ନ ମାନଗଣ୍ୟ ବ୍ୟକ୍ତିଙ୍କ ସହ ଚର୍ଚ୍ଚା କାର୍ଯ୍ୟକ୍ରମ ରଖାଯାଇଛି । ବୈଠକରେ ପୂର୍ବତନ ବିଧାୟକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ,ବୋଡାସମ୍ବର ଜମିଦାର ତଥା ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଗୋବର୍ଦ୍ଧନ ଅଗ୍ରୱାଲ, ଝାରବନ୍ଧ ମଣ୍ଡଳ ସଭାପତି ଚିନ୍ତାମଣି ରାଉତ, ମାଣ୍ଡୋସିଲ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ପାଇକମାଲ ମଣ୍ଡଳ ସଭାପତି କୈଳାସ ଦିଶ୍ରୀ, ଲଖମରା ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ନିଳିମା ପଟେଲ, କୃଷକ ମୋର୍ଚ୍ଚା କୋଅର୍ଡିନେଟର ଯୋଗେନ୍ଦ୍ର ଭୋଇ ଉପସ୍ଥିତ ଥିଲେ ।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଆଧାରିତ ବୈଠକ



କ୍ଲଷ୍ଟରସ୍ତରୀୟ ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଦାନଶିକ୍ଷକ ଓ ଅନ୍ୟମାନେ।

**ବରପାଲି, ୧୫।୭(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ତେଜଙ୍ଗ କ୍ଲଷ୍ଟରର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ବିଦ୍ୟାଳୟରୁ ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦାନ କରିଥିଲେ। ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମିଶ୍ର ସଭାପତିତ୍ୱ କରିଥିଲେ। ତେଜଙ୍ଗ କ୍ଲଷ୍ଟର ସିଆରସିସି ସଞ୍ଜୟ କୁମାର ସାହୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କିପରି ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରମାନେ ସମୁଦାୟ ଦକ୍ଷତା ହାସଲ କରିପାରିବେ ସେ ବିଷୟରେ ପ୍ରଧାନଶିକ୍ଷକମାନଙ୍କୁ ବୁଝାଇ ଥିଲେ। ବୈଠକରେ ବରଗଡ଼ ଜିଲା ଶିକ୍ଷକ ପ୍ରଶିକ୍ଷଣର ପ୍ରଶିକ୍ଷକ ତଥା ବରପାଲି ବ୍ଲକ ସଂଯୋଜକ ଗଗନ ବେହେରା ଯୋଗଦାନ କରିଥିଲେ। ଶେଷରେ ଅମାମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ ମେହେର ଧନ୍ୟବାଦ ଦେଇଥିଲେ।

# ଶୁଣ୍ଢି ସମାଜର ବୈଠକ

**ବରଗଡ଼,୧୫।୭ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ଶୁଣ୍ଢି ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଛି। ଉଦ୍ଧବ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମାଜର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ନୂଆଁଖାଇ ଭେଟ୍‌ଘାଟ୍, ବଣଭୋଜି, ବିବାହ ଯୋଗ୍ୟ ଝିଅପୁଅଙ୍କ ସାକ୍ଷାତ ତଥା ବାର୍ଷିକ ଉତ୍ସବ ପାଳନ ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସେହିପରି ଆଗାମୀ ଦିନରେ ନାରୀମାନେ ସମାଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମରେ ଯେଭଳି ଅଗ୍ରଣୀ ଭୂମିକା ନେବେ, ସେ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ପାଣ୍ଡବ ବେହେରା, ଶରତ ବେହେରା, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଅଶୋକ ପରିଡ଼ା, ସୁଧିର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଅଧ୍ୟାପିକା ଅନୁପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସତୀଭଟାରେ ନୂତନ ପାକ୍ସ ଉଦ୍‌ଘାଟିତ



ନୂତନ ପାକ୍ସ ଉଦ୍‌ଘାଟନ କରାଯାଉଛି।

**ପଦ୍ମପୁର ୧୫।୭ (ପ୍ରଦୀପ୍ତ ଦାଶ)**

ରଗଡ ଜିଲା ପଦ୍ମପୁର ନିକଟସ୍ଥ ସତୀଭଟା ଧାନମଣ୍ଡି ପ୍ରାଙ୍ଗଣରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ବିଧାୟିକା ବର୍ଷା ସିଂ ବରିହାଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଛି। ଉପଜିଲାପାଳ ସଦାକର କୁମ୍ଭାର, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜବୋଡାସମ୍ବର କୃଷକ ସଂଗଠନ ସଭାପତି ବାଞ୍ଛାନିଧି ନାୟକ, ଲିଙ୍ଗରାଜ ପ୍ରଧାନ, ରୋହିତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଦେବରାଜ ସାହୁ, ଚିତ୍ତ ରଞ୍ଜନ ପାଣ୍ଡେ, ସୁନୀଲ ସାହୁ, ପୁରେନା ଗ୍ରାମ ପଞ୍ଚାୟତ ସରପଞ୍ଚ ଡଲି ବେହେରା, ଲୋହାରପାଲି ସରପଞ୍ଚ ଝରଣା ବରିହା, ଭେଡ଼ଉଁରିଆ ସରପଞ୍ଚ ଚୈତନ୍ୟ ଲୁହାର ସମେତ ଶତାଧିକ ଚାଷୀ ଭାଇମାନେ ଉପସ୍ଥିତ ଥିଲେ । ନୂତନ ସମବାୟ ସମିତି ସଭାପତି ଡମ୍ବରୁଧର ସାହୁ, ମୁଖ୍ୟ ଉଦ୍ୟୋକ୍ତା ସ୍ୱପ୍ନେଶ୍ୱର ସାହୁ ସମସ୍ତ ଚାଷୀଙ୍କ ସହଯୋଗ କାମନା କରିଥିଲେ। କନସିଂହା ସମବାୟ ସମିତି ସମ୍ପାଦକ ପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ମିଶନ ଶକ୍ତି କାଫେ ଉଦ୍‌ଘାଟିତ

**ଭେଡ଼େନ,୧୫।୭ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ କାଫେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନି ଛୁରିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ କାଫେର ଉଦ୍‌ଘାଟନ କରିଥିଲେ । ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧକ୍ଷ ଡ଼ୋଳାମଣି କ୍ଷେତି, ବିଡ଼ିଓ ରଘୁନାଥ ପାଣିଗ୍ରାହୀ, ଜିଲା ପରିଷଦ ପଦ୍ମିନୀ ଗଡ଼ତିଆ, ପିଙ୍କି ବଡେଇ, ସିଡ଼ିପିଓ ଆଲ୍‌ଫ୍ରାନ୍ସ ଟେଟେ, ଏବିଡ଼ିଓ ପ୍ରିତେଶ ଦୋରା, ସହକାରୀ ଯନ୍ତ୍ରୀ ଦର୍ଶନ କୁମାର ପୁରୋହିତ, କନିଷ୍ଠ ଯନ୍ତ୍ରୀ ଚନ୍ଦ୍ରଶେଖର ଝାରିଆ, ଅଲି ପଧାନ, ଆଲୋକ ବିଶ୍ୱାଳ, ଝରଣା ଦାଶ, ମଞ୍ଜୁ ପଧାନ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ ।





ମିଶନ ଶକ୍ତି କାଫେ ଉଦ୍‌ଘାଟନ ଅବସରରେ ଅତିଥିମାନେ।

# ବିକାଶ ଶିକ୍ଷାନୁଷ୍ଠାନରେ ଆଚିଭର୍ସ ମିଟ୍

**ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସିମେଣ୍ଟ ନଗର ବିକାଶ ଶିକ୍ଷାନୁଷ୍ଠାନରେ ଚଳିତବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ସଫଳ ଛାତ୍ରୀଛାତ୍ରଙ୍କୁ ନେଇ ଏଚିଭର୍ସ ମିଟ୍-୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପ୍ରିନ୍ସିପାଲ ସନାତନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପର ଅଧ୍ୟକ୍ଷ ଡି. ମୂରଲୀ କ୍ରୀଷ୍ଣା, ବରଗଡ଼ ସିମେଣ୍ଟ ୱାର୍କ୍ସର ପୂର୍ବାଞ୍ଚଳ ମାନବ ସମ୍ବଳ ମୁଖ୍ୟ ଦିନେଶ ପାଠକ, ବିକାଶ ଗ୍ରୁପର ଡିନ୍ ପୀତାମ୍ବର ଦାସ ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ ସହିତ ଉଚ୍ଚ ଅଭିଳାଷ, କଠିନ ପରିଶ୍ରମ, କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତିତାର ପଥ ଆପଣେଇ ନେବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଶିକ୍ଷାନୁଷ୍ଠାନରେ ଦଶମ ଶ୍ରେଣୀ ପରୀକ୍ଷାଫଳରେ ସଂସ୍କୃତ ବିଷୟରେ ଶତପ୍ରତିଶତ ମାର୍କ ରଖି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ସୁସ୍ମିତା କୁମ୍ଭକାରଙ୍କ ନିମନ୍ତେ ସଂସ୍କୃତ ଶିକ୍ଷୟିତ୍ରୀ ରଞ୍ଜୁଲତା ଶତପଥୀଙ୍କୁ ମଧ୍ୟ ଉପଢ଼ୌକନ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ବିକାଶ ଗ୍ରୁପ ଚେୟାରମ୍ୟାନ କ୍ରୀଷ୍ଣା ଛାତ୍ରୀଛାତ୍ରଙ୍କୁ ଆଗାମୀ ଉଚ୍ଚଶିକ୍ଷା ପାଇଁ ଶୁଭାଶିଷ ପ୍ରଦାନ କରିଥିଲେ। ଘୋଷବିଦ୍ୟା ଛାଡ଼ି ବିଷୟର ତଥା ପାଠର କନସେପ୍ଟ ତଥା ଧାରଣା ବୁଝିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ପାଠକ ସିମେଣ୍ଟନଗର ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଡିନ୍ ଦାସ ନିଜ ଉପରେ ବିଶ୍ୱାସ ରଖିବା ସହିତ ମନୋବଳ ଦୃଢ଼ ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ବାପୁନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଅନାମିକା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ଆଚିଭର୍ସ ମିଟ୍‌ରେ କୃତୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



## ଆଜି କ'ଣ କେଉଁଠି

ରାଉରକେଲା

- ଅଭିବ୍ୟକ୍ତିର ସ୍ୱାଧୀନତା ଓ ଗଣମାଧ୍ୟମ ଆଲୋଚନାଚକ୍ର, କଲଚରାଲ ଏକାଡେମୀ, ସେକ୍ଟର-୫, ସନ୍ଧ୍ୟା ୫ଟା ୩୦ମିନିଟ୍।
- କୋଏଲ ନଗରଠାରେ ବ୍ୟୁଟି ଆସୋସିଏସନ ପକ୍ଷରୁ ବୃକ୍ଷରୋପଣ, କୋଏଲ ନଗର, ଅପରାହ୍ନ ୧୧ଟା।
- ବ୍ୟବସ୍ଥାପକ ସମ୍ମିଳନୀ, ହୋଟେଲ ସୋଲେସ, ଅପରାହ୍ନ ୩ଟା।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ୨ ଗିରଫ

**ରାଉରକେଲା, ୧୫।୭(ସଙ୍ଗୀତା ଜେନା):** ଶନିବାର ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ରଘୁନାଥପାଲ୍ଲୀ ଅଞ୍ଚଳରେ ଚଢାଉ କରାଯାଇଛି। ରଘୁନାଥପାଲି ଥାନା ଗୁଡ଼ିଆଟୋଲା ଅଞ୍ଚଳରେ କାର ନମ୍ବର ଓଡ଼ି ୧୪ଇ-୭୨୮୧ ରୁ ୧୫୦ ଲିଟର ଧରାଯାଇଥିଲା। ଏଥିରେ ସମ୍ପୃକ୍ତି ନେଇ ରେଲାପୋଷର ରାମୁ ଏକ୍କାଙ୍କୁ ଗିରଫ କରାଯାଇଛି। ଏ ନେଇ ଅବକାରୀ ବିଭାଗ ମାମଲା(ନଂ.୧୪୨/୨୩) ରୁଜୁ କରିଛି। ସେହିପରି ଅନ୍ୟ ଏକ ମାମଲାରେ ୯୦ ଲିଟର ଦେଶୀ ମଦ ସହ ଗୋଟିଏ ବାଇକ ଓଡ଼ି-୧୪କେ-୪୮୬୧ ଧରାପଡ଼ିଛି। ଏଥିରେ ସମ୍ପୃକ୍ତି ନେଇ କୋଇଲାଗେଟର ସୁଜିତ ବେହେରାଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା(ନଂ.୬୦/୨୩) ରୁଜୁ ହୋଇଛି। ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଏସଆଇ ଶ୍ରୀଧର ମହାନ୍ତି, ସୁନୀତା କେର୍କେଟା, ସୂର୍ଯ୍ୟକାନ୍ତ ସ୍ୱାଇଁ, ନବୀନ ଭୂୟାଁ, ରେଣୁ କିରୋ ପ୍ରମୁଖ ଚଢାଉ, ଯାଞ୍ଚ କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା, ୧୫।୭(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଜିଟି ଲେନ ଅଞ୍ଚଳରେ ଜଣେ ଯୁବକ ଘରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଉଛନ୍ତି ମନଦୀପ ସିଂ(୩୪)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୩) ରୁଜୁ କରି ମୃତଦେହ ଜବତ କରି ଆରଜିଏଚ୍ ମର୍ଗ ହାଉସରେ ରଖିଛି। ସୂଚନାଯୋଗ୍ୟ, ଶୁକ୍ରବାର ବିଳମ୍ବିତ ରାତିରେ ମନଦୀପ ଘରେ କେହି ନ ଥିବାବେଳେ ଫାଶୀ ଦେଇଥିଲେ। ସକାଳେ ପାଖପଡୋଶୀ ଏହା ଜାଣିବା ପରେ ପୋଲିସକୁ ସୂଚନା ଦେଇଥିଲେ। ତାଙ୍କ ପରିବାର ଲୋକ ଆସିବା ପରେ ଶବ ବ୍ୟବଚ୍ଛେଦ ହେବ ବୋଲି ଥାନାଧିକାରୀ ଜ୍ୟୋତିରଞ୍ଜନ ପତି କହିଛନ୍ତି।

### ପାଉଚ ମଦ ଜବତ, ଜଣେ ଗିରଫ

**ରାଉରକେଲା, ୧୫।୭(ସଙ୍ଗୀତା ଜେନା):** ନୂଆ ବସଷ୍ଟାଣ୍ଡ ଗାନ୍ଧୀ ରୋଡ଼ ବସ୍ତି ଅଞ୍ଚଳରେ ଜଣେ ଯୁବକଙ୍କୁ ୧୦ ଲିଟର ପାଉଚ ମଦ ସହ ପ୍ଲାଣ୍ଟ ସାଇଟ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ରୋଷନ ସାହା(୨୮)। ଏ ନେଇ ପୋଲିସ ଅବକାରୀ ମାମଲା(ନଂ.୨୨୧/୨୩) ରୁଜୁ କରି କୋର୍ଟ ଚାଲାଣ କରିଛି।

### ଆରଏସ୍‌ପିରୁ ଚୋରି: ୨ ଗିରଫ

**ରାଉରକେଲା,୧୫।୭(ଦିନେଶ ମିଶ୍ର):** ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି)ରୁ ସ୍କ୍ରାପ ଆଇରନ ଓ କପର ତାର ଚୋରି କରି ଫେରାର ଥିବା ଅଭିଯୋଗରେ ଟାଙ୍ଗରପାଲି ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଙ୍ଗରପାଲି ବସ୍ତିର ଜାକିର ଚାମ୍ପିଆ(୨୪) ଓ ବିଟ୍ରାନିଆ କଲୋନୀର ବୀରଲ ବାର୍ଲା(୩୬)।




ଯୁବ ଦକ୍ଷତା ଦିବସ ଅବସରରେ ଅତିଥି, ଯୁବତୀ ଯୁବକ ଓ ବିଭାଗୀୟ କର୍ମଚାରୀ।

# 'ଯୁବଗୋଷ୍ଠୀ ସମସ୍ତ କ୍ଷେତ୍ରରେ ଦକ୍ଷ ହେବା ଅପରିହାର୍ଯ୍ୟ'

**ଜିଲା ନିଯୋଜନ ବିଭାଗ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ**

- ଦକ୍ଷ ୧୪୭ ଶିକ୍ଷିତ ଯୁବତୀ,୩ ଯୁବକ ସାମିଲ

**ରାଉରକେଲା,୧୫।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଉଦିତ ନଗରସ୍ଥିତ ଜିଲା ନିଯୋଜନ ବିଭାଗ ପକ୍ଷରୁ ଶନିବାର କାର୍ଯ୍ୟାଳୟ ସଭାଗୃହରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଆର୍‌ଏମ୍‌ସିର ଯୁଗ୍ମ ଶ୍ରମ ବିଭାଗ ଆଯୁକ୍ତ ପ୍ରଣବ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଜିଲା ନିଯୋଜନ ଅଧିକାରୀ ଜ୍ୟୋତି ପ୍ରକାଶ ସେଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରାଉରକେଲା ନିଯୋଜନ ଅଧିକାରୀ ରମେଶ ଚନ୍ଦ୍ର କିଷାନ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲାର ଦକ୍ଷଶୀଳ ୧୪୭ ଶିକ୍ଷିତ ଯୁବତୀ ଓ ୩ ଜଣ ଯୁବକ ଅଂଶଗ୍ରହଣ କରିଥିଲେ। ଡାଲମିଆ ଡବ୍ଲ୍ୟୁଆଇପି ଓ ଉଇପ୍ରୋ ଜିଇ ହେଲ୍‌ଥ କେୟାର ପ୍ରମୁଖ ରାଉରକେଲା ଦକ୍ଷତା ବିକାଶ କେନ୍ଦ୍ରର ୧୦ଜଣ ପ୍ରଶିକ୍ଷକ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଜେନା ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଦକ୍ଷତାର ମାପଦଣ୍ଡ ସମ୍ଭାବନାକୁ ସାକାର କରିବା ନେଇ ପ୍ରତିବର୍ଷ ଜୁଲାଇ ୧୫ତାରିଖ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ହୋଇଥାଏ ବୋଲି କହିଥିଲେ। ଦିବସ ପାଳନର ମୂଳ ଲକ୍ଷ୍ୟ ହେଲା ଯୁବବର୍ଗଙ୍କ ରୋଜଗାର କ୍ଷମତା, ଉଦ୍ୟୋଗିକତା ଓ ଆତ୍ମନିଯୁକ୍ତି ନିମନ୍ତେ ଦକ୍ଷତା ଆଦି ବିଷୟରେ ସଚେତନତା ସୃଷ୍ଟି କରିବା। ଏଣୁ ଆଗକୁ ସ୍ମାର୍ଟସିଟି ରାଉରକେଲାର ପ୍ରଗତି ଏବଂ ଉତ୍ତରୋତ୍ତର ଉନ୍ନତି ପାଇଁ ଯୁବଗୋଷ୍ଠୀ ସମସ୍ତ କ୍ଷେତ୍ରରେ ଦକ୍ଷ (ସ୍କିଲଡେଭଲମେଣ୍ଟ) ହେବା ଅପରିହାର୍ଯ୍ୟ ବୋଲି ସେ ଦର୍ଶାଇଥିଲେ। ପରେ ଜିଲା ନିଯୋଜନ ଅଧିକାରୀ ଜ୍ୟୋତି ପ୍ରକାଶ ସେଠି କହିଥିଲେ ଯେ, ଜିଲା ଓ ସହରର ଶିକ୍ଷିତ ଯୁବତୀ ଓ ଯୁବକ ଗୋଷ୍ଠୀଙ୍କୁ ରୋଜଗାରକ୍ଷମ ଓ ଆତ୍ମନିର୍ଭରଶୀଳ କରାଇବା ନେଇ ଦକ୍ଷତା ବିକାଶ କେନ୍ଦ୍ର ମାଧ୍ୟମରେ ଧନ୍ଦାମୂଳକ ତାଲିମ ପ୍ରଦାନ ହେଉଛି। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଦକ୍ଷଶୀଳ ଯୁବତୀ, ଯୁବକଙ୍କ ମଧ୍ୟରେ ଥିବା ଦକ୍ଷତା ପରୀକ୍ଷଣ ନେଇ ଜଣାଅଜଣା, ବକ୍ତୃତା, ରଙ୍ଗୋଲୀ ଏବଂ କଳା, ହସ୍ତଶିଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନିଯୋଜନ ବିଭାଗର ଭାରପ୍ରାପ୍ତ ମୁଖ୍ୟକିରାଣୀ ନମିତା ମାଝୀ, ମଧୁସ୍ମିତା ପ୍ରିୟଦର୍ଶିନୀ, ଅଭିନାଷ ପାଣିଗ୍ରାହୀ, ପୁଷ୍ପାଳୀ ଦାଶ ଓ ସମୀକ୍ଷା ପାଣିଗ୍ରାହୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଦକ୍ଷିଣ-ପୂର୍ବ ରେଳପଥ ଜିଏମ୍‌ଙ୍କ ରାଉରକେଲା ଗସ୍ତ

**ରାଉରକେଲା, ୧୫।୭ (ସଙ୍ଗୀତା ଜେନା)**

ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ (ଜିଏମ୍) ଅନିଲ ମିଶ୍ର ଶନିବାର ଅପରାହ୍ନରେ ରାଉରକେଲା ଷ୍ଟେଶନ ପରିଦର୍ଶନ କରିଛନ୍ତି। ଦକ୍ଷିଣପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ପ୍ରମୁଖ ଷ୍ଟେଶନ ଭାବେ ଖ୍ୟାତି ଲାଭ କରିଥିବା ରାଉରକେଲା ଷ୍ଟେଶନର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସହ ଆଧୁନିକ କୌଶଳ ନିର୍ମିତ ନୂତନ ଇଣ୍ଟରଲକିଂ ସିଷ୍ଟମ ବା ସଲିଡ଼ ଷ୍ଟେଟ ଇଣ୍ଟରଲକିଂ ସିଷ୍ଟମକୁ ତିଆରି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସହ ଡିଆରଏମ୍ ଅରୁଣ ଜେ. ରାଠୋର, ଏଆରଏମ ଆର.କେ ମହାନ୍ତି, ରାଉରକେଲା ଷ୍ଟେଶନ ମାଷ୍ଟର ପ୍ରଭାସ ଦାସଙ୍କ ସମେତ ଦକ୍ଷିଣପୂର୍ବ ରେଳପଥର ଉଚ୍ଚପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହା ସହ ଜିଏମ ମିଶ୍ର ଯାତ୍ରୀ ସୁରକ୍ଷା, ଷ୍ଟେଶନର ବ୍ୟବସ୍ଥା ସହିତ ଅନ୍ୟ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଦକ୍ଷିଣପୂର୍ବ ରେଳପଥର ୩ୟ ଲାଇନ ସମ୍ପ୍ରସାରଣ, ଲାଇନ ନିର୍ମାଣ କାର୍ଯ୍ୟ ଉଦ୍ଦେଶ୍ୟରେ ଜିଏମ ଆସିଥିଲେ। ରାଉରକେଲା ଷ୍ଟେଶନରେ ବରାଦ କରାଯାଇଥିବା ସିଷ୍ଟମରେ ରେଳ ଗୁଡ଼ିକ ବଟନ ଦ୍ୱାରା ପରିଚାଳିତ କରାଯିବ ନାହିଁ। କମ୍ପ୍ୟୁଟର ମାଉସ ସାହାଯ୍ୟରେ ଟ୍ରେନ ଗୁଡ଼ିକ ପରିଚାଳନା କରାଯିବ।

# ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ରହୁନି ଆବଶ୍ୟକ ଔଷଧ

**ସଙ୍କଟରେ ଗୃହପାଳିତ ପ୍ରାଣୀ**

**ରାଉରକେଲା,୧୫।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାରେ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଆବଶ୍ୟକ ଔଷଧ ଉପଲବ୍ଧ ହେଉ ନ ଥିବାରୁ ଗୃହପାଳିତ ପ୍ରାଣୀ ରଖିଥିବା ଲୋକେ ସମସ୍ୟାରେ ପଡୁଛନ୍ତି। ଏପଟେ ଗୃହପାଳିତ ପ୍ରାଣୀଙ୍କଠାରେ ଅନେକ ପ୍ରକାର ରୋଗ ଦିନକୁ ଦିନ ଦେଖାଦେଉଥିବାବେଳେ ସେପଟେ ଆବଶ୍ୟକ ଔଷଧ ମିଳୁ ନ ଥିବାରୁ ଗୃହପାଳିତ ପ୍ରାଣୀ ସଙ୍କଟରେ ରହିଥିବା ଅଭିଯୋଗ ହୋଇଛି।

ରାଉରକେଲା ସହରର ଡୁମେରତା, ତରକେରା, ଆର୍‌ଏସ କଲୋନୀ ଓ ପ୍ରଧାନପାଲି ଅଞ୍ଚଳରେ ଗୋରୁ,ମଇଁଷି, ଛେଳି, ମେଣ୍ଢା ଆଦି ପାଳନ କରି ଜୀବିକା ନିର୍ବାହ କରୁଥିବା ଲୋକେ ରାଉରକେଲା ପ୍ରାଣୀସମ୍ପଦ ବିଭାଗ ଚିକିତ୍ସାଳୟ ତଥା ଏଲ୍‌ଆଇ କେନ୍ଦ୍ର ଉପରେ ନିର୍ଭର କରନ୍ତି। ସେମାନେ ଗୃହପାଳିତ ପ୍ରାଣୀଙ୍କର ବିଭିନ୍ନ ରୋଗ ପାଇଁ ଆବଶ୍ୟକୀୟ ଔଷଧ ପାଉ ନ ଥିବା ଅଭିଯୋଗ କରିଛନ୍ତି। ରାଉରକେଲା ପ୍ରାଣୀସମ୍ପଦ ବିଭାଗ ମାଧ୍ୟମରେ ସହରର ପ୍ରାଣୀ ସମ୍ପଦ ଚିକିତ୍ସା କାର୍ଯ୍ୟ ସମ୍ପାଦନ ହୋଇଥାଏ। ସହରରେ ୩୭ଜଣ ପ୍ରାଣୀ ଚିକିତ୍ସକ (ଏଲଆଇ)ଙ୍କ ଦ୍ୱାରା ସହରରେ ସର୍ବମୋଟ ୭ହଜାର ୧୦୨ଗାଈ, ୧୬୮୬ ମଇଁଷି, ୪ହଜାର ୭୭୭ ଛେଳି ଓ ୧୨୧ମେଣ୍ଢାର ଚିକିତ୍ସା ହେଉଥିବା ବିଭାଗ ପକ୍ଷରୁ ଦର୍ଶାଯାଉଛି। ବର୍ଷା ସମୟରେ ଫାଟୁଆ,ଏଚଏସ,ବୃଷେଲା, ଆନ୍ଥ୍ରାକ୍ସ, ଜୁବଜୁବିଆ ଆଦି ରୋଗ ପ୍ରାଣୀସମ୍ପଦ ମଧ୍ୟରେ ବ୍ୟାପିଥାଏ। ଏଣୁ ପ୍ରାଣୀସମ୍ପଦ ନିମନ୍ତେ ଉପରୋକ୍ତ ରୋଗ ଦମନ ପାଇଁ ବିଭିନ୍ନ ପ୍ରକାର ଟୀକା ଦିଆଯାଇଥାଏ। ମାତ୍ର ପ୍ରାଣୀ ସମ୍ପଦର ସାଧାରଣ ଚିକିତ୍ସା ନିମନ୍ତେ ଆବଶ୍ୟକ ଥିବା ଔଷଧ ଆବଶ୍ୟକ ମୁତାବକ ପ୍ରାଣୀକେନ୍ଦ୍ର ପାଖରେ ଉପଲବ୍ଧ ହେଉ ନ ଥିବାରୁ ଗୃହପାଳିତ ପ୍ରାଣୀ ପାଳନକାରୀ ହଟହଟା ହେଉଥିବା ଅଭିଯୋଗ କରିଛନ୍ତି। ଗୋରୁ, ଛେଳି ଆଦି ଧରି କେନ୍ଦ୍ରକୁ ଚିକିତ୍ସା ପାଇଁ ନେଲେ, କେନ୍ଦ୍ରରେ ପ୍ରାଣୀ ଚିକିତ୍ସକ ୧ଟଙ୍କା ଯୁଜର ଫି ସହିତ ଲମ୍ବା ଔଷଧ ଚିଠା ଦେଉଛନ୍ତି। ବହୁତ ସମୟରେ ଦର୍ଶିତ ଔଷଧ ସହରର ପ୍ରାଣୀସମ୍ପଦ ଔଷଧାଳୟମାନଙ୍କରେ ମିଳୁନାହିଁ। ଫଳରେ ଗୃହପାଳିତ ପ୍ରାଣୀଙ୍କର ଉପଯୁକ୍ତ ସ୍ୱାସ୍ଥ୍ୟସେବା କରାଇ ନ ପାରୁଥିବା ହେତୁ ପ୍ରାଣୀ ପାଳନ ଜୀବିକାରୁ ଦୂରେଇ ଯାଉଛନ୍ତି ଲୋକେ। ଏଣୁ ପ୍ରାଣୀସମ୍ପଦ କେନ୍ଦ୍ର ମାଧ୍ୟମରେ ଯଦି ସମସ୍ତ ପ୍ରକାର ଔଷଧ ମିଳିବା ସୁଲଭ ହୁଅନ୍ତା, ତେବେ ରାଉରକେଲା ସହରରେ ପ୍ରାଣୀସମ୍ପଦର ନିଶ୍ଚିତ ଅଭିବୃଦ୍ଧି ହୁଅନ୍ତା ବୋଲି ପ୍ରଧାନପାଲି, ଡୁମରେତା, ତରକେରା ଓ ଆରଏସ କଲୋନୀର ଅଶ୍ରୁତା ବାଘେଲ, ବୁଧବା ଓରାମ, ଗନ୍ଧା ଓରାମ ଓ ବିର୍ସା ଓରାମ ପ୍ରମୁଖ କହିଛନ୍ତି। ଏନେଇ ରାଉରକେଲା ପ୍ରାଣୀସମ୍ପଦ ଅଧିକାରୀ ପ୍ରସନ୍ନ କୁମାର ମହାରଣାଙ୍କୁ ପଚାରିବାରୁ ସେ କହିଲେ, କେନ୍ଦ୍ରାଳୟକୁ ମାସିକ କେବଳମାତ୍ର ୧୫ହଜାର ଟଙ୍କା ଔଷଧ ଆସୁଛି। ୩ ମାସ ହେଲା ଔଷଧ ଟିକିଏ ହ୍ରାସ ହୋଇଛି। ଆବଶ୍ୟକ ମୁତାବକ ଔଷଧ ରଖୁ। ସରକାର ବୁଲାକୁକୁରଙ୍କ ପାଇଁ ଔଷଧ ବ୍ୟବସ୍ଥା ନିର୍ଦ୍ଧାରିତ କରିଛନ୍ତି। ଗୃହପାଳିତ କୁକୁର ଚିକିତ୍ସା ପାଇଁ କୌଣସି ପ୍ରକାରର ମାଗଣା ଔଷଧ ବ୍ୟବସ୍ଥା ନାହିଁ। ମାତ୍ର ଗୋରୁ, ଛେଳି, ମଇଁଷି, ମେଣ୍ଢା ଆଦି ଜୀବିକା ପ୍ରଦାନକାରୀ ପ୍ରାଣୀସମ୍ପଦ ପାଇଁ ଔଷଧ ଆସୁଛି ଓ ବିତରଣ ମଧ୍ୟ ହେଉଛି। ଗୋରୁ, ଛେଳି, ମେଣ୍ଢା ପାଳନ କରିଥିବା ଯେଉଁ ବ୍ୟକ୍ତିଙ୍କର ସମସ୍ୟା ରହିଛି ତାର ସମାଧାନ କିଭଳି ହେବ ସେ ଉପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।




ରାଉରକେଲା ପ୍ରାଣୀସମ୍ପଦ ଅଫିସ।



ପ୍ରଧାନପାଲି ଅଞ୍ଚଳରେ ଗୋରୁ ଚରୁଛନ୍ତି।

## ନୀଳଶୈଳ କଲେଜରେ ସଡ଼କ ସୁରକ୍ଷା ସଚେତନତା ଶିବିର

**ରାଉରକେଲା, ୧୫।୭(ସଙ୍ଗୀତା ଜେନା)**

ଜଗଦା ସ୍ଥିତ ନୀଳଶୈଳ କଲେଜରେ ଶନିବାର ପୂର୍ବାହ୍ନରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସହଯୋଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କଲେଜର ଅଧ୍ୟକ୍ଷ ଡ. ଏସ.ଏନ୍ ଶର୍ମାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପୋଲିସ ଅଧିକାରୀ ସୁମନ ଦତ୍ତ, ବିବେକ ଦାସ, ଆଦର୍ଶ ଅନୁଷ୍ଠାନର ପ୍ରଦୀପ କୁମାର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଯୁବଗୋଷ୍ଠୀଙ୍କୁ ସଚେତନତା ଓ ସୁରକ୍ଷା ନିୟମ ଅବଲମ୍ବନ କରି ଗାଡ଼ିଚାଳନା ଓ ଲାଇସେନ୍ସ ହାସଲ କରିବାକୁ ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ପ୍ରିୟଙ୍କା ପୂର୍ତ୍ତି ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଆଦର୍ଶ ଅନୁଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ବିଦ୍ୟାଧର ତ୍ରିପାଠୀ ଉଦ୍ଦେଶ୍ୟ ଆଲୋକପାତ କରିଥିଲେ।



ମଞ୍ଚାସୀନ ଅଧିକାରୀ ଓ ଅତିଥିବୃନ୍ଦ।

## ମୋବାଇଲ ଚୋରି ଅଭିଯୋଗରେ ଜଣେ ଗିରଫ

**ରାଉରକେଲା, ୧୫।୭(ସଙ୍ଗୀତା ଜେନା)**

ସେକ୍ଟର-୧୯ ଥାନା ଅନ୍ତର୍ଗତ ସେକ୍ଟର-୨୦ ମିଶ୍ର ଖଟାଲରେ ତାରାକେଶ୍ୱର ରାୟଙ୍କ ଘରେ ପଶି ଜଣେ ଯୁବକ ମୋବାଇଲ ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ପୋଲିସ ମିଶ୍ର ଖଟାଲରୁ ସୋନୁ ପ୍ରସାଦ(୨୪)ଙ୍କୁ ଗିରଫ କରିଛି। ଚୋରି ମୋବାଇଲ ପୋଲିସ ଜବତ କରିଛି।

## ଭାଜପା ଇସ୍ପାତ ନଗରୀ ପୂର୍ବ ମଣ୍ଡଳର ସମ୍ମିଳନୀ

**ରାଉରକେଲା, ୧୫।୭(ସଙ୍ଗୀତା ଜେନା)**

କେନ୍ଦ୍ରରେ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ରଘୁନାଥପାଲ୍ଲୀ ପୂର୍ବ ମଣ୍ଡଳ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସେକ୍ଟର-୨ ଶନି ମନ୍ଦିରରେ ମଣ୍ଡଳ ସଭାପତି ମନୋଜ ସେନାପତିଙ୍କ ଅଧ୍ୟକ୍ଷତାରେ ଏହା ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା ମୁଖ୍ୟ ଅତିଥି, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ମନୋଜ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଉପସଭାପତି ଦିଲ୍ଲୀପ ଦାଶ, ସମ୍ପାଦକ ପରେଶ ମିଶ୍ର, ଏସଟି ମୋର୍ଚ୍ଚା ସଭାପତି ବାବୁଲି ମୁର୍ମୁ, ଜିଲା ଯୁବ ମୋର୍ଚ୍ଚା ସଭାପତି ଅଙ୍କୁଶ ବର୍ମା, ମଣ୍ଡଳ ସାଧାରଣ ସମ୍ପାଦିକା ରଂଜିତା କିସ୍ପୋଟା ପ୍ରମୁଖ ମଞ୍ଚାସୀନ ରହି ୯ ବର୍ଷର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ମଣ୍ଡଳ ଆଇଟି ସଭାପତି ଚନ୍ଦନ ବେହେରା, ଯୁବ ମୋର୍ଚ୍ଚା ସଭାପତି ସୁଶାନ୍ତ ତନ୍ତୀ, ସୁନୀତା ମୋହିନୀ ବୈଠକ ସୁପରିଚାଳନା କରିଥିଲେ। ଜିଲା ମହିଳା ମୋର୍ଚ୍ଚା ନେତ୍ରୀ ଝରଣା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ଅତିଥିବୃନ୍ଦ।

# ଆର୍‌ଜିଏଚ୍‌ରେ ଖୋଲିନି ଡେଙ୍ଗୁ ୱାର୍ଡ

**ଡେଙ୍ଗୁ ଜ୍ୱର ନିରାକରଣ ପାଇଁ ଆର୍‌ଏମ୍‌ସି ପକ୍ଷରୁ ସତର୍କତା**

**ରାଉରକେଲା, ୧୫।୭(ସଙ୍ଗୀତା ଜେନା)**

ବର୍ଷା ମାସ ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ ଡେଙ୍ଗୁ ଜ୍ୱରର ପ୍ରକୋପ ଦେଖାଯାଇଥାଏ। ଚଳିତବର୍ଷ ଜୁଲାଇ ଦ୍ୱିତୀୟ ସପ୍ତାହ ଅତିକ୍ରମ ହୋଇଥିଲେ ମଧ୍ୟ ରାଉରକେଲା ସରକାରୀ ହସ୍‌ପିଟାଲ (ଆର୍‌ଜିଏଚ୍)ରେ ଖୋଲିନାହିଁ ଡେଙ୍ଗୁ ୱାର୍ଡ। ଡେଙ୍ଗୁ ନିରାକରଣ ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରାଯାଇଥାଏ। ସହରବାସୀଙ୍କ ଜ୍ୱର ସହ ଭୀଷଣ ହାତ ଓ ଗଣ୍ଠି ବିନ୍ଧା, ଆଖି ଭିତରେ ଯନ୍ତ୍ରଣା, ଦେହରେ ଲାଲ ଦାଗ ଦେଖାଦେବା, କେତେକ କ୍ଷେତ୍ରରେ ବାନ୍ତି ହେବା, ମୁଣ୍ଡ ବିନ୍ଧା ହେବା ଆଦି ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ପରାମର୍ଶ କରିବାକୁ କୁହାଯାଇଥାଏ। ହେଲେ ଡେଙ୍ଗୁ ୱାର୍ଡ ଖୋଲି ନ ଥିବାରୁ ଲୋକେ କେଉଁଠି ପରାମର୍ଶ କରିବେ ବୋଲି ପ୍ରଶ୍ନ ଉଠୁଛି। ଏହାର ପ୍ରତିକାର ସ୍ୱରୁପ ପାଣି ରହୁଥିବା ପାତ୍ର, ଟାଙ୍କି, କୁଲର ଇତ୍ୟାଦିକୁ ୨/୩ ଦିନରେ ବଦଳାଇବା, ନିୟମିତ ମଶାରୀ ଟାଙ୍ଗିବା, ପୁରା ଦେହକୁ ଘୋଡାଇ ରଖିବା ଭଳି ପୋଷାକ ପିନ୍ଧିବା, ଘର ଚତୁଃପାର୍ଶ୍ୱରେ ସ୍ଥାନ ପରିଷ୍କାର କରିବା, ପାଣି ଜମା ହେବାକୁ ଦେବା ନାହିଁ ଭଳି ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥାଏ। ଜଳାଶୟ ଓ ଅନ୍ୟ ନାଳନର୍ଦ୍ଦମାରେ କେମିକାଲ ସିଞ୍ଚନ କରାଯାଇଥାଏ। ଚଳିତବର୍ଷ ରାଉରକେଲା ମହାନଗର ନିଗମ ପକ୍ଷରୁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଅଦ୍ୟାବଧି ଡେଙ୍ଗୁ ୱାର୍ଡ଼ର ଶୁଭାରମ୍ଭ ହୋଇ ନ ଥିବା ଅଭିଯୋଗ ହୋଇଛି। ଆର୍‌ଜିଏଚ୍ ପରିସରରେ ଥିବା ରକ୍ତ ଭଣ୍ଡାର ନିକଟରେ ପ୍ରତ୍ୟେକ ବର୍ଷ କେବିନ ବ୍ଲକ ନିକଟରେ ବର୍ଷା ମାସରେ ଅସ୍ଥାୟୀ ଡେଙ୍ଗୁ ୱାର୍ଡ଼ ପରିଚାଳନା କରାଯାଉଥିବାବେଳେ ବର୍ଷର ଅନ୍ୟ ସମୟରେ ଉକ୍ତ ୱାର୍ଡ଼କୁ ଅଂଶୁଘାତ ସେଣ୍ଟର ଭାବେ ବ୍ୟବହାର କରାଯାଇଥାଏ। ତେବେ ଚଳିତବର୍ଷ ଜୁଲାଇର ଦ୍ୱିତୀୟ ସପ୍ତାହ ଅତିକ୍ରମ କରିଥିବାବେଳେ ଡାକ୍ତରଖାନା କର୍ତ୍ତୃପକ୍ଷ ୱାର୍ଡ଼ ନ ଖୋଲିବା ବୁଦ୍ଧିଜୀବୀ ମହଲରେ ଆଲୋଚନାର ଖୋରାକ ଯୋଗାଇଛି। ଏବେ ମଧ୍ୟ ଉକ୍ତ ୱାର୍ଡ଼ ଆଗରେ ଅଂଶୁଘାତର ଫଳକ ଲାଗିରହିଛି। ରୋଗୀ ଏଠାରେ ଆସି ଡେଙ୍ଗୁ ୱାର୍ଡ଼ ନ ପାଇ ଭ୍ରମରେ ରହୁଥିବା କୁହାଯାଇଛି। ୨୦୨୨ ମସିହାରେ ରାଉରକେଲା, ସୁନ୍ଦରଗଡ଼, ଝାଡଖଣ୍ଡ ସୀମାନ୍ତ, ଛତିଶଗଡ଼ ସୀମାନ୍ତ ଅଞ୍ଚଳରୁ ପ୍ରାୟ ୮୯ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିଲେ। ମୃତ୍ୟୁହାର ଶୂନ ରହିଥିଲା। ସେହିପରି ୨୦୨୩ ମସିହା ଜାନୁଆରୀ ମାସ ପ୍ରଥମ ସପ୍ତାହରେ ୮ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହୋଇଥିଲେ। ଚଳିତ ବର୍ଷ ଏବେ ପର୍ଯ୍ୟନ୍ତ ଜଣେ ମଧ୍ୟ ରୋଗୀ ଆର୍‌ଜିଏଚ୍‌କୁ ଆସି ନାହାନ୍ତି। ଦୈନିକ ସାଧାରଣ ଜ୍ୱର ଓ ଅନ୍ୟ ପ୍ରକାର ରୋଗ ଲାଗି ଶତାଧିକ ରୋଗୀ ଆସୁଛନ୍ତି। ହେଲେ ଡେଙ୍ଗୁ ଲକ୍ଷଣ ସମ୍ପନ୍ନ ରୋଗୀ ପରିଲକ୍ଷିତ ହୋଇନାହାନ୍ତି ବୋଲି ନର୍ସିଂ ଅଫିସର ତଥା ୱାର୍ଡ଼ର ଇନଚାର୍ଜ ଉର୍ବଶୀ ତ୍ରିପାଠୀ କହିଛନ୍ତି। ୱାର୍ଡ଼ ନ ଖୋଲିବା ନେଇ ପଚରାଯିବାରୁ ତ୍ରିପାଠୀ କହିଛନ୍ତି, ଡେଙ୍ଗୁ ରୋଗର ସନ୍ଦେହ ହେଲେ ପ୍ରଥମେ ରକ୍ତ ପରୀକ୍ଷା କରାଯାଇଥାଏ। ପରେ ପ୍ଲେଟଲେଟ ହ୍ରାସ ପାଇଲେ ରୋଗୀଙ୍କୁ ନିଃଶୁଳ୍କ ପ୍ଲେଟଲେଟ ଦିଆଯାଇଥାଏ। ଆନୁସଙ୍ଗିକ ଚିକିତ୍ସା ସହ ମଶା ନିରୋଧୀ କେମିକାଲ ମଶାରୀ ପ୍ରଦାନ କରାଯାଇଥାଏ। ଯଥାଶୀଘ୍ର ୱାର୍ଡ଼ ଖୋଲାଯିବ। ବିଭିନ୍ନ ବ୍ଲକ ଓ ରାଉରକେଲା ପାରିପାର୍ଶ୍ୱିକ ଅଞ୍ଚଳରେ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କ ଦ୍ୱାରା ଡେଙ୍ଗୁ ରୋଗୀଙ୍କ ଅନ୍ୱେଷଣ ତଥା ସଚେତନତା ଜାରି ରହିଛି ବୋଲି ସେ କହିଥିଲେ।




ଆର୍‌ଜିଏଚ୍‌ରେ ଖୋଲିନି ଡେଙ୍ଗୁ ୱାର୍ଡ।

## ସଂକ୍ଷେପରେ

### ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ନୂତନ ଗ୍ରୀଡ୍ ସବଷ୍ଟେଶନ କାର୍ଯ୍ୟକ୍ଷମ

**ସମ୍ବଲପୁର,୧୫।୭(ବି.ଶଙ୍କର):** ବରଗଡ ଜିଲା ଅମ୍ବାଭନା ବ୍ଲକ ଅନ୍ତର୍ଗତ ଭୁକ୍ତା ଓ ଡୁଙ୍ଗୁରି ଅଞ୍ଚଳକୁ ଦୀର୍ଘଦିନ ଧରି ବରଗଡ଼ ଗ୍ରୀଡରୁ ବିଜୁଳି ଯୋଗାଣ ହେଉଥିଲା। ଏହି ଅଞ୍ଚଳକୁ ପ୍ରାୟ ୩୩ କିଲୋମିଟର ଦୂରରେ ଅବସ୍ଥାପିତ ଗ୍ରୀଡ୍‌ରୁ ବିଜୁଳି ସେବା ଯୋଗାଇ ଦିଆଯାଉଥିଲା। ଫଳରେ ବିଭିନ୍ନ ଅଞ୍ଚଳର ୧୫ ହଜାର ବିଦ୍ୟୁତ ଉପଭୋକ୍ତା ଲୋଭୋଲଟେଜ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ଏହି ନୂତନ ଚୋରଗ୍ରୀନ ଡୋଲା ଗ୍ରୀଡ୍ ସବଷ୍ଟେଶନ ସ୍ଥାପନ ହୋଇ କାର୍ଯ୍ୟକ୍ଷମ ହୋଇଥିବାରୁ ଉପଭୋକ୍ତାମାନେ ଅନବରତ ଗୁଣାତ୍ମକମାନର ବିଜୁଳି ସେବା ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

### ମିଶନ ଶକ୍ତି କାଫେ ଉଦ୍‌ଘାଟିତ

**ଭେଡ଼େନ,୧୫।୭ (ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ କାଫେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନି ଛୁରିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ କାଫେର ଉଦ୍‌ଘାଟନ କରିଥିଲେ । ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧକ୍ଷ ଡ଼ୋଳାମଣି କ୍ଷେତି, ବିଡ଼ିଓ ରଘୁନାଥ ପାଣିଗ୍ରାହୀ, ଜିଲା ପରିଷଦ ପଦ୍ମିନୀ ଗଡ଼ତିଆ, ପିଙ୍କି ବଢେଇ, ସିଡ଼ିପିଓ ଆଲ୍‌ଫ୍ରାନ୍ସ ଟେଟେ, ଏବିଡ଼ିଓ ପ୍ରିତେଶ ଦୋରା, ସହକାରୀ ଯନ୍ତ୍ରୀ ଦର୍ଶନ କୁମାର ପୁରୋହିତ ଅତିଥିଭାବେ ଯୋଗ ଦେଇଥିଲେ ।

### ଅନ୍ତର୍ଜାତୀୟ ସ୍ତରରେ ଚିତ୍ରଶିଳ୍ପୀ ଅଭିନନ୍ଦନ ସମ୍ମାନିତ

**ସମ୍ବଲପୁର,୧୫।୭(ବି.ଶଙ୍କର):** ଅନ୍ତର୍ଜାତୀୟ ସ୍ତରରେ ସମ୍ବଲପୁରର ଚିତ୍ରଶିଳ୍ପୀ ଅଭିନନ୍ଦନ ତ୍ରିପାଠୀ ସମ୍ମାନିତ ହୋଇଛନ୍ତି। ଜମ୍ମୁ କାଶ୍ମୀରଠାରେ ଆୟୋଜିତ ଜି-୨୦ ବୈଠକରେ ଚିତ୍ରଶିଳ୍ପୀ ଅଭିନନ୍ଦନ ଯୁବ ସଫଳତା ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଜି-୨୦ ସହଯୋଗୀ ମିଳିତ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ସମ୍ବନ୍ଧ ବିଭାଗ ଏବଂ ନୀତି ଆୟୋଗ ଭାରତ ସରକାରଙ୍କ ସହଯୋଗୀ ଗ୍ଲୋବାଲ ହ୍ୟୁମାନ ରାଇଟ୍ସ ଟ୍ରଷ୍ଟ ପକ୍ଷରୁ ଅଭିନନ୍ଦନଙ୍କୁ ହ୍ୟୁମାନ ରାଇଟ୍ସ ନୋବେଲ ଆୱାର୍ଡ ପ୍ରଦାନ କରାଯାଇଛି। ଜମ୍ମୁ କାଶ୍ମୀରର କତ୍ରାଠାରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଚିତ୍ରକଳା ଓ ଡିଜିଟାଲ କଳା କ୍ଷେତ୍ରରେ ଅଭିନନ୍ଦନ ଅବିସ୍ମରଣୀୟ କାର୍ଯ୍ୟ କରିଛନ୍ତି। କଲମକାରି କଳାରେ ଏକ ନୂତନ ପ୍ରତିଭା ଭାବେ ସେ ଗତ କିଛିବର୍ଷ ମଧ୍ୟରେ ଏକ ଅନନ୍ୟ ଶୈଳୀ ସହିତ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ଏହା ପୂର୍ବରୁ ସେ ଅଜନ୍ତା ଏଲୋରା ଅନ୍ତର୍ଜାତୀୟ କଳା ଗ୍ୟାଲେରୀ ପକ୍ଷରୁ ରବୀନ୍ଦ୍ର ନାଥ ଟାଗୋର କଳା ବିଭୂଷଣ ଆୱାର୍ଡରେ ସମ୍ମାନିତ ହୋଇସାରିଛନ୍ତି।

### ପୋଖରୀରେ ବୁଡ଼ି ଯୁବକ ମୃତ

**ଭେଡ଼େନ, ୧୫।୭ (ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ଉପରିପଡ଼ା ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ଗୁଡ଼ିଆ ବନ୍ଧ ପୋଖରୀରେ ବୁଡି ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ଘଟିଛି । ସେ ହେଲେ ଜୟସିଂ ସା(୪୫)। ମଧ୍ୟାହ୍ନରେ ସେ ଘରୁ ଗାଧୋଇ ଯିବାକୁ କହି ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ସନ୍ଧ୍ୟାରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଏକ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ପରାମର୍ଶ

## ୫-ଟି ସଚିବଙ୍କ କୁଟିଣ୍ଡା ଗସ୍ତ

**କୁଟିଣ୍ଡା,୧୫।୭(ବିରଞ୍ଚି ଦର୍ଶୀ)**

ଆପଣମାନଙ୍କର ଯେଉଁସବୁ ସମସ୍ୟା ରହିଛି ତାହାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋତେ ଆପଣଙ୍କ ପାଖକୁ ପଠାଇଛନ୍ତି। ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟର ପାଇଁ ସପ୍ତାହେ ଏବଂ ଅନ୍ୟ ସମସ୍ୟା ସମ୍ପର୍କିତ ଦରଖାସ୍ତର ମାସେ ମଧ୍ୟରେ ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର କୁଟିଣ୍ଡା ଗସ୍ତରେ ଆସି ଜନ ଅଭିଯୋଗ ଗ୍ରହଣ ସଭାରେ ଉଦ୍‌ବୋଧନ ଦେଇଛନ୍ତି। ହେଲିକପ୍ଟର ଯୋଗେ ସଚିବ କଲେଜ ପଡ଼ିଆରେ ଅବତରଣକରି ମୁକୁନ୍ଦି ଷ୍ଟାଡିୟମସ୍ଥିତ ସଭାକୁ ଆସିଥିଲେ। ଏହି ଅବସରରେ ମିଶନ ଶକ୍ତି ମା'ମାନଙ୍କ ପକ୍ଷରୁ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ସଚିବ ମିଶନ ଶକ୍ତି ମା' ଓ ଜନସାଧାରଣଙ୍କ ପାଖକୁ ଯାଇ ଅଭିଯୋଗ ଗ୍ରହଣ କରିଥିଲେ। ଭଲ କାମ କରି ଏକ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ମା'ମାନଙ୍କ ପାଇଁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କୁ ୧୦ ଲକ୍ଷ ଏବଂ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା କହିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ମା'ମାନେ ଆସିଥିବାରୁ ସଚିବ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ୫-ଟି ସଚିବଙ୍କ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ମୁକେଶ ଭାମୁ, କୁଟିଣ୍ଡା ଉପଜିଲାପାଳ ବିଭୂତିଭୂଷଣ ନାୟକ, ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରସନ୍ନ ଟେଟେ, ଏସ୍‌ଡିପିଓ ରାଜକିଶୋର ମିଶ୍ରଙ୍କ ସମେତ ଉପଖଣ୍ଡର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।



ମିଶନ ଶକ୍ତି ମା'ମାନଙ୍କ ଗହଣରେ ୫-ଟି ସଚିବ।

# ସୁରେନ୍ଦ୍ର ସାଏଙ୍କ ଦାୟାଦଙ୍କୁ ଭେଟିଲେ ୫-ଟି ସଚିବ



ଖିଣ୍ଡାରେ ସୁରେନ୍ଦ୍ର ସାଏଙ୍କ ଦାୟାଦଙ୍କ ଘରେ ୫-ଟି ସଚିବ।

**ରେଙ୍ଗାଲି,୧୫।୭ (ଦେବବ୍ରତ ପଣ୍ଡା)**

୫-ଟି ସଚିବ ଭିକେ ପାଣ୍ଡିଆନ ଶନିବାର ରେଙ୍ଗାଲି ବ୍ଲକର ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡାକୁ ପରିଦର୍ଶନରେ ଯାଇଥିଲେ। ସେ ପ୍ରଥମେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦାୟାଦଙ୍କୁ ତାଙ୍କ ଘରେ ଭେଟିଥିଲେ। ଏହି ଅବସରରେ ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ପକ୍ଷରୁ ୫-ଟି ସଚିବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଠାରୁ ବାହାରି ରେଙ୍ଗାଲି ମିନି ଷ୍ଟାଡିୟମରେ ଆୟୋଜିତ ଜନସମାବେଶରେ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକଙ୍କ ପାଖରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଖୁବ୍‌ଶୀଘ୍ର ଦାବିଗୁଡିକ ପୂରା କରାଯିବ ବୋଲି କହିଥିଲେ। ନବୀନ ସରକାରଙ୍କ ବିଭିନ୍ନ ଯୋଜନା ମିଶନ ଶକ୍ତି, ବିଜୁ ସ୍ୱାସ୍ଥ୍ୟ ବୀମା, କାଳିଆ ମେଧାବୃତ୍ତି ଆଦି ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଏହି ଅବସରରେ ସମ୍ବଲପୁର ଆଇଜି ଦିପକ କୁମାର, ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ମୁକେଶ ଭାମୁ, ରେଙ୍ଗାଲି ତହସିଲଦାର, ବିଡ଼ିଓ ପ୍ରମୁଖ ଉପସ୍ଥିତ ଥିଲେ। ରେଙ୍ଗାଲିରେ ଭାଜପା ପକ୍ଷରୁ ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ସଚିବଙ୍କୁ ବିରୋଧ କରିଥିଲେ। ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା।

# ପ୍ରସ୍ତାବିତ ବୃହତ୍ ମାର୍କେଟ ଟର୍ମିନାଲ ନିର୍ମାଣ ଦାବି

**ସମ୍ବଲପୁର,୧୫।୭ (ଶୁଭାଶିଷ ପାଢ଼ୀ)**

ଝୁଝୁମୁରା ବ୍ଲକ ନୀଳଡୁଙ୍ଗରୀଠାରେ ପ୍ରସ୍ତାବିତ ବୃହତ୍ ମାର୍କେଟ ଟର୍ମିନାଲ କାର୍ଯ୍ୟକାରୀ କରିବା ଦାବି ଜୋରଧରିଛି। ଶନିବାର ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ସମ୍ବଲପୁର ଗସ୍ତ ସମୟରେ ମନ୍ଦଲିଆ ପଡିଆରେ ଆୟୋଜିତ ଜନଶୁଣାଣିରେ ଅଞ୍ଚଳବାସୀ ପକ୍ଷରୁ ଏହି ଦାବି କରାଯାଇଛି। ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ, କବରାପାଲି ସରପଞ୍ଚ ଅନ୍ତର୍ଯାମୀ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର-କଲିକତା ଜାତୀୟ ରାଜପଥ କବରାପାଲି ପଞ୍ଚାୟତର ନିଳଡୁଙ୍ଗରୀଠାରେ ପ୍ରାୟ ୬୦ ଏକର ପରିମିତ ଜମିରେ ଏକ ବୃହତ ମାର୍କେଟ ଟର୍ମିନାଲ ପିପିପି ମୋଡରେ ନିର୍ମାଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ଏଥିପାଇଁ କେନ୍ଦ୍ର ସରକାର ଅନୁମତି ଦେବା ସହିତ ଏହାର କାର୍ଯ୍ୟକାରୀ ପାଇଁ ବଡ ଅଂଶ ଧନ ଦେବାକୁ ସେତେବେଳେ ସ୍ୱୀକୃତି ପ୍ରଦାନ କରିଥିଲେ । ଏହା ନିର୍ମାଣ ହେଲେ କୃଷି ଉତ୍ପାଦିତ ଦ୍ରବ୍ୟର ରପ୍ତାନି, ବଜାରକରଣକୁ ସହଜ କରିବା ସହିତ ଶୀତଳ ଭଣ୍ଡାର ପ୍ରଭୃତି ସୁବିଧା ଚାଷୀଙ୍କୁ ମିଳିବ। ପଶ୍ଚିମ ଓଡିଶାର ୧୦ ଜିଲା ଏଥିରେ ଉପକୃତ ହୋଇପାରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଏପରି କି ଏହି ବୃହତ ଯୋଜନା ପାଇଁ ୭୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ୨୦୧୪ ଜୁନ ୨୮ରେ ଶିଳାନ୍ୟାସ ହୋଇଥିଲା। ୯ବର୍ଷ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ।

# ପୋଲିସ ସହ ଧସ୍ତାଧସ୍ତି, କଳାପଟି ବାନ୍ଧି ପ୍ରତିବାଦ

## ଭାଜପା, କଂଗ୍ରେସର ବିରୋଧ

**ସମ୍ବଲପୁର,୧୫।୭ (ଶୁଭାଶିଷ ପାଢ଼ୀ)**

୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଶନିବାର ସମ୍ବଲପୁର ଗସ୍ତ ଥିବାବେଳେ କଂଗ୍ରେସ ଓ ଭାଜପା ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଭାଜପା କର୍ମକର୍ତ୍ତା ଲକ୍ଷ୍ମୀଟକିଜ ଛକରେ ଏକ ସାଧାରଣ ସଭା କରି ସଚିବଙ୍କ ଗସ୍ତକୁ ନେଇ ବର୍ଷିଥିଲେ। ଏହିସମୟରେ ପୋଲିସ ପହଞ୍ଚି ସେମାନଙ୍କୁ ଉଠାଇ ନେଉଥିବାବେଳେ ଧସ୍ତାଧସ୍ତି ହୋଇଥିଲା। ଦଳର ବହୁ କର୍ମକର୍ତ୍ତାଙ୍କୁ ପୋଲିସ ଅଟକ ରଖିଥିଲା। ସେହିପରି କଂଗ୍ରେସ ଜିଲା ସଭାପତି ଆସଫ ଅଲ୍ଲି ଖାନଙ୍କ ନେତୃତ୍ୱରେ କର୍ମୀମାନେ ମୁଣ୍ଡରେ କଳାପଟି ବାନ୍ଧି ବିରୋଧ କରିଥିଲେ। ଜିଲା କଂଗ୍ରେସ କାର୍ଯ୍ୟାଳୟରୁ କର୍ମୀମାନେ ରାଲିରେ ବାହାରି ଲକ୍ଷ୍ମୀଟକିଜ ଛକ ପଟକୁ ଆସୁଥିଲେ। ଏହି ସମୟରେ ପୋଲିସ ବ୍ୟାରିକେଡ ଲଗାଇ ବନ୍ଦ କରିଦେଇଥିଲା। ସେଠାରେ କର୍ମକର୍ତ୍ତାମାନେ ପାଣ୍ଡିଆନ ଗୋ ବ୍ୟାକ ବୋଲି ନାରାବାଜି କରିଥିଲେ। ଶେଷରେ ପୋଲିସ ସେମାନଙ୍କୁ ଉଠାଇ ଆଣି ଥାନରେ ଅଟକ ରଖିଥିଲା। ଭାଜପା ଓ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ମୁଖ୍ୟମନ୍ତ୍ରୀଙ୍କ ଜଣେ ବ୍ୟକ୍ତିଗତ ସଚିବ ସରକାରୀ ଖର୍ଚ୍ଚରେ ସବୁ ସ୍ଥାନକୁ ଯାଇ ଦଳୀୟ ପ୍ରଚାର କରୁଛନ୍ତି। ଜନପ୍ରତିନିଧି ସଚିବଙ୍କ ପାଇଁ ଲୋକ ଏକାଠି କରୁଛନ୍ତି। ଅଭିଯୋଗ ଶୁଣାଣି ନାମରେ ବିକାଶକୁ ଆଳ କରି ଭୋଟ ପ୍ରଚାର କରୁଛନ୍ତି ବୋଲି କହିଥିଲେ। ଭାଜପା ଜିଲା ସଭାପତି ଗିରିଶ ପଟେଲ, ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଆଦିତ୍ୟ ନାଥ, ସୁରଞ୍ଜିନ ବାରିକ, ସୁତପା ମିତ୍ର, ଦିନବନ୍ଧୁ ପରିଡା, ମହମ୍ମଦ ମୁକ୍ତାର, ଜୟରାମ ବଣିଆ, ସୁନିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ଭାଜପା କର୍ମୀ-ପୋଲିସ ଧସ୍ତାଧସ୍ତି।



ମୁଣ୍ଡରେ କଳାପଟି ବାନ୍ଧି କଂଗ୍ରେସ କର୍ମକର୍ତ୍ତାଙ୍କ ବିକ୍ଷୋଭ।

# ଓଜେୟୁ ପକ୍ଷରୁ ୧୦ଦଫା ଦାବିପତ୍ର

**ସମ୍ବଲପୁର,୧୫।୭ (ଶୁଭାଶିଷ ପାଢ଼ୀ)**

ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲା ଶାଖା ପକ୍ଷରୁ ଶନିବାର ୫-ଟି ସଚିବ ଭିକେ ପାଣ୍ଡିଆନଙ୍କୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ସରକାରଙ୍କ ଦ୍ୱାରା ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ କାର୍ଯ୍ୟରତ ଖବରଦାତାଙ୍କ ବୀମା ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ମୃତ ଖବରଦାତା ପରିବାରକୁ ଖବରଦାତା କଲ୍ୟାଣ ପାଣ୍ଠିରୁ ୪ ଲକ୍ଷ ଟଙ୍କା ପ୍ରଦାନ ରାଶିକୁ ବୃଦ୍ଧି କରି ୧୫ ଲକ୍ଷ କରିବା, ଖବରଦାତାଙ୍କ ଏକ ପୂର୍ଣ୍ଣାଙ୍ଗ ତାଲିକା ସଂଗ୍ରହ ପୂର୍ବକ ରାଜ୍ୟ ଗେଜେଟରେ ପ୍ରକାଶ କରିବା, ୬୦ ବର୍ଷରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କୁ ପେନସନ୍ ବୀମାଭୁକ୍ତ କରିବା, ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, କର୍ତ୍ତବ୍ୟରତ ସାମ୍ବାଦିକ ଯାତାୟାତ ସମୟରେ ରିହାତି ଦେବା ସହ ଟୋଲଟାକ୍ସ ଛାଡ଼ କରିବା, ସାମ୍ବାଦିକ ଆବାସ ଯୋଜନା ପ୍ରଣୟନ ଆଦି ଅନ୍ୟତମ। ଏଥିପ୍ରତି ରାଜ୍ୟ ସରକାର ବିଚାର କରି ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ୫ଟି ସଚିବଙ୍କ ଦ୍ୱାରା ସ୍ଥାନୀୟ ମନ୍ଦଲିଆ ପଡିଆରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ଜିଲା ସାଧାରଣ ସମ୍ପାଦକ ସରୋଜ ସାହୁ, ରାଜ୍ୟ ଉପସଭାପତି ସୁଶାନ୍ତ ମହାପାତ୍ର, ସାଧବ ପ୍ରଧାନ, ରାଜାରାମ ଷଡ଼ଙ୍ଗୀ, ଲଳିତ ଶର୍ମା, ଗୁଣମଣୀ ବିଶ୍ୱାଳ, ଅମଳେନ୍ଦୁ ନାୟକ, ସୁବ୍ରତ ମିଶ୍ର, ବାଦସାହା ଜୁସମନ ରାଣା, ମାନସ ସାହୁ, ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# କଳାପୋଷାକ ପିନ୍ଧି ପ୍ରତିବାଦ



କଳାପୋଷାକ ପିନ୍ଧି ଧାରଣାରେ ବସିଛନ୍ତି ଭାଜପା କର୍ମକର୍ତ୍ତା।

**କୁଟିଣ୍ଡା,୧୫।୭(ବିରଞ୍ଚି ଦର୍ଶୀ)**

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ କୁଟିଣ୍ଡା ଗସ୍ତକୁ ଭାଜପା ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଶତାଧିକ କାର୍ଯ୍ୟକର୍ତ୍ତା କଳାପୋଷାକ ପରିଧାନ ପୂର୍ବକ ମୁଣ୍ଡରେ କଳାପଟି ବାନ୍ଧି ପ୍ରତିବାଦ ଜଣାଇଥିଲେ। ପାଣ୍ଡିଆନ ଗୋ ବ୍ୟାକ୍, ରାଜନୀତି ଇଚ୍ଛା ଚାକିରି ଛାଡ଼, ତାମିଲ ଭଗାଅ ଓଡ଼ିଶା ବଞ୍ଚାଅ ଆଦି ନାରା ଦେଇ ଧାରଣାରେ ବସିଥିଲେ। ଏଥିରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲା ସାଧାରଣ ସମ୍ପାଦକ ସୁଶୀଳ କର, ସୁନୀଲ ମୁଦୁଲି, ପିଙ୍କୁ ପାଣି, ମହେଶ ରାୟ, ବିବେକ ରାୟ, ପ୍ରାଣବନ୍ଧୁ ନାଥ, ବୀରେନ୍ଦ୍ର ଚୌଧୁରୀ, ଅମୋଘ ପାଣିଗ୍ରାହୀ, ଉପେନ୍ଦ୍ର ପଟେଲ, ପୂର୍ଣ୍ଣଚନ୍ଦ୍ର ପଟେଲ, ଆଶା ମିସ୍ତ୍ରି, ସୌଦାମିନୀ ଛତ୍ରିଆ, ଅନିତା ଦଶଭାୟା ପ୍ରମୁଖ ଉପସ୍ଥିତ ଥିଲେ।

## କାର୍‌କେଡ୍ ଉପରକୁ ଅଣ୍ଡାମାଡ଼

କୁଟିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ସଭା ସାରି ସଚିବ କଲେଜ ପଡ଼ିଆ ହେଲିପ୍ୟାଡ୍‌କୁ ଫେରୁଥିବା ସମୟରେ ଶାସ୍ତ୍ରୀନଗର ଛକରେ ପାଣ୍ଡିଆନଙ୍କ କାର୍‌କେଡ୍ ଉପରକୁ ଭାଜପା କର୍ମୀମାନେ ଅଣ୍ଡାମାଡ଼ କରିଥିଲେ।

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

**ଭେଡ଼େନ,୧୫।୭ (ସୁଦନ ମହାକୁର )**

ବରଗଡ଼ ଜିଲା ଭେଡ଼େନ ବ୍ଲକରେ ନିମ୍ନମାନର ଛତୁଆ ଯୋଗାଣ ହେଉଥିବା ଅଭିଯୋଗ ହେଉଛି। ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବ୍ଲକର ଭେଡ଼େନ, ଲୁହାଖଣ୍ଡି, ଅରେଇଗୁଡ଼ି, ରେଶମ, ଅଇଁଲାପାଲି, କୁବେଡ଼େଗା, ତାଲମେଣ୍ଡା, ଅର୍ଜୁଣ୍ଡା, ସଂକ୍ରୀଡ଼ା, ରେମଣ୍ଡା ଏବଂ ସୁନାଲରମ୍ଭା ଆଦି ୧୧ଟି ପଞ୍ଚାୟତକୁ ଏକ ସ୍ୱୟଂ ସହାୟକ ଜୟ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀ ଆଜକୁ ୧୨ ବର୍ଷ ହେଲା ଛତୁଆ ଯୋଗାଣ କରି ଆସୁଛି। ମାତ୍ର ତାହା ଅତି ନିମ୍ନମାନର ଓ କମ୍ ଓଜନ ରହୁଥିବା ଅଭିଯୋଗ ହେଉଛି । ଗତ ୨୦୧୬-୧୭ ମସିହାରେ ଛତୁଆର ମାନ ଓ ଓଜନରେ କମ୍ ହେଉଥିବା ଅଭିଯୋଗ ପରେ ତତ୍କାଳୀନ ସିଡ଼ିପିଓ ଉକ୍ତ ସଂସ୍ଥାକୁ ଛତୁଆ ଯୋଗାଣରୁ ବାଦ୍ ଦେଇଥିଲେ। ମାତ୍ର ସେମାନେ ଉତ୍ତମ ମାନର ଛତୁଆ ଯୋଗାଇବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ପୁନର୍ବାର ବଣ୍ଟନ ଦାୟିତ୍ୱ ଦିଆଯାଇଥିଲା। ହେଲେ ଛତୁଆ ପ୍ରସ୍ତୁତି ଓ ଯୋଗାଣରେ କୌଣସି ସୁଧାର ଆସି ନ ଥିଲା। ସରକାରଙ୍କ ପକ୍ଷରୁ ଛତୁଆ ପ୍ରସ୍ତୁତି ପାଇଁ ଯେଉଁମାନ ନିର୍ଦ୍ଧାରଣ କରାଯାଇଛି ତାହା ପାଳନ କରାଯାଉନାହିଁ। ଛତୁଆରେ ଚଣା, ବାଦାମ, ଚିନି ଆଦି ମିଶ୍ରଣ ହେଉନାହିଁ। କେବଳ ଗହମ ଗୁଣ୍ଡକୁ ପ୍ୟାକେଟ କରାଯାଇ ଯୋଗାଣ କରାଯାଉଛି। ଉକ୍ତ ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ଛତୁଆ ମହିଳା ଓ ଶିଶୁଙ୍କୁ ରୋଗାକ୍ରାନ୍ତ କରୁଥିବା ଭେଡ଼େନ ସରପଞ୍ଚ ଅକ୍ଷୟ ନାଏକ ଲିଖିତଭାବେ ସିଡ଼ିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ଯୋଗାଣ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ସମ୍ପାଦିକ କୌଶଲ୍ୟା ବେହେରାଙ୍କୁ ପଚାରିବାରୁ ଛତୁଆର ମାନ ଓ ଓଜନ ଠିକ୍ ରହିଛି। ମାତ୍ର କେତେକ ବଦନାମ କରିବା ଉଦ୍ଦେଶ୍ୟରେ ଏଭଳି ଅଭିଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଭେଡ଼େନ ସିଡ଼ିପିଓ ଅଲଫ୍ରାନ୍ସା ଟେଟେଙ୍କୁ ପଚାରିବାରୁ ଛତୁଆ ପ୍ରସ୍ତୁତି ଓ ଯୋଗାଣ ପାଇଁ ଉକ୍ତ ସଂସ୍ଥା ଜିଲାସ୍ତରୀୟ ଅଧିକାରୀଙ୍କଠାରୁ ଦାୟିତ୍ୱ ପାଇଛନ୍ତି । ମୁଁ ସେଥିରେ କ'ଣ କରିପାରିବି ବୋଲି ସେ କହିଛନ୍ତି।

# ଆଇଆଇଏମ୍‌ରେ ଏକ୍‌ଜିକ୍ୟୁଟିଭ ଏମ୍‌ବିଏର ତୃତୀୟ ବ୍ୟାଚ୍‌କୁ ସ୍ୱାଗତ

**ସମ୍ବଲପୁର,୧୫।୭ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଆଇଆଇଏମ୍‌ରେ ଏକ୍‌ଜିକ୍ୟୁଟିଭ ଏମ୍‌ବିଏର ତୃତୀୟ ବ୍ୟାଚକୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଦୁବାଇର କେପିଏମ୍‌ଜି ବୋର୍ଡ ସଦସ୍ୟ ଡ. ରିଚାର୍ଡରେଖି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେ, ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। କାର୍ଯ୍ୟନିର୍ବାହୀ ଏମ୍‌ବିଏର ଚେୟାରମ୍ୟାନ୍ ପ୍ରଫେସର ଶିଖା ଭରଦ୍ୱାଜ ସ୍ୱାଗତ କରି ପାଠ୍ୟକ୍ରମ ଉପରେ ବକ୍ତବ୍ୟ ଦେଇଥିଲେ। ପ୍ରଫେସର ଦୀପ୍ତିରାଜନ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଏକ୍‌ଜିକ୍ୟୁଟିଭ ଏମ୍‌ବିଏର ତୃତୀୟ ବ୍ୟାଚ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

# ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ବସ୍ ଦୁର୍ଘଟଣାଗ୍ରସ୍ତ

## ପାଣ୍ଡିଆନଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ

**ଜମନକିରା, ୧୫।୭ (ରବୀନ୍ଦ୍ର ପ୍ରସାଦ ଦାନି)**

ସମ୍ବଲପୁରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ କାର୍ଯ୍ୟକ୍ରମରେ ଶନିବାର ଯୋଗଦେବାକୁ କଲେଜ ଛାତ୍ରୀଛାତ୍ରଙ୍କୁ ଧରି ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କୌଣସି ପିଲାଙ୍କ କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ଏଭଳି ଘଟଣାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

ସୂଚନା ଅନୁଯାୟୀ ସଚିବ ପାଣ୍ଡିଆନ୍‌ଙ୍କ ଶନିବାର ସମ୍ବଲପୁର ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ଧନକଉଡ଼ା ବ୍ଲକରେ ଥିବା ତାଙ୍କ କାର୍ଯ୍ୟକ୍ରମରେ କଲେଜ ଛାତ୍ରୀଛାତ୍ରଙ୍କୁ ଯୋଗଦେବା ପାଇଁ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ କରାଯାଇଥିଲା। ସେହି ଅନୁଯାୟୀ ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜମନକିରା ଯୁକ୍ତ ୨ ଓ ଯୁକ୍ତ ୩ କଲେଜ କର୍ତ୍ତୃପକ୍ଷଙ୍କୁ ୭ଟି ବସ୍ ଦିଆଯାଇଥିଲା। ଏହି ବସ୍‌ଗୁଡ଼ିକରେ ୫ ଶହ ପିଲାଙ୍କୁ ନେଇ ଯିବା ପାଇଁ ସ୍ୱତନ୍ତ୍ର ବୈଠକ କରି କୁହାଯାଇଥିଲା। ଉଭୟ କଲେଜରୁ ମୋଟ ୪୫୦ ଛାତ୍ରୀଛାତ୍ର ଅପରାହ୍ନ ସାଢ଼େ ୨ଟା ସମୟରେ ଧନକଉଡ଼ା ଅଭିମୁଖେ ବାହାରିଥିଲେ। ରାସ୍ତାର ବଡରମା ଘାଟିରେ ଗୋଟିଏ ବସ୍ (ଓଡି୧୭-୭୫୭୨) ସମ୍ମୁଖରୁ ଆସୁଥିବା ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସୌଭାଗ୍ୟବଶତଃ ଉଭୟ ଗାଡ଼ି ମନ୍ଥର ଗତିରେ ଥିବାରୁ ବସ୍‌ରେ ଥିବା ପ୍ରାୟ ୪୫ ଛାତ୍ରୀଛାତ୍ରଙ୍କ କୌଣସି କ୍ଷତି ହୋଇ ନ ଥିଲା। ପରେ ଅନ୍ୟ ଏକ ବସ୍‌ରେ ଛାତ୍ରୀଛାତ୍ରଙ୍କୁ ନେଇ କଲେଜ କର୍ତ୍ତୃପକ୍ଷ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିର୍ଦ୍ଦେଶ କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଦୁର୍ଘଟଣାରେ ଯଦି କାହାର କିଛି ହୋଇଥାନ୍ତା ସେଥିପାଇଁ କିଏ ଦାୟୀ ହୋଇଥାନ୍ତେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ପ୍ରସନ୍ନ କୁମାର ପଟେଲ ଓ କଲେଜ ଅଧକ୍ଷ ଅରୁଣ କୁମାର ପଟେଲଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ କିଛି ଅସୁବିଧା ହୋଇ ନ ଥିବା କହିଥିଲେ।




ଦୁର୍ଘଟଣାଗ୍ରସ୍ତ ବସ୍।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଗିରଫ

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର)- ବଲାଙ୍ଗୀର ସଦର ଥାନା ସିନ୍ଦୁରବାହାଲ ଗ୍ରାମର ଟିଟୁ ତାଙ୍ଗଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଖମାରମୁଣ୍ଡା-ସଦାଇପାଲି ବାଇପାସ୍ ରାସ୍ତା କଡରୁ ମୁମୂର୍ଷୁ ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରିଥିଲା। ଘଟଣାର ତଦନ୍ତ କରି ପୋଲିସ ବୀରମୁଣ୍ଡା ଗ୍ରାମର ପ୍ରଶାନ୍ତ କୁମାର କୁଅଁର (୩୦)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଶୁକ୍ରବାର ଖିଆପିଆ ପରେ ପ୍ରଶାନ୍ତ ଅତର୍କିତ ଆକ୍ରମଣ କରି ଟିଟୁ ଙ୍କୁ ସେଠାରେ ଛାଡି ଫେରାର ହୋଇଯାଇଥିଲେ ବୋଲି ସୂଚନା ଦେଇଥିଲେ।

## ସଂକ୍ଷେପରେ

### କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କଲେ କୃଷି କର୍ମଚାରୀ

**ଖପ୍ରାଖୋଲ,୧୫।୭(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା କୃଷି କର୍ମଚାରୀ ୬ ଦଫା ଦାବିରେ କଳାବ୍ୟାଜ ପିନ୍ଧି ଶନିବାର ପ୍ରତିବାଦ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ପଦବୀର ନାମ ପରିବର୍ତ୍ତନ, ଗ୍ରେଡ ପେ ବୃଦ୍ଧି, ଚାକିରି କାଳରେ ପଦୋନ୍ନତି, କମ୍ପ୍ୟୁଟର ଓ ମୋବାଇଲ ଖର୍ଚ୍ଚ ପ୍ରଦାନ ଆଦି ଅନ୍ୟତମ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଇପ୍ସିତା ବାରିକ, ବବିତା ପାଣିଗ୍ରାହୀ, କୁମୁଦିନି ପାଣିଗ୍ରାହୀ, ଜଗଦୀଶ ଭୋଇ, ଦୀନବନ୍ଧୁ ବାଗ, ଦିଲେଶ୍ୱର ଚଇନି, ସୂର୍ଯ୍ୟ ଭୋଇ, ମନିକରାମ ଶବର, ସୁଧାଂଶୁ କୁମାର ଜାଲ, ସୁଶାନ୍ତ ଧରୁଆ ପ୍ରମୁଖ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା କୃଷି କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ।

### ଆରଟିଆଇ କର୍ମୀଙ୍କ ବିରୋଧରେ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଦାବି

**ବଲାଙ୍ଗୀର,୧୫।୭(ବୀରେନ୍ଦ୍ର କୁମାର ଝାଙ୍କର):** ଯାଜପୁର ଜିଲାର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ବିରୋଧରେ ଲଗାଯାଇଥିବା ମିଥ୍ୟା ମକଦ୍ଦମା ତୁରନ୍ତ ପ୍ରତ୍ୟାହାର ଦାବି ନେଇ ବଲାଙ୍ଗୀର ଜିଲାର ସୂଚନା ଅଧିକାର କର୍ମୀମାନେ ଶନିବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ବେହୁରା ଦୀର୍ଘବର୍ଷ ହେଲା ତାଙ୍କ ଅଞ୍ଚଳରେ ସରକାରୀ ଯୋଜନାରେ ଚାଲିଥିବା ହରିଲୁଟ୍, ଖଣିଚୋରି, ହଜାର କୋଟିର ଖଣିଜ ପଦାର୍ଥ ଲୁଟ୍ ଓ ଅନ୍ୟାନ୍ୟ ସଙ୍ଗୀନ ପ୍ରସଙ୍ଗରେ ସୂଚନା ଅଧିକାର ଆଇନ ଜରିଆରେ ତଥ୍ୟ ସଂଗ୍ରହ କରି ଦୁର୍ନୀତି ବିରୋଧରେ ଲଢ଼େଇ କରିଥିଲେ। ଏହା ଫଳରେ ତାଙ୍କ ବିରୋଧରେ ମିଥ୍ୟା ମକଦ୍ଦମା, ନିର୍ଯାତନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସୂଚନା ଅଧିକାର କର୍ମୀ ନୀଳମଣି ଯୋଷୀ, ଶିବପ୍ରସାଦ ସାହୁ, କୃଷ୍ଣଚନ୍ଦ୍ର ବନ୍‌ଛୋର, କେଦାରନାଥ ନନ୍ଦ, ଗୋପବନ୍ଧୁ ଛତ୍ରିଆ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, କାଳିନ୍ଦ୍ରୀ ମାଝି, ପ୍ରମୋଦ କୁମାର ବେହେରା, ସତ୍ୟ ବନଛୋର ଉପସ୍ଥିତ ଥିଲେ।

### ଅଚ୍ୟୁତାନନ୍ଦ ଉଦ୍‌ଗାତାଙ୍କ ପରଲୋକ

**ବଲାଙ୍ଗୀର, ୧୫।୭ (ବୀରେନ୍ଦ୍ର କୁମାର ଝାଙ୍କର):** ଜଣାଶୁଣା ସାହିତ୍ୟିକ, ମଞ୍ଚ ଅଭିନେତା, ନିର୍ଦ୍ଦେଶକ, ପ୍ରତିଷ୍ଠିତ ଜ୍ୟୋତିଷ ଭାବେ ପରିଚିତ ଅଚ୍ୟୁତାନନ୍ଦ ଉଦ୍‌ଗାତା



(୭୪)ଙ୍କ ପରଲୋକ ହୋଇଯାଇଛି। ସେ କୋଶଳ ବ୍ରହ୍ମା, ଜ୍ୟୋତିଷ ବିଶାରଦ୍ ତଥା ଅନେକ ଅନୁଷ୍ଠାନରୁ ଉପାଧି ଓ ସମ୍ମାନ ପାଇଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କର ଉପଅଧିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କର ଜ୍ୟୋତିଷ ଏବଂ ଅନ୍ୟାନ୍ୟ ସାହିତ୍ୟ ରଚନାଗୁଡିକ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ । ସେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଥିଲେ। ବଲାଙ୍ଗୀରର ବିଭିନ୍ନ ସାହିତ୍ୟିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ସହ ସେ ଜଡିତ ଥିଲେ । ତାଙ୍କର ବିୟୋଗରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସାହିତ୍ୟିକ କପିଳ ପତି, ବ୍ରାହ୍ମଣ ମହାସଭା ସଭାପତି ଧନଞ୍ଜୟ ମିଶ୍ର, ସମ୍ପାଦକ ଜୟରାମ ମିଶ୍ର, ପର୍ଶୁରାମ ନାୟକ, ସାମାଜିକ କର୍ମୀ ଅରୁଣ ଖୁଆସ, ଶିଶୁ ବିକାଶ କେନ୍ଦ୍ରର ସଂପାଦକ ରତ୍ନମୟ ତ୍ରିପାଠୀ, ଅଙ୍କୁର ଶିଶୁ ସାହିତ୍ୟ ସଙ୍ଗଠନ ସଭାପତି କସ୍ତୁରୀ ରଥ, ସମ୍ପାଦକ ଡା. ଅଶୋକ କୁମାର ସେଠୀ, ଆଦ୍ୟାଶକ୍ତି ନାରୀ ସଙ୍ଗଠନରୁ ନିହାରିକା ମିଶ୍ର, ପୂଜ୍ୟପୂଜା ସେବା ସଙ୍ଗଠନର ସମ୍ପାଦକ ମଦନ ମୋହନ ରଥ, ସତ୍ୟବନ୍ତ ବେଦବାକ, ନୃତେନ୍ଦ୍ର କୁମାର ବେହେରା ଗଭୀର ଶୋକପ୍ରକାଶ କରିଛନ୍ତି। ତାଙ୍କ ବାସଭବନକୁ ବହୁ ବ୍ୟକ୍ତି ଯାଇ ଶେଷଦର୍ଶନ କରିଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ଆଶିଷ ରଞ୍ଜନ ଉଦ୍‌ଗାତା ଓ ପୁତ୍ରବଧୂ ଚିନ୍ମୟୀ ଉଦ୍‌ଗାତା, କନିଷ୍ଠ ପୁତ୍ରବଧୂ ସରିତା ଉଦ୍‌ଗାତା, କନ୍ୟା ତନୁଜା ପତି ଓ ଜାମାତା ଦେବାଶିଷ ପତି ଓ ନାତି ନାତୁଣି ଉପସ୍ଥିତ ଥିଲେ । ବିଭୂତିପଡା ଶ୍ମଶାନରେ ଶୁକ୍ରବାର ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଆଶିଷ ରଞ୍ଜନ ମୁଖାଗ୍ନି ଦେଇଥିଲେ ।



ହତ୍ୟାରେ ବ୍ୟବହୃତ କଟୁରୀ, ରକ୍ତଭିଜା ଶାର୍ଟ ଏବଂ ମୋବାଇଲ ଫୋନ।



ଗିରଫ ଦୁଇ ଅଭିଯୁକ୍ତଙ୍କୁ ଧରି ପୋଲିସ ଏସ୍‌ଡିପିଓ ତୋଫାନ୍ ବାଗ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ପ୍ରେମ ସମ୍ପର୍କକୁ ଅସ୍ୱୀକାର କରିବାରୁ ହତ୍ୟା

**ବଲାଙ୍ଗୀର, ୧୫।୭ (ବୀରେନ୍ଦ୍ର କୁମାର ଝାଙ୍କର)**

**ଘରେ ପଶି ନାବାଳିକାଙ୍କ ତଣ୍ଟି କାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ**
- ଗିରଫ ୨ ଅଭିଯୁକ୍ତ ଜେଲ ଗଲେ
- ଫେରାର ତୃତୀୟ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ
- ଶେଷାଦ୍ରି ଫେରାଇ ଦେଇଥିଲେ ଟେଡି ବିୟର

ବଲାଙ୍ଗୀର ସହର କେନ୍ଦ୍ରୀୟ ବିଦ୍ୟାଳୟ ନିକଟସ୍ଥ ନିଖିଳ ନଗରରେ ଗୁରୁବାର ଘରେ ପଶି ନାବାଳିକା ଶେଷାଦ୍ରୀ ନାଗ (୧୫)ଙ୍କ ତଣ୍ଟି କାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ପୋଲିସ। ଏହି ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ଆଗଲପୁର ଥାନା ରୋତ୍ ଗ୍ରାମର ମିଲନ୍ ରଣା (୨୧) ଓ ଜିତୁ ରଣା (୨୧)ଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ତୃତୀୟ ଅଭିଯୁକ୍ତ ଫେରାର ରହିଛନ୍ତି ଏବଂ ତାଙ୍କୁ ଖୋଜାଖୋଜି କରାଯାଉଛି ବୋଲି ସଦର ଏସଡିପିଓ ତୋଫାନ୍ ବାଗ ସ୍ଥାନୀୟ ଟାଉନ୍ ଥାନାରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରେମ ସମ୍ପର୍କ ରଖିବାକୁ ମନା କରିବାରୁ ଉଦ୍‌କ୍ଷିପ୍ତ ଅଭିଯୁକ୍ତ ମିଲନ ରଣା ନାବାଳିକା ନାଗଙ୍କୁ ତଣ୍ଟିକାଟି ହତ୍ୟା କରିଥିଲେ ବୋଲି କହିଛନ୍ତି।

ଏସ୍‌ଡିପିଓ ବାଗ କହିଥିଲେ ଯେ, ପ୍ରାୟ ୪ ବର୍ଷ ତଳେ ସାଲେଭଟାଠାରେ ଏକ ବାହାଘରେ ଅଭିଯୁକ୍ତ ମିଲନ ଓ ଶେଷାଦ୍ରୀଙ୍କ ପରିଚୟ ହୋଇଥିଲା। ସେହିଦିନରୁ ମିଲନ ତାଙ୍କ ସହ କଥାବାର୍ତ୍ତା ରଖିଆସିଥିଲେ। ତେବେ ପ୍ରାୟ ୧ ବର୍ଷ ହେବ ଶେଷାଦ୍ରୀ ମିଲନଙ୍କ ସହ କୌଣସି ସମ୍ପର୍କ ନରଖି ପାଠପଢ଼ାରେ ଧ୍ୟାନ ଦେଇଥିଲେ। ଇତିମଧ୍ୟରେ ରୋତ୍ ଗାଁରୁ ମିଲନ ଓ ତାଙ୍କର ଅନ୍ୟ ଦୁଇଜଣ ସାଥୀ ଜିତୁ ଏବଂ ଫେରାର ଥିବା ଅନ୍ୟ ଜଣେ ସହଯୋଗୀ ଗତ ୧୩ ତାରିଖରେ ଏକ ମୋଟର ସାଇକଲରେ ବଲାଙ୍ଗୀର ଅଭିମୁଖେ ବାହାରିଥିଲେ। ମିଲନ ଓ ଫେରାର ଥିବା ଯୁବକ ଜଣକ ତାମିଲନାଡୁ କାମ କରିବାକୁ ଯିବାକୁ ଥିବାରୁ ଜିତୁ ତାଙ୍କୁ ବଲାଙ୍ଗୀର ରେଲୱେ ଷ୍ଟେଶନ୍‌କୁ ଛାଡିବା ପାଇଁ ଆସିଥିଲେ। ତେବେ ତାମିଲନାଡୁ ଯିବା ପୂର୍ବରୁ ଶେଷାଦ୍ରୀଙ୍କୁ ଥରେ ଭେଟିବାକୁ ଇଚ୍ଛା କରି ମିଲନ୍ ତାଙ୍କ ମୋବାଇଲରେ ହ୍ୱାଟସ୍ ଆପ୍ ମ୍ୟାସେଜ କରିଥିଲେ। ନାବାଳିକା କୌଣସି ଉତ୍ତର ଦେଇ ନ ଥିଲେ। ଫଳରେ ତିନିଜଣ ଯାକ ମୋଟର ସାଇକଲରେ ନିଖିଲ ନଗରକୁ ଯାଇଥିଲେ। ଜିତୁ ମୋଟର ସାଇକଲ ଧରି ନିଖିଳ ନଗର ରାସ୍ତା କଡରେ ଠିଆ ହୋଇଥିବାବେଳେ ମିଲନ ଓ ଫେରାର ଥିବା ଅଭିଯୁକ୍ତ ଶେଷାଦ୍ରୀଙ୍କ ଘରକୁ ଯାଇଥିଲେ। ଘର ସମ୍ମୁଖରେ ଫେରାର ଥିବା ଅଭିଯୁକ୍ତ ଠିଆ ହୋଇଥିବାବେଳେ ମିଲନ ଘର ଭିତରକୁ ପଶି ତାଙ୍କ ସହ କଥାବାର୍ତ୍ତା ଓ ପରେ ଯୁକ୍ତିତର୍କ ଲାଗିଥିଲେ। କୌଣସି ପ୍ରକାର ସମ୍ପର୍କ ରଖିବାକୁ ଚାହୁଁ ନାହାନ୍ତି ବୋଲି କହି ବର୍ଷକ ତଳେ ଜନ୍ମଦିନ ଉପହାରଭାବେ ଦେଇଥିବା ଟେଡି ବିୟରକୁ ଶେଷାଦ୍ରୀ ଫେରାଇ ଦେବାରୁ ଉତ୍‌କ୍ଷିପ୍ତ ହୋଇ ମିଲନ୍ ସେଠାରେ ଥିବା ଏକ ଠେଙ୍ଗାରେ ଶେଷାଦ୍ରୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ କରିବା ପରେ ନାବାଳିକା ଜଣକ ତଳେ ପଡିଯାଇଥିଲେ। ସେଠାରୁ ଅଭିଯୁକ୍ତ ମିଲନ ପଳାଇ ଯାଉଥିବାବେଳେ ଏକ କଟୁରୀ ଦେଖି ସେଥିରେ ଶେଷାଦ୍ରୀଙ୍କ ତଣ୍ଟି କାଟିବା ସହ ମୁଣ୍ଡରେ ଆଘାତ ଦେଇଥିଲେ। ମୃତ ବୋଲି ଜାଣିବା ପରେ ରକ୍ତଭିଜା ହାତକୁ ଶେଷାଦ୍ରୀଙ୍କ ବାପାଙ୍କ ଏକ ଶାର୍ଟରେ ପୋଛି କଟୁରୀ ଓ ରକ୍ତଭିଜା ଶାର୍ଟକୁ ଘରପଛ ପଟ ଜଙ୍ଗଲ ଭିତର ଚଟାଣ ପଛରେ ଲୁଚାଇ ଫେରାର ହୋଇଯାଇଥିଲେ। ସେଠାରୁ ତିନିଜଣ ଯାକ ମୋଟର ସାଇକଲରେ ବଲାଙ୍ଗୀର ରେଲୱେ ଷ୍ଟେଶନ୍‌କୁ ଯାଇଥିଲେ। ସେଠାରୁ ଟାଟା-ଏର୍ଣ୍ଣାକୁଲମ୍ ଟ୍ରେନ୍‌ରେ ଚଢ଼ି ଚେନ୍ନାଇ ଅଭିମୁଖେ ଯାତ୍ରା କରିଥିଲେ। ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଆରମ୍ଭ କରିବା ପରେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ରାୟଗଡା ପୋଲିସ, ରାୟଗଡା ଜିଆର୍‌ପିକୁ ଯୋଗାଯୋଗ କରାଯାଇଥିଲା। ତେବେ ଜିଆର୍‌ପି ପୋଲିସ ବିଜୟନଗରମ୍ ଠାରେ ଅଭିଯୁକ୍ତ ମିଲନଙ୍କୁ ଗିରଫ କରଥିଲା। ଅନ୍ୟଜଣେ ଅଭିଯୁକ୍ତ ଫେରାର ମାରିବାରେ ସଫଳ ହୋଇଥିଲା। ତୃତୀୟ ଅଭିଯୁକ୍ତ ଜିତୁ ରଣା ବଲାଙ୍ଗୀର ରେଲୱେ ଷ୍ଟେଶନ୍‌ରୁ ରୋତ୍ ସ୍ଥିତ ଘରକୁ ଫେରି ସେଠାରୁ ସମ୍ବଲପୁର ଅଭିମୁଖେ ପଳାଇଥିଲେ। ସମ୍ବଲପୁରରୁ ଜିତୁ ରଣାଙ୍କୁ ଗିରଫ କରାଯାଇଥିଲା। ଏନେଇ ଟାଉନ୍ ଥାନାରେ ଏକ ମାମଲା (୩୪୧/୨୩) ରୁଜୁ ହୋଇଛି। ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀ, ରକ୍ତଭିଜା ଶାର୍ଟ, ମୃତା ନାବାଳିକାଙ୍କ ମୋବାଇଲ ଜବତ କରିଛି।

## କ୍ଲଷ୍ଟରସ୍ତରୀୟ ମତ ବିନିମୟ ବୈଠକ

**ଗୁଡ଼ଭେଲା,୧୫।୭ (ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ତୁଷୁରା ଆଞ୍ଚଳିକ ସାଧନ କେନ୍ଦ୍ରର କ୍ଲଷ୍ଟରସ୍ତରୀୟ ମତ ଆଦାନ ପ୍ରଦାନ ବୈଠକ ଶନିବାର ତୁଷୁରା ସରକାରୀ ବାଳିକା ନୋଡାଲ ହାଇସ୍କୁଲଠାରେ ପ୍ରଧାନଶିକ୍ଷକ ଭକ୍ତ ଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲଷ୍ଟର୍ ଅନ୍ତର୍ଗତ ୧୦ଟି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ସିଆରସିସି ଜଗ ମୋହନ ତ୍ରିପାଠୀ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପର୍ଯ୍ୟବେକ୍ଷକଭାବେ ଡାଏଟ ସିଆରସିସି କୋଅର୍ଡିନେଟର ଗୁଡଭେଲା ବ୍ଲକ ଗୋପାଳ ଚନ୍ଦ୍ର ପ୍ରଧାନ ଓ ପେଡାଗୋଜି କୋଅର୍ଡିନେଟର ମଧୁମିତା ଦାଶ ଓ ପ୍ରୋଗ୍ରାମ କୋଅର୍ଡିନେଟର ଦେବେଶ ମିଶ୍ର ଯୋଗ ଦେଇଥିଲେ। ବୈଠକ ଶେଷରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଗୁଡଭେଲା ବ୍ଲକର ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଋଷିଆ ମେହେରଙ୍କୁ ତୁଷୁରା କ୍ଲଷ୍ଟର ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକମାନେ ସମୟାନୁବର୍ତ୍ତୀ ହୋଇ ନିଜର କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରିବାକୁ ବିଇଓ ମେହେର ପରାମର୍ଶ ଦେଇଥିଲେ। ଏଥିସହିତ ଶିକ୍ଷା ବିଭାଗର ସମସ୍ତ ସମସ୍ୟାର ଆଶୁ ସମାଧାନ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ବିଆରସିସି, ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ତୁଷୁରା କ୍ଲଷ୍ଟରକୁ ନୂତନଭାବେ ତୃତୀୟ ଶ୍ରେଣୀ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିବା ଆର୍ତ୍ତତ୍ରାଣ ବେହେରା, ଦୁତିଆ ସେଠ ଓ ମନ୍ମଥ ରାଜହଂସଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଶେଷରେ ଶିକ୍ଷକ ତଥା ଆଶୁକବି ହେମନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱର୍ଗତ ଘାସିରାମ ମାଝିଙ୍କ ଜୟନ୍ତୀରେ ସ୍ୱାସ୍ଥ୍ୟ ଶିବିର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ନୂଆପଡ଼ା,୧୫।୭(ମକାରୁ ବେମାଲ)**

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଶ୍ରୀ ଘାସିରାମ ମାଝି ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ନୂଆପଡା ଓ ଡ.ନମ୍ରତା ଚକ୍ଷୁ ଚିକିତ୍ସାଳୟ ଜୟପୁର ମିଳିତ ଆନୁକୂଲ୍ୟରେ ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୨୨୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୩୫ ଜଣଙ୍କୁ ମାଗଣାରେ ପରୀକ୍ଷା କରି ଚଷମା ଦିଆଯାଇଥିବା ବେଳେ ୬୪ଜଣଙ୍କ ଚକ୍ଷୁ ଅପରେସନ ନମ୍ରତା ଚକ୍ଷୁ ଚିକିତ୍ସାଳୟ ଜୟପୁରଠାରେ କରାଯିବ। ୧୨୧ଜଣଙ୍କୁ ମାଗଣାରେ ଔଷଧ ଦିଆଯାଇଥିଲା। ଏହି ଅବସରରେ ଘାସିରାମ ମାଝି ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷା ସରୋଜିନୀ ମାଝିଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ସଭା ଆୟୋଜନ କରାଯାଇଥିଲା। ସଭାରେ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି, ଉପଜିଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଚୌଧୁରୀ ଶୋଭାରାଣୀ ମିଶ୍ର, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ସଦର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମହମ୍ମଦ ଆଦାମ, ବିଶିଷ୍ଟ ଶିକ୍ଷାବିତ ଶିବ ପ୍ରସାଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମଙ୍କ ଜୀବନି, କାର୍ଯ୍ୟ ଦକ୍ଷତ, ଜିଲା ଗଠନର ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି ସଭା ପରିଚାଳନା କରିଥିବା ବେଳେ କମଲେଶ ଠାକୁର, ସରପଞ୍ଚ କବିତା ସାହୁ, ସମିତି ସଭ୍ୟ ରାଧେଶ୍ୟାମ ବାଗ, ଭାନୁ ପ୍ରତାପ ଦଣ୍ଡସେନା, କୌଶିକ ସାହୁ, ଗୋବର୍ଦ୍ଧନ ମାଝି, ରାମେଶ ରାଉତ, ପ୍ରେମ ମାଝି, ନିଲେଉ କେଉଟ ପ୍ରମୁଖ ସହଯୋଗ କରିଥିଲେ।

## କୋକସରା ଆଦର୍ଶ ବିଦ୍ୟାଳୟରେ ବୃକ୍ଷ ରୋପଣ

**କୋକସରା,୧୫।୭ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ଆଦର୍ଶ ବିଦ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଧୁନିକ ସଭ୍ୟତା ପାଇଁ ପରିବେଶ ପ୍ରଦୂଷଣ ହେଉଛି। ଏହାକୁ ରୋକିବା ଓ ପ୍ରକୃତିକୁ ସନ୍ତୁଳନ କରିବା ପାଇଁ ବୃକ୍ଷ ରୋପଣ ପାଇଁ ଆମେ ସମସ୍ତେ ଶପଥ ନେଇ ପତିତ ସ୍ଥାନରେ ବୃକ୍ଷରୋପଣ କରିବା ବୋଲି ଅତିଥିମାନେ କହିଥିଲେ। ମୁଖ୍ୟଅତିଥି ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ବିଇଓ ସୁଶ୍ରୀ ରଶ୍ମିତା ନେତମ, ବିଆରସିସି ତୋଫାନ ମାଝି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଦୀନବନ୍ଧୁ କରଙ୍କ ପରିଚାଳନାରେ ଉପସ୍ଥିତ ଅତିଥିମାନେ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ କମଳାକାନ୍ତ ସାହୁ, ଅମୂଲ୍ୟ କୁମାର ସିଂ, ଶଙ୍କର ରାଉତ, କିଶନ କୁମାର ତାଣ୍ଡି, ପଦ୍ମମୁଖ ଚଲାନ, ସୁରେନ୍ଦ୍ର କୁମାର ଦାସ, ଧୀରେନ୍ଦ୍ର ନାଥ ଠାକୁର, ବିଶ୍ୱରଞ୍ଜନ ସାହୁ, ଅମୂଲ୍ୟ ସିଂ, ଅଶ୍ୱିନ ଅଜିତାଭ ସାହୁ, ଚିଦାନନ୍ଦ ସାହୁ, ମଳୟ ସରାବୁ, ମମତା ରାଣି ଧ. ମାଝି, ନଳିନୀ ପ୍ରଭା ନାଏକ, ଅଞ୍ଜଳି ମହାପାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

## ଚାଷ ପାଇଁ ଛଡ଼ା ଗଲା ତିଖାଲି ଡ୍ୟାମ ପାଣି

**ଖଡ଼ିଆଲ,୧୫।୭(ସୁଜିତ୍ ପ୍ରଧାନ)**

ନୂଆପଡ଼ା ଜିଲାରେ ଚଳିତବର୍ଷ ଜୁନ ଓ ଜୁଲାଇରେ ସ୍ୱଳ୍ପ ବର୍ଷାପାତ ଯୋଗୁ ଚାଷକାର୍ଯ୍ୟ ପ୍ରଭାବିତ ହୋଇଛି। ଗତ ୧୨ ତାରିଖରେ ତିଖାଲି ଡ୍ୟାମ ବାମ ମୁଖ୍ୟ କେନାଲରେ ପାଣି ଛଡା ଯାଇଥିବା ବେଳେ ଶନିବାର ଖରିଫ ଚାଷ ପାଇଁ ନୂଆପଡା ଜିଲା ଖଡ଼ିଆଲସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଡାହାଣ ମୁଖ୍ୟ କେନାଲରେ ପାଣି ଛଡାଯାଇଛି। ଡ୍ୟାମର ଡାହାଣ ମୁଖ୍ୟ କେନାଲରେ ପାରମ୍ପାରିକ ରୀତିରେ ପୂଜାର୍ଚ୍ଚନା ପରେ ଦୁଇଟି ଗେଟରେ ପାଣି ଛଡା ଯାଇଛି। ପ୍ରଥମ ଥର ପାଇଁ ଡାହାଣ ମୁଖ୍ୟ କେନାଲର ଜଳ ଭୂତଳ ପାଇପ ଲାଇନ ମାଧ୍ୟମରେ ଖଡ଼ିଆଲ ବ୍ଲକର ଡୁଆଝର ପର୍ଯ୍ୟନ୍ତ ପାଣି ଯୋଗାଇବା ପାଇଁ ପ୍ରସ୍ତୁତି କରାଯାଇଛି। ଏହି ପାଣି ଜିଲାର ବୋଡେନ ଏବଂ ଖଡ଼ିଆଲ ବ୍ଲକର ପାଖାପାଖି ୩ ହଜାର ୫୦୦ ହେକ୍ଟର ଜମିରେ ଲାଗିବ। ପାଣି ଛାଡିବା ସମୟରେ ତିଖାଲି ପାଣି ପଞ୍ଚାୟତ ପ୍ରକଳ୍ପ କମିଟିର କୋଷାଧ୍ୟକ୍ଷ ତଥା ଡାହାଣ ମୁଖ୍ୟ କେନାଲ ଆବଣ୍ଟନ କମିଟି ସଭାପତି ମାନବିନ୍ଦ୍ର ସିଂ ବାରିକ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଯୁଗଳ କିଶୋର ଖାଟୁଆ, ଏସଡିଓ ସୌରଭ କୁମାର ଦାସ, ସହାୟକ ଯନ୍ତ୍ରୀ ଜୟନାରାୟଣ ନାୟକ, ହରପ୍ରସାଦ ଜଗତ, ରାମେଶ୍ୱର ମେହେରଙ୍କ ସମେତ ସମସ୍ତ ପଦାଧିକାରୀ ଓ ପାଣି ପଞ୍ଚାୟତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି



କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର, କଲେଜ ଡେଭଲପମେଣ୍ଟ କମିଟି କାଉନସିଲର ଚେୟାରମ୍ୟାନ ପ୍ରଫେସର ବିଘ୍ନେଶ ପ୍ରସାଦ ମିଶ୍ର ଓ ଅନ୍ୟମାନେ।

**ଟିଟିଲାଗଡ଼, ୧୫।୭ (ଶରତ ମିଶ୍ର)**

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ଏବଂ କଲେଜ ଡେଭଲପମେଣ୍ଟ କମିଟି କାଉନସିଲର ଚେୟାରମ୍ୟାନ ପ୍ରଫେସର ବିଘ୍ନେଶ ପ୍ରସାଦ ମିଶ୍ର ଶନିବାର ଟିଟିଲାଗଡ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ଗସ୍ତରେ ଆସିଥିଲେ। ମହାବିଦ୍ୟାଳୟ ଏନସିସି ଛାତ୍ରଛାତ୍ରୀ ଅତିଥିଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦୋଳଗୋବିନ୍ଦ ବିଶି, ଅଧ୍ୟକ୍ଷ ମେଜର ଡ. ମଧୁସୁଦନ ମିଶ୍ର ତଥା ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ରଙ୍କ ସେମାନଙ୍କୁ ପାଛୋଟି ନେଇଥିଲେ। କୁଳପତି ମହାପାତ୍ର ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଟିଟିଲାଗଡ ଡିଏଭି ମହାବିଦ୍ୟାଳୟକୁ ପୋଷ୍ୟ ଭାବରେ ଗ୍ରହଣ କରିବ ବୋଲି ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିଶ୍ରୁତି ଦେଇଛନ୍ତି। ରାଜନୀତି ବିଜ୍ଞାନ, ରସାୟନ, ପ୍ରାଣୀ, ଉଦ୍ଭିଦ, ଶିକ୍ଷା, ଗଣିତ, ଇଂରାଜୀ, ପଦାର୍ଥ ବିଜ୍ଞାନ ଆଦି କୁଳପତି ପରିଦର୍ଶନ କରିଥିଲେ। ଡ. ସୋମନାଥ ସ୍ମୃତି ସ୍ମାରକୀ କକ୍ଷରେ ଅନୁଷ୍ଠିତ ସଭାରେ କୁଳପତି ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଏହି ମହାବିଦ୍ୟାଳୟ ଏକ ପ୍ରମୁଖ ଗବେଷଣା କେନ୍ଦ୍ର ହେଉ ବୋଲି ଆଶା ପୋଷଣ କରିଥିଲେ। ପରିଚାଳନା କମିଟି ସଭାପତି ଡ. ବିଶି ଯୁକ୍ତ ୨କୁ ଡିଏଭି ମହାବିଦ୍ୟାଳୟରୁ ପୃଥକ କରିବାକୁ ଦାବି କରିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ସମସ୍ତ କାର୍ଯ୍ୟରେ ପରାମର୍ଶ ଏବଂ ସହଯୋଗ କରିବାକୁ ଅଧକ୍ଷ ଡ. ମିଶ୍ର କହିଥିଲେ। ଏହି ମହାବିଦ୍ୟାଳୟରେ ସମସ୍ତ ବିଭାଗରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ନେଇ ଅଧକ୍ଷ କୁଳପତିଙ୍କ ସହଯୋଗ ଲୋଡିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଉମେଶ ଚନ୍ଦ୍ର ସାହୁ, ଡ. ପ୍ରଣବ କିଶୋର ପୁରୋହିତ, ବିଧାନ ମିଶ୍ର, କୃଷ୍ଣ ଶତପଥୀ, ସନ୍ତୋଷ ପଣ୍ଡା, ବିପିନ ରାଉତ, ସସ୍ମିତା ପାଣିଗ୍ରାହୀ, ଡ. ରମାକାନ୍ତ ବେହେରା, ବେଦବର ରଣା, ଅଲକାନନ୍ଦା ମଲ୍ଲ, ଚିରଞ୍ଜିବି ପଟ୍ଟନାୟକ, ବିନୋଦ ପଟ୍ଟନାୟକ, ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ଉପସ୍ଥିତ ଥିଲେ।

**ପୌରପରିଷଦ କାର୍ଯ୍ୟାଳୟ:ଝାରସୁଗୁଡା**

ସଂଖ୍ୟା 4221, ତା.01.07.2023 ରିଖ

**ଇସ୍ତାହାର**

**No.C-811:**ଏତଦ୍ୱାରା ଝାରସୁଗୁଡା ପୌରପରିଷଦ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୌରପରିଷଦ ଅଧୀନସ୍ଥ ପ୍ଲଟ/ଦୋକାନ ନଂ.୧୩୦/୨୮ (୧୦'x୧୦') ଯାହାକି ଶ୍ରୀ ହରଭଜନ ସିଂଙ୍କ ନାମରେ ରେକର୍ଡଭୁକ୍ତ ଅଛି, ଉକ୍ତ ଦୋକାନଟିକୁ ଶ୍ରୀ ଦେବିନଦର ସିଂ, ପିତା ସ୍ୱର୍ଗତ ସର୍ଦାର ଇନ୍ଦ୍ର ସିଂଙ୍କ ନାମରେ ହସ୍ତାନ୍ତର କରି ନାମ ଦର୍ଜ କରିବାପାଇଁ ପୌରପରିଷଦ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି । ଯଦି ଏଥିରେ କାହାର କିଛି ଆପତ୍ତି କିମ୍ବା ଅଭିଯୋଗ ଅଛି କିମ୍ବା ଥାଏ, ତାହାହେଲେ ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ପୌରପରିଷଦ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିପାରିବେ ଓ ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ବା ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଝାରସୁଗୁଡା

OIPR-13165/11/0012/2324

**SAMBALPUR MUNICIPAL CORPORATION**
**SAMBALPUR, ODISHA - 768001**
Azadi Ka Amrit Mahotsav
Phone No.: 0663-2411316 / E Mail: sambalpurm.hud@nic.in

Notice No. 6042/SMC
Dated: 13.07.2023

**CORRIGENDUM NOTICE**

**Reference: Request for Proposal Notice, 5746/SMC / Dtd.: 06.07.2023**

No. C-808: For Zone-2 in the Page No. 05 of request for proposal for selection of Agency for door to door collection and transportation of municipal solid waste within SMC area the Point No. 6 Bid Data table row No. 5 stands modified to

| | |
|---|---|
| Date of Pre Bid Meeting | 5.00 P.M. on Dtd.17.07.2023 |

Instead of

| | |
|---|---|
| Date of Pre Bid Meeting | 5.00 P.M. on Dtd.15.07.2023 |

Sd./- Commissioner
Sambalpur Municipal Corporation

OIPR-13122/11/0034/2324

# ଉନ୍ନତ ଲୁଗା ଉତ୍ପାଦନ, ବ୍ୟବସାୟ ବୃଦ୍ଧି ଉପରେ ଗୁରୁତ୍ୱ

ସୋନପୁର,୧୫।୭(ମୃତ୍ୟୁଞ୍ଜୟ ଶତପଥୀ)



ଉଲୁଣ୍ଡା ବ୍ଲକର ପିପିଲିକାନିଠାରେ ମହିଳା ବୁଣାକାରଙ୍କ ଗହଣରେ ମନ୍ତ୍ରୀ ରୀତା ସାହୁ।

- ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ
- କ୍ଷେତ୍ର ପରିଦର୍ଶନ ସହ ବିଭାଗୀୟ କାର୍ଯ୍ୟର କଲେ ସମୀକ୍ଷା
- ମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ନାହିଁ

ରାଜ୍ୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ଶନିବାର ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ। ମନ୍ତ୍ରୀ ପ୍ରଥମେ ସୁବର୍ଣ୍ଣପୁର ବୟନଶିଳ୍ପ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ସରକାରଙ୍କ ବିଭିନ୍ନ ଯୋଜନା ଓ ବିଭାଗୀୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବୁଣାକାରମାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଥିବା ମଙ୍ଗା ଗର୍ତ୍ତ କଂକ୍ରିଟ୍ କରଣ, ବରିଷ୍ଠ ବୁଣାକାର ସହାୟତା ଯୋଜନା, ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା, କର୍ମଶାଳା ନିର୍ମାଣ, ଫ୍ରେମ ତନ୍ତ, ଗର୍ତ୍ତ ତନ୍ତ ବଣ୍ଟନ, ବାନ୍ଧଶିଳ୍ପୀ ପାଇଁ ରଙ୍ଗୋଇ ସାମଗ୍ରୀ ବଣ୍ଟନ, ଉନ୍ନତ ମାନର ତନ୍ତ ଉପକରଣ ବଣ୍ଟନ, ଅନ୍ୟ ରାଜ୍ୟର ବୟନ ପୁଞ୍ଜ ପରିଦର୍ଶନ, ପ୍ରାରମ୍ଭିକ ବୁଣା, ବାନ୍ଧ ଓ ରଙ୍ଗ ତାଲିମ ପ୍ରଦାନ ସମ୍ପର୍କରେ ମନ୍ତ୍ରୀ ଅବଗତ ହୋଇଥିଲେ। ଉନ୍ନତ ଲୁଗା ଉତ୍ପାଦନ ସହିତ ବଜାର ଆବଶ୍ୟକତା ଲକ୍ଷ୍ୟର ଗୁଣାତ୍ମକ ମାନ ବଜାୟ ରଖିବାକୁ ମନ୍ତ୍ରୀ ସାହୁ ପରାମର୍ଶ ଦେଇଥିଲେ। ଏଥିସହିତ ବ୍ୟବସାୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳା ହସ୍ତତନ୍ତ ବୁଣାକାରମାନେ କିପରି ଅଧିକରୁ ଅଧିକ ସରକାରୀ ସୁବିଧା ପାଇ ପାରିବେ ସେ ଦିଗରେ କାମ କରିବାକୁ କ୍ଷେତ୍ର କର୍ମଚାରୀମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ବଳିଆ ଯୋଜନାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଋଣ ଯୋଗାଣ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ମନ୍ତ୍ରୀ ସାହୁ କ୍ଷେତ୍ର ପରିଦର୍ଶନରେ ଯାଇ ଉଲୁଣ୍ଡା ବ୍ଲକର ପିପିଲିକାନି ଗାଁରେ ଥିବା ପରମେଶ୍ୱରୀ ତନ୍ତୁବାୟ ସହଯୋଗ ସମିତି ଲିଃ ଠାରେ ସରକାରଙ୍କ ବିଭିନ୍ନ ଯୋଜନାରେ ବୁଣାକାରମାନଙ୍କୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ସହାୟତା ସମ୍ପର୍କରେ ପଚାରି ବୁଝିଥିଲେ। ସମିତିର ସୁତା ଓ ରଙ୍ଗେଇର ବିଭିନ୍ନ ଆନୁସଙ୍ଗିକ ପଦ୍ଧତିଗୁଡିକ ବୁଲି ଦେଖିଥିଲେ। ଏହି ଅବସରରେ ୩୪ ଜଣ ବୁଣାକାର ହିତାଧିକାରୀଙ୍କୁ ହସ୍ତତନ୍ତ ସରଞ୍ଜାମ ବଣ୍ଟନ କରି ଲୁଗା ବୁଣାରେ ଉତ୍ତମ ମାନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ତେବେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ବୟନ ଶିଳ୍ପ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆ ଯାଇନଥିଲା। ଏହି ଜିଲାରେ ହଜାର ହଜାର ବୁଣାକାର ପରିବାର ବସବାସ କରୁଥିଲା ବେଳେ ସେମାନଙ୍କୁ ସରକାରୀ ସୁବିଧା ମିଳୁନି। ପ୍ରକୃତ ବୁଣାକାରଙ୍କୁ ସରକାରୀ ଯୋଜନାରୁ ବଞ୍ଚିତ କରାଯାଉଛି। ତେଣୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ଯଥାସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରିଥିବା ଆଲୋଚନା ହେଉଛି। ମନ୍ତ୍ରୀଙ୍କ ସହିତ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବରଗଡ ବୟନ ଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ(ପଶ୍ଚିମାଞ୍ଚଳ) ପ୍ରସନ୍ନ କୁମାର ଗନ୍ତାୟତ, ସୁବର୍ଣ୍ଣପୁର ଭାରପ୍ରାପ୍ତ ବୟନ ଶିଳ୍ପ ଉପନିର୍ଦ୍ଦେଶକ ବିନାୟକ ପୃଷ୍ଟି ଓ ବୟନ ପର୍ଯ୍ୟବେକ୍ଷକ ଧ୍ରୁବରାଜ ମେହେରଙ୍କ ସହିତ ସମସ୍ତ କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବେଦାନ୍ତ ସେବା ସମିତି ଦ୍ୱାରା ଚାରା ରୋପଣ



ବରପାଲି,୧୫।୭(ଚିତ୍ତରଞ୍ଜନ ସାହୁ): ବରଗଡ଼ ଜିଲା ବରପାଲି ୱାର୍ଡ ନଂ. ୨ ସ୍ଥିତ ଜଗବନ୍ଧୁ ଦାସ ମହିଳା ମହାବିଦ୍ୟାଳୟ କେନାଲ ପାର୍ଶ୍ୱରେ ବେଦାନ୍ତ ସେବା ସମିତି ଲେଣ୍ଡା ଦ୍ୱାରା ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ତହସିଲଦାର ରୁକ୍ମଣ ମେହେର, ଯୁବନେତା ସୌରବ ସାହୁ, ବ୍ଲକ ଅଧକ୍ଷା ରୀନା ଥଇତ, ଏନ୍‌ଏସି ଅଧକ୍ଷ ଦିନେଶ ଗହୀର, ମନ୍ତ୍ରୀଙ୍କ ପ୍ରତିନିଧି ଟିକାୟତ ମହନ୍ତମ, କାଉନସିଲର ଦେବାନନ୍ଦ ମେହେରଙ୍କ ସହ ବହୁ ସ୍ୱେଚ୍ଛାସେବୀ ଓ ସମିତିର ବହୁ ସଭ୍ୟ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୂଲ୍ୟବାନ ଗଛର ଚାରା ରୋପଣ କରିଥିଲେ। ଗଛ ବଞ୍ଚିଲେ ମଣିଷ ବଞ୍ଚିବ ବୋଲି ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

### ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ, ଉତ୍ତେଜନା

ଭବାନୀପାଟଣା,୧୫।୭(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଜେଲ ଛକ ନିକଟରେ ଶନିବାର ରାତିରେ ଏକ ଘରୋଇ ବସ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିକଟସ୍ଥ ରିଷଗାଁର କାହ୍ନୁ ନାଏକ ବୋଲି ଜଣାପଡିଛି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଜଗଦଲପୁରରୁ ଗୁପ୍ତା ନାମକ ଏକ ଘରୋଇ ବସ ରାତି ୯ଟାରେ ଭବାନୀପାଟଣାକୁ ଆସୁଥିବାବେଳେ ସହର ଜେଲ ଛକଠାରେ ବାଇକ ଆରୋହୀ କାହ୍ନୁଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ନିରନ୍ତର କୃଷି ଅନୁଭୂତି ସଙ୍କଳନ କର୍ମଶାଳା

ଲୋଇସିଂହା,୧୫।୭(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା କୃଷି ଓ ସୂଚନା ପରାମର୍ଶ କେନ୍ଦ୍ର ସଭାଗୃହରେ ଏଫଇଏସଓ ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନିରନ୍ତର କୃଷି କାର୍ଯ୍ୟକ୍ରମର ଅନୁଭୂତି ସଙ୍କଳନ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଫଇଏସ୍ ଜିଲା ସଂଯୋଜକ ସୁଜିତ କୁମାର ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏଡିଓ ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇଥିଲେ। ମୁଖ୍ୟଅତିଥି ରାସାୟନିକ ସାର ପ୍ରୟୋଗର କୁପ୍ରଭାବ ଓ ଜୈବିକ ପଦ୍ଧତିରେ ଚାଷର ଉପକାରିତା ଉପରେ ଆଲୋକପାତ କରିଥିଲେ।

## ବୌଦ୍ଧ ପଞ୍ଚାୟତ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା

ବୌଦ୍ଧ,୧୫।୭(ଅଜିତ କୁମାର ବାରିକ)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶନିବାର ଦିନ ମହାବିଦ୍ୟାଳୟ ପରିସରରେ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭାଗୀୟ ମୁଖ୍ୟ ଡ.ଶରତ ଚନ୍ଦ୍ର ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍ତମ ଚରିତ୍ର ଗଠନ ଉପରେ ଆଲୋପାତ କରିବା ସହ ସଫଳତାର ସହ ଶୀର୍ଷରେ ପହଞ୍ଚିବାକୁ କହିଥିଲେ। ଓଡିଆ ଅଧାପିକା ବାସନ୍ତୀ ପ୍ରଧାନ, ଅଧାପିକା ତପସ୍ୱିନୀ ପ୍ରଧାନ, ଅଧାପକ ଡ. ଦାଶରଥୀ ବିଶ୍ୱାଳ, ଅଧାପକ ତ୍ରିନାଥ ରଣା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ କୁମାରୀ ଶ୍ରଦ୍ଧାଞ୍ଜଳି ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀ ଜୟଶ୍ରୀ କ୍ଷେତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ବିଦାୟକାଳୀନ ଉପହାର ପ୍ରଦାନ କରାଯାଇଥିଲା। ସମାରୋହରେ ବିଭାଗର ସମସ୍ତ ଛାତ୍ରୀଛାତ୍ର ସାମିଲ ଥିଲେ।

## ବିକାଶ ଲ ସ୍କୁଲରେ ବିଶ୍ୱ ଦକ୍ଷତା ଦିବସ

ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ)



ବିକାଶ ଲ ସ୍କୁଲରେ ବିଶ୍ୱ ଦକ୍ଷତା ଦିବସ ପାଳନ ।

ବରଗଡ଼ର ବିକାଶ ଲ ସ୍କୁଲରେ ବିଶ୍ୱ ଦକ୍ଷତା ଦିବସ ପାଳିତ ହୋଇଛି। ଲ ସ୍କୁଲ ଅଧ୍ୟକ୍ଷ ଡ. ବିକ୍ରମ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟାପକ ଜୈମିନି କୁମାର ସାହୁ ବିଶ୍ୱ ଯୁବ ଦକ୍ଷତା ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡଃ ଦାସ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷା, ଧନ୍ଦାମୂଳକ ତାଲିମ, କର୍ମଶାଳା ଦ୍ୱାରା ଆଜିର ଯୁବ ସମାଜ ଆତ୍ମନିର୍ଭରଶୀଳ ହୋଇ ପାରିବ ବୋଲି ମତପ୍ରକାଶ କରିଥିଲେ। ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀକ୍ରୀଷ୍ଣା, ଏକଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ବିଶ୍ୱ ଦକ୍ଷତା ଦିବସରେ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ନିହାର ରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ରୋଜି ମେହେର, ସ୍ୱାଗତିକା ସାହୁ, ସାଗରିକା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଶିବାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପାଳନ ତାଲିମ ଶିବିର ଉଦ୍‌ଯାପିତ

ଘଣ୍ଟାପଡ଼ା,୧୫।୭ (ପ୍ରଭାତ କୁମାର ସାହୁ)



ଶିବିରରେ ଯୋଗ ଦେଇଥିବା ଅତିଥି।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତର କୋଡିବାହାଲସ୍ଥିତ ସ୍ଥାନୀୟ ଦୁଗ୍ଧ ଉତ୍ପାଦକ ସମିତିଠାରେ ଚାଲିଥିବା ତ୍ରିଦିବସୀୟ ଗୋପାଳନ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । କଣ୍ଟାମାଳ ବିଡ଼ିଓ କଳାକୃଷ୍ଣ ପ୍ରଧାନଙ୍କ ଦ୍ୱାରା ଏହି ଶିବିର ଉଦ୍‌ଘାଟିତ ହୋଇଥିଲା। ତାଲିମଦାତା ଭାବେ କଣ୍ଟାମାଳ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିମଳ କୁମାର ଚୌଧୁରୀ, ସମ୍ବଲପୁର ଆଞ୍ଚଳିକ ସଂଘର ପିଏଣ୍ଡଆଇ ଇନଚାର୍ଜ ଡା. ସଞ୍ଜୀବ କୁମାର ଶତପଥୀ, ବୌଦ୍ଧ ଜିଲା ନୋଡାଲ ଅଫିସର ଅର୍ଜ୍ଜୁନ ସାହୁ, ସୋନପୁର ଅଞ୍ଚଳ ଇନଚାର୍ଜ ସନ୍ତୋଷ ମହାନ୍ତି ଯୋଗଦେଇ ଗୋପାଳନରେ ଚାଷୀଙ୍କ ଭୂମିକା ଉପରେ ତାଲିମ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ହୋଇଥିବା ଏହି ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ଘଣ୍ଟାପଡ଼ା ପଞ୍ଚାୟତର ନାଏବ ସରପଞ୍ଚ ନବୀନ କିଶୋର ମେଣ୍ଡିଲି ଯୋଗଦେଇ ଚାଷୀ ଉପକୃତ ହେଲେ ରାଜ୍ୟ ଓ ଦେଶ ବିକଶିତ ହେବ ବୋଲି କହିଥିଲେ । ଶିବିରରେ ୫୦ଜଣ ଚାଷୀ ଯୋଗ ଦେଇଥିଲେ। ବୌଦ୍ଧ ଅଞ୍ଚଳ ଇନଚାର୍ଜ ସନ୍ତୋଷ ମାହାକାର , ସୋନପୁର-ବିଏମପୁର ଦୁଗ୍ଧମାର୍ଗର କ୍ଷେତ୍ର ପରିଦର୍ଶକ ସହଦେବ ଶତପଥୀ, ଘଣ୍ଟାପଡ଼ା ମାର୍ଗର ସଭାପତି ବ୍ରଜ ଗୁରାଣ୍ଡି ଓ ସଂପାଦକ କହ୍ଲୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଫାଇନାଲ ଆଜି

ବଲାଙ୍ଗୀର,୧୫।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମଠାରେ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଏବଂ ଜିଲା ବ୍ୟାଡମିଣ୍ଟନ ସଂଘ ମିଳିତ ଆୟୋଜନକ୍ରମେ ଚାଲିଥିବା ଓସବା ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତାର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହେବ। ଚୂଡାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ସମସ୍ତ ର୍‍ୟାଙ୍କିଙ୍ଗ୍ ଖେଳାଳି ଫାଇନାଲ ଖେଳିବେ। ଶନିବାର ଦ୍ୱିତୀୟ ଦିନରେ ସମସ୍ତ ବର୍ଗରେ ର୍‍ୟାଙ୍କିଙ୍ଗ୍ ଖେଳାଳିମାନେ ଚୁଡାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଫଳରେ ଫାଇନାଲ ଖେଳରେ ସମସ୍ତ ବର୍ଗରେ ଟାଇଟଲ ପାଇଁ ଜୋରଦାର ଲଢେଇ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି।

ଦ୍ୱିତୀୟ ଦିନ ଖେଳସୂଚୀ ଅନୁଯାୟୀ ସକାଳେ ଆରମ୍ଭ ହୋଇଥିବା ପୁରୁଷ ଏକକରେ ଆର୍ଯ୍ୟା ମାଝି, ଅମୀୟ କୁମାର, ଅମ୍ରିତ ମହାନ୍ତି, କାନୁରି ମୁରଲୀ କ୍ରିଷ୍ଣା, ଆୟୁଷ ଦାଶ, ସ୍ୱାଧୀନ ଗୌଡ, ଅଭିଜିତ ମହାରଣା ଓ ବିକ୍ରାନ୍ତ ଜାନୀ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲେ। ମହିଳା ଏକକରେ ରାଶେଶ୍ୱରୀ ଖୋର, ଇସାନୀ ସାହୁ, ସିରିନ ସାଲିକ, ମନୋଲିନା ମହାରଣା, ଅମିତା ଘୋଷ ନିଜର ମ୍ୟାଚ ଜିତି ପରବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ମିଶ୍ରିତ ଯୁଗଳ ବର୍ଗରେ ଆୟୁଷ ଦାଶ ଓ ପୁର୍ବା ପ୍ରତ୍ୟାଶା, ଅମ୍ରିତ ମହାନ୍ତି ଓ ଶ୍ରୁତି ସ୍ୱାଇଁ, ଅଭିଜିତ ମହାରଣା ଓ ହର୍ଷିତା ରାଉତ, ସିରିନ ସଲିକ ଓ ତନ୍ମୟ ସାହୁଙ୍କ ଯୋଡି ସେମିଫାଇନାଲ ଟିକଟ ଉପରେ କବଜା କରିଥିଲେ। ପୁରୁଷ ଯୁଗଳରେ ସମସ୍ତ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଅମ୍ଲାନ ଗଡନାୟକ ଓ ତନ୍ମୟ ସାହୁ, ଆଶିଷ ମିଶ୍ର ଓ ସୁମନ୍ତ ମହନ୍ତ, ଆର୍ଯ୍ୟା ମାଝି ଓ ମୁରଲୀ କ୍ରିଷ୍ଣା, ଅମୀୟ କୁମାର ଓ ଅନିର୍ବାନ ମଣ୍ଡଳ, ଡି ମନିକାନ୍ତ ଓ ସିର୍ଦ୍ଧାଥ ନାୟକ, ଅଭୟ ମହାରଣା ଓ ଶୁଭମ ଦାଶ, ଅଭିଜିତ ମହାରଣା ଓ ଅମ୍ରିତ ମହାନ୍ତି ଚମତ୍କାର ଖେଳ ପ୍ରଦର୍ଶନ କରି ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ।

## ରାଜ୍ୟ ରାଜପଥ ବିପଦଶଙ୍କୁଳ



ଗୋଡ଼ଭଗା ଡୁରୁମ ରାସ୍ତାରେ ହୋଇଥିବା ଖାଲଖମା।

ଅତାବିରା,୧୫।୭(ହୃଷିକେଶ ଖମାରୀ)

ବରଗଡ଼ ଜିଲା ଗୋଡ଼ଭଗାରୁ ଡୁରୁମ ପଟକୁ ଯାଇଥିବା ୫୪ନମ୍ବର ରାଜ୍ୟ ରାଜପଥ ବିପଦଶଙ୍କୁଳ ହୋଇ ପଡ଼ିଛି। ଏହି ରାଜ୍ୟ ରାଜପଥର ଲରମ୍ବା ମେଟାକାନୀ, ପୋଡ଼ବାଡ଼ି, କାଦୋବାହାଲ ଛକ ରାସ୍ତାରେ ଖାଲଖମା ହୋଇଛି। ଫଳରେ ରାଜପଥ ଉପରେ ଯାତାୟାତ କରୁଥିବା ଯାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସେହିପରି ଏଥିପାଇଁ ସଡ଼କ ଦୁର୍ଘଟଣାର ଆଶଙ୍କା ଦେଖାଯାଇଛି । ଏହା ରାଜ୍ୟ ରାଜପଥ ବରଗଡ଼ରୁ ସୋନପୁର ଜିଲାକୁ ସଂଯୋଗ କରୁଥିବାବେଳେ ଅନେକ ଯାତ୍ରୀବାହୀ ଗାଡ଼ି ଯାତାୟାତ କରିଥାଏ। ସେହିପରି ସ୍କୁଲ, କଲେଜ ଛାତ୍ରୀଛାତ୍ର ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରୁଥିବାବେଳେ ଚାଷୀମାନେ ନିୟମିତ ବିଭିନ୍ନ ହାଟକୁ ଯାଇଥାନ୍ତି। ଫଳରେ ବିପଦଶଙ୍କୁଳ ହୋଇ ପଡ଼ିଥିବା ରାସ୍ତା ମରାମତି ପାଇଁ ସାଧାରଣରେ ଦାବି ହୋଇଛି।

## ଶିଶୁଙ୍କ ଭବିଷ୍ୟତ ଶିକ୍ଷକଙ୍କ ହାତରେ

ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁର ଗୋଷ୍ଠୀ କାର୍ଯ୍ୟାଳୟ ଅନ୍ତର୍ଗତ ଜାରିଂ କ୍ଲଷ୍ଟରର ପୂର୍ଣ୍ଣା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରାଜେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ଣ୍ଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ କୁମାର ତନ୍ତୀ, ଜାରିଂ ନୋଡ଼ାଲ ସ୍କୁଲର ପ୍ରଧାନ ଶିକ୍ଷକ ଭାଦ୍ରବ ପାଣ୍ଡେ ମଞ୍ଚାସୀନ ଥିଲେ। ଅସମ୍ଭବକୁ ସମ୍ଭବ କରିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଶିକ୍ଷକଙ୍କ ପ୍ରଚେଷ୍ଟାରେ ଶିଶୁମାନେ ଭବିଷ୍ୟତରେ ଦେଶର ମଙ୍ଗ ଧରି ପାରୁଛନ୍ତି। ଫଳରେ ପିଲାଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ସୁଦକ୍ଷ କରିବାର ଆବଶ୍ୟକତା ରହିଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏଫଏଲଏନ, ବିଦ୍ୟା ପ୍ରବେଶ, ୟୁନିଫର୍ମ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା ଏବଂ ଏଥିରେ ଶିକ୍ଷକଗଣ ସକ୍ରିୟଭାବେ ସାମିଲ ହୋଇଥିଲେ। ବିଜେପୁର, ପଡ଼ା, ବାନ୍ଧୁପାଲି, ବଡ଼ ବାଉଁଶେନ, ତାଲପଦର, ଯୋଖିପାଲି, ଲାଉମୁଣ୍ଡା, ଟି. ଗଣ୍ଡପାଲି, ଖରମୁଣ୍ଡା, ବଡ଼ବ୍ରାହ୍ମଣୀ, ପଥର୍ଲା କ୍ଲଷ୍ଟରରେ ମଧ୍ୟ ଅନୁରୂପ ବୈଠକ ହୋଇଥିଲା।

## ଯୁବକଙ୍କୁ ପିଟି ହତ୍ୟା, ୩ ଅଟକ

ବରଗଡ଼,୧୫।୭(ପ୍ରେମାନନ୍ଦ ଖମାରୀ)



ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହ ପୋଲିସ ତଦନ୍ତ କରୁଛି ।

ବରଗଡ଼ ସହରରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ଥାନୀୟ ଗାନ୍ଧିଛକ ନିକଟ ବିଦ୍ୟୁତ ଅଫିସରୁ ଶକ୍ତିନଗର ପଟକୁ ଯାଇଥିବା ଗଳିରାସ୍ତାରେ ଶନିବାର ସକାଳୁ ବରଗଡ଼ ଟାଉନ ଥାନା ପୋଲିସ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ଜଣକ ହେଲେ ବରଗଡ଼ ପୌର ପରିଷଦ ଅଧୀନ ମଙ୍ଗଳାଝୁମ୍ପୁଡ଼ିର ସୁରଜ ନାଗ(୨୦)। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ଅନ୍ୟତ୍ର ପିଟିପିଟି ହତ୍ୟା ପରେ ମୃତଦେହକୁ ଗାନ୍ଧିଛକ ନିକଟ ଗଳିରାସ୍ତାରେ ଅଭିଯୁକ୍ତମାନେ ପକାଇ ଦେଇଥିବା ଅନୁମାନ କରାଯାଉଛି। ମୃତଦେହକୁ ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ସ୍ଥାନୀୟ ଟାଉନ ଥାନାରେ ଏକ ହତ୍ୟା ମାମଲା (ନଂ.୪୬୭/୨୩) ରୁଜୁ ହୋଇଛି। ପୋଲିସ ୩ସନ୍ଦିଗ୍ଧ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ଏପରିକି ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଭିଆଉଥିବାବେଳେ ସେହି ସମୟର ଭିଡିଓ ରେକର୍ଡ଼ିଂ ମଧ୍ୟ କରିଥିବା ସାଧାରଣରେ ଆଲୋଚିତ ହେଉଛି। ପ୍ରକାଶ ଯେ, ମୃତକଙ୍କ ମା, ବାପାଙ୍କ ଦେହାନ୍ତ ହୋଇସାରିଛି। ତାଙ୍କର ଜଣେ ବଡ଼ଭାଇ ଶଙ୍କର ପରିବାରରେ ଥିବାବେଳେ ସୁରଜ ବିଭିନ୍ନ ଦୋକାନରେ କାମ କରୁଥିଲେ ଏବଂ ଅଧିକାଂଶ ସମୟ ବାହାରେ ରହୁଥିଲେ। ତେବେ ଗାନ୍ଧିଛକ ନିକଟ ଗଳିରାସ୍ତାରେ ତାଙ୍କ ମୃତଦେହ ପଡ଼ିଥିବା ପ୍ରଚାର ହେବା ପରେ ତାଙ୍କ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ଚିହ୍ନଟ କରିଥିଲେ। ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ଟାଉନ ଥାନା ପୋଲିସ ସନ୍ଧାନୀ କୁକୁର ସହିତ ତଦନ୍ତ ଆରମ୍ଭ କରିଥିଲା। ସନ୍ଧାନୀ କୁକୁର ସ୍ଥାନୀୟ କେନାଲ ପାର୍ଶ୍ୱରେ ରହିଥିବା ଏକ ଘର ନିକଟକୁ ଯାଇଥିଲା ଏବଂ ପୋଲିସ ସେଠାରୁ ୩ସନ୍ଦିଗ୍ଧ ଯୁବକଙ୍କୁ ଜେରା ପାଇଁ ଥାନାକୁ ଉଠାଇ ଆଣିଥିଲା। ତେବେ ଜିଲା ପୋଲିସ ମୁଖ୍ୟାଳୟର ଅନତିଦୂରରୁ ମୃତଦେହ ମିଳିଥିବା ଯୋଗୁ ଘଟଣାଟି ସହରରେ ଚର୍ଚ୍ଚାର ବିଷୟ ହୋଇଛି।

ପୌରପରିଷଦ କାର୍ଯ୍ୟାଳୟ:ଝାରସୁଗୁଡା
ସଂଖ୍ୟା 4221, ତା.01.07.2023 ରିଖ
ଇସ୍ତାହାର
No.C-811:ଏତଦ୍ୱାରା ଝାରସୁଗୁଡା ପୌରପରିଷଦ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୌରପରିଷଦ ଅଧୀନସ୍ଥ ପ୍ଲଟ/ଦୋକାନ ନଂ.୧୩୦/୨୮ (୧୦'x୧୦') ଯାହାକି ଶ୍ରୀ ହରଭଜନ ସିଂଙ୍କ ନାମରେ ରେକର୍ଡଭୁକ୍ତ ଅଛି, ଉକ୍ତ ଦୋକାନଟିକୁ ଶ୍ରୀ ଦେବିନଦର ସିଂ, ପିତା ସ୍ୱର୍ଗତ ସର୍ଦାର ଇନ୍ଦ୍ର ସିଂଙ୍କ ନାମରେ ହସ୍ତାନ୍ତର କରି ନାମ ଦର୍ଜ କରିବାପାଇଁ ପୌରପରିଷଦ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି । ଯଦି ଏଥିରେ କାହାର କିଛି ଆପତ୍ତି କିମ୍ବା ଅଭିଯୋଗ ଅଛି କିମ୍ବା ଥାଏ, ତାହାହେଲେ ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ପୌରପରିଷଦ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିପାରିବେ ଓ ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ବା ଅଭିଯୋଗ ଗ୍ରହଣ କରାଯିବ ନାହିଁ ।
ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଝାରସୁଗୁଡା
OIPR-13165/11/0012/2324

SAMBALPUR MUNICIPAL CORPORATION
SAMBALPUR, ODISHA - 768001
Azadi Ka Amrit Mahotsav
Phone No.: 0663-2411316 / E Mail: sambalpurm.hud@nic.in
Notice No. 6042/SMC
Dated: 13.07.2023
CORRIGENDUM NOTICE
Reference: Request for Proposal Notice, 5746/SMC / Dtd.: 06.07.2023
No. C-808: For Zone-2 in the Page No. 05 of request for proposal for selection of Agency for door to door collection and transportation of municipal solid waste within SMC area the Point No. 6 Bid Data table row No. 5 stands modified to

| | |
|---|---|
| Date of Pre Bid Meeting | 5.00 P.M. on Dtd.17.07.2023 |

Instead of

| | |
|---|---|
| Date of Pre Bid Meeting | 5.00 P.M. on Dtd.15.07.2023 |

Sd./- Commissioner
Sambalpur Municipal Corporation
OIPR-13122/11/0034/2324

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଗିରଫ

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର)- ବଲାଙ୍ଗୀର ସଦର ଥାନା ସିନ୍ଦୁରବାହାଲ ଗ୍ରାମର ଟିଟୁ ଡାଙ୍ଗଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଖମାରମୁଣ୍ଡା-ସଦାଇପାଲି ବାଇପାସ୍ ରାସ୍ତା କଡରୁ ମୁମୂର୍ଷୁ ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରିଥିଲା। ଘଟଣାର ତଦନ୍ତ କରି ପୋଲିସ ବୀରମୁଣ୍ଡା ଗ୍ରାମର ପ୍ରଶାନ୍ତ କୁମାର କୁଅଁର (୩୦)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଶୁକ୍ରବାର ଖିଆପିଆ ପରେ ପ୍ରଶାନ୍ତ ଅତର୍କିତ ଆକ୍ରମଣ କରି ଟିଟୁ ଙ୍କୁ ସେଠାରେ ଛାଡି ଫେରାର ହୋଇଯାଇଥିଲେ ବୋଲି ସୂଚନା ଦେଇଥିଲେ।

### ସଂକ୍ଷେପରେ

## ଆଦିବାସୀଙ୍କ ଜଙ୍ଗଲ ଜମି ପଟ୍ଟାକୁ ଭୂଲେଖରେ ଅନ୍ତର୍ଭୁକ୍ତ କରିବାକୁ କଂଗ୍ରେସର ଦାବି

**ଦେବଗଡ଼,୧୫।୭(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଜିଲାର ଆଦିବାସୀମାନେ ପାଇଥିବା ଜଙ୍ଗଲ ଜମି ପଟ୍ଟାରେ ସରକାରଙ୍କ କୌଣସି ସୁବିଧା ସୁଯୋଗ ପାଇପାରୁ ନ ଥିବା ଜିଲା କଂଗ୍ରେସ କମିଟି ପକ୍ଷରୁ ଅଭିଯୋଗ କରାଯିବା ସହ ଏହାକୁ ଭୂଲେଖରେ ଅନ୍ତର୍ଭୁକ୍ତ କରି ସ୍ଥାୟୀ ପଟ୍ଟା ପ୍ରଦାନ କରିବାକୁ ଦାବି କରାଯାଇଛି। କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ ଶନିବାର ଏକ ପ୍ରେସ୍ ବିବୃତ୍ତିରେ ଏଭଳି ଦାବି କରିବା ସହ ଜିଲାର ଆଦିବାସୀମାନେ ଜଙ୍ଗଲ ଜମି ଅଧିକାର ପାଇଁ କରିଥିବା ଆବେଦନ ମଧ୍ୟରୁ ବହୁ ଆବେଦନକୁ ଖାରଜ କରାଯାଇଥିବା ଅଭିଯୋଗ କରିଛନ୍ତି। ସେହିପରି ଖାରଜ ହୋଇଥିବା ଆବେଦନ ଗୁଡିକର ପୁନଃବିଚାର କରିବା ସହ ପଟ୍ଟା ପାଇବାରୁ ବଞ୍ଚିତ ଥିବା ସମସ୍ତ ଆଦିବାସୀ ଓ ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ ପାଇ ତାଙ୍କ ବିବୃତ୍ତି ଜରିଆରେ ଦାବି ଜଣାଇଛନ୍ତି। ଅନ୍ୟପକ୍ଷରେ ଅନୁନ୍ନତ ତିଲେଇବଣି ବ୍ଲକର ଆଦିବାସୀମାନଙ୍କ ବିକାଶ ପାଇଁ ସ୍ଥାପିତ ଆଇଟିଡିଏ (ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା)ଦ୍ୱାରା କୌଣସି ଆଦିବାସୀ ଲାଭବାନ ହୋଇ ପାରୁ ନ ଥିବା ଆଭିଯୋଗ କରି ଏହା ଦ୍ୱାରା ବ୍ୟୟ ହୋଇଥିବା ସମସ୍ତ ଯୋଜନାର ତଦନ୍ତ କରାଯିବା ଏବଂ ଆଦିବାସୀମାନଙ୍କ ଶିକ୍ଷା ତଥା ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ବିକାଶ ପାଇଁ ସରକାର ଯତ୍ନବାନ ହେବାକୁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଜିଲା କଂଗ୍ରେସ ସବାପତି ହେମ୍ବ୍ରମ ଉକ୍ତ ବିବୃତ୍ତି ଜରିଆରେ ୫-ଟି ସଚିବଙ୍କର ମଧ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

## କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କଲେ କୃଷି କର୍ମଚାରୀ

**ଖପ୍ରାଖୋଲ,୧୫।୭(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା କୃଷି କର୍ମଚାରୀ ୬ ଦଫା ଦାବିରେ କଳାବ୍ୟାଜ ପିନ୍ଧି ଶନିବାର ପ୍ରତିବାଦ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ପଦବୀର ନାମ ପରିବର୍ତ୍ତନ, ଗ୍ରେଡ ପେ ବୃଦ୍ଧି, ଚାକିରି କାଳରେ ପଦୋନ୍ନତି, କମ୍ପ୍ୟୁଟର ଓ ମୋବାଇଲ ଖର୍ଚ୍ଚ ପ୍ରଦାନ ଆଦି ଅନ୍ୟତମ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

## ଅଚ୍ୟୁତାନନ୍ଦ ଉଦ୍‌ଗାତାଙ୍କ ପରଲୋକ

**ବଲାଙ୍ଗୀର, ୧୫।୭ (ବୀରେନ୍ଦ୍ର କୁମାର ଝାଙ୍କର):** ଜଣାଶୁଣା ସାହିତ୍ୟିକ, ମଞ୍ଚ ଅଭିନେତା, ନିର୍ଦ୍ଦେଶକ, ପ୍ରତିଷ୍ଠିତ ଜ୍ୟୋତିଷ ଭାବେ ପରଚିତ ଅଚ୍ୟୁତାନନ୍ଦ ଉଦ୍‌ଗାତା (୭୪)ଙ୍କ ପରଲୋକ ହୋଇଯାଇଛି। ସେ କୋଶଳ ବ୍ରହ୍ମା, ଜ୍ୟୋତିଷ ବିଶାରଦ୍ ତଥା ଅନେକ ଅନୁଷ୍ଠାନରୁ ଉପାଧି ଓ ସମ୍ମାନ ପାଇଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କର ଉପଅଧିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କର ଜ୍ୟୋତିଷ ଏବଂ ଅନ୍ୟାନ୍ୟ ସାହିତ୍ୟ ରଚନାଗୁଡିକ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ। ସେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଥିଲେ। ବଲାଙ୍ଗୀରର ବିଭିନ୍ନ ସାହିତ୍ୟିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ସହ ସେ ଜଡିତ ଥିଲେ। ତାଙ୍କର ବିୟୋଗରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସାହିତ୍ୟିକ କପିଳ ପତି, ବ୍ରାହ୍ମଣ ମହାସଭା ସଭାପତି ଧନଞ୍ଜୟ ମିଶ୍ର, ସମ୍ପାଦକ ଜୟରାମ ମିଶ୍ର, ପର୍ଶୁରାମ ନାୟକ, ସାମାଜିକ କର୍ମୀ ଅରୁଣ ଖୁଆସ, ଶିଶୁ ବିକାଶ କେନ୍ଦ୍ରର ସଂପାଦକ ରତ୍ନମୟ ତ୍ରିପାଠୀ, ଅଙ୍କୁର ଶିଶୁ ସାହିତ୍ୟ ସଙ୍ଗଠନ ସଭାପତି କସ୍ତୁରୀ ରଥ, ସମ୍ପାଦକ ଡା. ଅଶୋକ କୁମାର ସେଠୀ, ଆଦ୍ୟାଶକ୍ତି ନାରୀ ସଙ୍ଗଠନରୁ ନିହାରିକା ମିଶ୍ର, ପୂଜ୍ୟପୂଜା ସେବା ସଙ୍ଗଠନର ସମ୍ପାଦକ ମଦନ ମୋହନ ରଥ, ସତ୍ୟବନ୍ତ ବେଦବାକ, ଚୂଡେନ୍ଦ୍ର କୁମାର ବେହେରା ଗଭୀର ଶୋକପ୍ରକାଶ କରିଛନ୍ତି। ଉଦ୍‌ଗାତା ଓ ପୁତ୍ରବଧୂ ଚିନ୍ମୟୀ ଉଦ୍‌ଗାତା, କନିଷ୍ଠ ପୁତ୍ରବଧୂ ସରିତା ଉଦ୍‌ଗାତା, କନ୍ୟା ତନୁଜା ପତି ଓ ଜାମାତା ଦେବାଶିଷ ପତି ଓ ନାତି ନାତୁଣି ଉପସ୍ଥିତ ଥିଲେ।

# ପ୍ରେମ ସମ୍ପର୍କକୁ ଅସ୍ୱୀକାର କରିବାରୁ ହତ୍ୟା

**ବଲାଙ୍ଗୀର, ୧୫।୭ (ବୀରେନ୍ଦ୍ର କୁମାର ଝାଙ୍କର)**



ଗିରଫ ଦୁଇ ଅଭିଯୁକ୍ତଙ୍କୁ ଧରି ପୋଲିସ ଏସ୍‌ଡିପିଓ ତୋଫାନ୍ ବାଗ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ଘରେ ପଶି ନାବାଳିକାଙ୍କ ତଣ୍ଟି କାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ**

- ଗିରଫ ୨ ଅଭିଯୁକ୍ତ ଜେଲ ଗଲେ
- ଫେରାର ତୃତୀୟ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ
- ଶେଷାଦ୍ରି ଫେରାଇ ଦେଇଥିଲେ ଟେଡି ବିୟର

ବଲାଙ୍ଗୀର ସହର କେନ୍ଦ୍ରୀୟ ବିଦ୍ୟାଳୟ ନିକଟସ୍ଥ ନିଖିଳ ନଗରରେ ଗୁରୁବାର ଘରେ ପଶି ନାବାଳିକା ଶେଷାଦ୍ରୀ ନାଗ (୧୫)ଙ୍କ ତଣ୍ଟି କାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ପୋଲିସ। ଏହି ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ଆଗଲପୁର ଥାନା ରୋଡ୍ ଗ୍ରାମର ମିଲନ୍ ରଣା (୨୧) ଓ ଜିତୁ ରଣା (୨୧)ଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ତୃତୀୟ ଅଭିଯୁକ୍ତ ଫେରାର ରହିଛନ୍ତି ଏବଂ ତାଙ୍କୁ ଖୋଜାଖୋଜି କରାଯାଉଛି ବୋଲି ସଦର ଏସଡିପିଓ ତୋଫାନ୍ ବାଗ ସ୍ଥାନୀୟ ଟାଉନ୍ ଥାନାରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରେମ ସମ୍ପର୍କ ରଖିବାକୁ ମନା କରିବାରୁ ଉତ୍କ୍ଷିପ୍ତ ଅଭିଯୁକ୍ତ ମିଲନ ରଣା ନାବାଳିକା ନାଗଙ୍କୁ ତଣ୍ଟିକାଟି ହତ୍ୟା କରିଥିଲେ ବୋଲି କହିଛନ୍ତି।

ଏସ୍‌ଡିପିଓ ବାଗ କହିଥିଲେ ଯେ, ପ୍ରାୟ ୪ ବର୍ଷ ତଳେ ସାଲେଭଟାଠାରେ ଏକ ବାହାଘରେ ଅଭିଯୁକ୍ତ ମିଲନ ଓ ଶେଷାଦ୍ରୀଙ୍କ ପରିଚୟ ହୋଇଥିଲା। ସେହିଦିନରୁ ମିଲନ ତାଙ୍କ ସହ କଥାବାର୍ତ୍ତା ରଖିଆସିଥିଲେ। ତେବେ ପ୍ରାୟ ୧ ବର୍ଷ ହେବ ଶେଷାଦ୍ରୀ ମିଲନଙ୍କ ସହ କୌଣସି ସମ୍ପର୍କ ନରଖି ପାଠପଢ଼ାରେ ଧ୍ୟାନ ଦେଇଥିଲେ। ଇତିମଧ୍ୟରେ ରୋଡ୍ ଗାଁରୁ ମିଲନ ଓ ତାଙ୍କର ଅନ୍ୟ ଦୁଇଜଣ ସାଥୀ ଜିତୁ ଏବଂ ଫେରାର ଥିବା ଅନ୍ୟ ଜଣେ ସହଯୋଗୀ ଗତ ୧୩ ତାରିଖରେ ଏକ ମୋଟର ସାଇକଲରେ ବଲାଙ୍ଗୀର ଅଭିମୁଖେ ବାହାରିଥିଲେ। ମିଲନ ଓ ଫେରାର ଥିବା ଯୁବକ ଜଣକ ତାମିଲନାଡୁ କାମ କରିବାକୁ ଯିବାକୁ ଥିବାରୁ ଜିତୁ ତାଙ୍କୁ ବଲାଙ୍ଗୀର ରେଲୱେ ଷ୍ଟେଶନ୍‌କୁ ଛାଡିବା ପାଇଁ ଆସିଥିଲେ। ତେବେ ତାମିଲନାଡୁ ଯିବା ପୂର୍ବରୁ ଶେଷାଦ୍ରୀଙ୍କୁ ଥରେ ଭେଟିବାକୁ ଇଚ୍ଛା କରି ମିଲନ୍ ତାଙ୍କ ମୋବାଇଲରେ ହ୍ୱାଟସ୍ ଆପ୍ ମ୍ୟାସେଜ କରିଥିଲେ। ନାବାଳିକା କୌଣସି ଉତ୍ତର ଦେଇ ନ ଥିଲେ। ଫଳରେ ତିନିଜଣ ଯାକ ମୋଟର ସାଇକଲରେ ନିଖିଲ ନଗରକୁ ଯାଇଥିଲେ। ଜିତୁ ମୋଟର ସାଇକଲ ଧରି ନିଖିଲ ନଗର ରାସ୍ତା କଡରେ ଠିଆ ହୋଇଥିବାବେଳେ ମିଲନ ଓ ଫେରାର ଥିବା ଅଭିଯୁକ୍ତ ଶେଷାଦ୍ରୀଙ୍କ ଘରକୁ ଯାଇଥିଲେ। ଘର ସମ୍ମୁଖରେ ଫେରାର ଥିବା ଅଭିଯୁକ୍ତ ଠିଆ ହୋଇଥିବାବେଳେ ମିଲନ ଘର ଭିତରକୁ ପଶି ତାଙ୍କ ସହ କଥାବାର୍ତ୍ତା ଓ ପରେ ଯୁକ୍ତିତର୍କ ଲାଗିଥିଲେ। କୌଣସି ପ୍ରକାର ସମ୍ପର୍କ ରଖିବାକୁ ଚାହୁଁ ନାହାନ୍ତି ବୋଲି କହି ବର୍ଷକ ତଳେ ଜନ୍ମଦିନ ଉପହାରଭାବେ ଦେଇଥିବା ଟେଡି ବିୟରକୁ ଫେରାଇ ଦେବାରୁ ଉତ୍କ୍ଷିପ୍ତ ଅଭିଯୁକ୍ତ ମିଲନ୍ ସେଠାରେ ଥିବା ଏକ ଠେଙ୍ଗାରେ ଶେଷାଦ୍ରୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ କରିବା ପରେ ନାବାଳିକା ଜଣକ ତଳେ ପଡିଯାଇଥିଲେ। ସେଠାରୁ ଅଭିଯୁକ୍ତ ମିଲନ ପଳାଇ ଯାଉଥିବାବେଳେ ଏକ କଟୁରୀ ଦେଖି ସେଥିରେ ଶେଷାଦ୍ରୀଙ୍କ ତଣ୍ଟି କାଟିବା ସହ ମୁଣ୍ଡରେ ଆଘାତ ଦେଇଥିଲେ। ମୃତ ବୋଲି ଜାଣିବା ପରେ ରକ୍ତଭିଜା ହାତକୁ ଶେଦ୍ରୋଙ୍କ ବାପାଙ୍କ ଏକ ଶାର୍ଟରେ ପୋଛି କଟୁରୀ ଓ ରକ୍ତଭିଜା ଶାର୍ଟକୁ ଘରପଛ ପଟ ଜଙ୍ଗଲ ଭିତର ଚଟାଣ ପଛରେ ଲୁଚାଇ ଫେରାର ହୋଇଯାଇଥିଲେ। ସେଠାରୁ ତିନିଜଣ ଯାକ ମୋଟର ସାଇକଲରେ ବଲାଙ୍ଗୀର ରେଲୱେ ଷ୍ଟେଶନ୍‌କୁ ଯାଇଥିଲେ। ସେଠାରୁ ଟାଟା-ଏର୍ଣ୍ଣାକୁଲମ୍ ଟ୍ରେନ୍‌ରେ ଚଢ଼ି ଚେନ୍ନାଇ ଅଭିମୁଖେ ଯାତ୍ରା କରିଥିଲେ। ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଆରମ୍ଭ କରିବା ପରେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ରାୟଗଡା ପୋଲିସ, ରାୟଗଡା ଜିଆର୍‌ପିକୁ ଯୋଗାଯୋଗ କରାଯାଇଥିଲା। ତେବେ ଜିଆର୍‌ପି ପୋଲିସ ବିଜୟନଗରମ୍ ଠାରେ ଅଭିଯୁକ୍ତ ମିଲନଙ୍କୁ ଗିରଫ କରଥିଲା। ଅନ୍ୟଜଣେ ଅଭିଯୁକ୍ତ ଫେରାର ମାରିବାରେ ସଫଳ ହୋଇଥିଲା। ତୃତୀୟ ଅଭିଯୁକ୍ତ ଜିତୁ ରଣା ବଲାଙ୍ଗୀର ରେଲୱେ ଷ୍ଟେଶନ୍‌ରୁ ରୋଡ୍ ସ୍ଥିତ ଘରକୁ ଫେରି ସେଠାରୁ ସମ୍ବଲପୁର ଅଭିମୁଖେ ପଳାଇଥିଲେ। ସମ୍ବଲପୁରରୁ ଜିତୁ ରଣାଙ୍କୁ ଗିରଫ କରାଯାଇଥିଲା। ଏନେଇ ଟାଉନ୍ ଥାନାରେ ଏକ ମାମଲା (୩୪୧/୨୩) ରୁଜୁ ହୋଇଛି। ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀ, ରକ୍ତଭିଜା ଶାର୍ଟ, ମୃତା ନାବାଳିକାଙ୍କ ମୋବାଇଲ ଜବତ କରିଛି।

## ମହାବୀର ପର୍ବତ ଶିଖରରେ ଝଣ୍ଡା ସ୍ଥାପନ, ପୂଜାର୍ଚ୍ଚନା



**ବଡ଼ଗାଁ, ୧୫।୭( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଗ୍ରାମବାସୀ ମହାବୀର ପର୍ବତ ଶିଖରରେ ହନୁମାନ ଝଣ୍ଡା ସ୍ଥାପନ ଓ ପୂଜାର୍ଚ୍ଚନା କରିଛନ୍ତି। ଏଥିସହିତ ପର୍ବତ ଶିଖର ନିକଟରେ ଥିବା ପୋଢ ଗୁହାଳ ଗୁମ୍ଫାରେ ନାମ ସଙ୍କୀର୍ତ୍ତନ, ଭଜନ କରିଛନ୍ତି। ସକାଳୁ ଗ୍ରାମର ବହୁ ସଂଖ୍ୟକ ବ୍ୟକ୍ତି ଓ ଯୁବକ ମହାବୀର ପର୍ବତ ଅଭିମୁଖେ ଯାତ୍ରା କରିଥିଲେ। ପର୍ବତ ତଳି ଏକ ସ୍ଥାନରେ ପାରମ୍ପରିକଭାବେ ଦିଆଯାଉଥିବା କୌଣସି ଏକ ବୃକ୍ଷର ଡାଳ ରଖି ପର୍ବତ ଚଢିଥିଲେ। ଶିଖରରେ ପହଞ୍ଚିଲା ପରେ ହନୁମାନ ଝଣ୍ଡା ସ୍ଥାପନ କରାଯାଇଥିଲା। ପରେ ପୋଢ ଗୁହାଳକୁ ଆସି ସେଠାରେ ପୂଜାର୍ଚ୍ଚନା କରିଥିଲେ। ରାତିରେ ଭଜନ, କୀର୍ତ୍ତନ କଲାପରେ ସେମାନେ ପ୍ରତ୍ୟାବର୍ତ୍ତନ କରିଥିଲେ।



ରାଉରକେଲା ଶିଳ୍ପାଞ୍ଚଳ ରାସ୍ତା ସବୁଜମୟ ହୋଇଛି।

# ଆର୍‌ଏସ୍‌ପି, ବନବିଭାଗ ଉଦ୍ୟମରେ ଅଞ୍ଚଳ ହେଲା ସବୁଜମୟ

**ରାଉରକେଲା,୧୫।୭(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଶିଳ୍ପାଞ୍ଚଳ ଓ ତାର ଆଖପାଖ ଅଞ୍ଚଳ ସବୁଜମୟ ହୋଇଛି। ଆର୍‌ଏସ୍‌ପି ଶିଳ୍ପାଞ୍ଚଳ ଓ ଆଖପାଖ ଅଞ୍ଚଳ ପୂର୍ବେ ଶୁଷ୍କ ଜମି ଭାବରେ ରହିଥିଲା। ବର୍ତ୍ତମାନ ଆର୍‌ଏସପି ସହ ରାଜ୍ୟ ସରକାରଙ୍କ ବନ ବିଭାଗ ମିଳିତ ଭାବେ ନିରନ୍ତର ବନୀକରଣ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ସବୁଜିମା ଭରା ନନ୍ଦନକାନନରେ ରୂପାନ୍ତରିତ କରିବାରେ ସଫଳ ହୋଇଛି। ଏହି ସବୁଜମୟ ପରିବେଶ ମଧ୍ୟେ ଅନେକ ପାର୍କ, ନର୍ସରୀ, ବଗିଚା ଓ ସଡକ ପାର୍ଶ୍ୱରେ ଶୋଭା ପ୍ରକାଶ କରୁଥିବା ସବୁଜମୟ ପରିବେଶ ପ୍ରକୃତିପ୍ରେମୀଙ୍କୁ ବିଶେଷ ଭାବେ ଆକର୍ଷିତ କରୁଛି। ଆଜି ପର୍ଯ୍ୟନ୍ତ ଆରଏସପି କାରଖାନା ଓ ଶିଳ୍ପାଞ୍ଚଳ ସୀମା ମଧ୍ୟରେ ପ୍ରାୟ ୫୨ଲକ୍ଷ ବୃକ୍ଷରୋପଣ କରିସାରିଛି। ଯାହା ୩୪୫୧ଏକର ଜମିରେ ହୋଇଛି। ଶିଳ୍ପାଞ୍ଚଳ ଓ ତାର ଆଖପାଖ ଅଞ୍ଚଳକୁ ସବୁଜିମାମୟ କ୍ଷେତ୍ର ଭାବେ ପରିଗଣିତ କରିବାରେ ସମ୍ପ୍ରତି ସରକାରଙ୍କ ବନ ବିଭାଗ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କର ନେତୃତ୍ୱରେ ବନବିଭାଗ ଦ୍ୱାରା ସେକ୍ଟର-୮ରେ କାର୍ଯ୍ୟ କରୁଥିବା ବୃହତ ନର୍ସରୀରୁ ଏଥିପାଇଁ ଚାରା ଯୋଗାଇ ଦିଆଯାଇଛି। ରୋପିତ ଚାରାଦିର ରକ୍ଷଣାବେକ୍ଷଣ ଜନିତ ସମସ୍ତ ସୁରକ୍ଷା ବନବିଭାଗ ଯୋଗାଉଛି। ଏବର୍ଷ ପ୍ରଥମ ଚାରାରୋପଣ ଆରଏସପି ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ଦ୍ୱାରା ସେକ୍ଟର-୧ସ୍ଥିତ ଇସ୍ପାତ ବୃକ୍ଷ ବିହାରରେ ହୋଇଥିଲା। ପ୍ରଥମ ଚାରାରୋପଣ କରି ସବୁଜମୟ ପରିବେଶ ଉତ୍ପନ୍ନ ପାଇଁ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷର ପ୍ରଥମ ଚାରାରୋପଣ ଉତ୍ସବରେ ୨୫୦ଛାତ୍ରୀଛାତ୍ରଙ୍କ ସମେତ ଆର୍‌ଏସପି ଅଧିକାରୀ ଓ କର୍ମଚାରୀଗଣ ସାମିଲ ହୋଇ ୧୧୫୦ଚାରା ରୋପଣ କରିଛନ୍ତି। ଏହିଭଳି ନିରନ୍ତର ପ୍ରୟାସ କ୍ରମେ ୨୨୫ଏକର ପରିମିତ ଗ୍ରୀନ ପାର୍କର ବିକାଶରେ ସାହାଯ୍ୟ କରିଛି। ଯେଉଁଠାରେ କି ୨ଲକ୍ଷ ୨୫ହଜାରରୁ ଉର୍ଦ୍ଧ୍ୱ ବୃକ୍ଷ ଏବେ ସବୁଜବଳୟ ପସରା ଖେଳାଉଛି। ୮୪ହଜାର ବୃକ୍ଷ ଥିବା ଗ୍ରୀନ ମେଡୋସ୍, ୬୬ହଜାର ବୃକ୍ଷ ଥିବା ଗ୍ରୀନ ଭ୍ୟାଲି,୨୭ହଜାର ବୃକ୍ଷ ଥିବା ଲାଗୁନ ପାର୍କ ଏବଂ ଏହିଭଳି ଅନ୍ୟାନ୍ୟ ଅନେକ ଉଦ୍ୟାନର ବିକାଶ ଇସ୍ପାତ ସହରକୁ ସବୁଜମୟ କରି ସବୁଜ ସହର ଭାବେ ଗଢି ତୋଳିବାରେ ସହାୟକ ହୋଇଛି।

## ଝାଡ଼ାବାନ୍ତି ନିୟନ୍ତ୍ରଣ କର୍ମଶାଳା

**ବ୍ରଜରାଜନଗର,୧୫।୭ (ବିଜୟ ବରାଡ)**

ବର୍ଷା ଋତୁରେ ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା ଥିବାରୁ ଏହାକୁ ନିୟନ୍ତ୍ରଣ କରିବା ଉପରେ ଏକ କର୍ମଶାଳା ବ୍ରଜରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ଜୟପ୍ରକାଶ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଚନ୍ଦ୍ରଭାନୁ ପଟେଲ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମ୍ଭାର, ବିଡ଼ିଏମ ବିଷ୍ଣୁ କଚେରିଆଙ୍କ ସମେତ ଡାକ୍ତର ସସ୍ମିତା ତିର୍କୀ, ପ୍ରଦୀପ ରଥ ଶର୍ମା, ଡା. ରଜତ ମଲ୍ଲିକ, ଡା. ଶୁଭେନ୍ଦୁ ସାହୁ, ଡା. ରୋଷନ ପଣ୍ଡା, ଡା. ସରୋଜ ପଟେଲ, ଡା. ବିଜୟ ପ୍ରଧାନ ମଞ୍ଚାସୀନ ଥିଲେ। ଝାଡ଼ାବାନ୍ତି, ଜ୍ୱର ଆଦି ଚିକିତ୍ସା ଉପରେ ମୁଖ୍ୟତ ପ୍ରଶିକ୍ଷଣ ଦେଇଥିଲେ। ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

## ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ପୁସ୍ତିକା ବିତରଣ



**ଦେବଗଡ଼,୧୫।୭(ଶଶାଙ୍କ ଶେଖର ଝାଙ୍କର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରର ୯ ବର୍ଷ ପୂର୍ତ୍ତି ଅବସରରେ ଦେବଗଡ ଜିଲା ଭାଜପା ପକ୍ଷରୁ ଶନିବାର ବାରକୋଟ ବ୍ଲକର କଲା ଓ ଦନ୍ତାରୀବାହାଲ ଗ୍ରାମରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ପ୍ରଚାର ପତ୍ର (ପୁସ୍ତିକା) ବିତରଣ କରାଯାଇଛି। ଜିଲା ସଭାପତି ଅରୁଣ କୁମାର ସାହୁ ଓ ଉପ ସଭାପତି ହରମୋହନ ପାଣି, ମଣ୍ଡଳ ସବାପତି ଦୈତାରୀ ସାହୁ, ଅମୁଲ୍ୟ ଭୋଇ, ପରମେଶ୍ୱର ନାୟକ, ରବୀନ୍ଦ୍ର ନାଥ ବେହେରା, ସୁରେଶ ନାୟକ,ତପନ ସାମଲ ଓ ପ୍ରତାପ ନାୟକଙ୍କ ସମେତ ବହୁ ଭାଜପା କର୍ମୀ ଉଭୟ ଗ୍ରାମର ଘରକୁ ଘର ବୁଲି ଲୋକଙ୍କୁ ସେବା, ସୁଶାସନ ଓ ଗରିବ କଲ୍ୟାଣ ପ୍ରଚାର ପତ୍ର (ପୁସ୍ତିକା) ବିତରଣ କରିଥିଲେ। ଏହି ଅବସରରେ ସେମାନେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକ ଦେଶର ଗରିବରୁ ଗରିବ ଲୋକଙ୍କର ସମ୍ମାନ ସହିତ ସାମାଜିକ ନିରାପତା ବୃଦ୍ଧିରେ ସାହାଯ୍ୟ କରୁଥିବା ପ୍ରକାଶ କରିଥିଲେ।




ସୁନ୍ଦରଗଡ଼ ସରକାରୀ କଲେଜ ଇତିହାସ ବିଭାଗ ପକ୍ଷରୁ ବୃକ୍ଷରୋପଣ।


**ପୌରପରିଷଦ କାର୍ଯ୍ୟାଳୟ:ଝାରସୁଗୁଡା**

ସଂଖ୍ୟା 4221, ତା.01.07.2023 ରିଖ

**ଇସ୍ତାହାର**

**No.C-811:**ଏତଦ୍ଦ୍ୱାରା ଝାରସୁଗୁଡା ପୌରପରିଷଦ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୌରପରିଷଦ ଅଧୀନସ୍ଥ ପ୍ଲଟ/ଦୋକାନ ନଂ.୧୩୦/୨୮ (୧୦'x୧୦') ଯାହାକି ଶ୍ରୀ ହରଭଜନ ସିଂଙ୍କ ନାମରେ ରେକର୍ଡଭୁକ୍ତ ଅଛି, ଉକ୍ତ ଦୋକାନଟିକୁ ଶ୍ରୀ ଦେବିନଦର ସିଂ, ପିତା ସ୍ୱର୍ଗତ ସର୍ଦାର ଇନ୍ଦ୍ର ସିଂଙ୍କ ନାମରେ ହସ୍ତାନ୍ତର କରି ନାମ ଦର୍ଜ କରିବାପାଇଁ ପୌରପରିଷଦ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି । ଯଦି ଏଥିରେ କାହାର କିଛି ଆପତ୍ତି କିମ୍ବା ଅଭିଯୋଗ ଅଛି କିମ୍ବା ଥାଏ, ତାହାହେଲେ ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ପୌରପରିଷଦ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିପାରିବେ ଓ ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ବା ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଝାରସୁଗୁଡା

OIPR-13165/11/0012/2324


# ବିଶ୍ୱ ଯୁବ ଦକ୍ଷତା ଦିବସ

**ଦେବଗଡ଼,୧୫।୭ (ଶଶାଙ୍କ ଶେଖର ଝାଙ୍କର)**

ଜିଲା ନିୟୋଜନ ବିଭାଗ ଓ ପ୍ରଶାସନର ମିଳିତ ସହଯୋଗରେ ବିଶ୍ୱ ଯୁବ ଦକ୍ଷତା ଦିବସ ଶନିବାର ପାଳିତ ହୋଇଯାଇଛି। ବାରକୋଟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ସମ୍ମିଳନୀ କକ୍ଷଠାରେ ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷକ ପ୍ରଶିକ୍ଷକ, ଯୁବକଙ୍କ ଦକ୍ଷତା ବିକାଶ ଏବଂ ପରିବର୍ତ୍ତନଶୀଳ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବାରକୋଟ ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ ଶ୍ୟାମା ଓରାମ, ଦେବଗଡ଼ ପଲିଟେକନିକ୍ ଅଧକ୍ଷ ଅଭୟ କୁମାର ମଲ୍ଲିକ ମଞ୍ଚାସୀନ ଥିଲେ। ପୂର୍ବରୁ ଆୟୋଜିତ ଦକ୍ଷତା ପ୍ରତିଯୋଗିତାରେ ଆଇଟିଆଇ ଓ ପଲିଟେକ୍‌ନିକ୍‌ର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଟିଆଇ, ପଲିଟେକ୍‌ନିକ୍, କାଦୋପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ ଓ ବଳମ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବୃକ୍ଷରୋପଣ ଏବଂ ଦକ୍ଷତା ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ନିୟୋଜନ କାର୍ଯ୍ୟାଳୟ, ଆଇଟିଆଇ ଓ ପଲିଟେକ୍‌ନିକ୍ କର୍ମଚାରୀ ଉପସ୍ଥିତ ଥିଲେ।


**SAMBALPUR MUNICIPAL CORPORATION**
**SAMBALPUR, ODISHA - 768001**
Azadi Ka Amrit Mahotsav
Phone No.: 0663-2411316 / E Mail: sambalpurm.hud@nic.in

Notice No. 6042/SMC — Dated: 13.07.2023

**CORRIGENDUM NOTICE**

**Reference: Request for Proposal Notice, 5746/SMC / Dtd.: 06.07.2023**

No. C-808: For Zone-2 in the Page No. 05 of request for proposal for selection of Agency for door to door collection and transportation of municipal solid waste within SMC area the Point No. 6 Bid Data table row No. 5 stands modified to

| | |
|---|---|
| Date of Pre Bid Meeting | 5.00 P.M. on Dtd.17.07.2023 |

Instead of

| | |
|---|---|
| Date of Pre Bid Meeting | 5.00 P.M. on Dtd.15.07.2023 |

Sd./- Commissioner
Sambalpur Municipal Corporation

OIPR-13122/11/0034/2324

**ବନ ବିଭାଗ ଦ୍ୱାରା ଟ୍ରାକ୍ଟର ଲଙ୍ଗଳ ଜବତ**

କୋକସରା,(ଦୁଷ୍ମନ୍ତ କୁମାର ପାଇଯୋଶୀ): କଳାହାଣ୍ଡି ଜିଲା ଅମପାଣି ବିରିମୁହାଣ ଜଙ୍ଗଲ କାଟି ଟ୍ରାକ୍ଟର ଲଙ୍ଗଳ କରୁଥିବା ବେଳେ ବନ ବିଭାଗ ଟ୍ରାକ୍ଟର ଜବତ କରିବା ସହ ୧୫ ହଜାର ଟଙ୍କା ଲେଖାଏଁ ୨ଜଣଙ୍କୁ ଜରିମାନା କରିଛି। ୨ଜଣ ହେଉଛନ୍ତି ନବରଙ୍ଗପୁର ଜିଲା ଝରିଗାଁ ଥାନା ସାହେବଗୁଡା ଗାଁର ଜୟଦେବ ଭତରା (୨୭) ଓ ଯୋଗେନ୍ଦ୍ର ପୁଝାରୀ (୨୩)। ନବରଙ୍ଗପୁର ଜିଲାରୁ ଆସି ସାହଜଖୋଲ ସଂରକ୍ଷିତ ଜଙ୍ଗଲ ବିଭିନ୍ନ ଅଞ୍ଚଳରେ ମକା ଚାଷ କରି ହଜାର ହଜାର ହେକ୍ଟର ଜଙ୍ଗଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ଆମପାଣି ବନ ବିଭାଗ ଟିମ ପହଞ୍ଚି ଜଙ୍ଗଲ କାଟି ଟ୍ରାକ୍ଟରରେ ଲଙ୍ଗଳ ଚଳାଉଥିବା ବେଳେ ଟ୍ରାକ୍ଟର ଜବତ କରିଛି।

## ସଂକ୍ଷେପରେ

### ୱେଷ୍ଟର୍ନ ଓଡ଼ିଶା ରେସିଡେଣ୍ଟିସିଆଲ ସ୍କୁଲରେ ବନ ମହୋତ୍ସବ

**ଖଡ଼ିଆଲ,୧୫।୭(ସୁଜିତ୍ ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ୱେଷ୍ଟର୍ନ ଓଡ଼ିଶା ରେସିଡେଣ୍ଟିସିଆଲ ପବ୍ଲିକ ସ୍କୁଲ ଇକୋ କ୍ଲବ ଆନୁକୁଲ୍ୟରେ ବନମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ମହୋତ୍ସବ ସଭାରେ ଖରିଆର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁଖ୍ୟଅତିଥି ଭାବେ ବିରସେନ ବେହେରା ଯୋଗଦେଇ ବନମହୋତ୍ସବର ମହତ୍ତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଦ୍ୟାଳୟ ଅଧକ୍ଷା ସ୍ନିଗ୍ଧା ଘୋଷ ଗଛର ଉପାଦେୟତା ବାବଦରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ମୁକ୍ତାପୁର ଗ୍ରାମ ପର୍ଯ୍ୟନ୍ତ ଯାଇ ଲୋକଙ୍କୁ ଗଛ ଲଗାଇବା ସହ ଗଛର ଯତ୍ନ ନେବା ପାଇଁ ପ୍ରବର୍ତ୍ତାଇଥିଲେ। ସଭାରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ସହକର୍ମୀ ତଥା ଛାତ୍ରୀଛାତ୍ର ବୃନ୍ଦ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି ବେହେରା, ଅଧକ୍ଷା ଘୋଷ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରୀଛାତ୍ରମାନେ ବୃକ୍ଷ ରୋପଣ କରିଥିଲେ।

### ଦୁର୍ଗାପ୍ରସାଦ ନିଆଲ ଖଡିଆଲ ଆଡଭୋକେଟ କ୍ଲର୍କ ଆସୋସିଏଶନ ସଭାପତି

**ଖଡ଼ିଆଲ,୧୫।୭(ସୁଜିତ୍ ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଲ ଆଡଭୋକେଟ କ୍ଲାର୍କ ଆସୋସିଏଶନ ସଭାପତି ରୂପେ ଦୁର୍ଗାପ୍ରସାଦ ନିଆଲ ମନୋନୀତ ହୋଇଛନ୍ତି। ପୂର୍ବତନ ସଭାପତି ସ୍ୱର୍ଗତ ସଦାନନ୍ଦ ସିଂ ଠାକୁରଙ୍କ ଅକାଳ ବିୟୋଗ ପରେ ପଦବୀ ଖାଲି ପଡିରହିଥିଲା। ଏହି ପଦବୀରେ ନୂତନ ସଭାପତି ମନୋନୀତ କରିଥିବା ବେଳେ ପୂର୍ବ ପଦବୀରେ ପୂର୍ବ ସଦସ୍ୟମାନଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଉପସଭାପତି କୁନ୍ତେଶ୍ୱର ବାଗ, ସମ୍ପାଦକ ରାମେଶ୍ୱର ମେହେର, କୋଷାଧକ୍ଷ ହୃଦାନନ୍ଦ କୁଲଦୀପ, ସହ ସମ୍ପାଦକ ଟଙ୍କଧର ମେହେର ମନୋନୀତ ହୋଇଛନ୍ତି। ବୈଠକରେ ନୂତନ ମନୋନୀତ ସଭାପତିଙ୍କୁ ସ୍ୱାଗତ କରିଥିବା ବେଳେ ଖଡିଆଲ ଏଡଭୋକେଟ କ୍ଲାର୍କ ଆସୋସିଏଶନ ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

### କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କଲେ କୃଷି କର୍ମଚାରୀ

**ପଲମ/ନର୍ଲା,୧୫।୭(ଭିକାରି ଗଉଡ/ସନ୍ତୋଷ ପାତ୍ର):** କଳାହାଣ୍ଡି ଜିଲା ନର୍ଲା କୃଷି କର୍ମଚାରୀ ବିଭିନ୍ନ ଦାବି ନେଇ କଳାବ୍ୟାଜ୍ ଧାରଣ କରିଛନ୍ତି। କୃଷି ବିଭାଗ ଗ୍ରାମ୍ୟ କୃଷି କର୍ମଚାରୀ ଜୋସ୍ନା ମହାପାତ୍ର, ସବିତା ସେନାପତି, ଗଜମତି ମାଝି, ଜୋସ୍ନା ଭୋଇ, ଚଞ୍ଚଳା ସାହୁ, ତିଲୋତ୍ତମା ସାଗର, ମୀନତୀ ରଣା, ସୁନୀଲ ଭୋଇ, କେମନ୍ତ ସାହୁ, ସୁରଜିତ ସିଂ ମାଝି ପ୍ରମୁଖ କଳାବ୍ୟାଜ୍ ପରିଧାନ କରିଥିଲେ। ଦାବି ପୂରଣ ନ ହେଲେ ଅଗଷ୍ଟ ପହିଲାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ସମସ୍ତ କର୍ମଚାରୀ ସମୂହ ଛୁଟିରେ ରହିବେ ବୋଲି ସଂଘ ଆବାହକ ପ୍ରଦୀପ କୁମାର ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଦାବିଗୁଡିକ ମଧ୍ୟରେ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଗ୍ରେଡ ପେ ୪୨୦୦କୁ ବୃଦ୍ଧି, ପଦବୀର ନାମ ପରିବର୍ତ୍ତନ, କ୍ୟାଡ଼ର ପୁନର୍ଗଠନ, ଠିକା ସମୟରେ ୬ ବର୍ଷକୁ ମୂଳ ଚାକିରିରେ ଗଣନା ସହିତ ୬ଟି ନ୍ୟଶନାଲ ଇନ୍କ୍ରିମେଣ୍ଟ ପ୍ରଦାନ ଆଦି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ନର୍ଲା ଗ୍ରାମ୍ୟ କୃଷି କର୍ମଚାରୀ ସୁରଜିତସିଂ ମାଝି ମତବ୍ୟକ୍ତ କରିଛନ୍ତି।

### ମାନବ ଉଦଥାନ ସେବା ସମିତି ପକ୍ଷରୁ ଚାରା ରୋପଣ

**ନୂଆପଡ଼ା,୧୫।୭(ମକାରୁ ବେମାଲ):** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଟିକ୍ରାପଡା ଗାଁ ଦେଇ ଯାଇଥିବା ତାଣ୍ଡେଲ ପାହାଡ ଜଙ୍ଗଲର ଗଛ ସୁରକ୍ଷା ଦେବା ସହ ଅଧିକ ସବୁଜ ବନାନୀ କରିବା ପାଇଁ ମାନବ ଉଦଥାନ ସେବା ସମିତି ନୂଆପଡା ଶାଖା ପକ୍ଷରୁ ଚାରା ରୋପଣ କରାଯାଇଛି। ପୂର୍ବକୁ ବଲାଙ୍ଗୀର ଜିଲା ରହିଛି ରହିଥିବା ବେଳେ ପଶ୍ଚିମକୁ ନୂଆପଡା ଜିଲା ସୀମାନ୍ତରେ ରହିଛି ତାଣ୍ଡେଲ ପାହାଡ। ଏହି ପାହାଡ ଗଛ ସବୁ ରହି ସବୁଜ ସୁନ୍ଦର ଦିଶୁଛି। ଏହି ଜଙ୍ଗଲର ଗଛ ସୁରକ୍ଷା ଦେବା ସହ ଅଧିକ ସବୁଜବନାନୀ କରିବା ପାଇଁ ମାନବ ଉଦଥାନ ସେବା ସମିତି ନୂଆପଡା ଶାଖାର ସଭ୍ୟାସଭ୍ୟମାନେ ବିଭିନ୍ନ ପ୍ରକାର ଚାରା ରୋପଣ କରିଛନ୍ତି। ରାଧାଚୂଡ଼ା,କୃଷ୍ଣଚୂଡ଼ା, ସାଗୁଆନ, ଶିଶୋ, କରଞ୍ଜ, ବାଉଁଶ, ବେଞ୍ଜାମିନ, ଆମ୍ବ, ଜାମୁକୋଳି, କଦମ୍ବ ଭଳି ଗଛର ଚାରା ରୋପଣ କରାଯାଇଛି। ଏହି ସମୟରେ ଯୁଗେଶ୍ୱର ବାଗ, ଦେବ ହଂସ, ଉମା ଶଙ୍କର ହଂସ, ବିଷ୍ଣୁପ୍ରିୟା ବାରିକ, ସୁରେଖା ହଂସ, ମନମତି ବାଗ, କାଞ୍ଚନ ପଣ୍ଡା, ଆରତୀ ବାଗ, ମନୋରମା ଦଳପତି, ଅମ୍ବିକା ରଣା, ଦେବେନ୍ଦ୍ର ଛତ୍ରିଆ, ଇନ୍ଦ୍ରା ଦେଇ ବାରିକ, ସତ୍ୟଭାମା ରାଉତ, ସୁବାଷ ହଂସ ପ୍ରମୁଖ ଉପସ୍ଥିତ ଥିଲେ।

# ସଫା ହେଉନି ଡ୍ରେନ୍, ନିଷ୍କାସନ ହେଉନି ପାଣି


ଡ୍ରେନ ଉପରେ ଓ ପାର୍ଶ୍ୱରେ ଅନାବନା ଗଛ ଉଠିଛି।

■ ବହୁ ସ୍ଥାନରେ ଡ୍ରେନ୍ ପୋତି ହୋଇଛି
■ ମଇଳା ପାଣି ରାସ୍ତାରେ ବହୁଛି

**ଏମ୍.ରାମପୁର,୧୫।୭ (ଶଶିଭୂଷଣ ପ୍ରହରାଜ)**

କଳାହାଣ୍ଡି ଜିଲା ମ.ରାମପୁର ସହର ମୁଖ୍ୟ ରାସ୍ତା ଦୁଇପାର୍ଶ୍ୱ ଡ୍ରେନର ଅଧିକାଂଶ ସ୍ଥାନରେ ବର୍ଷ ବର୍ଷ ଧରି ସଫା ହେଉନାହିଁ। ଏହା ସହିତ ବହୁତ ସ୍ଥାନରେ ଡ୍ରେନ ପୋତି ହୋଇ ରହିଛି। ଫଳରେ ବର୍ଷା ପାଣି ସହିତ ଡ୍ରେନର ଦୁର୍ଗନ୍ଧଯୁକ୍ତ ପାଣି ରାସ୍ତାରେ ବହୁଛି। ସମ୍ପ୍ରତି ଶକ୍ରୁବାରଠାରୁ ବର୍ଷା ଲାଗି ରହିଛି। ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ପୂର୍ତ୍ତ ବିଭାଗ ଓ ଗ୍ରାମପଞ୍ଚାୟତ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଜନସାଧାରଣ ଦୁର୍ଗନ୍ଧମୟ ପରିବେଶରେ ରହି ନାନାଦି ରୋଗରେ ପଡୁଛନ୍ତି। ୨୦୧୩-୧୪ ଆର୍ଥିକ ବର୍ଷରେ ପୂର୍ତ୍ତ ବିଭାଗ ପକ୍ଷରୁ ମୁଖ୍ୟ ସଡକ ନବୀକରଣ ସହିତ ଚାରିଛକଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ରାସ୍ତା ଦୁଇପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯାଇଥିଲା। କ୍ରମାଗତ ଭାବେ କିଛି ବର୍ଷ ପୂର୍ତ୍ତ ବିଭାଗ ପକ୍ଷରୁ ନିୟମିତ ଡ୍ରେନ ସଫା କରାଯାଉଥିଲା। ୨୦୧୯ଠାରୁ ଉକ୍ତ ଡ୍ରେନ ଗ୍ରାମ ପଞ୍ଚାୟତ ରକ୍ଷଣାବେକ୍ଷଣ କରିବା ପାଇଁ ପୂର୍ତ୍ତ ବିଭାଗ ସ୍ପଷ୍ଟତା ପ୍ରକାଶ କରିଥିଲା। ୨୦୧୯ରୁ ୨୦୨୨ ଯାଏଁ ଡ୍ରେନ ସଫେଇ ହୋଇନାହିଁ। ପଞ୍ଚାୟତ ପକ୍ଷରୁ ଗତବର୍ଷ ବର୍ଷା ଋତୁରେ ଗ୍ରାମପଞ୍ଚାୟତଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ପ୍ରାୟ ୨୦୦ରୁ ୩୦୦ ମିଟର ଡ୍ରେନ ସଫେଇ କରିଥିଲା। କିନ୍ତୁ ଗ୍ରାମ ପଞ୍ଚାୟତଠାରୁ ଉତ୍ତର ଦିଗକୁ ଯାଇଥିବା ମୁଖ୍ୟ ରାସ୍ତାର ଚାରିଛକ ପର୍ଯ୍ୟନ୍ତ ଡ୍ରେନ ଆଦୌ ସଫା ହୋଇ ନାହିଁ। ଚଳିତ ବର୍ଷ ମଧ୍ୟ ଏହା କରାଯାଇନାହିଁ। ନୋଡାଲ ୟୁପି ସ୍କୁଲଠାରୁ ଗୌଡପଡା ଓ ପାଇକପଡା ପର୍ଯ୍ୟନ୍ତ ଡ୍ରେନରେ ପାଣି ଜମି ରହିଛି। ଅନେକାଂଶ ସ୍ଥାନରେ ଡ୍ରେନ ଅବରୋଧ ଯୋଗୁ ପାଣି ନିଷ୍କାସନ ହେଉନାହିଁ। ନୋଡାଲ ସ୍କୁଲ ସମ୍ମୁଖ ଡ୍ରେନ ପୋତି ହୋଇଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ସେହିପରି ବ୍ରାହ୍ମଣପଡା ଡାହାଣ ପାର୍ଶ୍ୱ ଡ୍ରେନ ପୋତି ହୋଇଥିବାରୁ ଉକ୍ତ ସ୍ଥାନରେ ମଧ୍ୟ ପାଣି ନିଷ୍କାସନ ହେଉନାହିଁ। ଡ୍ରେନ ନିର୍ମାଣ ସମୟରେ ଅଧିକାଂଶ ସ୍ଥାନରେ ଡ୍ରେନ ଉପରେ ଘୋଡଣି ବସା ଯାଇ ନ ଥିଲା। ଗ୍ରାମପଞ୍ଚାୟତ ପକ୍ଷରୁ ମାତ୍ର ୨୦୦ରୁ ୩୦୦ ମିଟର ଗତବର୍ଷ ଡ୍ରେନ ସଫା କରାଯାଇଥିବାବେଳେ ଅନ୍ୟ ପ୍ରମୁଖ ସ୍ଥାନରେ ସଫେଇ ନ କରିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବିଶାପାଣି ସାହୁଙ୍କୁ ପଚାରିବାରୁ ଗତବର୍ଷ ବସଷ୍ଟାଣ୍ଡ ସଂଲଗ୍ନ ଡ୍ରେନ ସଫା କରାଯାଇଥିଲ। ଆମ ପାଖରେ ପାଣ୍ଠିର ଅଭାବ ରହିଛି। ତେଣୁ ଏ ନେଇ ବିଚାର କରିବୁ ବୋଲି କହିଥିଲେ।

## ମୁଖ୍ୟ ରାସ୍ତାରେ ଜମୁଛି ଡ୍ରେନ୍ ପାଣି


ଭମରମାଲ ଗ୍ରାମର ମୁଖ୍ୟ ରାସ୍ତାରେ ପାଣି ଜମି ରହିଛି।

**କେସିଙ୍ଗା,୧୫।୭(ଡୁମେଶ୍ୱର ସାହୁ)**

**ଗମାନାଗମନରେ ଲୋକେ ଅସୁବିଧା ଭୋଗୁଛନ୍ତି**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପରଲସିଙ୍ଗା ଗ୍ରାମପଞ୍ଚାୟତ ଭମରମାଲ ଗ୍ରାମର ମୁଖ୍ୟ ରାସ୍ତାରେ ନିର୍ମାଣ ହୋଇଥିବା ଡ୍ରେନ୍ ୩ ମାସ ପରେ ଆକମି ହୋଇପଡ଼ିଛି। ଫଳରେ ପାଣି ଜମି ରହୁଥିବାରୁ ଗମାନାଗମନରେ ଲୋକେ ଘୋର ଅସୁବିଧା ଭୋଗୁଛନ୍ତି। ବର୍ଷା ଦିନରେ ଭମରମାଲ ଗ୍ରାମର ରାସ୍ତା ଉପରେ ଆଣ୍ଠୁଏ ବର୍ଷା ପାଇଁ ପାଣି ଜମି ରହୁଛି। ଫଳରେ ଲୋକମାନେ କାଦୁଅରେ ପଡୁଛନ୍ତି। ରାସ୍ତାରୁ ପାଣି ନିଷ୍କାସନ ପାଇଁ ଡ୍ରେନ ନ ଥିବାରୁ ଲୋକଙ୍କ ଘରେ ପାଣି ପଶୁଛି। ଗ୍ରାମବାସୀ ଏହି ସମସ୍ୟା ନେଇ ବହୁବାର ନର୍ଲା ବିଧାୟକ, ବିଡ଼ିଓ, ଆରଡ଼ି ବିଭାଗରେ ଲିଖିତ ଅଭିଯୋଗ କରିଥିଲେ। ପରେ ନର୍ଲା ବିଧାୟକଙ୍କ ନିର୍ଦ୍ଦେଶରେ ବ୍ଲକ ପକ୍ଷରୁ ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ୪ ଲକ୍ଷ ବ୍ୟୟ ଅଟକଳରେ ଉକ୍ତ ଗ୍ରାମର ଜଣେ ଲୋକଙ୍କୁ ରାସ୍ତା ନିର୍ମାଣ ପାଇଁ ଦାୟିତ୍ୱ ଦିଆଯାଇଥିଲା। ଗ୍ରାମ ମଝିରୁ ଶେଷ ଯାଏ ରାସ୍ତାର ଗୋଟିଏ ପାର୍ଶରେ ଡ୍ରେନ କରିବା କଥା। କିନ୍ତୁ ୪୦ ଫୁଟ ଲମ୍ବର ଡ୍ରେନ ନିର୍ମାଣ କରି କିଛି ଦିନ ପରେ ପୁଣି ଠିକାଦାର ଜଣକ ଡ୍ରେନ ପୋତି ଦେଇ ୪ ଲକ୍ଷ ଟଙ୍କାର ମିଥ୍ୟା ବିଲ କରି ଆତ୍ମସାତ କରିଥିବା ଗ୍ରାମବାସୀ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିଡ଼ିଓ ପ୍ରଫୁଲ୍ଲ କୁମାର ଅଦୁଙ୍କୁ ପଚାରିବାରୁ ମୁ କିଛି ଜାଣି ନାହିଁ ବୋଲି ପ୍ରକାଶ କରିଥିଲେ।

## ଗାଡ଼ି ଧକ୍କାରେ ଜଣେ ମୃତ, ୨ ଆହତ

**ନୂଆପଡ଼ା,୧୫।୭(ମକାରୁ ବେମାଲ)**

ନୂଆପଡା ଜିଲା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେରେ ଶୁକ୍ରବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବୋଡେନ ଥାନା ବୋଲଧା ଗାଁର ଜଳନ୍ଧର କରୁଆ (୨୮)। ଗୁରୁତର ୨ ଯୁବକ ବୋଲଧା ଗାଁ ଜଗମୋହନ ନିଆଲ (୩୧) ଓ ପ୍ରହ୍ଲାଦ କଟା (୨୮) ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ ଜଳନ୍ଧର, ଜଗମୋହନ ଓ ପ୍ରହ୍ଲାଦ ଭେଲାଗାଁ ପଟୁ ଏକ ବାଇକ୍‌ରେ ବୋଲଧାଗାଁ ପଟେ ବିଳମ୍ବିତ ରାତିରେ ଫେରୁଥିଲେ। ବିପରିତ ପଟରୁ ଆସୁଥିବା ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଛି। ଘଟଣାସ୍ଥଳରେ ଜଳନ୍ଧରଙ୍କ ମୃତ୍ୟୁ ହୋଇଥିବା ବେଳେ ଜଗମୋହନ ଓ ପ୍ରହ୍ଲାଦ ଗୁରୁତର ଆହତ ହୋଇଥିଲେ। ଗୁରୁତର ଆହତ ଯୁବକମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ରହିଥିବା ଜଣାପଡିଛି। ପ୍ରହ୍ଲାଦ ଖଣ୍ଡିଆଖାବରା ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ଜଗମୋହନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ବୋଡେନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟାବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରହିଛି।

# ଜିଲାସ୍ତରୀୟ ବିଶ୍ୱ ଦକ୍ଷତା ଦିବସ ପାଳିତ


ଜିଲାସ୍ତରୀୟ ବିଶ୍ୱ ଦକ୍ଷତା ଦିବସରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ଭବାନୀପାଟଣା,୧୫।୭ (ଉତ୍ତମ କୁମାର ଦାଶ)**

**ଭାଗ ନେଲେ ୨୦୦ ଛାତ୍ରୀଛାତ୍ର**

କଳାହାଣ୍ଡି ଜିଲା ଭବାନୀପାଟଣା ଦକ୍ଷତା ବିକାଶ କେନ୍ଦ୍ରରେ ଶନିବାର ଜିଲା ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧକ୍ଷତା କରିଥିଲେ। ଏହା ପୂର୍ବରୁ ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଗତ ୧୨ରୁ ୧୪ ପର୍ଯ୍ୟନ୍ତ ଜିଲାରେ ଥିବା ସମସ୍ତ ବୈଷୟିକ ଶିକ୍ଷା କେନ୍ଦ୍ର ଓ ସମସ୍ତ ଦକ୍ଷତା ବିକାଶ କେନ୍ଦ୍ରଠାରେ କୁଇଜ୍, ଡିବେଟ, ନୃତ୍ୟ, ସଂଗୀତ, ସିଲେଇ ଆଦି ପ୍ରତିଯୋଗିତାରେ କୃତକାର୍ଯ୍ୟ ପିଲାମାନଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ଶତପଥୀ ପିଲାମାନଙ୍କୁ ଦକ୍ଷ ହେବା ପାଇଁ ଉପଦେଶ ଦେଇଥିଲେ। ଏଥିରେ ସରକାରୀ ପଲିଟେକ୍ନିକ, ସରକାରୀ ଆଇଟିଆଇ, ସିଟିଟିସି, ଶାହୀ ଏକ୍ସପୋର୍ଟସ ଓ ଜନଶିକ୍ଷଣ ସଂସ୍ଥାନରୁ ୨୦୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜିଲା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟଙ୍କ ସମେତ ସରକାରୀ ପଲିଟେକ୍ନିକ ଅଧକ୍ଷ ଅମୁଲ୍ୟ ପଣ୍ଡା, ସରକାରୀ ଆଇଟିଆଇର ଅଧକ୍ଷ ସ୍ନେହାଶିଷ ମୁଦୁଲି, ସିଟିଟିସିର ସେଣ୍ଟର ପରିଚାଳକ ଜୀବନଜ୍ୟୋତି ଓଝା, ମହାତ୍ମା ଗାନ୍ଧୀ ଫେଲୋ ଉଦୟନ ମହାପାତ୍ର, ୟଙ୍ଗ ପ୍ରଫେସନାଲ ଅମ୍ବୁଜ ତିୱାରୀ, ଜନ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ସୁବ୍ରତ ତ୍ରିପାଠୀ, ଶାହୀ ଏକ୍ସପୋର୍ଟସର ପ୍ରଶାନ୍ତ ପାଣିଗ୍ରାହୀ ଓ ସୁବାଷ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମ.ରାମପୁର ବ୍ଲକ: ୨୨ଜଣଙ୍କୁ ମିଳିଲା ଲେଭଲ୍ ୩ ପଦୋନ୍ନତି

**ଏମ୍.ରାମପୁର,୧୫।୭ (ଶଶିଭୂଷଣ ପ୍ରହରାଜ)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକର ୨୨ଜଣ ଶିକ୍ଷକଙ୍କୁ ଲେଭଲ୍ ତିନିରେ ପଦୋନ୍ନତି ଦିଆଯାଇଛି। ଏହି କ୍ରମରେ ଚଣ୍ଡେଶ୍ୱର ଦାସଙ୍କୁ ମୁଡିଙ୍ଗ ୟୁପିଏସ୍, କୁବେର ମହାଖୁଡଙ୍କୁ ତଳସାଗରପଡା, ସଂଯୁକ୍ତା ଦାସଙ୍କୁ ଆମ୍ବ ଗାଁ, ବିଭୁତିଭୂଷଣ ପ୍ରହରାଜଙ୍କୁ ବ୍ଲକ କଲୋନୀ, କୁନୁ ରଥଙ୍କୁ ଜୁରାଖମନ, ପୀତାମ୍ବର ସାହୁଙ୍କୁ ଚୁର୍ଚ୍ଚି, ସଦାନନ୍ଦ ଦେହେରିଙ୍କୁ କୁମେରପଟା, କୈଳାସ ଚନ୍ଦ୍ର ମହାଖୁଡଙ୍କୁ ସାଲେପାଲି, ତ୍ରିଲୋଚନ ମହାଖୁଡଙ୍କୁ ଗୌଡକର୍ଲାଖୁଣ୍ଟା, ଚୁଡାମଣି ରଣାଙ୍କୁ ଅଲାତରା, ରଂଜିତ ସେଠ୍‌ଙ୍କୁ ବେଲୁର୍, ପାର୍ଥ ନାଏକଙ୍କୁ ମସ୍କାଦାଣ୍ଡି, ସଂସିତା ଦିଗାଲଙ୍କୁ ନୁନପୁର, ଥବିର ଭୋଇଙ୍କୁ ଦୁର୍ଲାଦାନୀ, ବିରେନ୍ ରଥଙ୍କୁ ଉର୍ଲାଦାନୀ, ଦଶରୁ ବରିହାଙ୍କୁ ତେଜିପଡା, କୁଞ୍ଜ ବିହାରୀ ସାହୁଙ୍କୁ ପଦମନ୍‌ପୁର, ଦୈତାରୀ ମାଝିଙ୍କୁ ଘୋଡାପୋଖରୀ, ସହଦେବ ସାହୁଙ୍କୁ ବୁଢିଖମନ, ସୁବୋଧ କୁମାର ଛତ୍ରିଆଙ୍କୁ ପୋଢେଲକୁନା, ତପସ୍ୱିନୀ ପାତ୍ରଙ୍କୁ ଢେକୁନକୁପା, ଯାଜ୍ଞସେନୀ ପାତ୍ରଙ୍କୁ ଡୁମେରଗୁଡା ଆଦି ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦବୀରେ ପଦୋନ୍ନତି ଦିଆଯାଇଛି। ଏହି ବ୍ଲକରେ ୪୩ଟି ଲେଭଲ ତିନି ପଦବୀ ଅନୁମୋଦିତ ହୋଇଥିବାବେଳେ ପୂର୍ବରୁ ୪ଜଣ କାର୍ଯ୍ୟରତ ଥିଲେ। ଏହାକୁ ମିଶାଇ ୨୬ଟି ପଦବୀ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରାପ୍ତ ହୋଇଛି। ଖାଲି ପଡିଥିବା ୧୭ଟି ପଦବୀରେ ଅନ୍ୟ ବ୍ଲକର ଶିକ୍ଷକମାନଙ୍କୁ ଦିଆଯାଇଛି।

## ଗାଁକୁ ଫେରିଲେ ଚେନ୍ନାଇରେ ଅଟକ ଥିବା ୬ ଦାଦନ ଶ୍ରମିକ

**କର୍ଲାମୁଣ୍ଡା,୧୫।୭(ପ୍ରଦୀପ ସାହୁ)**

ଚେନ୍ନାଇରେ ଅଟକ ଥିବା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ଭୁଏରମୁଣ୍ଡା ଗ୍ରାମର ୬ଜଣ ଯୁବକ ଉଦ୍ଧାର ହୋଇ ଶନିବାର ଗାଁକୁ ଫେରି ଆସିଥିବା ଜଣାପଡ଼ିଛି। ସେମାନେ ହେଲେ ଭୁଏରମୁଣ୍ଡା ଗ୍ରାମର ଦିନବନ୍ଧୁ ସାହୁ (୨୨), ଶକ୍ତି ସାହୁ(୧୯), ସମୀର ସାହୁ (୧୮), ଅମୀର ସାହୁ(୧୯), ଡୁମେଶ୍ୱର ସାହୁ (୧୮) ଏବଂ ସମୀର ସାହୁ (୨୧)। ଯୁବକମାନେ ଘରକୁ ଫେରିବା ପରେ ଗାଁରେ ଖୁସିର ଲହରୀ ଖେଳିଯାଇଛି। ସୂଚନା ଯେ, କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ଭୁଏରମୁଣ୍ଡା ଗ୍ରାମର ୬ଜଣ ଦାଦନ ଅର୍ଥ ରୋଜଗାର ପାଇଁ ଚେନ୍ନାଇ ସହରର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। କମ୍ପାନୀ ମାଲିକଙ୍କ ଦ୍ୱାରା ନିର୍ଯାତନା ଶିକାର ହେଉଥିବା ନେଇ ଏକ ଭିଡିଓ ଜରିଆରେ ଉଦ୍ଧାର କରିବାକୁ ନିବେଦନ କରିଥିଲେ। ସ୍ଥାନୀୟ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ସହଯୋଗରେ ଶ୍ରମିକଙ୍କ ପରିବାର ଲୋକେ ମ. ରାମପୁର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନଙ୍କୁ ଗୁରୁବାର ସାକ୍ଷାତ କରି ସହଯୋଗ ପାଇଁ ଅନୁରୋଧ କରିଥିଲେ। ଥାନାଧିକାରୀ ତାମିଲନାଡୁ ପୋଲିସ ସହ ଯୋଗାଯୋଗ କରି ୬ଜଣ ଯୁବକଙ୍କୁ ଉଦ୍ଧାର ବ୍ୟବସ୍ଥା କରାଇଥିଲେ। ସୂଚନାଯୋଗ୍ୟ ଯେ, ଭୁଏରମୁଣ୍ଡା ଗ୍ରାମର ୬ଜଣ ଯୁବକ ଗତ ମେ ମାସରେ ତାମିଲନାଡୁର ଚେନ୍ନାଇ ସହରର ଟିଇସି ନାମକ ଏକ ଘରୋଇ କମ୍ପାନୀରେ କାମ କରିବାକୁ ଯାଇଥିଲେ।


ତାମିଲନାଡୁରୁ ଉଦ୍ଧାର ୬ ଯୁବକ।

## ମୋ ଘର ଯୋଜନା ହିତାଧିକାରୀଙ୍କୁ ଘର ଋଣ ଚେକ୍ ପ୍ରଦାନ

**ଭବାନୀପାଟଣା,୧୫।୭ (ଉତ୍ତମ କୁମାର ଦାଶ)**

ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମୋ ଘର ଯୋଜନାର ପ୍ରଥମ ପର୍ଯ୍ୟାୟରେ ଋଣ ପ୍ରଦାନ କରାଯାଇଛି। ଏଥିରେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର ପ୍ରମୁଖ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ପ୍ରଥମ ପର୍ଯ୍ୟାୟ ରୂପେ ୧ ଲକ୍ଷ ଋଣ ଚେକ ପ୍ରଦାନ କରିଥିଲେ। ଜିଲାର ୮ଟି ବ୍ଲକ ଥୁଆମୂଳ ରାମପୁର, କେସିଙ୍ଗା, କର୍ଲାମୁଣ୍ଡା, ମ. ରାମପୁର, କୋକସରା, ଭବାନୀପାଟଣା, ନର୍ଲାର ୨୪ଜଣ ହିତାଧିକାରୀଙ୍କୁ ଚେକ ପ୍ରଦାନ କରାଯାଇଥିଲ। ଯୋଜନାରେ ମାସିକ ୨୫ ହଜାରରୁ କମ ଆୟ କରୁଥିବା ପରିବାର ନିଜର କଚ୍ଚା ଘରକୁ ପକ୍କା କରିପାରିବେ, ଘର ନିର୍ମାଣ, ସମ୍ପ୍ରସାରଣ, ସମ୍ପୂର୍ଣ୍ଣକରଣ, ଉନ୍ନତୀକରଣ କରି ପାରିବେ। ପ୍ରତ୍ୟକ ଋଣ ଅର୍ଥ ରାଶି ଉପରେ ସରକାର ସବସିଡି ଦେଉଛନ୍ତି। ସମାରୋହରେ ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଏପିଡିଆରଏଚ ଅମୂଲ୍ୟ ବାଉଲ, ଡିଆଇପିଆରଓ ମନୋଜ ବେହେରା, ସମସ୍ତ ବିଡିଓ, ଏଲଡିଏମ ଧ୍ରୁବ ପ୍ରସାଦ ସିଂ, ଏସବିଆଇ, ଇଣ୍ଡିଆନ ବ୍ୟାଙ୍କର ମ୍ୟାନେଜର, ହିତାଧିକାରୀ ଓ ଜିଲା ପରିଷଦ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାମୂହିକ ବ୍ରତୋପନୟନ

**ବେହେରା,୧୫।୭ (ଭୁପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ସ୍ଥାନୀୟ ଏକ ହୋଟେଲରେ ଧର୍ମଗଡ଼ ବ୍ରାହ୍ମଣ ସମାଜ ପକ୍ଷରୁ ୧୩ଜଣଙ୍କ ଯଜ୍ଞୋପବିତ ଧାରଣ ଓ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଯଜ୍ଞରେ ବ୍ରହ୍ମା ଭାବେ ପଣ୍ଡିତ ନିତ୍ୟାନନ୍ଦ ପାତ୍ର ଓ ମୁଖ୍ୟ ଆଚାର୍ଯ୍ୟ ଭାବରେ ଶ୍ରୀମାନ ପୁରୁନ୍ଦର ହୋତା ଏବଂ ୧୧ଜଣ ଆଚାର୍ଯ୍ୟଙ୍କ ସହଯୋଗରେ ବୈଦିକ ରୀତିରେ ବ୍ରତୋପନୟନ କାର୍ଯ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅଧକ୍ଷ ଭାବେ ତୁଷାର ରଞ୍ଜନ ପଟ୍ଟଯୋଶୀ, ଧର୍ମଗଡ଼ ଉପଖଣ୍ଡ ବ୍ରାହ୍ମଣ ସମାଜ ସଭାପତି ଜନାର୍ଦ୍ଦନ ପଣ୍ଡା, ସମ୍ପାଦକ ହେମନ୍ତ ପଣ୍ଡା, ମୁଖ୍ୟ ଉପଦେଷ୍ଟା ସୁରେଶ ଚନ୍ଦ୍ର ମୁଣ୍ଡ, ମୁଖ୍ୟ ସଂଯୋଜକ ହର୍ଷ ବେହେରା ତଥା ଜିଲାର ପ୍ରତ୍ୟେକ ବ୍ଲକ ସଭାପତି, ସମ୍ପାଦକ ଓ ଭବାନୀପାଟଣା ବ୍ରାହ୍ମଣ ସମାଜ ସଭାପତି ଜଗନ୍ନାଥ ମୁଣ୍ଡ, ସମ୍ପାଦକ ଉମେଶ ଚନ୍ଦ୍ର ମୁଣ୍ଡ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜନ କମିଟି ପକ୍ଷରୁ ପ୍ରତ୍ୟେକ ନବବ୍ରହ୍ମଚାରୀଙ୍କୁ ଗୋଟିଏ ଲେଖାଏଁ ସର୍ଣ୍ଣ ମୁଦ୍ରିକା ପ୍ରଦାନ କରାଯାଇଥିଲା।



## ପ୍ରେରକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର

**କୋକସରା,୧୫।୭ (ଦୁଷ୍ମନ୍ତ କୁମାର ପାଇଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପ୍ରେରକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରିଣୀ ରଶ୍ମିତା ନେତମଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରେରକମାନେ ୨୦୧୧ରୁ ୨୦୧୮ ପର୍ଯ୍ୟନ୍ତ ସରକାରଙ୍କ ସାକ୍ଷାର ଭାରତ କାର୍ଯ୍ୟକ୍ରମରେ ସାମିଲ ହୋଇ ୧୫ ବର୍ଷରୁ ଊର୍ଦ୍ଧ୍ୱ ଅଣସାକ୍ଷର ପୁରୁଷ ଓ ମହିଳାଙ୍କୁ ସାକ୍ଷର କରି ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ପଞ୍ଚାୟତର ବିପିଏଲ, ଏପିଏଲ ସର୍ଭେ, ଭତ୍ତା ବଣ୍ଟନ, ପିଡ଼ିଏସ ବଣ୍ଟନରେ ସହଯୋଗ କରୁଥିଲେ। ଜିଲାରେ ୫୪୭ ପ୍ରେରକ ନିୟୋଜିତ ଥିବାବେଳେ କୋକସରା ବ୍ଲକରେ ୨୦ଟି ପଞ୍ଚାୟତରୁ ୪୦ଜଣ ପ୍ରେରକ ନିୟୋଜିତ ଥିଲେ। ମାସିକ ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇ ପରିବାର ପ୍ରତିପୋଷଣ କରୁଥିଲେ। ସାକ୍ଷର ଭାରତ କାର୍ଯ୍ୟକ୍ରମ ବନ୍ଦ ହେବା ପରେ ବର୍ତ୍ତମାନ ପ୍ରେରକମାନେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ବିଭିନ୍ନ ସମୟରେ ସରକାରଙ୍କ ନୂତନ କାର୍ଯ୍ୟକ୍ରମ ପାଇଁ ଦାବୀ କରି ଆସୁଛନ୍ତି। ବର୍ତ୍ତମାନ ସରକାରଙ୍କ ନୂତନ ସାକ୍ଷର ଭାରତ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି ଓ ଅଣସାକ୍ଷର ଚିହ୍ନଟ କରିବାକୁ ଚିଠି ହୋଇଛି। ହେଲେ ପ୍ରେରକମାନଙ୍କୁ ପୁନଃନିଯୁକ୍ତି ପ୍ରଦାନ ପାଇଁ ଗୋଷ୍ଠୀ ଅଧିକାରିଣୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଜିଲା ସାକ୍ଷାରତା ମିଶନ ଓ ଜିଲା ଶିକ୍ଷାଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦାବି ପ୍ରେରଣ କରିବି ବୋଲି କହିଥିଲେ। ଦାବିପତ୍ର ପ୍ରଦାନ ସମୟରେ ପ୍ରେରକ ଗାୟତ୍ରୀ ଠାକୁର, ଆଲୋକ ବିଶି, ବଳଦେବ ଦୁର୍ଗା, ଜଳେଶ୍ୱର ବାଗ, ଚନ୍ଦ୍ରମଣି ପାଣିଗ୍ରାହୀ, ଗୁପ୍ତେଶ୍ୱର ବାଗ, ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ବଦଳିଲେ ବୀରମହାରାଜପୁର ଏସଡିପିଓ

**ଅମରପାଲି,୧୫।୭(ପୀତାମ୍ବର ସାହୁ):** ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ କାର୍ଯ୍ୟାଳୟରେ ପୋଲିସ ଅଧିକାରୀମାନଙ୍କର ଏକ ବଡଧରଣର ଅଦଳବଦଳ କରାଯାଇଛି । ଏହି କ୍ରମରେ ବୀରମହାରାଜପୁର ଏସଡିପିଓ ତୋଳାମଣି ଭୋଇଙ୍କୁ ମୟୂରଭଞ୍ଜ ଜିଲା



ହୋମଗାର୍ଡ ଡିଏସପି ଭାବରେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କଳାହାଣ୍ଡି ଜିଲାରେ କାର୍ଯ୍ୟରତ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆଙ୍କୁ ବୀରମହାରାଜପୁର ଏସଡିପିଓ ଭାବେ ନିଯୁକ୍ତି ଦିଆଯାଇଥିବା ଜଣା ପଡିଛି।

### ବିଦ୍ୟାଳୟରୁ ଟିଭି ଚୋରି ଅଭିଯୋଗ

**ଚନ୍ଦ୍ରୟାନ-୩ ଉତ୍‌କ୍ଷେପଣର ସିଧା ପ୍ରସାରଣ ଦେଖି ନ ପାରି ଛାତ୍ରୀଛାତ୍ର ନିରାଶ**

**ଅମରପାଲି,୧୫।୭(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ମହଦା ପଞ୍ଚାୟତର କୁମାରକେଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଟିଭି ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି । ଫଳରେ ଶୁକ୍ରବାର ସମଗ୍ର ଦେଶରେ ଛାତ୍ରୀଛାତ୍ରମାନେ ଚନ୍ଦ୍ରୟାନ -୩ ର ସଫଳ ଉତ୍‌କ୍ଷେପଣର ସିଧାସଳଖ ଦୃଶ୍ୟ ଟିଭି ମାଧ୍ୟମରେ ଦେଖିଥିବା ବେଳେ ଉକ୍ତ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏହାକୁ ଦେଖି ନ ପାରି ନିରାଶ ହୋଇଛନ୍ତି । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୬ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଗତ ୮ ତାରିଖ ବିଦ୍ୟାଳୟ ଛୁଟି ପରେ ସ୍କୁଲ ବନ୍ଦ କରାଯାଇଥିଲା । ସୋମବାର ସ୍କୁଲ ଖୋଲିଲା ପରେ ଟିଭି ନ ଥିବା ଦେଖିବାକୁ ମିଳିଥିଲା। କେହି ଦୁର୍ବୃତ୍ତ ବାରଣ୍ଡା ଓ ଅଷ୍ଟମ ଶ୍ରେଣୀ କକ୍ଷର ତାଲା ଭାଙ୍ଗି ଟିଭି ଚୋରି କରି ନେଇଯାଇଛି । ସରକାରଙ୍କ ନିର୍ଦ୍ଦେଶ କ୍ରମେ ୨୦୨୧ ମସିହାରେ କମ୍ପୋଜିଟ ଗ୍ରାଣ୍ଟରୁ ୨୫ ହଜାର ଟଙ୍କା ବ୍ୟୟରେ ୪୩ ଇଞ୍ଚ ବିଶିଷ୍ଟ ଏକ ଟିଭି କ୍ରୟ କରାଯାଇ ସ୍କୁଲରେ ଲଗାଯାଇଥିଲା। ଉକ୍ତ ଟିଭିରୁ ବିଭିନ୍ନ ଶିକ୍ଷଣୀୟ ବିଷୟ ସହିତ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ପିଲାଙ୍କୁ ଦେଖାଯାଉଥିଲା। ଟିଭି ଚୋରି ହେବା ନେଇ ପ୍ରଧାନଶିକ୍ଷକ ଭରତ ହରିପାଲ ବିଦ୍ୟାଳୟ ପରିଚାଳନା କମିଟିର ଜରୁରୀ ବୈଠକ ଡାକି ଏ ବିଷୟରେ ଜଣାଇଥିଲେ। ବୈଠକ ପରେ କମିଟି ସଭ୍ୟ ଓ ପ୍ରଧାନଶିକ୍ଷକ ବୀରମହାରାଜପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ ହେଁ ଅଦ୍ୟାବଧି ଚୋର ଧରାପଡ଼ିନାହାଁ।

### ମୁକ୍ତା ଯୋଜନାର ଦକ୍ଷତା ତାଲିମ ଶିବିର

**ତରଭା,୧୫।୭(ମାନଭଞ୍ଜନ ମିଶ୍ର):** ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ଶୁକ୍ରବାର ଦିନ ମୁକ୍ତା ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ମିଶନ ଶକ୍ତି ଦଳ ଏବଂ ପ୍ରତ୍ୟେକ ୱାର୍ଡ ଅଫିସର ଓ ୱାର୍ଡ ସଂଯୋଜକମାନଙ୍କୁ ନେଇ ଦକ୍ଷତା ବିକାଶ ତାଲିମ ଶିବିର ହୋଇଯାଇଛି। ଏଥିରେ ତରଭା ନଗରପାଳ ବନ୍ଦିତା ନାୟକ, ଉପନଗରପାଳ ଗଗନ କୁମାର ଅଗ୍ରୱାଲ, ପାରିଷଦ ବୃନ୍ଦ, ସମସ୍ତ ମିଶନ ଶକ୍ତି ଦଳର ୧୨୦ ଜଣ ସଭାପତି ଓ ସମ୍ପାଦକ, ସମସ୍ତ ୱାର୍ଡରେ ୱାର୍ଡ ଅଫିସର ଓ ୱାର୍ଡ ସଂଯୋଜକ, ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏମାନଙ୍କୁ ତାଲିମ ଦେବା ପାଇଁ ନଗର ଉନ୍ନୟନ ବିଭାଗରୁ ଆସିଥିବା ସ୍ୱତନ୍ତ୍ର ତାଲିମଦାତା ଉପହାର ବେହେରା ଓ ସୁଶାନ୍ତ ମହାପାତ୍ର ତାଲିମ ପ୍ରଦାନ କରିଥିଲେ।

# ଯୁକ୍ତ ୩ ନାମଲେଖା ପାଇଁ ପ୍ରଥମ କଟ୍‌ଅଫ୍ ମାର୍କ

**ଅମରପାଲି,୧୫।୭(ପୀତାମ୍ବର ସାହୁ)**

୨୦୨୩-୨୪ ଶିକ୍ଷାବର୍ଷ ଲାଗି ଯୁକ୍ତ ୩ରେ ନାମଲେଖା ନିମନ୍ତେ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ତାଲିକା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଦୁଇଟି ମାତ୍ର ଡିଗ୍ରୀ କଲେଜ ରହିଛି। ଏହି ଦୁଇଟି ଡିଗ୍ରୀ କଲେଜର ପ୍ରଥମ କଟ୍‌ଅଫ୍ ମାର୍କ ପ୍ରକାଶ ପାଇଥିବା ବେଳେ ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ବୀରମହାରାଜପୁର ଡିଗ୍ରୀ କଲେଜରୁ ମିଳିଥିବା ସୂଚନା ଅନୁସାରେ କଳା ବିଭାଗର ଓଡିଆରେ ସାଧାରଣ ବର୍ଗ ପାଇଁ ୬୮.୫ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଥିବା ବେଳେ ଅନୁସୂଚିତ ଜନଜାତି ପାଇଁ

**ବୀରମହାରାଜପୁର ଓ ସୁବଳୟା ଡିଗ୍ରୀ କଲେଜ**

୪୩ ପ୍ରତିଶତ ଓ ଅନୁସୂଚିତ ଜାତି ପାଇଁ ୬୧.୬୭ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି।

ସେହିପରି ରାଜନୀତି ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୬୬.୩୩ ଓ ଅନୁସୂଚିତ ଜାତି ପାଇଁ ୫୭.୮୭ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି। ଶିକ୍ଷାରେ ସାଧାରଣ ବର୍ଗ ପାଇଁ ୬୫.୧୭ ପ୍ରତିଶତ ରହିଥିବା ବେଳେ ଅନୁସୁଚିତ ଜାତି ପାଇଁ ୫୫.୫ ପ୍ରତିଶତ ନମ୍ବର ରହିଛି। ଇତିହାସ ବିଭାଗରେ ସାଧାରଣ ବର୍ଗ ପାଇଁ ୬୦.୮୩ ପ୍ରତିଶତ, ଅନୁସୁଚିତ ଜନଜାତି ପାଇଁ ୩୯.୮୩ପ୍ରତିଶତ ଓ ଅନୁସୁଚିତ ଜାତି ପାଇଁ ୪୭.୮୩ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଥିବା ଜଣାପଡିଛି। ଅର୍ଥଶାସ୍ତ୍ରରେ ସାଧାରଣ ବର୍ଗ ପାଇଁ ୫୫ ପ୍ରତିଶତ ଓ ଅନୁସୁଚିତ ଜାତି ପାଇଁ ୪୩.୩୩ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି।

ସେହିପରି ବିଜ୍ଞାନ ବିଭାଗର ଜୀବ ବିଜ୍ଞାନ ପାଇଁ ସାଧାରଣ ବର୍ଗ ପାଇଁ ୬୫.୬୭ ପ୍ରତିଶତ, ଅନୁସୁଚିତ ଜାତି ପାଇଁ ୫୧.୪ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି। ଗଣିତରେ ସାଧାରଣ ବର୍ଗ ପାଇଁ ୬୪.୧୭ ପ୍ରତିଶତ ଓ ଅନୁସୁଚିତ ଜାତି ପାଇଁ ୪୧.୩୩ ପ୍ରତିଶତ ରହିଛି। ପଦାର୍ଥ ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୫୯ ପ୍ରତିଶତ, ଅନୁସୁଚିତ ଜାତି ପାଇଁ ୫୪.୬୭ ପ୍ରତିଶତ କଟ୍‌ଅଫ୍ ରହିଛି। ଉଦ୍ଭିଦ ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୫୬.୧୭ ପ୍ରତିଶତ ଓ ଅନୁସୂଚିତ ଜାତି ପାଇଁ ୪୫.୧୭ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି। ରସାୟନ ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୪୮.୬୭ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି।

ସେହିପରି ସୁବଳୟା ଆଞ୍ଚଳିକ ଡିଗ୍ରୀ କଲେଜରେ କଳା ବିଭାଗର ଇତିହାସରେ ସାଧାରଣ ବର୍ଗ ପାଇଁ ୫୬.୫୦ ପ୍ରତିଶତ ଓ ଅନୁସୂଚିତ ଜାତି ପାଇଁ ୪୬ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି। ରାଜନୀତି ବିଜ୍ଞାନରେ ସାଧାରଣ ବର୍ଗ ପାଇଁ ୬୦.୬୭ପ୍ରତିଶତ ରହିଥିବା ବେଳେ ଅନୁସୂଚିତ ଜନ ଜାତି ପାଇଁ ୩୫.୫୦ ପ୍ରତିଶତ ଓ ଅନୁସୂଚିତ ଜାତି ପଇଁ ୫୧.୮୭ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି। ସଂସ୍କୃତରେ ସାଧାରଣ ବର୍ଗ ପାଇଁ ୫୧ ପ୍ରତିଶତ, ଅନୁସୂଚିତ ଜନଜାତି ପାଇଁ ୩୭.୧୭ ପ୍ରତିଶତ ଓ ଅନୁସୂଚିତ ଜାତି ପାଇଁ ୩୬.୬୭ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ




କ୍ଲଷ୍ଟରସ୍ତରୀୟ ବୈଠକରେ ଯୋଗ ଦେଇଥିବା ପ୍ରଧାନଶିକ୍ଷକ ବୃନ୍ଦ।

**ଡୁଙ୍ଗୁରିପାଲି,୧୫।୭(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶୁଖା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଆଞ୍ଚଳିକ ସାଧନ କର୍ମୀ ସୁରେଶ କୁମାର ନାୟକଙ୍କ ସଭାପତିତ୍ୱରେ ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କ୍ଲଷ୍ଟରର ୮ଗୋଟି ବିଦ୍ୟାଳୟରୁ ୮ ଜଣ ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟକୃଷ୍ଣ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ତାଙ୍କର ଅଭିଭାଷଣରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ସାଧନ କର୍ମୀ ନାୟକ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କ'ଣ, କାହାପାଇଁ, କିପରି ଏବଂ ତା'ର ଲକ୍ଷ୍ୟ, ବିଦ୍ୟାଳୟସ୍ତରରେ ଯେପରି ସଠିକ ରୂପେ ପ୍ରୟୋଗ କରାଯାଇ ପାରିବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହାସହିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କ'ଣ ଓ କେଉଁମାନେ ପାଇପାରିବେ ସେ ବିଷୟରେ ବିଶଦ ଭାବରେ ଆଲୋଚନା କରି ସମସ୍ତଙ୍କୁ ଆବେଦନ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଯୋଗଦେଇ ଥିବା ସମସ୍ତ ପ୍ରଧାନଶିକ୍ଷକ ନିଜ ନିଜ ମତ ବ୍ୟକ୍ତ ରଖିଥିଲେ । ଶେଷରେ ଶୁଖା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନନ୍ଦଲାଲ ନାଏକ ଧନବାଦ ଅର୍ପଣ କରିଥିଲେ।

# ଭାଜପାର ମଣ୍ଡଳସ୍ତରୀୟ ସମାବେଶ




ସମାବେଶରେ ଏମ୍‌ପି ଓ ଅନ୍ୟମାନେ।

**ବିନିକା,୧୫।୭ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ କଇଁତରା ଠାରେ ମେଘେଲା ମଣ୍ଡଳସ୍ତରୀୟ ସମାବେଶ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁଡ଼ଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ବଲାଙ୍ଗୀର ଏମ୍‌ପି ସଂଗୀତା କୁମାରୀ ସିଂଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ୯ ବର୍ଷର ସଫଳତା ଓ ଜନହିତକର ଯୋଜନା ସମ୍ପର୍କରେ ଗାଁ ଗାଁରେ ଲୋକଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦେଇ କାର୍ଯ୍ୟକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ। ସମାବେଶରେ ମଣ୍ଡଳ ସଭାପତି ଭାଗିରଥୀ ବାଗ ସଂଯୋଜନା କରିଥିବା ବେଳେ ଜିଲା ସଭାପତି ପ୍ରମୋଦ ମହାପାତ୍ର, ରଘୁନାଥ ଜଗଦଳା , ବିଶାମ୍ବର ମିଶ୍ର, ବେଣୁ ଦାସ, ବରିଷ୍ଠ ସଦସ୍ୟ ଆନନ୍ଦ ବାରିକ, ପ୍ରଶାନ୍ତ ଦଣ୍ଡସେନା, ଏସଟି ମୋର୍ଚ୍ଚା ଜିଲା ସଭାପତି ମକୁନ୍ଦ ମୁଣ୍ଡା, ଜିଲା ପରିଷଦ ସଭ୍ୟା ପ୍ରମିଳା କଲତା, ଚରଦେଇ ମଣ୍ଡଳ ସଭାପତି ବିଶଦେବ, ନବକୃଷ୍ଣ ଦନ୍ତା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ପୂଝାରୀ, ଜିଲା ଯୁବ ମୋର୍ଚ୍ଚା ସଭାପତି ସ୍ୱରୂପ ପାତ୍ର, ଜିଲା ଯୁବ ମୋର୍ଚ୍ଚା ଉପ ସଭାପତି ଆକାଶ ନାଏକ,ଯଦୁମଣି କର୍ଣ୍ଣ, ବାସୁଦେବ ମେଲ୍ଲୀ, ମନୋରଞ୍ଜନ ଦାସ,ପ୍ରଶାନ୍ତ ପଣ୍ଡା, ମନବୋଧ ଦାସଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଜିଲା ଉପ ସଭାପତି ତଥା ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟି ଧନ୍ୟବାଦ ଦେଇଥିଲେ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବତୀ ମୃତ

**ବିନିକା,୧୫ । ୭ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ବଲାରଙ୍ଗା ଗ୍ରାମରେ ଶନିବାର ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତା ଯୁବତୀ ହେଲେ ଝିଲି ବରଗର୍ତ୍ତୀ (୨୦)। ପ୍ରକାଶ ଯେ, ଘରେ ଚାଲୁଥିବା ଟେବୁଲ ଫ୍ୟାନକୁ କୌଣସି କାରଣରୁ ଧରିବାକୁ ଯାଇ ଝିଲି ବିଦ୍ୟୁତ୍ ଆଘାତ ପାଇଥିଲେ। ତାଙ୍କୁ ପରିବାର ଲୋକେ ବିନିକା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବିନିକା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଝିଲିଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ବିନିକା ବ୍ଲକ ଉପାଧ୍ୟକ୍ଷ ନିର୍ମଳ ସାଣ୍ଡେ, ଚମ୍ପମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତଙ୍କ ସମେତ ସାମାଜିକ କର୍ମୀ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା କରିଥିଲେ । ଗାଁ ଶ୍ମଶାନରେ ଝିଲିଙ୍କ ଅନ୍ତିମ ସଂସ୍କାର ଶୋକାକୁଳ ପରିବେଶରେ କରାଯାଇଛି ।

## ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ



ଦୁରଦୁରା ଛକ ନିକଟରେ ଜବରଦଖଲ ଉଚ୍ଛେଦ କରାଯାଉଛି ।

**ଅମରପାଲି,୧୫।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଦୁରଦୁରା ଛକ ନିକଟ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିଛି ପ୍ରଶାସନ। ମିଳିଥିବା ସୂଚନା ଅନୁଯାୟୀ, ଦୁରଦୁରା ଛକ ନିକଟରେ ଆମ୍ବସରଭଟ୍ଟା ଗ୍ରାମର ଅଖୁଜ ମେହେର ନାମକ ଜଣେ ବ୍ୟବସାୟୀ ଜବରଦଖଲ କରି ଦୋକାନ କରିଥିଲେ। ସେଠାରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଦୁରଦୁରା ଗ୍ରାମବାସୀ ବୀରମହାରାଜପୁର ତହସିଲଦାର ବିବୁଧ ବଡନାୟକଙ୍କ ନିକଟରେ ଓ ସୁବଳୟା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପ୍ରଶାସନ ତରଫରୁ ଜମି ଦଖଲକାରୀ ମେହେରଙ୍କୁ ଉକ୍ତ ସରକାରୀ ଜମି ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସେ ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରି ଓଲଟା ସେହି ସ୍ଥାନରେ ପକ୍କାଘର କରିବା ପ୍ରକ୍ରିୟା ଆରମ୍ଭ କରିଥିଲେ। ଶେଷରେ ପ୍ରଶାସନ ଜବରଦଖଲ ଉଚ୍ଛେଦ ପାଇଁ ନିଷ୍ପତ୍ତି ନେଇଥିଲା। ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ଓ ସୁବଳୟା ପୋଲସ ଉପସ୍ଥିତିରେ ଜେସିବି ଲଗାଇ ଉକ୍ତ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ପ୍ରଶାସନର ପଦକ୍ଷେପକୁ ଗ୍ରାମବାସୀ ସ୍ୱାଗତ କରିଛନ୍ତି।

# ସୁବର୍ଣ୍ଣପୁର ସହରର ବିଭିନ୍ନ ୱାର୍ଡ ପରିଦର୍ଶନ କଲେ ଜିଲାପାଳ



ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ବିଭିନ୍ନ ୱାର୍ଡ ବୁଲି ଡ୍ରେନ ବ୍ୟବସ୍ଥା ନିରୀକ୍ଷଣ କରୁଛନ୍ତି ।

**ସୋନପୁର,୧୫।୭(ମୃତ୍ୟୁଞ୍ଜୟ ଶତପଥୀ)**

ବର୍ଷାଋତୁକୁ ଦୃଷ୍ଟିରେ ରଖି ଶୁକ୍ରବାର ସକାଳେ ଜିଲାପାଳ ବିମଳେନ୍ଦୁ ରାୟ ସୁବର୍ଣ୍ଣପୁର ସହରର ବିଭିନ୍ନ ୱାର୍ଡ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସହରର ଡ୍ରେନ, ପରିମଳ ବ୍ୟବସ୍ଥା ଓ ଲୋକଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଣ ସମ୍ପର୍କରେ କ୍ଷେତ୍ରୀୟ ଅନୁଧ୍ୟାନ କରିଥିଲେ । ଜିଲାପାଳ ରାୟ ସହରର ବିଜୁ ପଟ୍ଟନାୟକ ଛକଠାରୁ ବଡବଜାର ଦେଇ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିବା

**ଡ୍ରେନେଜ ବ୍ୟବସ୍ଥା ବ୍ୟବସ୍ଥିତ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ**

ମୁଖ୍ୟରାସ୍ତା, ଟିକିରିପଡ଼ା ରାସ୍ତାର ଡ୍ରେନେଜ ବ୍ୟବସ୍ଥା, ଆମ୍ବେଡ଼କର ଛକ ଠାରୁ ବ୍ଲକ ଛକ ମଧ୍ୟରେ ଡ୍ରେନେଜ ବ୍ୟବସ୍ଥା ସହିତ ସହରରୁ ଡ୍ରେନ ପାଣି ନିଷ୍କାସନ ନିମନ୍ତେ ରହିଥିବା ମୁଖ୍ୟ ଡ୍ରେନ ସ୍ଥିତିର ନିରୀକ୍ଷଣ କରିଥିଲେ। ସହରବାସୀଙ୍କୁ ସୁସ୍ଥ ଓ ସ୍ୱାସ୍ଥ୍ୟକର ପରିବେଶ ପ୍ରଦାନ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହାଛଡା ସହରର ଡ୍ରେନେଜ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାକୁ ଜିଲାପାଳ ରାୟ ପୌରପରିଷଦ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ୱାର୍ଡ ବୁଲିବା ସମୟରେ ଜିଲାପାଳ ସ୍ଥାନୀୟ ଅଧିବାସୀଙ୍କ ସହ ଡ୍ରେନେଜ ବ୍ୟବସ୍ଥା, ପରିମଳ ଓ ପିଇବା ପାଣି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ସୋନପୁର ତହସିଲଦାର ନବୀନ କିଶୋର ପାଢ଼ୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ: ୨ ଗୁରୁତର

**ବୌଦ୍ଧ,୧୫।୭(ଅଜିତ କୁମାର ବାରିକ)**

ଶନିବାର ରାତି ୯ଟାରେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ଚାରିଛକ-କୁସଙ୍ଗ ପୂର୍ତ୍ତ ବିଭାଗ ରାସ୍ତାର ବାଘଛପରଠାରେ ଏକ ଡମ୍ପର ପଛରେ ବାଇକ୍ ପିଟି ହୋଇଯିବା ଫଳରେ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି ଓ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ଏକ ମୋଟର ସାଇକେଲରେ ୩ ଜଣ ଯୁବକ ବସି କୁସଙ୍ଗରୁ ଚାରିଛକ ଆଡକୁ ଯାଉଥିଲେ। ଏହି ସମୟରେ ମୋଟରସାଇକେଲଟି ଆଗରେ ଯାଉଥିବା ଡମ୍ପର ପଛରେ ପିଟି ହୋଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ଲୁଣିବାହାଲ ଗ୍ରାମର ସୁଶାନ୍ତ ମଲ୍ଲିକଙ୍କର ମୃତ୍ୟୁ ଘଟିଥିଲା। ଆହତ ୨ ଜଣ ଆମ୍ବଝରି ପଞ୍ଚାୟତ ଅଧୀନ ଖଜୁରୀପଡା ଗ୍ରାମର ବୋଲି ଜଣାଯାଇଛି। ଉଭୟଙ୍କୁ ପୁରୁଣାକଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ



ପ୍ରବେଶ ଉତ୍ସବରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ।

**ତଲଗାଁ ,୧୫। ୭( କୁନା ବେହେରା)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବଡଗୁଣ୍ଡୁରିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲ ରକ୍ଷା ଭାରତ ଓ ବିଦ୍ୟାଳୟର ମିଳିତ ସହଯୋଗରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ଶିଶୁ ମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରବେଶ ଉତ୍ସବର ଆୟୋଜନ କରାଯାଇଥିଲା। ଉତ୍ସବ ଯୋଗୁ ବିଦ୍ୟାଳୟର ମୁଖ୍ୟ ଫାଟକ ସୁନ୍ଦର ଭାବେ ସଜା ଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ, ଅଙ୍ଗନୱାଡି କର୍ମୀମାନେ ଉତ୍ସବରେ ସାମିଲ ଥିଲେ।

## ବୃକ୍ଷ ବଞ୍ଚିଲେ ପୃଥିବୀ ବଞ୍ଚିବ

**ଅମରପାଲି,୧୫।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥର ସ୍ଥିତ ସତ୍ୟବାଦୀ ହାୟର ସେକେଣ୍ଡାରୀ ସ୍କୁଲରେ ବନ ମହୋତ୍ସବ ପାଳିତ ହେଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ



ଶ୍ରୀକାନ୍ତ ପଧାନ ସଭାପତିତ୍ୱ କରି ବୃକ୍ଷ ବଞ୍ଚାଅ ପୃଥିବୀ ବଞ୍ଚିବ ବୋଲି କହିଥିଲେ। ଏହି ଅବସରରେ ସେ ବୃକ୍ଷରୋପଣ ଉପରେ ଗୁରୁତ୍ୱଆରୋପ କରିଥିଲେ। ଅଧକ୍ଷ ଓ ରେଡକ୍ରସ କାଉନସିଲର କିଶୋର କୁମାର ସାହୁଙ୍କ ତତ୍ତ୍ୱାବଧାନରେ କଲେଜ ଛାତ୍ରୀଛାତ୍ରମାନେ କଲେଜ ପରିସର ଓ ରାସ୍ତା କଡରେ ୧୦୦ଟି ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ବିଦ୍ୟାଳୟଗୁଡିକରେ କମ୍ପ୍ୟୁଟର ଶିକ୍ଷା ଠପ୍

**ବୌଦ୍ଧ,୧୫।୭( ଅଜିତ କୁମାର ବାରିକ )**

ଶିକ୍ଷାର ଉନ୍ନତି ସକାଶେ ସରକାର ଗୁରୁତ୍ୱ ଦେବା ସହ ବର୍ତ୍ତମାନ ବିଦ୍ୟାଳୟଗୁଡିକ ୫-ଟିରେ ରୂପାନ୍ତରିତ କରାଯାଇ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଛି । ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ପୂର୍ବରୁ ସର୍ବଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରାଯାଇ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ କରାଯାଇଥିଲା। କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରି ୨୦୧୪ ମସିହାରେ ସରକାର ପ୍ରତ୍ୟେକ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ଅଷ୍ଟମ ରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷା ପ୍ରଚଳନ କରିଥିଲେ। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରତ୍ୟେକ ବିଦ୍ୟାଳୟରେ କମ୍ପ୍ୟୁଟର ଲାବ୍ ନିର୍ମାଣ ସହିତ ବିଦ୍ୟୁତିକରଣ ଓ କମ୍ପ୍ୟୁଟର ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଛାତ୍ରୀଛାତ୍ରମାନେ ବାହାରେ କମ୍ପ୍ୟୁଟର ଶିଖିବାର ସୁଯୋଗ ପାଉ ନ ଥିବା ବେଳେ ବିଦ୍ୟାଳୟ ପାଠ୍ୟକ୍ରମରେ କମ୍ପ୍ୟୁଟର ଶିକ୍ଷା ପାଇବା ଯୋଗୁ ସେମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଥିଲା। ଏହି ଯୋଜନାରେ

**■କମ୍ପ୍ୟୁଟର ଶିକ୍ଷକ ଅଭାବ**

**■ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର କମ୍ପ୍ୟୁଟର ସାମଗ୍ରୀ**

ବୌଦ୍ଧ ଜିଲାର ୨୮ଟି ସରକାରୀ ଉଚ୍ଚ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ଆରମ୍ଭ କରାଯାଇଥିଲା। ମାତ୍ର କମ୍ପ୍ୟୁଟର ଶିକ୍ଷକ ଅଭାବରୁ ବିଦ୍ୟାଳୟଗୁଡିକରେ କମ୍ପ୍ୟୁଟର ଶିକ୍ଷା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଶିକ୍ଷକ ନ ଥିବାରୁ କିଛିଦିନ ପରେ କମ୍ପ୍ୟୁଟର ଲ୍ୟାବ୍‌ରେ ତାଲା ପଡିଲା। ଫଳରେ ଛାତ୍ରୀଛାତ୍ର କମ୍ପ୍ୟୁଟର ଥାଇ ବି କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେବା ସହ କିଣାଯାଇଥିବା କମ୍ପ୍ୟୁଟର, ଜେନେରେଟର, ପ୍ରୋଜେକ୍ଟର, ପ୍ରିଣ୍ଟର ଆଦି ଖତ ଖାଉଛି। ଆଉ କେତେକ ବିଦ୍ୟାଳୟରେ ଠିକା ଭିତ୍ତିରେ କମ୍ପ୍ୟୁଟର ଶିକ୍ଷକ ଯୋଗାଇ ଦିଆଯାଇଥିଲା। ଛାତ୍ରୀଛାତ୍ରମାନଙ୍କ କମ୍ପ୍ୟୁଟର ଶିକ୍ଷା ପାଇଁ ସପ୍ତାହକୁ ୩ ଦିନ ପ୍ରାକ୍ଟିକାଲ ଓ ୩ ଦିନ ଥିଓରି କ୍ଲାସ ହେବାକୁ ସ୍ଥିର ହୋଇଥିଲା। ସେହିପରି ୬ ମାସରେ ଥରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କମ୍ପ୍ୟୁଟର ଜ୍ଞାନ କୌଶଳ ପରୀକ୍ଷା ମଧ୍ୟ ହେଉଥିଲା । ମାତ୍ର ଉକ୍ତ କମ୍ପ୍ୟୁଟର ଶିକ୍ଷକମାନଙ୍କ ଚୁକ୍ତି ସମାପ୍ତ ପରେ ଆଉ ନବୀକରଣ କରା ନ ଯାଇ ସମସ୍ତଙ୍କୁ ଛଟେଇ କରି ଦିଆଯାଇଥିଲା। ସୂଚନା ମୁତାବକ, ସରକାର ସର୍ଭିସ ପ୍ରୋଭାଇଡର ମାଧ୍ୟମରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କରିଥିଲେ। ଉକ୍ତ କମ୍ପ୍ୟୁଟର ଶିକ୍ଷକମାନଙ୍କ ୫ ବର୍ଷର ଚୁକ୍ତିଭିତ୍ତିକ ନିଯୁକ୍ତି ଥିବାରୁ ସେମାନଙ୍କୁ ୨୦୧୯ ଏପ୍ରିଲରେ ଛଟେଇ କରିଦିଆଯାଇଥିଲା। ତେବେ ଗ୍ରୀଷ୍ମଛୁଟି ପରେ କମ୍ପୁଟର ଶିକ୍ଷକମାନଙ୍କ ଚୁକ୍ତିର ନବୀକରଣ କରାଯିବା କିମ୍ବା ତାଙ୍କ ସ୍ଥାନରେ ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ସ୍କୁଲଗୁଡିକରେ କମ୍ପ୍ୟୁଟର ଶିକ୍ଷା ଠପ୍ ହୋଇପଡ଼ିଛି।

**ସଂକ୍ଷେପରେ**

## ୨୧ ପର୍ଯ୍ୟନ୍ତ ସ୍ଥଗିତ ଟ୍ରକ ମାଲିକ ସଂଘ ନିର୍ବାଚନ

**ରାଜଗାଙ୍ଗପୁର,୧୫।୭ (ଅଶୋକ ):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସିନିୟର ସିଭିଲ୍ ଜଜ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ଆସନ୍ତା ୨୧ ପର୍ଯ୍ୟନ୍ତ ସ୍ଥଗିତ ରହିଲା ଟ୍ରକ ମାଲିକ ସଂଘ ନିର୍ବାଚନ। ଏଥିସହ ସଂଘ ସଭାପତି, ସମ୍ପାଦକ ଓ ଅନ୍ୟମାନଙ୍କୁ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଂଘର ୫ ସଦସ୍ୟ ବିଭିନ୍ନ କାରଣ ଦର୍ଶାଇ କୋର୍ଟରେ ମକଦ୍ଦମା ଦାଖଲ କରି ନିର୍ବାଚନ ବନ୍ଦ କରିବା ପାଇଁ କହିଥିଲେ। କୋର୍ଟ ଏହି ମାମଲାର ବିଚାର କରି ଆସନ୍ତା ୨୧ ପର୍ଯ୍ୟନ୍ତ ନିର୍ବାଚନକୁ ସ୍ଥଗିତ ରଖିଛନ୍ତି। ଏହି ନିର୍ବାଚନ ଶନିବାର ଅନୁଷ୍ଠିତ ହେବାକୁ ଥିଲା।

## କାଠଫାଲିରେ ୫୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ହେମଗିର,୧୫।୭(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କାଠଫାଲିଠାରେ ପଞ୍ଚାୟତ ସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡୁରୁବଗା ପଞ୍ଚାୟତ ସରପଞ୍ଚ ଉପେନ୍ଦ୍ର ମଲ୍ଲିକ ଯୋଗଦେଇ ନିଜ ସ୍ୱାସ୍ଥ୍ୟର ଯତ୍ନ କିପରି ନିଆଯିବ ସେ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ୫୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ପରେ ଶାଶୁ ବୋହୂଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟକର୍ମୀ ସିଏଚ୍‌ଓ ନିତୁ ବାଗ, ଅନିତା ପଟେଲ, ଗୌତମ କୁମାର ପଟେଲ, ଉମାବତି ଧନବାର, ଜୟନ୍ତୀ କାଲୋ, ଭାରତୀ ବିଶ୍ୱାଳ, ତୁଳେଶ୍ୱରୀ କାଲୋ, ଗିତା ମାଝି, ଚିନ୍ତାମଣି ପଧାନ ଉପସ୍ଥିତ ଥିଲେ।

## ସାପ୍ତାହିକ ହାଟରୁ ବାଇକ୍ ଚୋର, ଥାନାରେ ଅଭିଯୋଗ

**ଲହୁଣୀପଡା,୧୫।୭ (ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଗମଲେଇ ସାପ୍ତାହିକ ହାଟରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଭାଲୁଡୁଙ୍ଗୁରି ପଞ୍ଚାୟତ ଘୁଷୁରିପୋଷ ଗ୍ରାମର ରାଜେଶ କୁମାର ଓରାମ ଏକ କଳା ରଙ୍ଗର ବାଇକ୍ ଯୋଗେ ଗମଲେଇ ସାପ୍ତାହିକ ହାଟକୁ ଆସିଥିଲେ। ହାଟ ନିକଟରେ ବାଇକ୍ ରଖି ପନିପରିବା କିଣିବା ପାଇଁ ଯାଇଥିଲେ। ହାଟରୁ ଫେରିବା ପରେ ତାଙ୍କ ବାଇକ୍ ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ବାଇକ୍ ନ ପାଇ ସେ ଥାନାରେ ଅଭିଯୋଗ କରିଥିଲେ।

## ନିରାଶ୍ରୟ ଆଶ୍ରମ ଉଦ୍‌ଘାଟିତ

**ବଡ଼ଗାଁ,୧୫।୭( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ଗ୍ରାମରେ ଗଙ୍ଗାଜଳ ସେବା ମିଶନ ନିରାଶ୍ରୟ ଆଶ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଜରଙ୍ଗଲୋଇ ସରପଞ୍ଚ ମେନକା କାଲେ, ଆଶ୍ରମ ସଭାପତି ଜ୍ୟାକିମ୍ ଟପୋ, ସମ୍ପାଦକ ମୋନାଜ ବେହେରା, କର୍ମକର୍ତ୍ତା ପ୍ରଫୁଲ୍ଲ ଡନସନା, ଜନ୍ମଜୟ ଜୟପୁରିଆଙ୍କ ସହିତ ଗଙ୍ଗାଜଳ ଆଶ୍ରମର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଏହି ସଂସ୍ଥା ଦ୍ୱାରା ନିରାଶ୍ରୟମାନେ ଉପକୃତ ହେବେବୋଲି ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ କହିଥିଲେ। ଏହି ଅବସରରେ ବୃଦ୍ଧା ବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

# ଧସି ନାହିଁ, ଧସେଇ ଦିଆଯାଇଛି

■ ଖବର ପ୍ରକାଶିତ ପରେ ପ୍ରତିକ୍ରିୟାଶୀଳ ହୋଇଛନ୍ତି ବିଡିଓ
■ ସୋକ୍‌ପିଟ ଧସିବା ଘଟଣା

**କୁତ୍ରା,୧୫।୭(ଦେବାଶିଷ ସାହୁ)**



ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡା ପଞ୍ଚାୟତ କୁରୁଙ୍ଗା ଗ୍ରାମରେ ନିମ୍ନ ମାନର ସୋକ୍‌ପିଟ ନିର୍ମାଣ ହୋଇଥିବା ନେଇ ଖବର ପ୍ରକାଶିତ ପରେ ବିଡିଓ ରବୀନ୍ଦ୍ର କୁମାର ସେଠୀ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ସେ କହିଛନ୍ତି, ଏହା ଧସିନାହିଁ, ଏହାକୁ ସ୍ଥାନୀୟ ଲୋକେ ଜାଣିଶୁଣି ଉଦ୍ଦେଶ୍ୟମୂଳକଭାବେ ଧସେଇ ଦେଇଛନ୍ତି। ସେ ନିଜେ ଘଟଣା ସ୍ଥଳକୁ ଯାଇ ତଦାରଖ କରିବା ସହିତ ୩/୪ଜଣ ଇଞ୍ଜିନିୟର ପଠେଇ ତଦାରଖ କରିଥିବା କହିଛନ୍ତି। ତେବେ ଏହାକୁ କିଏ ଓ କାହିଁକି ଧସେଇଲା ତାହା ତଦନ୍ତ କରାଯାଉ ବୋଲି ଗ୍ରାମବାସୀ ଦାବି କରିବା ସହ ଉପଯୁକ୍ତ ତଦନ୍ତ କଲେ ଏହାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି କହିଛନ୍ତି। ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏହାକୁ ସତରେ କିଏ ଧସେଇ ଦେଇଛି ନା ଦୁର୍ନୀତି ଲୁଚାଇବାକୁ ଧସେଇ ଦେଇଥିବା ପ୍ରଶାସନ ବାହାନା କରୁଛି ତାହା ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ସା, ରଞ୍ଜନ ସା, ଯୁଗେଶ୍ୱର ସା କହିଛନ୍ତି, ଏହାକୁ କେହି ଧସେଇ ନାହାନ୍ତି। ଏହା ଆପେ ଧସିଛି। ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେଇ ତୁରନ୍ତ ଘଟଣାର ତଦନ୍ତ କରିବା ପାଇଁ ସେମାନେ ଦାବି କରିଛନ୍ତି। ପ୍ରକାଶଥାଉ କି, ବର୍ତ୍ତମାନ ଏଭଳି ଦୁର୍ନୀତି ଖବର ହେଉ କି ସତ୍ୟ ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେଲେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଗଣମାଧ୍ୟମର କଣ୍ଠରୋଧ କରିବା ସହିତ ପ୍ରଶାସନ ସହିତ ମିଶି ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଛନ୍ତି।

## ଆଲେକଜାଣ୍ଡାରଙ୍କୁ କ୍ଷତିପୂରଣ ଦେବାକୁ ପ୍ରଶାସନର ତତ୍ପରତା

**ଧରିତ୍ରୀ ପ୍ରଭାବ**

**କୁଆଁରମୁଣ୍ଡା,୧୫।୭(ମହେନ୍ଦ୍ର କୁମାର ସାହୁ)**

କାରଖାନାରେ କାମ କରୁଥିବା ବେଳେ ୨ ଗୋଡ ହରାଇଥିବା କୁଆଁରମୁଣ୍ଡା ଗୋବିରା ଗ୍ରାମର ଆଲେକଜାଣ୍ଡାର ଲାକ୍ରା(୨୭)ଙ୍କୁ କ୍ଷତିପୂରଣ ଦେବାକୁ ଗତ ୧୨ ତାରିଖରେ ଧରିତ୍ରୀରେ ଖବର ପ୍ରସାରଣ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଉକ୍ତ କାରଖାନା କର୍ତ୍ତୃପକ୍ଷ ଏ ଦିଗରେ କି ପ୍ରକାର ପଦକ୍ଷେପ ନେଇଛନ୍ତି ବୋଲି ରାଉରକେଲା ଶ୍ରମ ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇଛି । ସୂଚନାଯୋଗ୍ୟ, ୨୦୨୨ ଜୁନ ୧୪ରେ ଆଲେକଜାଣ୍ଡାର କାରଖାନାରେ ଏକ ତେଲ ଟାଙ୍କି କାଟୁଥିବା ବେଳେ ତାହା ଫାଟି ଯାଇ ଜଳିଥିଲା। ଏଥିରେ ଆଲେକଜାଣ୍ଡାରଙ୍କ ୨ ଗୋଡ ପୋଡିଯାଇଥିଲା। ଏବେ ସେ ଅକର୍ମଣ୍ୟ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ କାରଖାନା କର୍ତ୍ତୃପକ୍ଷ ତାଙ୍କୁ କୌଣସି କ୍ଷତିପୂଣ ନ ଦେଇ ଛଟେଇ କରିଦେଇଥିଲେ। ଫଳରେ ଅସହାୟ ଅବସ୍ଥାରେ ଜୀବନ ଜୀଉଁଥିଲେ ଆଲେକଜାଣ୍ଡାର। ଏନେଇ ଧରିତ୍ରୀରେ ପ୍ରଥମେ ଅକର୍ମଣ୍ୟ ଆଲେକଜାଣ୍ଡାର,ସହାୟତାକୁ ଅପେକ୍ଷା' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। କ୍ଷତିପୂରଣ ଦେବାକୁ ପ୍ରଶାସନର ତତ୍ପରତା ପରେ ଆଲେକଜାଣ୍ଡାରଙ୍କ ମନରେ ଖୁସି ସଞ୍ଚାର ହୋଇଛି।

# ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା

**ସୁନ୍ଦରଗଡ଼,୧୫।୭(ଜୟନାରାୟଣ ମେଣ୍ଡୁଲି)**



ଜିଲାପାଳଙ୍କ ସହ ବିଜେଡି ପ୍ରତିନିଧିମଣ୍ଡଳୀ ଆଲୋଚନା କରୁଛନ୍ତି।

ସୁନ୍ଦରଗଡ଼ ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲିଙ୍କୁ ଶନିବାର ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଛନ୍ତି। ବରିଷ୍ଠ ବିଜେଡି ନେତା ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ପ୍ରତନିଧି ମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷତ କରିଥିଲେ। ସହରର ଶଙ୍କରା ପାଖରେ ଥିବା ଅଣଓସାରିଆ ରାସ୍ତା ପାଇଁ ସେଠାରେ ପ୍ରତିଦିନ ହେଉଥିବା ଛୋଟବଡ଼ ଦୁର୍ଘଟଣା ସହିତ ଟ୍ରାଫିକ ସମସ୍ୟାକୁ ଦୂର କରିବା ଲାଗି ଅଣଓସାରିଆ ହୋଇ ବାକି ରହିଥିବା କିଛି ମିଟର ରାସ୍ତାକୁ ଶୀଘ୍ର ଚଉଡ଼ା କରିବା, କଲେଜ ବ୍ରିଜ ପାଖରୁ ଇବ ନଦୀ କଡ଼ରେ ସହରକୁ ଲାଗି ନିର୍ମାଣ ହେବାକୁ ଥିବା ରିଂରୋଡ଼ କାର୍ଯ୍ୟକୁ ମଧ୍ୟ ଶୀଘ୍ର ଆରମ୍ଭ କରିବାକୁ ଅନୁରୋଧ କରିଥିଲେ। ଏଥିସହିତ ବଡ଼ଗାଁ ବ୍ଲକ ଇତମା ପଞ୍ଚାୟତ ଅନ୍ତର୍ଗତ ଭିକମ ପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର କରସେଲଙ୍କ ମସ୍ତିଷ୍କ ବିକୃତି ହୋଇଯାଇଛି, ଝିଅ ରୁକ୍ମିଣୀ କରସେଲ, ପୁଅ ଜିତେନ୍ଦ୍ରଙ୍କ ଏକ ମାସ ପୂର୍ବରୁ ୨ଗୋଡ଼ର ଜଟିଳ ଅପରେସନ ହୋଇଛି। ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ସମସ୍ତଙ୍କ ଦେଖାରେଖା କରୁଛନ୍ତି। ବର୍ତ୍ତମାନ ବର୍ଷା ଯୋଗୁଁ ତାଙ୍କ ଘର ପୁରା ଭାଙ୍ଗି ଯାଇଛି ଏବଂ ଏହି ବର୍ଷାରେ ଭିଜି ଭିଜି ସେମାନେ ଅନେକ ଦୁଃଖରେ ରହୁଥିବା ଖବର ବିଷୟରେ ତ୍ରିପାଠୀ ଜିଲାପାଳଙ୍କୁ ଜଣେଇବା ସହିତ ଯଥାଶୀଘ୍ର ଏହି ପରିବାରକୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ। ଏଥିସହ ଭାଙ୍ଗି ଯାଇଥିବା ଘରକୁ ଘୋଡ଼େଇବା ପାଇଁ ଶୀଘ୍ର ପ୍ଲାଷ୍ଟିକ ତାରପୋଲିନ ଯୋଗେଇ ଦେବା ସହିତ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଭଙ୍ଗାଘର ପାଇଁ ଆର୍ଥିକ ସାହାଯ୍ୟ ଏବଂ ବିଜୁ ପକ୍କାଘର ଯୋଜନାରେ ଏହି ପରିବାରକୁ ଅନ୍ତର୍ଭୁକ୍ତ କରାଇ ଗୋଟିଏ ପକ୍କାଘର ଦେବାକୁ ଦାବି କରିଥିଲେ। ଜିଲାପାଳ ଦାବି ସବୁ ଶୁଣିବା ପରେ ଏହାର ଯଥାର୍ତ୍ତତା ଅନୁଭବ କରି ଦାବି ଗୁଡିକର ଶୀଘ୍ର ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ବିଜେଡି ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କାଉନସିଲର ଅନିଲ ମହାପାତ୍ର, ରିଣ୍ଟୁ ବହିଦାର, ନେପାଳ ପୁରୋହିତ, ଏମଡି କଲିମ, ଆଲୋକ ବେହେରା ଉପସ୍ଥିତ ଥିଲେ ।

## ସ୍କୁଟିକୁ ଧକ୍କା ଦେଲା ଟ୍ରେଲର, ଜଣେ ମହିଳା ମୃତ

**କୁଆଁରମୁଣ୍ଡା,୧୫।୭(ମହେନ୍ଦ୍ର କୁମାର ସାହୁ)**

ବୀରମିତ୍ରପୁର ଥାନା ନିକଟ ଭଞ୍ଜଭବନ ସମ୍ମୁଖରେ ଶନିବାର ଏକ ଟ୍ରେଲର ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ପଛରେ ବସିଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାଡଖଣ୍ଡ ରାଜ୍ୟ ସିଆରଜୋର ପୁରୁଣାପାଣି ଅଞ୍ଚଳର ମଞ୍ଜୁଳା ଡୁଙ୍ଗଡୁଙ୍ଗ(୪୮)। ଘଟଣା ସ୍ଥଳରୁ ଟ୍ରେଲରଚାଳକ ଫେରାର ହୋଇଯାଇଛନ୍ତି। ବୀରମିତ୍ରପୁର ପୋଲିସ ମୃତଦେହ ଜବତ କରି ସ୍ଥାନୀୟ ଶବାଗାରରେ ରଖିବା ସହ ଫେରାର ଟ୍ରେଲରକୁ ଧରିବା ପାଇଁ ତନାଘନା ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ,ରାଉରକେଲା ପୌରପାଳିକାରେ ଠିକା ଝାଡୁଦାର କାର୍ଯ୍ୟ କରୁଥିବା ବିଜୟ ଡୁଙ୍ଗଡୁଙ୍ଗ ଶନିବାର ନିଜ ସ୍ତ୍ରୀ ମଞ୍ଜୁଳାଙ୍କୁ ସ୍କୁଟିରେ ବସାଇ ଝାଡଖଣ୍ଡସ୍ଥିତ ନିଜ ଘରକୁ ଯାଉଥିଲେ। ଏହି ସମୟରେ ରାଉରକେଲାରୁ ଝାଡଖଣ୍ଡକୁ ଯାଉଥିବା ଏକ ଟ୍ରେଲର ବୀରମିତ୍ରପୁର ଭଞ୍ଜଭବନ ନିକଟରେ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ମଞ୍ଜୁଳା ଟ୍ରେଲର ଚକା ତଳେ ପଡ଼ିଯାଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ନଳକୂପ ମରାମତି କଲେ ଗ୍ରାମବାସୀ



ଗ୍ରାମବାସୀ ନଳକୂପ ମରାମତି କରୁଛନ୍ତି।

**ଲହୁଣୀପଡା,୧୫।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଶସ୍ୟକଳା ପଞ୍ଚାୟତ ଶସ୍ୟକଳା ଗ୍ରାମର ବିଷ୍ଣୁସାହିରେ ଦୀର୍ଘଦିନ ହେଲା ସୋଲାର ପମ୍ପ ଅଚଳ ହୋଇପଡ଼ିଥିଲା। ଏହାକୁ ମରାମତି କରିବା ପାଇଁ ଗ୍ରାମବାସୀ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାଧହୋଇ ଗ୍ରାମବାସୀ ଅଚଳ ହୋଇ ପଡ଼ିଥିବା ସୋଲାର ପମ୍ପକୁ ଶୁକ୍ରବାର ମରାମତି କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଦୀର୍ଘଦିନ ହେବ ଉକ୍ତ ସାହିରେ ସୋଲାର ପାଣି ପମ୍ପ ଅଚଳ ହୋଇପଡ଼ିଥିଲା। ଫଳରେ ୨୫ରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳରୁ ବଞ୍ଚିତ ହୋଇଥିଲେ। ଏନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣି ନ ଥିଲେ। ବାଧ ହୋଇ ଗ୍ରାମବାସୀ ସୋଲାର ପମ୍ପର ପୋଡି ଯାଇଥିବା ମୋଟର ଓ ଅନ୍ୟାନ୍ୟ ଯନ୍ତ୍ରାଂଶକୁ ମରାମତି କରିଥିବାରୁ ଶୁକ୍ରବାର ପାଣି ଚାଲିଥିବା ଜଣାପଡ଼ିଛି।

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ୟ ପର୍ଯ୍ୟାୟର ବାର୍ଷିକ ସମୀକ୍ଷା ବୈଠକ

**ସୁନ୍ଦରଗଡ,୧୫।୭ (ଜୟନାରାୟଣ ମେଣ୍ଡୁଲି)**



ସୁନ୍ଦରଗଡ ବନଖଣ୍ଡ ଅଧୀନ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ୟ ପର୍ଯ୍ୟାୟର ବାର୍ଷିକ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାରସ ଏବଂ ସହକାରୀ ବନ ସଂରକ୍ଷକ ମୋହନ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବିକାଶ ଭବନ ସଭାଗୃହଠାରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସମ୍ମାନିତ ଅତିଥିଭାବେ ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ଅରୁଣ କୁମାର ମିଶ୍ର, ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥିଭାବେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ରାଜ୍ୟ ପ୍ରକଳ୍ପ ଏକକର ଉପନିର୍ଦ୍ଦେଶକ ଯଶୋବନ୍ତ ବରିହା, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସରୋଜ କୁମାର ମିଶ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ ମାନସିଂହ ସୋରେନ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ଅରୁଣ କୁମାର ଆଚାର୍ଯ୍ୟ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଡ. ଆଶୁତୋଷ ନାଏକ ଓ ଜିଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ ଯୋଗଦେଇଥିଲେ। ପ୍ରକଳ୍ପର ସହାୟତା ଏବଂ ଭିନ୍ନ ଏକାଭିମୁଖିତା କାର୍ଯ୍ୟକ୍ରମ ମାଧ୍ୟମରେ ବନସୁରକ୍ଷା ସମିତି ସ୍ତରର କିଭଳି ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଜୀବନ ଜୀବିକାର ଉନ୍ନତି ହୋଇପାରିଛି ସେ ସମ୍ପର୍କରେ ସେମାନେ ଆଲୋଚନା କରିବା ସହିତ ପ୍ରକଳ୍ପର କାର୍ଯ୍ୟକାରିତାକୁ ପ୍ରଶଂସା କରିଥିଲେ। ବନଖଣ୍ଡ ଅଧିକାରୀ ଉପସ୍ଥିତ ଅତିଥି, ବନସୁରକ୍ଷା ସମିତିର ସଦସ୍ୟା ସଦସ୍ୟ ଏବଂ ବିଭାଗୀୟ କର୍ମକର୍ତ୍ତାଙ୍କ ନିକଟରେ ପ୍ରକଳ୍ପର ଅଗ୍ରଗତି ଏବଂ ଆଗାମୀ ଦିନର ଲକ୍ଷ୍ୟ ସମ୍ପର୍କରେ ଉପସ୍ଥାପନ କରିବା ସହିତ ଜଙ୍ଗଲ ସୁରକ୍ଷା, ପରିବେଶ ସୁରକ୍ଷା ଏବଂ ବନାଗ୍ନି ପ୍ରତିରୋଧ ସମ୍ପର୍କରେ ଶପଥ ପାଠ କରାଇଥିଲେ। ଏହି ଅବସରରେ ୨୦୨୨-୨୩ ବର୍ଷ ନିମନ୍ତେ ହେମଗିର ବନାଞ୍ଚଳକୁ ଶ୍ରେଷ୍ଠ ବନାଞ୍ଚଳ, କାପୁଟିକ୍ରା ବନସୁରକ୍ଷା ସମିତି, ଲେଫ୍ରିପଡା ବନାଞ୍ଚଳକୁ ଶ୍ରଷ୍ଠ ବନସୁରକ୍ଷା ସମିତି, କୋଡବାହାଲ ବନସୁରକ୍ଷା ସମିତି, ହେମଗିର ବନାଞ୍ଚଳକୁ ଜୀବନ ଜୀବିକାରେ ଉତ୍ତମ କାର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଶ୍ରେଷ୍ଠ ବନସୁରକ୍ଷା ସମିତି, ରଙ୍ଗଣାପାନୀ ବନସୁରକ୍ଷା ସମିତି, ହେମଗିର ବନାଞ୍ଚଳକୁ ଶ୍ରେଷ୍ଠ ବନସୁରକ୍ଷା ସମିତି କାର୍ଯ୍ୟାଳୟ, କୁନ୍ତୀ କିଶାନ, କାପୁଟିକ୍ରା ବନସୁରକ୍ଷା ସମିତି, ଲେଫ୍ରିପଡା ବନାଞ୍ଚଳଙ୍କୁ ଶ୍ରେଷ୍ଠ ଗ୍ରାମ୍ୟ ବନ ସହାୟିକା, କିରଣ ମହାନନ୍ଦ ବନରକ୍ଷୀ, ଲେଫ୍ରିପଡା ବନାଞ୍ଚଳଙ୍କୁ ଶ୍ରେଷ୍ଠ ସଭ୍ୟ ସଚିବ, ପ୍ରଣବ ସିଦ୍ଧାନ୍ତ ବ୍ରହ୍ମାଙ୍କୁ ଶ୍ରେଷ୍ଠ କ୍ଷେତ୍ର ପରିଚାଳନା ଏକକ ସଂଯୋଜକ, ମନୋରଞ୍ଜନ ମଲ୍ଲିକଙ୍କୁ ଶ୍ରେଷ୍ଠ ସହଭାଗୀ ବେସରକାରୀ ସଂସ୍ଥା, ଗୋପାଳ ଚନ୍ଦ୍ର ଶୁକ୍ଳଙ୍କୁ ଶ୍ରେଷ୍ଠ ବିଷୟଗତ ବିଶେଷଜ୍ଞ ଜୀବନ ଜୀବିକା, ସୁକାନ୍ତ କୁମାର ପାଣିଙ୍କୁ ଶ୍ରେଷ୍ଠ ବିଷୟଗତ ବିଶେଷଜ୍ଞ ଟେକ୍ନିକାଲଭାବେ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହାବ୍ୟତୀତ ଏକାଭିମୁଖୀ କାର୍ଯ୍ୟକ୍ରମରେ ଉତ୍ତମ ସହଯୋଗ ନିମନ୍ତେ ବୈଜ୍ଞାନିକ କୃଷିବିଜ୍ଞାନ କେନ୍ଦ୍ର କିରେଇ ଡ. ମନୋଜ କୁମାର ଜେନା, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ. ସୁଶାନ୍ତ କୁମାର ନାଏକ, ଜୀବନଜୀବିକା କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ସମ୍ପାଦନା ନିମନ୍ତେ ଫୁଲଝୁଡି ବନସୁରକ୍ଷା ସମିତିରେ ଅତିଗରିବ ପରିବାରର ସଦସ୍ୟା ରଜନୀ କମାରଙ୍କୁ ମାନପତ୍ର ଏବଂ ଉତ୍ତରୀୟ ପ୍ରଦାନକରି ସମ୍ମାନିତ କରାଯାଇଥିଲା। ବାର୍ଷିକ ସମୀକ୍ଷାରେ ଜିଲା ବନଖଣ୍ଡ ଅଧୀନରେ ବନସୁରକ୍ଷା ସମିତି ସ୍ତରରେ ଉତ୍ପାଦନ ହେଉଥିବା ଝିଆଖତକୁ ସୃଜନିକା ଝିଆଖତ ନାମରେ ନାମିତ କରାଯାଇଥିଲା। ଚଳିତ ବର୍ଷ ପ୍ରଥମକରି ଅନ୍ତଃ ଜିଲା ସ୍ତରରେ ଝିଆଖତର ବଜାରୀକରଣକରି ପାଇଥିବା ୮,୮୦,୦୦୦ ଟଙ୍କାର ଅର୍ଥରାଶିକୁ ଜିଲାପାଳ ଫୁଲଝୁଡି ବନସୁରକ୍ଷା ସମିତିର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଚେକ୍ ପ୍ରଦାନ କରିଥିଲେ।

## ସରକାରୀ ମହିଳା କଲେଜରେ ବୃକ୍ଷରୋପଣ

**ସୁନ୍ଦରଗଡ଼,୧୫।୭ (ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହିଳା କଲେଜରେ ଜୀବନବିନ୍ଦୁ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷା ଡ. କୁମୁଦିନୀ ରାଉତରାୟ, ଅନୁସୂଚିତ ଜାତି ଓ ଜନଜାତି ଉପଦେଷ୍ଟା ଏଲିନା ଦାସ, ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, ସାମାଜିକ କର୍ମୀ ଆଶିଷ ତ୍ରିପାଠୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭ୍ୟ ବୈକୁଣ୍ଠ ନାଏକ, କାଉନ୍‌ସିଲର ସୁମନ୍ତ ସାହୁ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହାପରେ କଲେଜର ବିଭିନ୍ନ ଆନୁଷଙ୍ଗିକ ପ୍ରସଙ୍ଗ ଉପରେ ସେମାନେ ଆଲୋଚନା କରିଥିଲେ। ମୋ' କଲେଜ ଅଭିଯାନ ତରଫରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଅତିଥିଙ୍କ ସହିତ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ବୃକ୍ଷରୋପଣ କରିଥିଲେ।



କଲେଜ ପରିସରରେ ବୃକ୍ଷ ରୋପଣ କରାଯାଉଛି।

## କୁତ୍ରାରେ ଲମ୍ପି ଭାଇରସ୍ ଆତଙ୍କ

**କୁତ୍ରା,୧୫।୭(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଏକ ବଳଦ ଦେହରେ ଲମ୍ପି ଭାଇରସ୍ ଦେଖିବାକୁ ମିଳିଛି। ଏହା ଦେଖି ଲୋକେ ଆତଙ୍କିତ ଥିବା ଜଣାପଡିଛି। ଏହି ଭାଇରସ୍‌ର ଲକ୍ଷଣ ଗାଇ ବଳଦ ଦେହରେ ଛୋଟ ଛୋଟ ଫୁଲିଯାଇ ପରବର୍ତ୍ତୀ ସମୟରେ ଘା' ହୋଇ ଶରୀରରେ ଜ୍ୱର ଲାଗିରହେ, ମୁହଁରୁ ଲାଳ ବାହାରେ, ଯେଉଁ ଗାଇର ଇମ୍ୟୁନିଟି ପାୱାର କମ୍ ରହେ ସେ ଗାଇ ଶୀଘ୍ର ମୃତ୍ୟୁବରଣ କରିଥାଏ। ଏହା ଏକ ଡିଆଁ ରୋଗ ହୋଇଥିବାରୁ ଏହା ଅନ୍ୟ ଗୋରୁ ଗାଈଙ୍କୁ ସଂକ୍ରମିତ କରିପାରେ। ତେଣୁ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଏ ଦିଗରେ ଦୃଷ୍ଟିଦେଇ ଶୀଘ୍ର ଉକ୍ତ ବଳଦକୁ ଚିହ୍ନଟ କରି ତା'ର ଉପଯୁକ୍ତ ଚିକିତ୍ସା କରିବାପାଇଁ ଦାବି ହେଉଛି। ତେବେ ଏହା ସେହି ଗୋଟିଏ ବଳଦକୁ ହୋଇଛି ନା ଅନ୍ୟ ବଳଦକୁ ଡେଇଁଲାଣି ତାହା ତଦନ୍ତ କଲେ ଜଣାପଡ଼ିବ।



ବଳଦ ଦେହରେ ହୋଇଥିବା ଲମ୍ପି ଭାଇରସ୍

# ଭାରତରେ ୮ ନୂଆ ଦୀକ୍ଷା କେନ୍ଦ୍ର ଶୁଭାରମ୍ଭ ପାଇଁ ଘୋଷଣା

**ଡାଲମିଆ ଭାରତ ଫାଉଣ୍ଡେଶନ୍**

**ରାଜଗାଙ୍ଗପୁର,୧୫।୭(ଅଶୋକ ପାଣି)**



ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍) ଦ୍ୱାରା 'ଡାଲମିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନଲେଜ ଆଣ୍ଡ ସ୍କିଲ୍ ହାର୍ନେସିଂ (ଦୀକ୍ଷା) ଅଧୀନରେ ୨୦୩୦ ଆର୍ଥିକବର୍ଷ ସୁଦ୍ଧା ୧ ଲକ୍ଷ ଯୁବକଙ୍କୁ ତାଲିମ ପ୍ରଦାନ ପାଇଁ ତାହାର ଯୋଜନା ସମ୍ପର୍କରେ ଘୋଷଣା କରିଛି। ଦୀକ୍ଷା ଭାରତର ଗ୍ରାମାଞ୍ଚଳ ଜନସାଧାରଣଙ୍କ ମଧ୍ୟରେ ଅବହେଳିତ ଯୁବବର୍ଗଙ୍କ ପାଇଁ ଦୀର୍ଘସ୍ଥାୟୀ ଜୀବିକା ଏବଂ ସେମାନଙ୍କ କୁଶଳତାର ବିକାଶ ନିମନ୍ତେ ସେମାନଙ୍କୁ ସମର୍ଥ କରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଡିବିଏଫ୍ ସମଗ୍ର ଭାରତରେ ରହିଥିବା ୧୫ କେନ୍ଦ୍ର ବିଶିଷ୍ଟ ନେଟୱର୍କ ସହିତ ୨୦୨୪ ଆର୍ଥିକ ବର୍ଷରେ ଆଉ ୮ ନୂଆ କେନ୍ଦ୍ର ସ୍ଥାପନ କରିବ। ଏଥିରେ ମୋଟ ୮୦୦୦ ଶିକ୍ଷାନବୀଶ ତାଲିମ ନେବା କ୍ଷମତା ରହିବ। ଏହି ନୂଆ କେନ୍ଦ୍ରଗୁଡିକ ଆନ୍ଧ୍ର ପ୍ରଦେଶ, ଆସାମ, ବିହାର, ଝାଡଖଣ୍ଡ, ମହାରାଷ୍ଟ୍ର, ଓଡ଼ିଶା ଏବଂ ତାମିଲନାଡୁ ଆଦି ରାଜ୍ୟରେ ସ୍ଥାପନ କରାଯିବ। ୨୦୧୬ରେ ଜାତୀୟ କୁଶଳତା ବିକାଶ ନିଗମ ସହଭାଗିତାରେ ଏହି ପ୍ରୟାସ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ଡିବିଏଫ୍ ତାହାର ସହଭାଗିତା ପରିସରକୁ ପୁନଃ ପରିବ୍ୟାପ୍ତ କରି ଓଡ଼ିଶା ଓ କର୍ନାଟକର ରାଜ୍ୟ କୁଶଳତା ବିକାଶ ମିଶନଗୁଡ଼ିକୁ ଏଥିରେ ସାମିଲ କରିଛି। ଏଥିସହ ନାବାର୍ଡ,ଏନବିସିଏଫଡିସି, ଓଏସ୍‌ଡିଏ, ବୋଶ୍, ସ୍ନାଇଡର ଇଲେକ୍ଟ୍ରିକ୍ ଆଦି ସହିତ ସହଯୋଗିତା କରିଛି। ଏହି ସମ୍ପ୍ରସାରଣ ଯୋଜନା ସମ୍ପର୍କରେ ପ୍ରକାଶ କରି ଡାଲମିଆ ଭାରତ ଫାଉଣ୍ଡେଶନ୍ ସିଇଓ ଅଶୋକ କୁମାର ଗୁପ୍ତା କହିଛନ୍ତି, ଡାଲମିଆ ଭାରତରେ ସମାବେଶୀ ବିକାଶ ନିମନ୍ତେ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛି ଏବଂ ବଞ୍ଚିତ ବର୍ଗଙ୍କ ଜୀବନ ଉପରେ ଆଖିଦୃଶିଆ ପ୍ରଭାବ ପକାଇବାକୁ ଆମେ ପ୍ରତିଶ୍ରୁତି ବଦ୍ଧ ରହିଛୁ । ରାଷ୍ଟ୍ରର ଲୋକଶକ୍ତିରେ ରହିଥିବା ଉଲ୍ଲେଖନୀୟ କୁଶଳତାର ଅଭାବକୁ ପୂରଣ କରିବା, ସେମାନଙ୍କ ପାଇଁ ଅର୍ଥନୈତିକ ସଶକ୍ତୀକରଣ ତଥା ଉତ୍ତମ ଜୀବନ ନିର୍ବାହ ନିମନ୍ତେ ସୁଯୋଗ ସୃଷ୍ଟି କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଦୀକ୍ଷା ଜରିଆରେ ଆମେ ଏକ କୁଶଳୀ ଏବଂ ଆତ୍ମନିର୍ଭରଶୀଳ ଭାରତ ନିର୍ମାଣର ଆଶା ରଖିଛୁ। ଦୀକ୍ଷା ମୁଖ୍ୟତଃ ସ୍ୱାସ୍ଥ୍ୟସେବା, ଇଣ୍ଡଷ୍ଟ୍ରିଆଲ ସିୱିଙ୍ଗ ମେଶିନ୍ ଅପରେଟର, ସହକାରୀ ଇଲେକ୍ଟ୍ରିସିଆନ୍, କଷ୍ଟମର୍ ରିଲେଶନସିପ୍ ମ୍ୟାନେଜମେଣ୍ଟ, ସେଲ୍ସ ଆଣ୍ଡ ମାର୍କେଟିଂ, ଡାଟା ଏଣ୍ଟ୍ରି ଅପରେଟର, ବିୟୁଟି ଆଣ୍ଡ ୱେଲନେସ୍ ଏବଂ ଅନ୍‌ଆର୍ମଡ୍ ସିକ୍ୟୁରିଟି ଆଦି ସମେତ ବିବିଧ କ୍ଷେତ୍ରରେ ତାଲିମ ପ୍ରଦାନ କରାଯାଉଛି । ଏପର୍ଯ୍ୟନ୍ତ ଦୀକ୍ଷା ସଫଳତାର ସହିତ ୧୧୬୪୭ ବ୍ୟକ୍ତିବିଶେଷଙ୍କୁ ତାଲିମ ପ୍ରଦାନ କରିଛି ଏବଂ ୮୨୭୧ ଜଣରୁ ଅଧିକ ବ୍ୟକ୍ତି ଉପାର୍ଜନକାରୀ ନିଯୁକ୍ତି ପାଇପାରିଛନ୍ତି; ଯେଉଁମାନେ ମାସିକ ୮ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ବେତନ ପାଉଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଲାବାରର ନ୍ୟୁ ଡାଇମଣ୍ଡ କଲେକ୍ସନ




ଭୁବନେଶ୍ୱର,୧୫।୭

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ନ୍ୟୁ ଡାଇମଣ୍ଡ କଲେକ୍ସନ 'ସ୍ପାର୍କଲେ ଅଫ୍ ହେଭେନ୍' ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷକରି ମାଲାବାରର ସବ୍ ବ୍ରାଣ୍ଡ ମାଇନ ଡାଇମଣ୍ଡ ଜୁଏଲେରିର ମଧ୍ୟ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ମାଲାବାରର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଯଥା ଭୁବନେଶ୍ୱରର ଶହୀଦନଗର ଓ ଚନ୍ଦ୍ରଶେଖରପୁର ସହିତ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ଠାରେ ମଧ୍ୟ ଉପରୋକ୍ତ ହୀରା ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ।

ଏ ସମ୍ପର୍କରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି, ବ୍ରାଣ୍ଡ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍‌ଗୁଡ଼ିକରେ ଡାଇମଣ୍ଡର ନୂତନ ଉତ୍ପାଦ ତଥା କଲେକ୍ସନ ଉପଲବ୍ଧ କରାଇ ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ବ୍ରାଣ୍ଡ୍‌ର ନୂତନ କଲେକ୍ସନ ଜରିଆରେ ଆମେ ଆମର ଗ୍ରାହକଙ୍କ ନିକଟତର ହୋଇପାରିବୁ। ସେହିଭଳି ବ୍ରାଣ୍ଡ୍‌ର ଆକର୍ଷଣୀୟ ଡିଜାଇନ ଓ କଳାକୃତିର ଗହଣା ସମ୍ଭାରକୁ ଓଡ଼ିଶାର ୩ଟି ପ୍ରମୁଖ ଷ୍ଟୋର ଜରିଆରେ ରାଜ୍ୟବାସୀଙ୍କୁ ସେମାନଙ୍କର ଚାହିଦା ଓ ଆବଶ୍ୟକତା ଅନୁଯାୟୀ ଗହଣା ଯୋଗାଇବା ସହ ଉଭୟ ବିକ୍ରି ଓ ବିକ୍ରି ପରବର୍ତ୍ତୀ ସୁବିଧାର ବ୍ୟବସ୍ଥା ମଧ୍ୟ ଯୋଗାଇଦେଉଛି।

# ଦେଶର ଅଗ୍ରଗତି ଯୁବଗୋଷ୍ଠୀ ଦ୍ୱାରା ସମ୍ଭବ

ଭୁବନେଶ୍ୱର,୧୫।୭ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ତଥା ବେଦାନ୍ତ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ୱାର୍ଲଡ ୟୁଥ୍ ସ୍କିଲ୍ ଡେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମର ଓଡ଼ିଶା ଓ ଛତିଶଗଡ଼ ୟୁନିଟ୍‌ରେ ୱାର୍ଲଡ ୟୁଥ୍ ସ୍କିଲ୍ ଡେ ପାଳନ କରାଯାଇଛି। ଏପରିକି ଉଭୟ ରାଜ୍ୟର ବିଭିନ୍ନ ୟୁନିଟ୍‌ରେ ପ୍ରାୟ ୧୧,୦୦୦ ଗ୍ରାମୀଣ ଯୁବକଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଛି। ବିଶେଷ କରି କମ୍ପାନୀ କାର୍ଯ୍ୟକଳାପରେ ଗୋଷ୍ଠୀର ଯୁବକମାନଙ୍କ ପ୍ରତି ଧ୍ୟାନଦେଇ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ମଧ୍ୟରେ ରହିଥିବା ବ୍ୟବଧାନ ଦୂରକରିବାକୁ ଚେଷ୍ଟା କରାଯାଉଛି। ସେହିଭଳି ବଜାର ସମ୍ବନ୍ଧୀୟ ଧନ୍ଦାମୂଳକ ଦକ୍ଷତା କୌଶଳ, ଉଦ୍ୟୋଗିତା ଏବଂ କୃଷି ଓ ପଶୁପାଳନ ଜରିଆରେ ମଧ୍ୟ ଯୁବଗୋଷ୍ଠୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଭାରତରେ ଏବେ ବି ଯୁବପିଢ଼ି ରହିଛନ୍ତି ଓ ଆମ ଦେଶର ଅଗ୍ରଗତି ଯୁବକମାନଙ୍କ ଦ୍ୱାରା ସମ୍ଭବ ହୋଇପାରିବ। ଏପରିକି ସ୍ଥାନୀୟ ଯୁବଦକ୍ଷତାର ସଦୁପଯୋଗ ପାଇଁ ଆମକୁ କୌଶଳଗତ ଦକ୍ଷତା ହାସଲ କରିବାକୁ ହେବ। ବିଶେଷକରି ବେଦାନ୍ତ ଆଲୁମିନିୟମ ଗୋଷ୍ଠୀ ମଧ୍ୟରେ ଓ ବାହାରେ ଯୁବକମାନଙ୍କୁ ଦକ୍ଷ କରିବାକୁ ପ୍ରୟାସ କରିଥାଏ। ସେହିଭଳି ବେଦାନ୍ତ ବାଲ୍‌କୋର ସିଇଓ ତଥା ନିର୍ଦ୍ଦେଶକ ରାଜେଶ କୁମାର କହିଛନ୍ତି, ଆମ ଦେଶର ଯୁବକମାନଙ୍କୁ ନିରନ୍ତର ଜୀବିକା ନିର୍ବାହ ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ। ବିଶେଷକରି ଆମର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଆମେ ବିଭିନ୍ନ ଉପଯୋଗୀ କ୍ଷେତ୍ରଗୁଡ଼ିକ ଉପରେ ସର୍ବଦା ଗୁରୁତ୍ୱ ଦେଉଛୁ।

ଉଲ୍ଲେଖଯୋଗ୍ୟ, ବେଦାନ୍ତ ଆଲୁମିନିୟମ ହେଉଛି ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ଦର୍ଶନର ସକ୍ରିୟ ସମର୍ଥକ। କମ୍ପାନୀ ବହୁ ପ୍ରକାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ କରୁଛି, ଯାହା ମିଳିତ ଜାତିସଂଘ ଲକ୍ଷ୍ୟ ଅନୁଯାୟୀ ଦାରିଦ୍ର୍ୟ ଓ ଉପଯୁକ୍ତ କାର୍ଯ୍ୟ ତଥା ଅର୍ଥନୈତିକ ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରୁଛି। ସେହିପରି ଅଗ୍ରଣୀ ଜ୍ଞାନପ୍ରଦାନକାରୀ ପ୍ରତିଷ୍ଠାନ ଯଥା ନାବାର୍ଡ ଓ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋଲାର ଏନର୍ଜି ସହ କମ୍ପାନୀ ଘନିଷ୍ଠ ସହଭାଗୀ ହୋଇ ତାଲିମ କୌଶଳ ପ୍ରଦାନ କରୁଛି। ସୂଚନାଯୋଗ୍ୟ ବେଦାନ୍ତ ଆଲୁମିନିୟମ ଦକ୍ଷତା ବିକାଶ ପ୍ରୟାସରେ ମୁଖ୍ୟତଃ ୩ଟି କ୍ଷେତ୍ର ପ୍ରତି ଧ୍ୟାନ ଦେଉଥିବା ଜଣାପଡ଼ିଛି। ସେଗୁଡ଼ିକ ହେଲା ଧନ୍ଦାମୂଳକ କୌଶଳ, ଉଦ୍ୟୋଗିତା ଏବଂ କୃଷି ଓ ପଶୁପାଳନ।

# ଜେଏସ୍‌ପିକୁ ସିଏସ୍‌ଆର୍ ହେଲ୍‌ଥ ଇମ୍ପାକ୍ଟ ଗୋଲ୍ଡ ଆୱାର୍ଡ

ଭୁବନେଶ୍ୱର,୧୫।୭




ଦେଶର ପ୍ରମୁଖ ଇସ୍ପାତ ନିର୍ମାତା ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)କୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି କୋଭିଡ ରିଲିଫ୍ ପଦକ୍ଷେପ ପାଇଁ ଜେଏସ୍‌ପିକୁ ସିଏସ୍‌ଆର୍ ହେଲ୍‌ଥ ଇମ୍ପାକ୍ଟ ଗୋଲ୍ଡ ଆୱାର୍ଡ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମେଗା ପ୍ରୋଜେକ୍ଟ ବର୍ଗରେ ଜେଏସ୍‌ପିକୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଯୋଗଦେଇ ଜେଏସ୍‌ପିର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ କୁମାର ହୋତା ପୁଡୁଚେରୀର ପୂର୍ବତନ ଲ୍ୟୁଟ୍‌ନାଣ୍ଟ ଗଭର୍ନର ଡ. କିରଣ ବେଦୀଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହୋତା କହିଥିଲେ, କୋଭିଡ୍ ମହାମାରୀ ସମଗ୍ର ମାନବିକତା ପାଇଁ ଏକ ଆହ୍ୱାନପୂର୍ଣ୍ଣ ସମୟ ଥିଲା। ଏହି ସମୟରେ ଜେଏସ୍‌ପିର ଚେୟାରମ୍ୟାନ ନବୀନ ଜିନ୍ଦଲ ଏବଂ ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ ଶାଲୁ ଜିନ୍ଦଲ ବହୁମୁଖୀ ପଦକ୍ଷେପ ଗ୍ରହଣ କରିଥିଲା। ବିଶେଷକରି ଜନସାଧାରଣ ତଥା ପ୍ରଶାସନକୁ ଜେଏସ୍‌ପି ଆବଶ୍ୟକ ସମର୍ଥନ ଯୋଗାଇବା ସହ କୋଭିଡ୍-୧୯ର ମୁକାବିଲା ନିମନ୍ତେ ଆମେ ଆଗଭର ହେବା ସହ ଲକ୍‌ଡାଉନ ସମୟରେ ଲୋକମାନଙ୍କୁ ଖାଦ୍ୟ ଯୋଗାଇବାଠାରୁ ଆରମ୍ଭକରି ଡାକ୍ତରଖାନାଗୁଡ଼ିକୁ ଲିକ୍ୱିଡ ମେଡିକାଲ ଅକ୍ସିଜେନ ଯୋଗାଇବା ପର୍ଯ୍ୟନ୍ତ ବିଭିନ୍ନ ଉଦ୍ୟମ କରିଥିଲୁ। ଏପରିକି ଉକ୍ତ ପୁରସ୍କାର ପାଇଁ ସେ ଜୁରି ଏବଂ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟକ୍ରମର ଏକ ପ୍ୟାନେଲ ବକ୍ତାଭାବେ ଯୋଗଦେଇ ହୋତା ବିଗତ ବର୍ଷଗୁଡ଼ିକରେ ସିଏସ୍‌ଆର୍‌ର ରୂପାନ୍ତରଣ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

## ଫୁରସତ୍



କ୍ୟାଟ୍ରିନା କୈଫ

# ୪୦ ବର୍ଷରେ କ୍ୟାଟ୍ରିନା

**ମୁମ୍ବାଇ:** ଅଭିନେତ୍ରୀ କ୍ୟାଟ୍ରିନା କୈଫ ଏବଂ ସ୍ୱାମୀ ଭିକ୍କି କୌଶଲଙ୍କୁ ଶନିବାର ବିମାନ ବନ୍ଦରରେ ଦେଖିବାକୁ ମିଳିଛି। ଦୁହେଁ ହାତ ଧରାଧରି ହୋଇ ଯାଉଥିବା ଜଣାପଡ଼ିଛି। କ୍ୟାଟ୍ରିନା ତାଙ୍କ ୪୦ତମ ଜନ୍ମଦିନ ପାଳିବାକୁ ସ୍ୱାମୀଙ୍କ ସହ ମୁମ୍ବାଇରୁ ବାହାରକୁ ଯାଉଛନ୍ତି। କ୍ୟାଟ୍ରିନା ଧଳା ରଙ୍ଗର ଶାର୍ଟ ସହ ନୀଳ ରଙ୍ଗର ଜିନ୍ସ ଏବଂ ଭିକ୍କି କାଜୁଆଲ ଧଳା ଶାର୍ଟ ଓ କଳା ପ୍ୟାଣ୍ଟ ଜ୍ୟାକେଟ୍‌ରେ ଦେଖିବାକୁ ମିଳିଛନ୍ତି। ଦୁହେଁ ଡିସେମ୍ବର ୨୦୨୧ରେ ରାଜସ୍ଥାନର ଜୟସାଲମେର୍‌ର ଏକ ଦୁର୍ଗରେ ବିବାହ କରିଥିଲେ। ସେମାନଙ୍କ ସମ୍ପର୍କ କଫି ଉଇଥ୍ କରନ୍ ସିଜନ୍ ୭ରୁ ଆରମ୍ଭ ହୋଇଥିଲା। ତେବେ କ୍ୟାଟ୍ରିନା ୨୦୦୩ରୁ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ପ୍ରଶଂସକଙ୍କୁ ତାଙ୍କ ଅନେକ ହିଟ୍ ଫିଲ୍ମ ଭେଟି ଦେଇସାରିଛନ୍ତି। ଶେଷଥର ପାଇଁ ତାଙ୍କୁ 'ଫୋନ ବୁଥ୍'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ 'ଟାଇଗର-୩' ଏବଂ 'ମେରି କ୍ରିସ୍‌ମାସ' ମୁଭି ରହିଛି। ଯେଉଁଥିରେ ସେ ନିଜକୁ ବ୍ୟସ୍ତ ରଖିଛନ୍ତି। ଏଥିସହ ତାଙ୍କୁ ମଧ୍ୟ କିଛି ମ୍ୟୁଜିକ୍ ଭିଡିଓରେ ଦେଖିବାକୁ ମିଳିଛି।

# ଜ୍ୱାଳାମୁଖୀରେ ପିଜ୍ଜା ତିଆରି



ଗୁଆଟେମାଲା ସିଟି

ବହୁତ ଲୋକଙ୍କ ଦେଶ ଓ ଦୁନିଆ ବୁଲିବାର ସଉକ ରହିଥାଏ। ଏହା ତାଙ୍କୁ ଭିନ୍ନ ଜୀବନଶୈଳୀ ଏବଂ ଅନେକ କିଛି ଶିଖିବାରେ ସାହାଯ୍ୟ କରେ। ଏଥିସହ ସେମାନେ ଭିନ୍ନ ଅନୁଭୂତି ମଧ୍ୟ ନେଇଥାନ୍ତି। ନିକଟରେ ଜଣେ ମହିଳା ତାଙ୍କର ଏପରି ଯାତ୍ରାର ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ କିଛି ନୂଆ ଚେଷ୍ଟା କରିବାକୁ ଯାଇ ସେଥିରେ ସଫଳ ହୋଇଛନ୍ତି। ନିକଟରେ ଆଲେକ୍‌ଜେଣ୍ଡ୍ରା ବ୍ଲୋଡଗେଟ୍ ନାମ୍ନୀ ଜଣେ ମହିଳା ଗୁଆଟେମାଲା ଯାଇଥିଲେ। ସେଠାରେ ସେ ଏକ ପିଜ୍ଜାକୁ ଭିନ୍ନ ଉପାୟରେ ପ୍ରସ୍ତୁତ କରିଛନ୍ତି। ପିଜ୍ଜାଟି ସକ୍ରିୟ ଜ୍ୱାଳାମୁଖୀ ଆଞ୍ଚରେ ତିଆରି କରିଛନ୍ତି। ସେ ଏହାର ଏକ ଭିଡିଓ ଶେୟାର କରିଛନ୍ତି। ଏହାର କ୍ୟାପ୍ସନରେ ଲେଖିଛନ୍ତି, ଗୁଆଟେମାଲା ଆସିଛନ୍ତି ଜ୍ୱାଳାମୁଖୀରେ ପିଜ୍ଜା ଖାଇବାକୁ। ୨୦୨୧ରେ ଏଠାରେ ଜ୍ୱାଳାମୁଖୀ ଫାଟିଥିଲା। କିନ୍ତୁ ଏହା ଏବେ ବି ସକ୍ରିୟ ରହିଛି। ଏଠାରେ ବହୁତ ଥଣ୍ଡା ଥିବାରୁ ସେମାନଙ୍କୁ ଅଧିକ କପଡ଼ା ପିନ୍ଧି ଆସିବାକୁ ପଡ଼ିଥିଲା। ଭିଡିଓରେ ଏକ କଞ୍ଚା ପିଜ୍ଜାକୁ ତଳେ ଥୋଇ ତାକୁ ଘୋଡ଼ାଇ ଦିଆଯାଇଥିଲା। କିଛି ସମୟ ପରେ ତାହା ପ୍ରସ୍ତୁତ ହୋଇଯାଇଥିଲା। ଏହାପରେ ଆଲେକ୍‌ଜେଣ୍ଡ୍ରା ତାକୁ ଆରାମରେ ଖାଉଥିବା ଦେଖିବାକୁ ମିଳିଛି। ରିପୋର୍ଟ ମୁତାବକ, ଗୁଆଟେମାଲାର ସାନ୍ ଭିସେଣ୍ଟି ହେଉଛି ଏପରି ଏକ ସହର, ଯେଉଁଠାରେ ଜ୍ୱାଳାମୁଖୀ ଭିତରେ ପିଜ୍ଜା ପ୍ରସ୍ତୁତ ହୋଇଥାଏ।


# Classified Everyday
**0674-2580101, 2549949**



MATRIMONIAL

### BRIDE WANTED

A beautiful, fair, highly-educated with good permanent Govt./Private Job, believer bride for a Bhubaneswar established, permanent job Software Engineer, handsome, fair, ht 5'11", 30, parent well established in BBSR is required. Contact: 7077549777, 9437281290. D-0805

Bengali Kayastha boy 35, 6'2", Bank Manager require qualified girl. 7381091234, 9778719428. D-74891

### GROOM WANTED

Beautiful Brahmin girl 1994, 5'4", MBA only daughter "SUNASANSAR". 9937512659, 8249969649. D-74887



AUTOMOBILE

### SALE

Ford ecosport titanium 2014 model 95000kms. contact: 6372161623. D-0825

2009 Model Maruti Zen Lxi car sparingly used excellent condition for sale. Price 1.5 lakhs. Contact: 9178107212. D-0818



REAL ESTATE

### SALE

ଭୁବନେଶ୍ୱର କଣ୍ଟାବାଡ଼ ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74886

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଟଙ୍କପାଣିରୋଡ୍ ବାଙ୍କୁଆଳ ହାଇସ୍କୁଲ ପାଖରେ 1500sqft. ଜାଗାରେ 2100sqft. Duplex ଘର 79 ଲକ୍ଷରେ ବିକ୍ରୟ ହେବ। ବ୍ୟାଙ୍କ ଲୋନ ସୁବିଧାଅଛି । ଏକ ବର୍ଷ ଭିତରେ ଘର ହସ୍ତାନ୍ତର ହେବ । Contact for details: 9438220432/ 8144658008. D-0815

ମୋ ନିଜସ୍ୱ ୧୦ CENT ଘରବାରି ପ୍ଲଟ୍ ମାଲକାନଗିରି (Malkangiri) ଲାଠିଆଗୁଡ଼ାରେ ବିକ୍ରି କରାଯିବ। Contact: 8989206421, 6265361261. D-0820

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଭୁବନେଶ୍ୱର ପିତାପଲ୍ଲି ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74885

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-75010

ଜୟଦେବ ବିହାରରୁ ନନ୍ଦନକାନନ ରୋଡ୍ ରଘୁନାଥପୁରରେ 2/3BHK complet eflat ବିକ୍ରିହେବ। 9776866520. D-74890

C.V. Raman ଛକରୁ 3 Km. ଦୂରରେ BIIT College backside 30 ft. Road ଥାଇ ପ୍ଲଟ୍ ମିଳୁଅଛି । 7978676652. D-74889

2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891. D-0819

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

3BHK Duplex for sale near East Engineering College Nakhara with gated society. Contact: 9437581914. D-0648




04 BHK Four Flats Suitable Office Guestroom Hostel Residential Hi-tech Sundarpada-8093199489. D-0749

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly opened (one 8 SPA)/ (Salon service) with export therapist. 9938843929. D-75129

Ayurbedic full body massage pain relax gents ladies therapies. 9178041864. D-75009

Newly open health benefits SPA special offer @ 799 Jaydev Vihar. 8018429809. D-75128

Relax, Refresh your Body, Mind at Saikrupa Spa with best therapies. 8984068077. D-0725

Newly open SPA positively health benefits with expert therapist. 9040286886. D-75130

### AFFIDAVIT

I, Sarad Baid (Old name) and Sharad Baid (New name), S/o. Bhawarlala Baid of Flat No. 82, Block-D, Utkal Royal Residency, Gautam Nagar, Bhubaneswar is one and same person by this Affidavit No. Vol. I, Sl. No. 1213 dated 15.07.2023. Now onwards I shall be known as Sharad Baid for all purposes. D-71681

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ସନ୍ଧ୍ୟାରାଣୀ ଦେହୁରୀ**
କୁଳାଡ଼, ଅନୁଗୋଳ
ଆବିର୍ଭାବ-୧୯।୧୨।୧୯୭୧
ତିରୋଧାନ- ୨୭।୦୧।୨୦୨୨
ତୁମର ସ୍ନେହ ଓ ଆଶୀର୍ବାଦ ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ ପରିବାରବର୍ଗ-
ସ୍ୱାମୀ: ହରିହର ଦେହୁରୀ, ଦିଲୀପ ଦେହୁରୀ, ପୁଷ୍ପାଞ୍ଜଳି ଦେହୁରୀ, ଡ୍ୟାନି ଦେହୁରୀ, ଡଳି ଓ ସିଂପଲ ଦେହୁରୀ ଓ ପରିବାରବର୍ଗ।
ଧ-୦୮୩୦

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୬ ଜୁଲାଇ, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ବିଶ୍ୱର ପ୍ରଥମ ମହିଳା କବାଡ଼ି ଲିଗ୍ .......ଠାରେ ଆୟୋଜିତ ହୋଇଯାଇଛି ?
୨– କାକ୍ରାପାର୍ ଆଟୋମିକ୍ ପାୱାର ପ୍ରୋଜେକ୍ଟ ....... ରାଜ୍ୟରେ ନିର୍ମାଣ କରାଯାଇଛି ?
୩– କୋପାକାବାନା ବିଚ୍ ................ ସହରରେ ଅବସ୍ଥିତ ?
୪– ଅକ୍ଷରଧାମ ମନ୍ଦିରରେ .......... ପୂଜା ପାଆନ୍ତି ?
୫– ବାଂଲାଦେଶ ଜାତୀୟ ସଂଗୀତର ରଚୟିତା........ ?

## ଗତ ଥରର ଉତ୍ତର

୧ ଅରୁଣାଚଳ ପ୍ରଦେଶ
୨ ରୋବେର୍ଟୋ ବେନିନି
୩ ଅଗଷ୍ଟ ୩୦
୪ ମୌନା ଲୋଆ
୫ ନୀଳ ନଦୀ

## ଉତ୍ତରଦାତା



ଅରୁନ୍ଧତୀ ପାଣି, ଢେଙ୍କାନାଳ | ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର | ଶିବ ପ୍ରସାଦ ସାହୁ, ନୟାଗଡ଼ | ସ୍ନେହଲତା ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବଡ଼ ପ୍ଲାନେଟାରିୟମ

୧– ସେଣ୍ଟ ପିଟର୍ସବର୍ଗ ପ୍ଲାନେଟାରିୟମ୍.............. ରୁଷିଆ
୨– ନାଗୋୟା ସିଟି ସାଇନ୍ସ ମ୍ୟୁଜିୟମ୍ .............. ଜାପାନ
୩– ଜେନିଫର୍ ଚାଲ୍‌ଷ୍ଟି ପ୍ଲାନେଟାରିୟମ୍ .............. ଆମେରିକା
୪– ଜେଇସ୍ ମେଜର ପ୍ଲାନେଟାରିୟମ୍ .............. ଜର୍ମାନୀ
୫– ବିର୍ଲା ପ୍ଲାନେଟାରିୟମ୍ .............. କଲିକତା, ଭାରତ
୬– ପ୍ଲାନେଟାରିୟମ୍ ଅଫ୍ ରୟାଲ୍ ଅବ୍‌ଜର୍ଭେଟୋରି.............. ବେଲ୍‌ଜିୟମ୍
୭– ମୋରିସନ୍ ପ୍ଲାନେଟାରିୟମ୍ .............. କାଲିଫର୍ନିଆ
୮– ସାମୁଏଲ୍ ଅଶ୍ଚିନ୍ ପ୍ଲାନେଟାରିୟମ୍.............. ଆମେରିକା
୯– ଆଡ୍‌ଲର୍ ପ୍ଲାନେଟାରିୟମ୍ .............. ଆମେରିକା
୧୦– ହୋଠନ୍ ପ୍ଲାନେଟାରିୟମ୍ .............. ଆମେରିକା

## ଜାଣନ୍ତୁ ଦୁନିଆ

# ଭାରତୀୟ ମୁଦ୍ରା

**ଭାରତୀୟ ମୁଦ୍ରା ବା ରୁପୟା ସଂସ୍କୃତ ଶବ୍ଦ ରୁପ୍ୟକମ୍‌ରୁ ଉଦ୍ଧୃତ, ଯାହାର ଅର୍ଥ ରୌପ୍ୟ ମୁଦ୍ରା ବା ସିଲଭର୍ କଏନ୍। ଆମ ଦେଶରେ ସୁରୀ ସାମ୍ରାଜ୍ୟର ସଂସ୍ଥାପକ ଶେରଶାହ ସୁରୀଙ୍କ ଦ୍ୱାରା ୧୫୪୦–୪୫ ମସିହାରେ ପ୍ରଥମେ ମୁଦ୍ରାର ପ୍ରଚଳନ ଆରମ୍ଭ ହୋଇଥିଲା। ଜାଣିବା ଏ ସମ୍ପର୍କରେ କିଛି ତଥ୍ୟ...**



- ଶେରଶାହ ସୁରୀଙ୍କ ଦ୍ୱାରା ପ୍ରଥମେ ରୁପୟା(ଟଙ୍କା) ଭାବେ ରୌପ୍ୟ ମୁଦ୍ରା ପ୍ରଚଳନ ହୋଇଥିଲା। ଏହା ସହ ସୁନା ଏବଂ ତମ୍ବା ମୁଦ୍ରା ବି ବ୍ୟବହାର ହେଉଥିଲା। ମୋଗଲ, ମରାଠା ଏବଂ ବ୍ରିଟିଶ୍ ଶାସନ କାଳରେ ମଧ୍ୟ ଏହି ସବୁ ମୁଦ୍ରା ପ୍ରଚଳିତ ହେଉଥିଲା।
- ୧୭୭୦–୧୮୩୨ ମସିହା ମଧ୍ୟରେ ବ୍ୟାଙ୍କ ଅଫ୍ ହିନ୍ଦୁସ୍ତାନ, ୧୭୭୩–୭୫ ମଧ୍ୟରେ ଜେନେରାଲ୍ ବ୍ୟାଙ୍କ୍ ଅଫ୍ ବଙ୍ଗାଲ୍ ଆଣ୍ଡ ବିହାର ଏବଂ ୧୭୮୪–୯୧ ମଧ୍ୟରେ ବଙ୍ଗାଲ୍ ବ୍ୟାଙ୍କ୍ ପକ୍ଷରୁ କାଗଜ ମୁଦ୍ରାର ବ୍ୟବହାର ଆରମ୍ଭ ହୋଇଥିଲା।
- ପ୍ରଥମେ ଏକ ଟଙ୍କାକୁ ୧୬ ଅଣା ହିସାବରେ ବଣ୍ଟା ଯାଉଥିଲା। ହେଲେ ୧୯୫୭ରେ ପ୍ରଥମ ଥର ପାଇଁ ମେଟ୍ରିକ୍ ସିଷ୍ଟମ୍ ବା ଦଶାଂଶ ପ୍ରଣାଳୀରେ ଏକ ଟଙ୍କାକୁ ୧୦୦ ପଇସାରେ ବଣ୍ଟାଗଲା।
- ୧୯୧୭ରେ ୧ ଟଙ୍କାର ମୂଲ୍ୟ ୧୩ ଡଲାର ସହ ସମାନ ଥିଲା। ହେଲେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ବେଳେ ଏହାର ମୂଲ୍ୟ ପ୍ରାୟ ୧ ଡଲାର ସହ ସମାନ ହୋଇଯାଇଥିଲା। କିନ୍ତୁ ଧୀରେ ଧୀରେ ଭାରତ ଉପରେ କରଜ ବଢ଼ିବା କାରଣରୁ ଇନ୍ଦିରା ଗାନ୍ଧୀ ଏହି କରଜ ସୁଝିବା ଲାଗି ଟଙ୍କାର ମୂଲ୍ୟ ଡଲାରଠାରୁ କମ୍ କରିବାକୁ ବାଧ୍ୟ ହୋଇଥିଲେ। ସେବେଠୁ ଧୀରେ ଧୀରେ ଏହି ମୂଲ୍ୟ କମିବାରେ ଲାଗିଛି।
- ଧାରା ୨୨ ଅନୁଯାୟୀ ଭାରତୀୟ ବ୍ୟାଙ୍କ୍‌ଗୁଡିକରେ ନୋଟ୍ ଜାରି କରିବାର ଅଧିକାର କେବଳ ରିଜର୍ଭ ବ୍ୟାଙ୍କର ରହିଛି।
- ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ୧୯୩୮ରେ ପ୍ରଥମ ଥର ପାଇଁ ୧୦, ୧୦୦, ୧୦୦୦ ଏବଂ ୧୦,୦୦୦ ଟଙ୍କିଆ କାଗଜ ନୋଟ୍ ଛପାଇଥିଲା, ଯେଉଁଥିରେ କିଙ୍ଗ୍ ଜର୍ଜ-୬ଙ୍କ ଫଟୋ ଥିଲା। ହେଲେ ୧୯୪୬ରେ କଳାଧନ ରୋକିବା ଲାଗି ୧୦୦୦ ଏବଂ ୧୦,୦୦୦ ଟଙ୍କିଆ ନୋଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ(ଡିମନିଟାଇଜ୍) କରିଦିଆଗଲା।
- ୧୯୫୪ରେ ୧୦୦୦, ୫୦୦୦ ଏବଂ ୧୦,୦୦୦ ଟଙ୍କିଆ ନୋଟ୍ ଆଉଥରେ ପ୍ରଚଳନ ଆରମ୍ଭ କରାଗଲା, ଯାହାକି ୧୯୭୮ ମସିହାରେ ପୁନର୍ବାର ଡିମନିଟାଇଜ୍ କରିଦିଆଗଲା।
- ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରତିବର୍ଷ ୨ହଜାର କୋଟି ଟଙ୍କା ଛପାଯାଇଥାଏ।

# ମୋବାଇଲ୍ ଫଟୋଗ୍ରାଫି



**ବର୍ତ୍ତମାନ ଯୁବପିଢ଼ିଙ୍କଠାରେ ଫଟୋଗ୍ରାଫି କ୍ରେଜ୍ ବଢ଼ିବାରେ ଲାଗିଛି। ସୋସିଆଲ୍ ମିଡିଆରେ ବିଭିନ୍ନ ଫଟୋ ଏବଂ ଭିଡିଓ ପୋଷ୍ଟ କରିବା ଯେମିତି ସେମାନଙ୍କ ପାଇଁ ଏକ ନିଶା ପାଲଟିଛି। ଅଧିକାଂଶ ଏଥିପାଇଁ ମୋବାଇଲ୍ ଫୋନ୍ ଉପରେ ନିର୍ଭର କରୁଛନ୍ତି। ଆଉ ନିଜ ଫଟୋଗ୍ରାଫିକୁ ଆହୁରି ଭଲ କରିବା ଲାଗି ବିଭିନ୍ନ ସ୍ମାର୍ଟ ମୋବାଇଲ୍ ଆସେସରିଜ୍ ଏବେ ସାଜିଛି ସେମାନଙ୍କ ପାଇଁ ବେଷ୍ଟ ଅପ୍‌ସନ...**

ବର୍ତ୍ତମାନ ଫଟୋଗ୍ରାଫିରେ ସଉକ ରଖୁଥିବା ଅଧିକାଂଶ ଯୁବତୀଯୁବକଙ୍କ ପାଇଁ ମୋବାଇଲ୍ ଫୋନ୍ ବେଶ୍ ସହାୟକ ହୋଇପାରୁଛି। ତା'ଛଡ଼ା ବିଭିନ୍ନ ସ୍ମାର୍ଟଫୋନ୍ ଫଟୋଗ୍ରାଫି ଆସେସରିଜ୍ ଏବେ ଫଟୋଗ୍ରାଫିକୁ ଆହୁରି ସୁବିଧାଜନକ କରିପାରିଛି...

**ସେଲ୍ଫି ରିଙ୍ଗ୍ ଲାଇଟ୍ ଏବଂ ପୋର୍ଟେବଲ୍ ଏଲ୍‌ଇଡି ପ୍ୟାନେଲ୍:** ବର୍ତ୍ତମାନ ବିଭିନ୍ନ ପୋଜ୍‌ରେ ସେଲ୍ଫି ନେବା ଏବଂ ସେଲ୍ଫି ଭିଡିଓ ଶୁଟ୍ କରିବା ଯୁବପିଢ଼ିଙ୍କର ଏକ ନିଶା ପାଲଟିଗଲାଣି। ବିଶେଷକରି ସୋସିଆଲ୍ ମିଡିଆ ସାଇଟ୍ସଗୁଡ଼ିକରେ ରିଲ୍ସ କରିବା ଲାଗି ମଧ୍ୟ ତାଙ୍କୁ ଅଧିକ ଦରକାର ହେଉଛି ସେଲ୍ଫି ବା ଫ୍ରଣ୍ଟ କ୍ୟାମେରା। ହେଲେ କେବେକେବେ ଠିକ୍ ଲାଇଟ୍ ବ୍ୟବସ୍ଥା ନ ଥିବାରୁ ଫଟୋ, ଭିଡିଓ ଅନ୍ଧାରିଆ ହୋଇ ଖରାପ ଦିଶିଥାଏ। ତେବେ ଏହି ସମସ୍ୟାର ସମାଧାନ କରିବାର ବେଷ୍ଟ ଉପାୟ ହେଉଛି ସେଲ୍ଫି ରିଙ୍ଗ୍ ଲାଇଟ୍ ଏବଂ ପୋର୍ଟେବଲ୍ ଏଲ୍‌ଇଡି ପ୍ୟାନେଲ୍। ଏଥିରେ ଜଣେ ଚାହିଁଲେ ନିଜ ଆବଶ୍ୟକତା ଅନୁଯାୟୀ ବ୍ରାଇଟ୍‌ନେସ୍ ସହ କଲର ଟେମ୍ପରେଚର ଆଡ୍‌ଜଷ୍ଟ କରିପାରିବ। ଏଥିରେ ଫ୍ରି ଏଙ୍ଗଲ୍ ଆଡ୍‌ଜଷ୍ଟମେଣ୍ଟ ସୁବିଧା ରହିଛି। ଏହା ୧୮ ଇଞ୍ଚ ରାଉଣ୍ଡ ଶେପ୍‌ଠୁ ଆରମ୍ଭ କରି ସ୍ମାର୍ଟଫୋନ୍‌ରେ ଫିକ୍ସ ହୋଇପାରୁଥିବା ଭଳି ଛୋଟ ଆକାରରେ ମଧ୍ୟ ମିଳୁଛି। ତେଣୁ ଯେଉଁମାନେ ଏଜୁକେଶନ୍, ଇନ୍‌ଫର୍ମେଶନ୍ ଭଳି ନିଜେ କିଛି କହୁଥିବା ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି ଅବା ଲାଇଭ୍‌ଷ୍ଟ୍ରିମିଂ କରୁଛନ୍ତି, ସେମାନଙ୍କ ପାଇଁ ଫିଲ୍ ଲାଇଟ୍ ଭାବେ ବ୍ୟବହାର କରିବା ଲାଗି ଏହା ବେଷ୍ଟ ଅପ୍‌ସନ।




**ଆଡ୍ ଅନ୍ ଲେନ୍ସେସ୍:** ଫଟୋଗ୍ରାଫି ଭଲ ହେବା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କ୍ୟାମେରା। ଯଦି ମୋବାଇଲ୍‌ରେ ଫଟୋ କିମ୍ବା ଭିଡିଓ ଶୁଟ୍ କରୁଛନ୍ତି, ତେବେ ବର୍ତ୍ତମାନ ଟେଲିଫଟୋ, ୱାଇଡ୍ ଏଙ୍ଗଲ୍, ମାଇକ୍ରୋ ଲେନ୍ସେସ୍ ଭଳି ଫିଚର ଥିବା ପ୍ରିମିୟମ ଫୋନ୍ ସବୁଠୁ ଭଲ, ଯେଉଁଥିରେ ଆଡ୍ ଅନ୍ ଲେନ୍ସ ବ୍ୟବହାର କରିପାରିବେ। ବର୍ତ୍ତମାନ ମାର୍କେଟ୍‌ରେ ସୁପର ୱାଇଡ୍ ଏଙ୍ଗଲ୍, ଫିସ୍ ଆଇ, ୨୦ଏକ୍ସ ମାଇକ୍ରୋ ଲେନ୍ସେସ୍, ୧୪ ଏକ୍ସ ଜୁମ୍ ଭଳି ସୁବିଧା ଥିବା ଅନେକ ଆଡ୍ ଅନ୍ ଲେନ୍ସେସ୍ ଉପଲବ୍ଧ। ତା'ଛଡା ଏଥିରେ କେପିଏଲ୍, ଷ୍ଟାର ଫିଲ୍ଟର, କାଲିଡୋସ୍କୋପ୍, ରେଡିଆଲ୍ ଭଳି ଇଫେକ୍ଟଗୁଡ଼ିକୁ ବ୍ୟବହାର କରି ନିଜ ଫଟୋଗ୍ରାଫିକୁ ଆହୁରି ଆକର୍ଷଣୀୟ କରିପାରିବେ।

**ଗିମ୍ବଲ:** ବର୍ତ୍ତମାନ ସବୁ ଦେଶର ଯୁବପିଢ଼ିଙ୍କଠାରେ ସୋସିଆଲ୍ ମିଡିଆରେ ଫଟୋ, ଭିଡିଓ ପୋଷ୍ଟ କରିବାର କ୍ରେଜ୍ ବଢ଼ିବାରେ ଲାଗିଛି। ଏଥିପାଇଁ ଅଧିକାଂଶ ମୋବାଇଲ୍ ଉପରେ ନିର୍ଭର କରୁଛନ୍ତି। ହେଲେ ମୋବାଇଲ୍‌ରେ ଶୁଟ୍ କରିବା ବେଳେ ହଲିଯିବା କିମ୍ବା କେବେକେବେ ଏକା ଶୁଟ୍ କରିବା ବେଳେ ମୋବାଇଲ୍ ପଡ଼ିଯିବା ଭଳି ଅସୁବିଧା ହୋଇଥାଏ, ଯେଉଁଥିପାଇଁ ଅନେକେ ଟ୍ରାଇପଡ୍ ବ୍ୟବହାର ବି କରିଥା'ନ୍ତି। ହେଲେ ଏଥିରେ ମୁଭ୍‌ମେଣ୍ଟ କମ୍ ହୋଇଥିବାରୁ ବର୍ତ୍ତମାନ ଗିମ୍ବଲ୍ ସବୁଠୁ ଭଲ ବିକଳ୍ପ ସାଜିଛି। ମାର୍କେଟ୍‌ରେ ବିଭିନ୍ନ କମ୍ପାନିର ଲାଇଟ୍‌ୱେଟ୍ କମ୍ପାକ୍ଟ ଫୋଲ୍ଡେବଲ୍ ଗିମ୍ବଲ ମିଳୁଛି। ଯାହାକି ୩-ଆକ୍ସିସ୍ ଷ୍ଟାବିଲାଇଜେଶନ୍ ସହିତ ଆକ୍ଟିଭ୍ ଟ୍ରାକିଂ, ହାଇପର ଲାପ୍ସ, ସ୍ଲୋର୍ଟ୍ସ ମୋଡ୍ ଭଳି ଲାଟେଷ୍ଟ ଫିଚର ମଧ୍ୟ ପ୍ରଦାନ କରୁଛି। ତା'ଛଡ଼ା ଏଥିରେ ଥିବା ମଲ୍ଟିପଲ୍ କ୍ୟାମେରା କଣ୍ଟ୍ରୋଲ କେବଲ୍ ଏବଂ ୱେର୍‌ଲେସ୍ ବ୍ଲୁଟୁଥ୍ କ୍ୟାମେରା କଣ୍ଟ୍ରୋଲ୍ ଅପ୍‌ସନ ମଧ୍ୟ ବ୍ୟବହାର କରିବା ଲାଗି ବେଶ୍ ସୁବିଧାଜନକ। ତେଣୁ ନିଜ ଫଟୋ ଏବଂ ଭିଡିଓକୁ ଆହୁରି ଭଲ କରିବା ଲାଗି ଏହାର ସାହାଯ୍ୟ ନେଇପାରିବେ।



ବିନାୟକ



ତୃପ୍ତିମୟୀ

**ଏକ୍ସଟର୍ନାଲ୍ ମାଇକ୍ରୋଫୋନ୍:** ସ୍ମାର୍ଟଫୋନ୍‌ରେ କରାଯାଉଥିବା ଭିଡିଓରେ ଅଡିଓ କ୍ୱାଲିଟି ଏତେ ଭଲ ଆସି ନ ଥାଏ, ଯେଉଁଥିପାଇଁ ଭିଡିଓ ଯେତେ ଭଲ ହୋଇଥାଉନା କାହିଁକି ଏହାର ଡିମାଣ୍ଡ କମିଯାଏ। ସ୍ମାର୍ଟ ଫୋନ୍‌ର ଏଭଳି ସମସ୍ୟାକୁ ଦୂର କରିପାରୁଛି ଏକ୍ସଟର୍ନାଲ ମାଇକ୍ରୋଫୋନ। ଏକ୍ସଟର୍ନାଲ୍ ନଏଜ୍‌କୁ ଫିଲ୍ଟର କରିବା ସହ କ୍ଲିଅର ଭଏସ୍ ରେକର୍ଡିଂର ସୁବିଧା ଦେଉଥିବାରୁ ଏହା ଏବେ ପାଲଟିଛି ସଭିଙ୍କର ପ୍ରଥମ ପସନ୍ଦ। ମାର୍କେଟ୍‌ରେ ସଭିଙ୍କ ପକେଟ୍‌କୁ ସୁହାଇଲା ଭଳି ଦାମ୍‌ରେ ଅନେକ ଭେରାଇଟିର ମାଇକ୍ରୋଫୋନ୍ ମିଳୁଛି।

### କ'ଣ କୁହନ୍ତି ଏମାନେ...

**ବିନାୟକ ସେନାପତି** (କର୍ମଜୀବୀ, ଏରଞ୍ଚ, କଟକ)– ଫାଙ୍କା ସମୟରେ ଡିଫରେଣ୍ଟ ପୋଜ୍‌ରେ ଫଟୋ କିମ୍ବା ଭିଡିଓ ଶୁଟ୍ କରିବା ମୋର ହବି। ବିଶେଷକରି ନିଜ ଇନ୍‌ଷ୍ଟା ଆକାଉଣ୍ଟରେ ରିଲ୍ସ ପୋଷ୍ଟ କରିବା ପାଇଁ ଭିଡିଓ ଶୁଟ୍ କରେ। ତେବେ ଫଲୋୟର୍ସ ବଢ଼ାଇବା ପାଇଁ ଯେକୌଣସି ଭିଡିଓ ନୁହେଁ, ଭଲ କ୍ୱାଲିଟି ଥିବା ହାଇଡେଫିନେଶନ୍ ଭିଡିଓ ଉପରେ ବି ଧ୍ୟାନ ଦେବାକୁ ପଡ଼େ। ଏଥିପାଇଁ ଯଦିଓ ଡିଏସ୍‌ଏଲ୍‌ଆର୍ କ୍ୟାମେରା ରଖିଛି, ହେଲେ ସବୁଆଡ଼େ ଏହା ନେବାକୁ ସୁବିଧା ହେଉ ନ ଥିବାରୁ ମୋବାଇଲ୍‌ରେ ହିଁ ଅଧିକାଂଶ ଶୁଟ୍ କରିଥାଏ। ଭଲ ଫଟୋ ଭିଡିଓ ପାଇଁ ସେଲ୍ଫି ଷ୍ଟିକ୍, ଷ୍ଟାଣ୍ଡ ଟ୍ରାଇପଡ୍, ଆଡ୍ ଅନ୍ ଲେନ୍ସ ଆଦି ବ୍ୟବହାର କରିଥାଏ।

**ତୃପ୍ତିମୟୀ ନାୟକ** (କର୍ମଜୀବୀ, ଫୁଲନଖରା, କଟକ)– ଫଟୋଗ୍ରାଫି ଏକ କଳା। ତେଣୁ କ୍ୟାମେରା ହେଉ ବା ମୋବାଇଲ୍‌ରେ ଏହାକୁ ଠିକ୍ ଭାବେ କରିପାରିଲେ ହିଁ ଫଟୋ, ଭିଡିଓ ଭଲ ହୋଇପାରିବ। ନିଜ କଥା କହିବି, ମୋର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଅଛି। ସେଥିରେ ପୋଷ୍ଟ କରିବା ଲାଗି ଭିଡିଓ ସବୁ ମୋବାଇଲ୍ ଫୋନ୍‌ରେ ହିଁ ଶୁଟ୍ କରିଥାଏ। ଏଥିପାଇଁ ରିଙ୍ଗ୍ ଲାଇଟ୍, ଟ୍ରାଇପଡ୍, ସେଲ୍‌ଫି ଷ୍ଟିକ୍ ଏବଂ ମାଇକ୍ରୋଫୋନ୍ ଆଦି ଆସେସରିଜ୍ ବ୍ୟବହାର କରିଥାଏ।



## ୟୁଥ୍ ଆଲର୍ଟ

# କେଶ ଝଡ଼ୁଥିଲେ

**ଅଧିକାଂଶ ଯୁବପିଢ଼ି ବର୍ତ୍ତମାନ କେଶ ଝଡ଼ିବା ସମସ୍ୟାକୁ ନେଇ ଚିନ୍ତିତ। ହେଲେ ଏହାକୁ ରୋକିବା ଲାଗି ପ୍ରଥମେ ଏହାର କାରଣ ଜାଣିବା ସହ ପ୍ରତିକାର କରିବା ଆବଶ୍ୟକ...**



- ତେଲିଆ କେଶ ମୁହଁର ଆକର୍ଷଣ କମାଇଥାଏ ଏବଂ ସୁନ୍ଦର ଲାଗିବା ଲାଗି ଅଧିକାଂଶ ଯୁବପିଢ଼ି ବାରମ୍ବାର ଶାମ୍ପୁ କରନ୍ତି। କେହି କେହି ଆଦୌ ତେଲ ବ୍ୟବହାର କରନ୍ତି ନାହିଁ। ହେଲେ ଏହାଦ୍ୱାରା କେଶ ଡ୍ରାଏ ହୋଇ ଧୀରେ ଧୀରେ ପାଚିବା ଏବଂ ଝଡ଼ିବା ସମସ୍ୟା ଆରମ୍ଭ ହୋଇଯାଏ। ତେଣୁ ତେଲ ଲଗାଇ ଧୀରେ ଧୀରେ କେଶମୂଳରୁ ଶେଷ ପର୍ଯ୍ୟନ୍ତ ମସାଜ୍ କରନ୍ତୁ ଏବଂ ୧-୨ ଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ଲଗାଇ ଧୋଇ ଦିଅନ୍ତୁ।
- କେଶକୁ ସଫା କରିବା ଲାଗି ଆବଶ୍ୟକତାଠାରୁ ଅଧିକ ଶାମ୍ପୁ କିମ୍ବା କେମିକାଲ୍‌ଯୁକ୍ତ ଶାମ୍ପୁ ବ୍ୟବହାର କରନ୍ତୁ ନାହିଁ। ଏପରି କଲେ ନା କେବଳ କେଶରେ ଥିବା ପ୍ରାକୃତିକ ତେଲ ନଷ୍ଟ ହେବ ବରଂ କେମିକାଲ ମଧ୍ୟ କେଶ ପାଇଁ ହାନିକାରକ ହୋଇଥିବାରୁ ପରବର୍ତ୍ତୀ ସମୟରେ କେଶ ଝଡ଼ିବାର ମୁଖ୍ୟ କାରଣ ସାଜିବ। ତେଣୁ ଏଥିପ୍ରତି ଧ୍ୟାନ ଦିଅନ୍ତୁ।
- କେଶ ଧୋଇବା ପରେ ଟାୱେଲ୍‌ରେ ରଗଡ଼ି ପୋଛିବା କିମ୍ବା ବାଡ଼େଇ ବାଡ଼େଇ ପାଣି ଝାଡ଼ିବା ଦ୍ୱାରା କେଶ ଡ୍ରାଏ ହୋଇଯିବା ସହ ଦୁର୍ବଳ ହୋଇଯାଏ ଏବଂ କେଶ ଝଡ଼ିବା ଆରମ୍ଭ ହୁଏ। ତେଣୁ ଏପରି ଅଭ୍ୟାସ ଥିଲେ ବଦଳାନ୍ତୁ। ଓଦା କେଶକୁ ଆଦୌ ନ ରଗଡ଼ି ଧୀରେ ଧୀରେ ଟାୱେଲ୍‌ରେ ପୋଛି ପବନରେ ଶୁଖିବାକୁ ଛାଡ଼ିଦିଅନ୍ତୁ।
- ବର୍ତ୍ତମାନ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ବ୍ରାଣ୍ଡର କେମିକାଲ୍‌ଯୁକ୍ତ କଲର, ସାଇନର୍ ଭଳି ବିଭିନ୍ନ ପ୍ରକାରର ହେୟାର୍ ଷ୍ଟାଇଲିଂ ପ୍ରଡକ୍ଟର ବହୁଳ ବ୍ୟବହାର ମଧ୍ୟ ଅନେକଙ୍କ ଠାରେ କେଶ ଝଡ଼ିବାର ଅନ୍ୟତମ କାରଣ। ସେହିପରି ହେୟାର ଡ୍ରାୟର୍, ଷ୍ଟ୍ରେଟ୍‌ନର୍, ଆଇରନ୍, ରୋଲର୍ ଆଦି ମଧ୍ୟ କେଶ ଛିଣ୍ଡିବା, ଝଡ଼ିବା ଆଦି ପାଇଁ ବିଶେଷ ଭାବେ ଦାୟୀ। ତେଣୁ ଏସବୁ ବ୍ୟବହାର କରିବା ବେଳେ ସତର୍କ ରୁହନ୍ତୁ।
- କେଶକୁ ପ୍ରତିଦିନ କୁଣ୍ଡାଇବା ଦ୍ୱାରା ମୁଣ୍ଡରେ ବ୍ଲଡ୍ ସର୍କୁଲେଶନ୍ ଭଲ ଭାବେ ହୋଇ କେଶ କଳା ଏବଂ ମଜଭୁତ ହୋଇଥାଏ। ହେଲେ ଅଳ୍ପ ସମୟ ବ୍ୟବଧାନରେ ବାରମ୍ବାର ମୁଣ୍ଡ କୁଣ୍ଡାଇବା ଦ୍ୱାରା କେଶ ମୂଳକୁ ଦୁର୍ବଳ ହୋଇ କେଶ ଝଡ଼ିବାର କାରଣ ପାଲଟେ।

# ୱିମ୍ବଲଡନ୍ ଜିତିଲେ ଭୋନ୍ଦ୍ରୋସୋଭା



ୱିମ୍ବଲଡନ୍ ଟ୍ରଫି ସହ ମାର୍କେଟା ଭୋନ୍ଦ୍ରୋସୋଭା।

**ୱିମ୍ବଲଡନ୍, ୧୫।୭**

ଟ୍ୟୁନିସିଆର ଓନ୍ସ ଜାବେରଙ୍କୁ ପରାସ୍ତ କରି ୱିମ୍ବଲଡନ୍ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋନ୍ଦ୍ରୋସୋଭା। ଶନିବାର ଅନୁଷ୍ଠିତ ଫାଇନାଲରେ ଜାବେରଙ୍କୁ ୬-୪, ୬-୪ର ସିଧାସଳଖ ସେଟରେ ପରାସ୍ତ କରିଛନ୍ତି ଭୋନ୍ଦ୍ରୋସୋଭା। ଏହା ସହିତ ସେ ତୃତୀୟ ଚେକ୍ ରିପବ୍ଲିକ୍ ଖେଳାଳି ଓ ପ୍ରଥମ ଅଣସିଡେଡ୍ ଖେଳାଳି ଭାବରେ ଅଲ ଇଂଲଣ୍ଡ କ୍ଲବ୍‌ରେ ଟ୍ରଫି ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଜାନା ନୋଭୋଟନା ଓ ପେଟ୍ରା କ୍ୱିଟୋଭା ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ଏହା ବ୍ୟତିତ ଅଷ୍ଟମ ଚେକ୍ ଖେଳାଳି ଭାବରେ ସେ ଫାଇନାଲରେ ପ୍ରବେଶ କରିଥିଲେ।

ଶନିବାର ଫାଇନାଲରେ ୨୪ ବର୍ଷୀୟ ଭୋନ୍ଦ୍ରୋସୋଭାଙ୍କ ଗତି ଓ ଦ୍ରୁତ ସର୍ଭିସ୍‌ର ଜବାବ ଦେବାରେ ଅସମର୍ଥ ରହିଥିଲେ ଜାବେର। ଉଭୟ ସେଟ୍‌ରେ ଆରମ୍ଭରୁ ପଛୁଆ ରହିଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ ସହିତ ସେ ବିଜୟୀ ହେବାରେ ସମର୍ଥ ହୋଇଥିଲେ। ପ୍ରଥମ ସେଟ୍‌ରେ ହାରିବା ପରେ ଦ୍ୱିତୀୟ ସେଟ୍‌ରେ ଚମତ୍କାର ଢଙ୍ଗରେ ପ୍ରତ୍ୟାବର୍ତ୍ତନ କରିଥିଲେ ଜାବେର। ୩-୧ରେ ଆଗୁଆ ରହିଥିବା ବେଳେ ଭୋନ୍ଦ୍ରୋସୋଭା ଜବରଦସ୍ତ କମ୍‌ବ୍ୟାକ୍ କରିଥିଲେ। କ୍ରମାଗତ ୩ ପଏଣ୍ଟ ଅର୍ଜନ କରିଥିଲେ। ୪-୩ରେ ଭୋନ୍ଦ୍ରୋସୋଭା ଆଗୁଆ ରହିବା ପରେ ଜାବେର ଆଉ ଏକ ପଏଣ୍ଟ ଅର୍ଜନ କରିଥିଲେ। ତେବେ ଭୋନ୍ଦ୍ରୋସୋଭା ଅନ୍ତିମ ଦୁଇ ପଏଣ୍ଟ ଜିତି ଟାଇଟଲ କବ୍‌ଜା କରି ନେଇଥିଲେ। ୨୦୧୯ରେ ଫ୍ରେଞ୍ଚ ଓପନ ରନର ଅପ୍ ରହିଥିବା ଭୋନ୍ଦ୍ରୋସୋଭାଙ୍କ କ୍ୟାରିୟରର ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ବିଶ୍ୱ ମାନ୍ୟତାର ୪୨ ତମ ସ୍ଥାନରେ

### ତୃତୀୟ ଚେକ୍ ମହିଳା ଭାବେ ରଚିଲେ ଇତିହାସ

ରହିଥିବା ଭୋନ୍ଦ୍ରୋସୋଭା ଟୁର୍ଣ୍ଣାମେଣ୍ଟରେ ଅଣସିଡେଡ୍ ରହିଥିଲେ। ୬୦ ବର୍ଷରେ ପ୍ରଥମ ଅଣସିଡେଡ୍ ଖେଳାଳି ଭାବରେ ଫାଇନାଲରେ ପ୍ରବେଶ କରିଥିବା ବେଳେ ଇତିହାସ ରଚିଛନ୍ତି। ତୃତୀୟ ଥର ପାଇଁ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ହାସଲରେ ବିଫଳ ହୋଇଛନ୍ତି ଜାବେର। କ୍ରମାଗତ ଭାବରେ ସେ ଅଲ ଇଂଲଣ୍ଡ କ୍ଲବରେ ଫାଇନାଲ ମ୍ୟାଚ୍ ଖେଳି ପରାଜିତ ହୋଇଛନ୍ତି। ଗତବର୍ଷ ଏଲିନା ରିବାକିନାଙ୍କ ଠାରୁ ହାରି ଯାଇଥିବା ବେଳେ ପ୍ରଥମ ଆରବ ମହିଳା ଭାବରେ ଫାଇନାଲରେ ପହଞ୍ଚି ଇତିହାସ ରଚିଛନ୍ତି। ଦୁଇ ସପ୍ତାହ ପୂର୍ବରୁ ଭୋନ୍ଦ୍ରୋସୋଭା ଟ୍ରଫି ଜିତିବା ଅନୁମାନ କରିବା କଷ୍ଟସାଧ୍ୟ ଥିବା ବେଳେ ଚଳିତ ବର୍ଷ ଏହାକୁ ସଫଳ କରିଛନ୍ତି। ଏହା ପୂର୍ବରୁ ୱିମ୍ବଲଡନ୍‌ରେ ତାଙ୍କ ରେକର୍ଡ ୧-୪ ରହିଥିଲା। ଏପରିକି ୨୦୨୨ରେ ବାମ ହାତ କଟିରେ ସର୍ଜରୀ କାରଣରୁ ସେ ୱିମ୍ବଲଡନ୍‌ରେ ଅଂଶଗ୍ରହଣ କରି ନ ଥିଲେ।



ଅଲ୍ ଇଂଲଣ୍ଡ କ୍ଲବ୍‌ର ଦର୍ଶକ ଷ୍ଟାଣ୍ଡରେ ପ୍ରିୟଙ୍କା ଚୋପ୍ରା ଓ ନିକ୍ ଜୋନାସ୍।

# ଭାରତର ଇନିଂସ୍ ବିଜୟ

**ରୋସେଉ (ଡୋମିନିକା), ୧୪।୭**

ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତ ଏକ ଇନିଂସ ଓ ୧୪୧ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଭାରତ ଏହାର ପ୍ରଥମ ଇନିଂସକୁ ୪୨୧/୫ରେ ଘୋଷଣା କରି ୨୭୧ ରନରେ ଅଗ୍ରଣୀଲାଭ କରିଥିଲା। ରବିଚନ୍ଦ୍ରନ ଅଶ୍ୱିନଙ୍କ ଯାଦୁକରୀ ବୋଲିଂକୁ ସାମ୍ନା କରି ନ ପାରି ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ୧୩୦ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଆଲିକ ଅଥାନାଜେ ସର୍ବାଧିକ ୨୮ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅଶ୍ୱିନ ୭୧ ରନ ବିନିମୟରେ ୭ ଉଇକେଟ ସଫଳତା ପାଇଥିବାବେଳେ ରବୀନ୍ଦ୍ର ଜାଡେଜା ୨ଟି ଓ ମହମ୍ମଦ ସିରାଜ ଗୋଟିଏ ଉଇକେଟ ପାଇଥିଲେ। ବିଜୟ ଫଳରେ ଭାରତ ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୩୧୨/୨ରୁ ଖେଳ ଆରମ୍ଭ କରିଥିବା ଭାରତ ଜୟସ୍ୱାଲ ଓ କୋହଲଙ୍କ ମାଧ୍ୟମରେ ଭଲ ଆରମ୍ଭ କରିଥିଲା। ଦୁଇ ଖେଳାଳି ଶତକୀୟ ଭାଗୀଦାରି ଗଢ଼ି ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ତୃତୀୟ ଉଇକେଟ ଯୋଡ଼ିରେ ୨୮୩ ବଲ୍‌ରୁ ୧୧୦ ରନ ସଂଗୃହୀତ ହେବାପରେ ଜୟସ୍ୱାଲଙ୍କୁ ଆଉଟ କରି ୱେଷ୍ଟଇଣ୍ଡିଜକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ଆଲଜାରି ଜୋସେଫ। ଜୋସେଫଙ୍କ ଶର୍ଟ୍ ଅଫ୍ ଲେନ୍ଥ ବଲ୍‌କୁ ମାରିବାକୁ ଯାଇ ଉଇକେଟ କିପର ଜୋଶୁଆ ଡା'ସିଲ୍‌ଭାଙ୍କୁ କ୍ୟାଚ ଦେଇଥିଲେ ଜୟସ୍ୱାଲ। ସେ ୩୮୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୭୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ନିଜ ଇନିଂସ ମଧ୍ୟରେ ସେ ୧୬ ଚୌକା ଓ ୧ ଛକା ମାରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୫୦। ଭାରତ ପ୍ରଥମ ଇନିଂସ: ୪୨୧/୫/ଘୋଷଣା (ଯଶସ୍ୱୀ ଜୟସ୍ୱାଲ-୧୭୧, ରୋହିତ ଶର୍ମା-୧୦୩, ବିରାଟ କୋହଲି-୭୬, ରବୀନ୍ଦ୍ର ଜାଡେଜା-୩୭*, କେମର ରୋଚ୍-୧/୪୧, ଆଲଜାରି ଜୋସେଫ-୧/୭୮, ଜୋମେଲ ୱାରିକାନ-୧/୧୦୬, ଆଲିକ ଅଥାନାଜେ-୧/୫୩, ରାକିମ କର୍ନୱାଲ-୧/୩୨)। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୩୦/ଅଲ୍‌ଆଉଟ (ଆଲିକଅଥାନାଜେ-୨୮, ରବିଚନ୍ଦ୍ରନ ଅଶ୍ୱିନ-୭/୭୧, ରବୀନ୍ଦ୍ର ଜାଡେଜା-୨/୩, ମହମ୍ମଦ ସିରାଜ-୧/୧୬)।

## ଦେଓଧର ଟ୍ରଫି ସୁବିତ ପୂର୍ବାଞ୍ଚଳ ମ୍ୟାନେଜର

**ଭୁବନେଶ୍ୱର, ୧୫।୭ (ବିଜୟ ରଣା)**



ଦେଓଧର ଟ୍ରଫି ୨୦୨୩ ପାଇଁ ସୁବିତ ବିଶ୍ୱାଳ ପୂର୍ବାଞ୍ଚଳ କ୍ରିକେଟ ଦଳର ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ଦେଓଧର ଟ୍ରଫି ଜୁଲାଇ ୨୪ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ପୁଡୁଚେରୀରେ ଖେଳାଯିବ। ଏହି ନିଯୁକ୍ତି ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପକାଶ ଦାସ ଏବଂ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ବିଶ୍ୱାଳଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭକାମନା କରିଛନ୍ତି।

# ଶ୍ରୀଶଙ୍କରଙ୍କୁ ଅଲିମ୍ପିକ ଯୋଗ୍ୟତା

**ବ୍ୟାଙ୍କକ୍, ୧୫।୭(ପି.ଟି.)**



ମୁରଲୀ ଶ୍ରୀଶଙ୍କର

ଭାରତର ଷ୍ଟାର ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ଏଠାରେ ଚାଲିଥିବା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ଜିତିବା ପରେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ତାଙ୍କ କ୍ୟାରିୟରର ଦ୍ୱିତୀୟ ଶ୍ରେଷ୍ଠ ୮.୩୭ମିଟରର ଜମ୍ପ୍ ସହ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପ୍ୟାରିସ ଗେମ୍ସ ପାଇଁ କ୍ୱାଲିଫିକେଶନ ଅଙ୍କ ୮.୨୭ ମିଟର ରହିଛି। ଚାଇନିଜ ତାଇପେଇର ୟୁ ଟାଙ୍ଗ୍ ଲିନ୍ ଚତୁର୍ଥ ରାଉଣ୍ଡ ଜମ୍ପ ୮.୪୦ମିଟର ସହ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଚଳିତ ସିଜନରେ ବିଶ୍ୱରେ ଏହା ହେଉଛି ତୃତୀୟ ଶ୍ରେଷ୍ଠ ପ୍ରୟାସ। ସୂଚନାଯୋଗ୍ୟ, ଶ୍ରୀଶଙ୍କର ଗତମାସରେ ଜାତୀୟ ଆନ୍ତଃ-ରାଜ୍ୟ ଚାମ୍ପିୟନଶିପ୍‌ର କ୍ୱାଲିଫିକେଶନ ରାଉଣ୍ଡରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୮.୪୧ମିଟର ଜମ୍ପ କରି ଅଗଷ୍ଟରେ ବୁଦାପେଷ୍ଟଠାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ପ୍ରତିଯୋଗିତାର ଚତୁର୍ଥ ଦିବସରେ ପୂର୍ବରୁ ସନ୍ତୋଷ କୁମାର ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୪୯.୦୯ ସେକେଣ୍ଡ ସହ ପୁରୁଷ ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। କାତାରର ମହମ୍ମଦ ହେମିଦା ବାସେମ୍ (୪୮.୬୪ ସେକେଣ୍ଡ) ଓ ଜାପାନର ୟୁସାକୁ କୋଦାମା (୪୮.୯୬) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ। ଚଳିତବର୍ଷ ପୁରୁଷ ୪୦୦ମିଟର ହର୍ଡଲ୍ସରେ ଜଣେ ଭାରତୀୟ ଭାବେ ସନ୍ତୋଷଙ୍କର ଏହା ଥିଲା ଶ୍ରେଷ୍ଠ ଟାଇମିଂ। ଅନ୍ୟ ଜଣେ ଭାରତୀୟ ଯାଶହସ୍ ପଲାକ୍ଷ ଫାଇନାଲକୁ କ୍ୱାଲିଫାଏ କରିଥିଲେ ମଧ୍ୟ ଏଥିରେ ଅଂଶଗ୍ରହଣ କରି ନ ଥିଲେ। ଏସିଆନ ଚାମ୍ପିୟନଶିପ୍ ପୁରୁଷ ୪୦୦ମିଟର ହର୍ଡଲ୍ସରେ ଏପର୍ଯ୍ୟନ୍ତ କୌଣସି ଭାରତୀୟ ସ୍ୱର୍ଣ୍ଣ ପଦକ ହାସଲ କରିପାରିନାହାନ୍ତି। ଜଣେ ଭାରତୀୟ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରି ଯୋଶେଫ୍ ଆବ୍ରାହମ୍ ୨୦୦୯ ସଂସ୍କରଣରେ ରୌପ୍ୟ ଜିତିଥିଲେ। ୨୦୦୭ରେ ମଧ୍ୟ ସେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏମ୍.ପି. ଜାବିର ଗତ ଦୁଇ ସଂସ୍କରଣ ହେଲା ବ୍ରୋଞ୍ଜ ଜିତି ଆସୁଛନ୍ତି।

## ଲକ୍ଷ୍ୟ ସେମିରେ, ହାରିଲେ ସିନ୍ଧୁ

**କାଉନ୍‌ସିଲ ବ୍ଲଫ୍ସ (ଯୁକ୍ତରାଷ୍ଟ୍ର ଆମେରିକା), ୧୫।୭ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ୟୁଏସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟରଫାଇନାଲରେ ହାରିଯାଇଛନ୍ତି। କିନ୍ତୁ ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଚାଇନାର ୨୪ ବର୍ଷୀୟା ଗାଓ ଫାଙ୍ଗ୍ ଜି ବିଶ୍ୱର ଦ୍ୱାଦଶ ର୍ୟାଙ୍କିଙ୍ଗ ତଥା ଏଠାରେ ତୃତୀୟ ସିଡ୍ ସିନ୍ଧୁଙ୍କ ବିପକ୍ଷରେ ୨୨-୨୦, ୨୧-୧୩ରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ୟ ଏକ



ଲକ୍ଷ୍ୟ ସେନ୍

ଅଲ୍-ଇଣ୍ଡିଆନ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଏସ୍. ଶଙ୍କର ମୁଥୁସ୍ୱାମୀ ସୁବ୍ରମଣ୍ୟମଙ୍କୁ ୨୧-୧୦, ୨୧-୧୭ରେ ହରାଇ ଦେଇଛନ୍ତି। ଲକ୍ଷ୍ୟ ବର୍ତ୍ତମାନ ଦ୍ୱିତୀୟ ସିଡ୍ ଚାଇନାର ଲି ଶି' ଫେଙ୍ଗ୍‌ଙ୍କୁ ଭେଟିବେ। ଫେଙ୍ଗ୍‌ଙ୍କ ବିପକ୍ଷରେ ଭାରତୀୟ ଖେଳାଳିଙ୍କ ବିଜୟ ପରାଜୟ ରେକର୍ଡ ୫-୩ ରହିଛି।

# ପିସିବି ୪ରୁ ଅଧିକ ମ୍ୟାଚ କରିବାକୁ ଚାହୁଁଛି

**କରାଚୀ, ୧୫।୭(ପି.ଟି.)**

### ଏସିଆ କପ୍ କ୍ରିକେଟ

ଦୁବାଇଠାରେ ରବିବାର ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ବୋର୍ଡ ବୈଠକ ବସିବ। ଏଥିରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ନିଜ ଦେଶରେ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅଧିକ ମ୍ୟାଚ ଆୟୋଜନ ପାଇଁ ଦାବି ଉପସ୍ଥାପନ କରିବ। ଏହି ମହାଦେଶୀୟ ଇଭେଣ୍ଟ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟ ପାଇଁ କରାଯାଇଥିବା ହାଇବ୍ରିଡ୍ ମଡେଲକୁ ପିସିବି ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମେତ ସମସ୍ତ ଅଂଶୀଦାର ଗ୍ରହଣ କରିଥିଲେ। ତଦନୁସାରେ ଇଭେଣ୍ଟର ୪ଟି ମ୍ୟାଚ ପାକିସ୍ତାନରେ ଏବଂ ୯ଟି ମ୍ୟାଚ ଶ୍ରୀଲଙ୍କାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ରହିଥିବାରୁ ପାକିସ୍ତାନକୁ ଏହାର ଦଳ ନ ପଠାଇବା ଲାଗି ବିସିସିଆଇ ସ୍ପଷ୍ଟ ଭାବେ ଜଣାଇବାରୁ ହାଇବ୍ରିଡ୍ ପ୍ରସ୍ତାବ ଆସିଥିଲା। ତେବେ ଏସିଆ କପ୍ ତାରିଖ ଘୋଷଣା ବେଳେ ପିସିବି କ୍ରିକେଟ କମିଟିର ନୂତନ ମୁଖ୍ୟ ଜାକା ଅଶ୍ରଫ୍ ଦାୟିତ୍ୱରେ ନ ଥିଲେ। ଚଳିତ ସପ୍ତାହ ପ୍ରାରମ୍ଭରେ ଡର୍ବାନଠାରେ ବସିଥିବା ଆଇସିସି ବୈଠକରେ ସେ କିନ୍ତୁ ଏସିସି ସଦସ୍ୟ ବୋର୍ଡ ଅଫିସିଆଲଙ୍କୁ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ମ୍ୟାଚର ପୂର୍ଣ୍ଣାଙ୍ଗ କାର୍ଯ୍ୟସୂଚୀ ଯଦିଓ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ ତେବେ ପାକିସ୍ତାନ ଅଧିକ ମ୍ୟାଚ ପାଇବା ସମ୍ଭାବନା ନାହିଁ। ଏସିସି ବୈଠକରେ ପାକିସ୍ତାନ ଏହାର ମତ ଉପସ୍ଥାପନ କରିବ। ଶ୍ରୀଲଙ୍କା ଏସିଆ କପ୍‌ର ୯ଟି ମ୍ୟାଚର ଆୟୋଜନ କରିବାକୁ ଥିବା ବେଳେ ସେଠାରେ ବର୍ଷା ପାଗ ଯୋଗୁ ଖେଳରେ ବାଧା ଉପୁଜିପାରେ। ଏଥିପାଇଁ ପାକିସ୍ତାନକୁ ଅଧିକ ମ୍ୟାଚ ଦିଆଯାଉ ବୋଲି ପିସିବି ଯୁକ୍ତି ଉପସ୍ଥାପନ କରିପାରେ। ଏସିସି ବୈଠକରେ ଏସିଆ କପ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇପାରେ।

କୋଷ୍ଠକାଠିନ୍ୟର ସମାଧାନ
9119788888

# ପ୍ରିୟଙ୍କ ପଞ୍ଚାଲଙ୍କ ଲଢୁଆ ଅର୍ଦ୍ଧଶତକ

**ବେଙ୍ଗାଲୁରୁ, ୧୫।୭(ପି.ଟି.)**

### ଦୁଲିପ୍ ଟ୍ରଫି ଫାଇନାଲ

ବେଙ୍ଗାଲୁରୁ ସ୍ଥିତ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଦୁଲିପ୍ ଟ୍ରଫି ଫାଇନାଲରେ ପ୍ରିୟଙ୍କ ପଞ୍ଚାଲ ଲଢୁଆ ଅର୍ଦ୍ଧଶତକ ହାସଲ କରିଛନ୍ତି। ପଶ୍ଚିମାଞ୍ଚଳକୁ ବିଜୟ ପାଇଁ ୨୯୮ ରନ୍ ଆବଶ୍ୟକ ଥିବା ବେଳେ ପ୍ରିୟଙ୍କ ୯୨ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ପଶ୍ଚିମାଞ୍ଚଳ ୫ ଉଇକେଟ ହରାଇ ୧୮୨ ରନ୍ କରିଥିବା ବେଳେ ଅନ୍ତିମ ଦିନରେ ଦଳକୁ ବିଜୟ ପାଇଁ ୧୧୬ ରନ୍ ଆବଶ୍ୟକ।

ତୃତୀୟ ଦିନର ଅସମାପ୍ତ ସ୍କୋରରୁ ଖେଳ ଆରମ୍ଭ କରି ଦକ୍ଷିଣାଞ୍ଚଳ ୨୩୦ ରନ୍‌ରେ ଅଲଆଉଟ ହୋଇଥିଲା। ୱାଶିଂଟନ୍ ସୁନ୍ଦର ୩୭ ରନ୍‌ର ଲଢୁଆ ଇନିଂସ ଖେଳିଥିବା ବେଳେ ଆର. ସାଇ କିଶୋର ୧୬ ଓ ବିଜୟ କୁମାର ବ୍ୟଶକ ୨୩ ରନ୍ କରିଥିଲେ। ୱାଶିଂଟନ୍ ୭୫ ବଲ୍ ଖେଳି ୪ ଚୌକା ମାରିଥିଲେ। ସପ୍ତମ ଉଇକେଟରେ ସାଇ କିଶୋରଙ୍କ ସହିତ ୨୫ ଓ ଅଷ୍ଟମ ଉଇକେଟରେ ବିଜୟଙ୍କ ସହ ୪୨ ରନ୍ ଯୋଡିଥିଲେ। ଶନିବାର ଦକ୍ଷିଣାଞ୍ଚଳ ଇନିଂସର ସମସ୍ତ ୪ ଉଇକେଟ ଧର୍ମେନ୍ଦ୍ର ସିଂ ଜାଡେଜାଙ୍କ ଖାତାକୁ ଯାଇଥିଲା। ପଶ୍ଚିମାଞ୍ଚଳ ବୋଲରଙ୍କ ମଧ୍ୟରେ ଜାଡେଜା ୫ ଉଇକେଟ ନେଇଥିବା ବେଳେ ଅର୍ଜନ ନାଗ୍‌ସ୍ୱଲା ଓ ଅତୀତ ସେଠ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ଇନିଂସରେ ୪୭ ରନ୍ ପଛରେ ଥିବା ପଶ୍ଚିମାଞ୍ଚଳ ସମ୍ମୁଖରେ ୨୯୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଓପନର ପୃଥ୍ୱୀ ଶ(୭) ଓ ଉଇକେଟ କିପର ହାର୍ଭିକ ଦେଶାଇ(୪) ଦଳୀୟ ସ୍କୋର ୧୮ ରନ୍ ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ। ତୃତୀୟ ଉଇକେଟରେ ଚେତେଶ୍ୱର ପୂଜାରାଙ୍କ ସହିତ ମିଶି ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ ପ୍ରିୟଙ୍କ। ପୂଜାରା ୧୫ ରନ୍ କରିଥିବା ବେଳେ ତୃତୀୟ ଉଇକେଟରେ ୫୭ ରନ୍ ଯୋଡିଥିଲେ। ତେବେ ଦ୍ରୁତ ବୋଲର ବାସୁକୀ କୌଶିକ୍ ଗୋଟିଏ ଓଭରରେ ଓ ମାତ୍ର ୩ ବଲ୍ ବ୍ୟବଧାନରେ ପୂଜାରା ଓ ସୂର୍ଯ୍ୟକୁମାର ଯାଦବ(୪)ଙ୍କୁ ଆଉଟ କରିଥିଲେ। ୭୯ ରନ୍‌ରେ ୪ ଉଇକେଟର ପତନ ପରେ ପଶ୍ଚିମାଞ୍ଚଳ ପରାଜୟ ଏଡାଇବାକୁ ସଂଘର୍ଷ କରୁଥିବା ବେଳେ ସର୍ଫରାଜ୍ ଖାନ୍ (୪୮) ଓ ପ୍ରିୟଙ୍କ ପଞ୍ଚମ ଉଇକେଟରେ ୯୮ ରନ୍ ଯୋଡିଥିଲେ। ୭୬ ବଲ୍ ଖେଳି ସର୍ଫରାଜ ୫ ଚୌକା ଓ ୧ ଛକା ମାରି ସାଇ କିଶୋରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶେଷ ପର୍ଯ୍ୟନ୍ତ ଅପରାଜିତ ଥିବା ପ୍ରିୟଙ୍କ ୨୦୫ ବଲ୍‌ର ଇନିଂସରେ ୧୧ ଚୌକା ମାରିଛନ୍ତି। ଦକ୍ଷିଣାଞ୍ଚଳ ପକ୍ଷରୁ ବାସୁକୀ ୩ ଉଇକେଟ ନେଇଥିବା ବେଳେ ବିଜୟ କୁମାର ବ୍ୟଶକ ଓ ଆର୍. ସାଇ କିଶୋର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ୨୧୩/୧୦
ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ ୧୪୬/୧୦
ଦକ୍ଷିଣାଞ୍ଚଳ ଦ୍ୱିତୀୟ ଇନିଂସ ୨୩୦/୧୦
ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସ ୧୮୨/୫ (ପ୍ରିୟଙ୍କ ପଞ୍ଚାଲ-୯୨, ସର୍ଫରାଜ ଖାନ୍-୪୮, ଚେତେଶ୍ୱର ପୂଜାରା-୧୫, ବିଜୟ କୁମାର ବ୍ୟଶକ୍-୧/୨୬, ବାସୁକୀ କୌଶିକ୍-୩/୨୮, ଆର୍. ସାଇ କିଶୋର-୧/୫୧)।



ସୂର୍ଯ୍ୟକୁମାର ଯାଦବଙ୍କୁ ଆଉଟ କରିବା ପରେ ବାସୁକୀ କୌଶିକ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ